# ଧରିତ୍ରୀ DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୧୯/୨୦୧୯ (୨୦ପୃଷ୍ଠା) Sambalpur, Thursday, December 19 / 2019 ★★

୧୬ଶ ଭାଗ ୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଟାଟା ସନ୍ସ ଅଧକ୍ଷ ପଦକୁ ଫେରିବେ ସାଇରସ୍**

ଏନ୍‌ସିଏଲ୍‌ଏଟି ସାଇରସ୍ ମିସ୍ତ୍ରୀଙ୍କ ସପକ୍ଷରେ ରାୟ ଶୁଣାଇବା ସହ ତାଙ୍କୁ ପୁଣି ଥରେ ଟାଟା ସନ୍ସ ଅଧକ୍ଷ ପଦବୀରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୧୭

୧୪

**ସଲମାନଙ୍କ ଅପୋଜିଟ୍‌ରେ ଦିଶା**

ଦିଶା ପଟାନି ତାଙ୍କ ଆଗାମୀ ଫିଲ୍ମ 'ରାଧେ'ରେ ପ୍ରଥମ ଥର ପାଇଁ ସଲମାନଙ୍କ ଅପୋଜିଟ୍‌ରେ ଅଭିନୟ କରିବେ। ଏହି ଫିଲ୍ମର ଶୁଟିଂ ଜାନୁୟାରୀରୁ ଆରମ୍ଭ ହେବ।



# ସିଏଏ ନିଆଁରେ ଓଡ଼ିଆ ଯୁବକ

**ଇଣ୍ଡିଆ ଗେଟ୍‌ରେ ଆତ୍ମାହୁତି ଦେଲେ କାର୍ତ୍ତିକ ମେହେର**

**ଶରୀରର ୯୦ ଭାଗ ଦଗ୍ଧ, ଅବସ୍ଥା ସଙ୍କଟାପନ୍ନ**

ନୂଆଦିଲ୍ଲୀ,୧୮।୧୨

ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ଉଗ୍ରରୂପ ଧାରଣ କରିଛି। ଉତ୍ତର-ପୂର୍ବରେ ଆରମ୍ଭ ହୋଇଥିବା ଆନ୍ଦୋଳନର ନିଆଁ ପଶ୍ଚିମବଙ୍ଗ ଦେଇ ରାଜଧାନୀ ଦିଲ୍ଲୀକୁ ବ୍ୟାପିଥିବାବେଳେ ବୁଧବାର ଇଣ୍ଡିଆ ଗେଟ୍ ନିକଟରେ ଏହାର ଶିକାର ହୋଇଛନ୍ତି ଜଣେ ଓଡ଼ିଆ ଯୁବକ। ବିକ୍ଷୋଭ ପ୍ରଦର୍ଶନ ବେଳେ ୨୫ ବର୍ଷୀୟ କାର୍ତ୍ତିକ ମେହେର ନିଜ ଦେହରେ ନିଆଁ ଲଗାଇଦେଇଛନ୍ତି। ଏଥିରେ ତାଙ୍କ ଶରୀରର ୯୦ ଭାଗ ଜଳିଯାଇଛି। ପୋଲିସ କାର୍ତ୍ତିକଙ୍କୁ ଉଦ୍ଧାର କରି ଏକ ହସ୍ପିଟାଲରେ ଭର୍ତ୍ତି କରିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।

କେନ୍ଦ୍ର ସରକାରଙ୍କ ବିବାଦୀୟ ନାଗରିକତ୍ୱ ଆଇନକୁ ନେଇ ସାରା ଦେଶରେ ଆନ୍ଦୋଳନର ନିଆଁ ଜଳୁଛି। ଦିଲ୍ଲୀରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ (ଜେଏମ୍‌ଆଇୟୁ) ଛାତ୍ରୀଛାତ୍ରଙ୍କ ଉପରେ ପୋଲିସ ଜୁଲମକୁ ସବୁ ମହଲରେ ନିନ୍ଦା କରାଯାଉଛି। ଏହାସହ ସିଏଏକୁ ପ୍ରତ୍ୟାହାର କରିବା ପାଇଁ ମଧ୍ୟ ଦାବି ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏହି ସମୟରେ ରାଇସିନା ହିଲ୍‌ସ୍ଥିତ ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍‌କୁ ସଂଯୋଗ କରୁଥିବା ରାଜପଥ ସଂଲଗ୍ନ ଲନ୍‌ରେ ବିକ୍ଷୋଭକାରୀମାନଙ୍କ ସହ କାର୍ତ୍ତିକ ମେହେର ଥିଲେ। ସେ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଦେଇଥିଲେ। ନିକଟରେ ଥିବା ଦିଲ୍ଲୀ ପୋଲିସର ପିସିଆର ଭ୍ୟାନ୍‌ରେ ତାଙ୍କୁ ରାମମନୋହର ଲୋହିଆ ହସ୍ପିଟାଲକୁ ନେଇଥିଲା। ତାଙ୍କ ଶରୀରର ୯୦% ଜଳିଯାଇଥିବାରୁ ଏମର୍ଜେନ୍ସି ୱାର୍ଡରେ ଭର୍ତ୍ତି କରାଯାଇଛି। କାର୍ତ୍ତିକଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି ବୋଲି ରାମମନୋହର ହସ୍ପିଟାଲର ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ମୀନାକ୍ଷୀ ଭରଦ୍ୱାଜ କହିଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକ ଏହି ବିକ୍ଷୋଭରେ ସାମିଲ ନ ଥିଲେ। କାର୍ତ୍ତିକଙ୍କ ମୁଣ୍ଡ ଠିକ୍ ନ ଥିବା ତାଙ୍କ ଭାଇ କହିଛନ୍ତି ବୋଲି ଡେପୁଟି ଡିସିପି ଐଶ୍ ସିଂହଲ ସଫେଇ ଦେଇଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ମୁଖପାତ୍ର ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି।



■ ଦେଶର ସ୍ଥିତିକୁ ନେଇ ଚିନ୍ତିତ

## ପଦ୍ମଶ୍ରୀ ଫେରାଇବେ ଉର୍ଦ୍ଦୁ ଲେଖକ ମୁଜ୍‌ତବା ହୁସେନ

ହାଇଦ୍ରାବାଦ,୧୮।୧୨



ପ୍ରଖ୍ୟାତ ଉର୍ଦ୍ଦୁ ଲେଖକ, ବ୍ୟଙ୍ଗକାର ତଥା ସିତାର ବାଦକ ମୁଜ୍‌ତବା ହୁସେନ ତାଙ୍କୁ ମିଳିଥିବା ପଦ୍ମଶ୍ରୀ ପୁରସ୍କାର ସରକାରଙ୍କୁ ଫେରାଇଦେବେ। ନୂଆ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ସେ ଏହି ନିଷ୍ପତ୍ତି ନେଇଥିବା ହାଇଦ୍ରାବାଦରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

୮୭ ବର୍ଷୀୟ ପଦ୍ମଶ୍ରୀ ମୁଜ୍‌ତବା କହିଛନ୍ତି, ସିଏଏ ପ୍ରଣୟନ ପରେ ଦେଶରେ ଉପୁଜିଥିବା ସ୍ଥିତିକୁ ନେଇ ସେ ଦୁଃଖିତ। ଏହି ଆଇନକୁ ନେଇ ଦେଶରେ ଅଶାନ୍ତି ସୃଷ୍ଟି ହୋଇଛି। ସବୁଠୁ ଭୟର ବାତାବରଣ ସୃଷ୍ଟି କରାଯାଉଛି। ଘୃଣାର ବହ୍ନିରେ ଘିଅ ଢଳାଯାଉଛି। ଏହା ତାଙ୍କୁ ବିଚଳିତ କରିଛି। ଯେଉଁ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ସେମାନେ ଅନେକ କଷ୍ଟ ସହ୍ୟକରି ଅକ୍ଳାନ୍ତ ଉଦ୍ୟମ ☞ପୃଷ୍ଠା-୪

ସୁପ୍ରିମକୋର୍ଟରେ ନିର୍ଭୟା ମାମଲା

## ରିଭ୍ୟୁ ପିଟିଶନ୍ ଖାରଜ, ମୃତ୍ୟୁ ଦଣ୍ଡାଦେଶ କାଏମ

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଅପରାଧୀଙ୍କ ମଧ୍ୟରୁ ଅନ୍ୟତମ ଅକ୍ଷୟ କୁମାର ସିଂ ମୃତ୍ୟୁଦଣ୍ଡାଦେଶର ପୁନର୍ବିଚାର ପାଇଁ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଏଥିସହିତ ମୃତ୍ୟୁଦଣ୍ଡାଦେଶ ପାଇଥିବା ସମସ୍ତ ୪ ଜଣଙ୍କ ରିଭ୍ୟୁ ପିଟିଶନ୍ ଖାରଜ ହୋଇଯାଇଛି। ଅନ୍ୟ ୩ ଅପରାଧୀ ମୁକେଶ, ପଓ୍ୱନ ଗୁପ୍ତା ଓ ବିନୟ ଶର୍ମାଙ୍କ ରିଭ୍ୟୁ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଗତବର୍ଷ ଜୁଲାଇ ୯ରେ ଖାରଜ କରିଦେଇଥିଲେ।

୨୦୧୭ ରାୟ ଉପରେ ସମୀକ୍ଷା କରିବାର କୌଣସି କାରଣ ନାହିଁ ବୋଲି ଜଷ୍ଟିସ୍ ଆର୍. ବାନୁମଥୀଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏ.ଏସ୍. ବୋପାନ୍ନା ରହିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶାକାହାରବାଦ ପ୍ରତିବଦ୍ଧତା

**ଆଜିର ମନ୍ତବ୍ୟ**

" ନାଗରିକତ୍ୱ ସଂଶୋଧନ ଆଇନ କାହାର ନାଗରିକତ୍ୱ ଛଡ଼ାଇନେବ ନାହିଁ।
-ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ



ବିଶାଖାପାଟଣାରେ ବୁଧବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଦ୍ୱିଶତକୀୟ ଭାଗୀଦାରି ଅବସରରେ ଭାରତର ରୋହିତ ଶର୍ମା ଓ ଲୋକେଶ ରାହୁଲ। ଭାରତ ଏହି ମ୍ୟାଚରେ ୧୦୭ ରନରେ ବିଜୟୀ ହୋଇଛି। **(ରିପୋର୍ଟ ଖେଳ ପୃଷ୍ଠାରେ)**

## ତରୁଣକାନ୍ତିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

**ଶଶୀ ଥରୁର୍‌ଙ୍କ ସମେତ ୨୩ ଜଣ ପାଇବେ ପୁରସ୍କାର**

ଭୁବନେଶ୍ୱର,(ବ୍ୟୁରୋ)/ ନୂଆଦିଲ୍ଲୀ, ୧୮।୧୨(ପି.ଟି.)

୨୦୧୯ ପାଇଁ ଓଡ଼ିଶାରୁ ସମ୍ମାନଜନକ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ପାଇବେ ଖ୍ୟାତନାମା ଲେଖକ ତରୁଣକାନ୍ତି ମିଶ୍ର। ସେ ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଙ୍କଳନ 'ଭାସ୍ୱତୀ' ପାଇଁ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହାସହିତ କଂଗ୍ରେସ ଏମ୍‌ପି ଶଶୀ ଥରୁର୍ ଓ ନାଟ୍ୟକାର ନନ୍ଦକିଶୋର ଆଚାର୍ଯ୍ୟଙ୍କ ସମେତ ୨୩ ଜଣ ଲେଖକ ଏକାଡେମୀ ପୁରସ୍କାର ପାଇବେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟକାରୀ କମିଟି ବୈଠକରେ ଏନେଇ ବୁଧବାର ବିଧିବଦ୍ଧଭାବେ ଘୋଷଣା କରାଯାଇଛି।



ତରୁଣକାନ୍ତି ମିଶ୍ର

୧୯୫୦ ଅଗଷ୍ଟ ୨ରେ କେନ୍ଦୁଝର ଜିଲାରେ ଜନ୍ମଗ୍ରହଣ କରିଥିବା ତରୁଣକାନ୍ତି ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍ଲିଆରୁ ଏମ୍‌ଏ ଡିଗ୍ରୀ ହାସଲ କରିବା ପରେ ସେ ୧୯୭୫ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସଫଳତାର ସହ ଦାୟିତ୍ୱ ତୁଲାଇ ୨୦୧୦ରେ ☞ପୃଷ୍ଠା-୪

## ଏନ୍‌ଆର୍‌ସିକୁ ନବୀନଙ୍କ ନା

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ରାଜ୍ୟସରକାରଜାତୀୟନାଗରିକପଞ୍ଜିକା(ଏନ୍‌ଆରସି)କୁ ସମର୍ଥନ କରନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ଏହା ସ୍ପଷ୍ଟ କରିଛନ୍ତି। ୫ ଦିନିଆ ଦିଲ୍ଲୀ ଗସ୍ତର କେଇ ଘଣ୍ଟା ପୂର୍ବରୁ ଏନ୍‌ଆରସି ସମ୍ପର୍କରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି।



ନବୀନ କହିଛନ୍ତି ଯେ, ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଦ୍ୱାରା ଭାରତୀୟ ନାଗରିକମାନଙ୍କର କୌଣସି ଅସୁବିଧା ହେବ ନାହିଁ। ଏହା କେବଳ ବିଦେଶୀମାନଙ୍କ ପାଇଁ ଉଦ୍ଦିଷ୍ଟ। ବିଜୁ ଜନତା ଦଳ(ବିଜେଡି) ପାର୍ଲାମେଣ୍ଟର ଉଭୟ ସଦନ(ଲୋକ ସଭା ଏବଂ ରାଜ୍ୟ ସଭା)ରେ ସ୍ପଷ୍ଟ କରିସାରିଛି ଯେ, ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି)କୁ ଦଳ ସମର୍ଥନ କରୁନାହିଁ। ତେଣୁ ରାଜ୍ୟର ନାଗରିକଙ୍କୁ ଶାନ୍ତି ବଜାୟ ରଖିବା ପାଇ ଅନୁରୋଧ କରୁଛି। ସେହିପରି ଏ ସମ୍ବନ୍ଧୀୟ କୌଣସି ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏନ୍‌ଆରସିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ସବୁ ମହଲରେ ସ୍ୱାଗତ କରାଯାଇଛି। ପାର୍ଲାମେଣ୍ଟରେ ସିଏବି ଆଲୋଚନା ବେଳେ ମଧ୍ୟ ବିଜେଡି ପକ୍ଷରୁ ଏନ୍‌ଆରସିକୁ ସମର୍ଥନ କରାଯାଇ ନ ଥିଲା। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଏବଂ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ସିଏବି ସହ ଏନ୍‌ଆରସିକୁ ମିଶା ନ ଯାଉ ବୋଲି ମଧ୍ୟ ମନ୍ତବ୍ୟ ରଖିଥିଲେ। ଏଥିସହିତ ସିଏବିରେ ଶ୍ରୀଲଙ୍କାକୁ ବାଦ୍ ଦିଆଯାଇଥିବା ପ୍ରସଙ୍ଗକୁ ମଧ୍ୟ ବିଜେଡି ପକ୍ଷରୁ ଉଠାଯାଇଥିଲା। ମୁଖ୍ୟମନ୍ତ୍ରୀ ଏନ୍‌ଆରସି ସମ୍ପର୍କିତ ସ୍ପଷ୍ଟୀକରଣ ଦେବା ସମୟରେ ତାଙ୍କ ନିକଟରେ ଶର୍ମିଷ୍ଠା ସେଠୀ, ସସ୍ମିତ ପାତ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଲଟେରି ଉପରେ ୨୮% ଜିଏସ୍‌ଟି

ନୂଆଦିଲ୍ଲୀ,୧୮।୧୨

ପରୋକ୍ଷ ଟିକସ ବ୍ୟବସ୍ଥା ଜିଏସ୍‌ଟି ଲାଗି ନୀତି ନିର୍ଦ୍ଧାରଣ କରୁଥିବା ଜିଏସ୍‌ଟି ପରିଷଦ ବୈଠକରେ ବୁଧବାର ପ୍ରଥମଥର ଲାଗି ଭୋଟିଂ ହୋଇଥିବା ସାମ୍ନାକୁ ଆସିଛି। ଲଟେରି ଉପରେ ଟିକସ ଲାଗୁ ନେଇ ରାଜ୍ୟଗୁଡିକ ମଧ୍ୟରେ ଭିନ୍ନମତ ପ୍ରକାଶ ପାଇବାରୁ ଏଭଳି ସ୍ଥିତି ଦେଖାଯାଇଥିବା ଜଣାପଡିଛି। ଆସନ୍ତା ମାର୍ଚ୍ଚ ପହିଲାରୁ ଲଟେରି ଉପରେ ଦ୍ୱୈତ ଜିଏସ୍‌ଟି ପରିବର୍ତ୍ତେ ୨୮% ଜିଏସ୍‌ଟି ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ପୂର୍ବର ୩୭ତମ ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତିକୁ ନେଇ କୌଣସି ବିରୋଧ ହୋଇ ନ ଥିବା ଦେଖାଯାଇଥିଲା। ଏମିତିକି ବିଭିନ୍ନ ସାମଗ୍ରୀ ଓ ସେବାରେ ଟିକସର ହାର ନିର୍ଦ୍ଧାରଣ ପ୍ରସଙ୍ଗରେ ମଧ୍ୟ ଏଭଳି ଭୋଟ କେବେ ହୋଇ ନ ଥିଲା। ହେଲେ ୩୮ତମ ☞ପୃଷ୍ଠା-୪


Vencobb Fresh Chicken — Taste the difference!

18.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 88 | 142 | 152 |
| DKL | 91 | 146 | 156 |
| BDK | 85 | 139 | 149 |
| BLS | 85 | 139 | 149 |
| ANG | 92 | 148 | 158 |
| BHM | 92 | 148 | 158 |

*Conditions Apply

Issued in the Interest of Consumers


## ସ୍ତ୍ରୀ ଅଧିକାର ନ ମିଳିବାରୁ ହତ୍ୟା

■ ରକ୍ତାକ୍ତ କଟୁରି ସହ ବାଲେଶ୍ୱରରୁ ଯାଇ ବାରିପଦା ଥାନାରେ ଆତ୍ମସମର୍ପଣ କଲେ ମହିଳା

■ ମୃତଦେହ ଜବତ କରି ପୋଲିସର ତନାଘନା

ବାଲେଶ୍ୱର ଅଫିସ,୧୮।୧୨

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଗୁଡ଼ିପଦା ଅଞ୍ଚଳରେ ବୁଧବାର ଭୋର୍ ସମୟରେ ଏକ ହତ୍ୟାକାଣ୍ଡ ଘଟିଛି। ଭାରତୀୟ ଖାଦ୍ୟ ନିଗମ ବାଲେଶ୍ୱର ଶାଖା ଅଫିସ୍‌ରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିବା ବଡ଼ା ମାରାଣ୍ଡି (୪୮)ଙ୍କ ମୃତଦେହ ତାଙ୍କ ଘରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ



ଗୁଡ଼ିପଦାସ୍ଥିତ ଭଡ଼ାଘରେ ପୋଲିସ ତଦନ୍ତ କରୁଛି।

ଖବର ଦେଇଥିଲେ। ପୋଲିସ ଆସି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତାଙ୍କ ଘରେ ରହୁଥିବା ଜଣେ ମହିଳା ନ ଥିବାରୁ ଏ ନେଇ ସନ୍ଦେହ ଘନୀଭୂତ ହୋଇଥିଲା। ଏହି ମହିଳା ଜଣଙ୍କ ଏଠାରୁ ପଳାଇ ଯାଇ ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନାରେ ରକ୍ତଭିଜା ଧାରୁଆ କଟୁରି ସହ ଆତ୍ମସମର୍ପଣ କରିବାରୁ ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ସ୍ତ୍ରୀର ଅଧିକାର ପାଇବାକୁ ଦାବି କରି ନିରାଶ ହେବାରୁ ସେ ବଡାଙ୍କୁ କଟୁରିରେ ହାଣି ହତ୍ୟା କରିଥିବା ପୋଲିସକୁ ବୟାନ ଦେଇ କହିଛନ୍ତି। ସହଦେବଖୁଣ୍ଟା ପୋଲିସ ବାରିପଦା ଯାଇ ଅଭିଯୁକ୍ତ ମହିଳାଙ୍କୁ ଆଣି ପଚରାଉଚୁରା ଚଳାଇଛି। ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ତଦନ୍ତକାରୀ ଅଧିକାରୀ ସହଦେବଖୁଣ୍ଟା ଥାନା ଇନ୍ସପେକ୍ଟର ବିରଞ୍ଚି ସାହୁ ଏହି ସୂଚନା ଦେଇ କହିଛନ୍ତି ଯେ, ବଡ଼ା ବିବାହିତ ଥିଲେ। ତାଙ୍କର ୨ଟି ସନ୍ତାନ ରହିଛନ୍ତି। ତାଙ୍କ ଘର ମୟୂରଭଞ୍ଜ ଜିଲା ସିରିସବଣି ଗ୍ରାମରେ। ସେ ପ୍ରାୟ ୨୦ବର୍ଷ ଧରି ନିଜ ଅଞ୍ଚଳର ଜଣେ ମହିଳାଙ୍କୁ ଆଣି ବାଲେଶ୍ୱର ଗୁଡ଼ିପଦାର ଏକ ଭଡା ଘରେ ରହି ଆସୁଥିଲେ। ବିଭିନ୍ନ ସମୟରେ ସାମାଜିକ ସମ୍ମାନ କ୍ଷୁଣ୍ଣ ହେବାରୁ ଏହି ମହିଳା ଜଣକ ବିବାହ କରିବା ଲାଗି ଜିଦ୍ ଧରିଥିଲେ। ବଡା ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ବାରମ୍ବାର କଳିଝଗଡ଼ା ହେଉଥିଲା। ମଙ୍ଗଳବାର ରାତିରେ ଉଭୟ ନିଶା ଖାଇ କଳିଝଗଡ଼ା କରି ଶୋଇ ପଡିଥିଲେ। ଭୋର୍ ସମୟରେ ବଡା ଶୋଇଥିବା ବେଳେ ମହିଳା ଜଣଙ୍କ ଏକ ଧାରୁଆ କଟୁରିରେ ତାଙ୍କ ମୁଣ୍ଡ ଓ ବେକକୁ ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ସେ ଘର ଛାଡ଼ି ବାରିପଦାକୁ ପଳାଇଯାଇଥିଲେ। ଏହି ହତ୍ୟା ଘଟଣା ନେଇ ପୋଲିସ ଏକ ମାମଲା (ନଂ. ୩୯୧/୧୯) ରୁଜୁ କରି ଅଧିକ ତଦନ୍ତ କରୁଥିବା କହିଛି।






ନାଗରିକତ୍ୱ ଆଇନକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ବଳପ୍ରୟୋଗ କରିବା ଠିକ୍‌ନୁହେଁ। ହେଲେ ଜଣେ ଭାରତୀୟ ଭାବେ ଦାୟିତ୍ୱବାନ ହୋଇ ଆଇନକୁ ସମ୍ମାନ ଦେବା ଓ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କଥା ଚିନ୍ତାକରିବା ଉଚିତ।

-ବରୁଣ ଧୱନ୍, ବଲିଉଡ୍ ଅଭିନେତା



# ୩୦ ଟନ୍ ଅଳିଆରେ ଖୋଜିଲେ ହୀରାମୁଦି

**ମେଲ୍‌ବର୍ଣ୍ଣ:** ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ରହୁଥିବା ନବଦମ୍ପତି ସେମାନଙ୍କ ମନ ପସନ୍ଦର ଏକ ଜିନିଷ ହଜାଇ ଦେଇଥିଲେ। ଫଳରେ ଏହାକୁ ପାଇବା ପାଇଁ ସେମାନେ ୩୦ ଟନ୍‌ର ଅଳିଆ ଖୋଜିବାରେ ଲାଗିଲେ। ଯାହା ଦେଖି ସହରବାସୀ ଆଶ୍ଚର୍ଯ୍ୟ ହୋଇଗଲେ। ଏମିତି କ'ଣ ହଜାଇ ଦେଇଛନ୍ତି ଯେ, ଏତେ ଅଳିଆ ଖୋଜିବାକୁ ପଡୁଛି। ଯିଏ ଦେଖିଲା ଘଡ଼ିଏ ଅଟକି ଚାହିଁଲା। ପରେ ଜାଣିବାକୁ ମିଳିଲା ଏହି ନବଦମ୍ପତି ଏକ ହୀରାର ମୁଦି ଭୁଲ ବଶତଃ ହଜାଇ ଦେଇଛନ୍ତି। ଯାହାକୁ ଖୋଜିବା ପାଇଁ ଏତେ ଅଳିଆ ଘାଣ୍ଟିବାକୁ ପଡ଼ିଲା। ୩ ଘଣ୍ଟାର ପରିଶ୍ରମ ପରେ ସେମାନଙ୍କ ଜୁଏଲାରି ବକ୍ସ ଅଳିଆ ଗଦାରୁ ମିଳିଲା। ଯାହାକୁ ପାଇ ସେମାନେ ବହୁତ ଖୁସି ବ୍ୟକ୍ତ କରିଛନ୍ତି। ଦମ୍ପତି କୁହନ୍ତି, ସେମାନଙ୍କ ଘର ରେନୋଭେଟ୍ ବା ପୁନରୁଦ୍ଧାର କରାଯାଇଥିଲା। ଏହାର ଅଳିଆ ଉଠାଇବା ପାଇଁ ସେ କାଉନ୍‌ସିଲକୁ ଫୋନ୍ କରିଥିଲେ। କାଉନ୍‌ସିଲ କର୍ମଚାରୀମାନେ ପହଞ୍ଚି ଗାଡ଼ିରେ ଅଳିଆ ନେଇଥିଲେ। ଏହା ପରେ ତାଙ୍କର ହୀରାମୁଦି ଥିବା ଜୁଏଲାରି ବକ୍ସ ନ ପାଇ ପୁନର୍ବାର କର୍ମଚାରୀଙ୍କୁ ଫୋନ୍ କରିଥିଲେ। ଦମ୍ପତି ସହରର ଡମ୍ପିଂୟାର୍ଡରେ ପହଞ୍ଚି ଅଳିଆ ଖୋଜିଥିଲେ। ଶେଷରେ ମୁଦିଟିକୁ ପାଇଥିଲେ।

# କେକ୍ ପ୍ରଦର୍ଶନୀରେ ଚନ୍ଦ୍ରୟାନ-୨ ମଡେଲ



**ବେଙ୍ଗାଲୁରୁ:** ପାଖେଇ ଆସୁଛି ବଡ଼ଦିନ। ଏହାକୁ ପାଳନ କରିବା ସହ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦେଶବ୍ୟାପୀ କରାଯାଉଛି। ହେଲେ ବେଙ୍ଗାଲୁରୁର କେକ୍ ପ୍ରଦର୍ଶନୀ ସମସ୍ତଙ୍କ ମନ ଜିଣିଛି। ଜାରି ରହିଥିବା ଏହି କେକ୍ ପ୍ରଦର୍ଶନୀରେ ଚନ୍ଦ୍ରୟାନ-୨ ଏବଂ ସେଣ୍ଟ୍ ବାସିଲ୍ କାଥେଡ୍ରାଲ୍ ଚର୍ଚ୍ଚ ମଡେଲ ପ୍ରଦର୍ଶିତ ହୋଇଛି। ଏଠାରେ ୨୩ ପ୍ରକାର ଭିନ୍ନ ଭିନ୍ନ ମଡେଲ ପ୍ରଦର୍ଶିତ କରାଯାଇଛି। ପ୍ରଦର୍ଶନୀ ଜାନୁୟାରୀ ୧ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶିତ କଥାକଳୀ ନୃତ୍ୟାଙ୍ଗନା କେକ୍‌କୁ ମଧ୍ୟ ଲୋକେ ପସନ୍ଦ କରିଛନ୍ତି। ବଡ଼ଦିନ ଅବସରରେ ଇନଷ୍ଟିଚ୍ୟୁଟ୍ ଅଫ୍ ବେକିଂ ଆଣ୍ଡ୍ କେକ୍ ଆର୍ଟ ପକ୍ଷରୁ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଛି।



ଶ୍ରଦ୍ଧା କପୁର

# ଫ୍ୟାନ୍‌ଙ୍କୁ ଦିୱାନା କଲା ଶ୍ରଦ୍ଧାଙ୍କ ଲୁକ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ନିକଟରେ ସର୍ବିୟାରୁ ନିଜ ଅପ୍‌କମିଂ ଫିଲ୍ମ 'ବାଗୀ-୩'ର ଶୁଟିଂ ଶେଷ କରି ଫେରିଛନ୍ତି। ଏହାପରେ ସେ ତୁରନ୍ତ ନିଜର ଦ୍ୱିତୀୟ ଅପ୍‌କମିଂ ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି'ର ପ୍ରମୋଶନରେ ବ୍ୟସ୍ତ ହୋଇଗଲେଣି। ଫିଲ୍ମ 'ବାଗୀ-୩'ରେ ଟାଇଗର ଶ୍ରଫ୍‌ଙ୍କ ସହ ଶ୍ରଦ୍ଧା ନଜରକୁ ଆସିବାକୁ ଥିବାବେଳେ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି'ରେ ତାଙ୍କୁ ବରୁଣ ଧାୱନ୍‌ଙ୍କ ସହ ଦେଖିବାକୁ ମିଳିବ। ଫିଲ୍ମ ରିଲିଜ୍‌କୁ ନେଇ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି'ର ପୂରା ଟିମ୍ ଏବେ ପ୍ରମୋଶନରେ ଲାଗିପଡ଼ିଛି। ଏନେଇ ବରୁଣ ଏବଂ ନିର୍ଦ୍ଦେଶକ ରେମୋ ଡି'ସୁଜାଙ୍କ ସହ ଶ୍ରଦ୍ଧା ଏକ ରିୟାଲିଟି ଶୋ'କୁ ଫିଲ୍ମ ପ୍ରମୋଶନ ଲାଗି ଯାଇଥିଲେ। ଏହି ଅବସରରେ ସେ ଏକ ସିଲ୍‌ଭର ଷ୍ଟ୍ରେପ୍‌ଲେସ୍ ଡ୍ରେସ୍ ସହ ବ୍ଲାକ୍ ଶୁଜ୍ ପିନ୍ଧିଥିଲେ। ଏହି ଲୁକ୍‌ରେ ସେ କିଛି ଫଟୋ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମରେ ମଧ୍ୟ ଶେୟାର କରିଥିଲେ। ତେବେ ଶ୍ରଦ୍ଧାଙ୍କ ଏହି ସିଜ୍‌ଲିଂ ଅବତାର ଦେଖି ଫ୍ୟାନ୍‌ମାନେ ନିଜର ଭଲପାଇବା ଅଜାଡ଼ି ଦେଉଛନ୍ତି। ସୋସିଆଲ୍ ମିଡିଆରେ ଶ୍ରଦ୍ଧାଙ୍କ ଏହି ଲୁକ୍‌କୁ ବେଶ୍ ପସନ୍ଦ କରାଯିବା ସହ ହଜାର ହଜାର ଲାଇକ୍, ଶେୟାର, କମେଣ୍ଟ ସାଙ୍ଗକୁ ଲକ୍ଷାଧିକ ଭିୟୁ ମିଳିଚାଲିଛି। ଅନ୍ୟପକ୍ଷରେ ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି'ରେ ଶ୍ରଦ୍ଧାଙ୍କ ବ୍ୟତୀତ ଅପାରଶକ୍ତି ଖୁରାନା, ନୋରା ଫତେହି, ଶକ୍ତି ମୋହନ ପ୍ରମୁଖ ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ୨୦୨୦ ଜାନୁୟାରୀ ୨୪ରେ ରିଲିଜ୍ ହେବ। ସେହିପରି ଶ୍ରଦ୍ଧାଙ୍କ ଫିଲ୍ମ 'ବାଗୀ-୩' ୨୦୨୦ ମାର୍ଚ୍ଚ ୬ରେ ରିଲିଜ୍ ହେବ।

# ୮୧ ବର୍ଷରେ ସ୍ୱପ୍ନ ସାକାର



ୱାହିଦା ରେହମାନ

## ଅଭିନେତ୍ରୀଙ୍କ ୱାଇଲ୍ଡ୍ ଲାଇଫ୍ ଫଟୋଗ୍ରାଫି ନିଶା

**ମୁମ୍ବାଇ:** ନିଜ ସ୍ୱପ୍ନ ପୂରଣ କରିବାକୁ ଅନେକେ ଅକ୍ଲାନ୍ତ ପ୍ରଚେଷ୍ଟା କରନ୍ତି। କୁହାଯାଏ, ସ୍ୱପ୍ନ ପଛରେ ଦୌଡ଼ିବାର କିଛି ବୟସ ନ ଥାଏ। କିନ୍ତୁ ବହୁତ କମ୍ ଲୋକଙ୍କ କ୍ଷେତ୍ରରେ ଏହି ଉତ୍ସାହ ଦେଖିବାକୁ ମିଳେ। ସେମାନଙ୍କ ମଧ୍ୟରୁ ବଲିଉଡ୍‌ର ଜଣାଶୁଣା ଅଭିନେତ୍ରୀ ୱାହିଦା ରେହମାନ ହେଉଛନ୍ତି ଜଣେ। ଯିଏ ୮୧ ବର୍ଷ ବୟସରେ ୱାଇଲ୍ଡ୍ ଲାଇଫ୍ ଫଟୋଗ୍ରାଫି ଆରମ୍ଭ କରିଛନ୍ତି। ଗତ କିଛିଦିନ ମଧ୍ୟରେ ବିଶ୍ୱର ବିଭିନ୍ନ ସ୍ଥାନରେ ୱାଇଲ୍ଡ୍ ଲାଇଫ୍ ଫଟୋଗ୍ରାଫି ପ୍ରଦର୍ଶନୀରେ ତାଙ୍କ ଫଟୋ ପ୍ରଦର୍ଶିତ ହୋଇଥିଲା, ଯାହାକୁ ଦେଖିବା ପାଇଁ ବଲିଉଡ୍ ଜଗତର ବହୁ ଅଭିନେତ୍ରୀ ଅଭିନେତା ପହଞ୍ଚିଥିବା ଦେଖାଯାଇଥିଲା। କିନ୍ତୁ ଏତିକିରେ ୱାହିଦାଙ୍କ ସ୍ୱପ୍ନ ସରିନି, ସେ ଏବେ ସ୍କୁବା ଡାଇଭିଂ କରିବେ ବୋଲି ଏକ ଇଣ୍ଟରଭ୍ୟୁରେ କହିଛନ୍ତି। ପରିଣତ ବୟସରେ ବି ସ୍ୱପ୍ନ ସାକାର ପାଇଁ ୱାହିଦାଙ୍କ ମନରେ ଥିବା ଉତ୍ସାହ ମତେ ପ୍ରେରଣା ଦେଇଛି ବୋଲି ଲୋକପ୍ରିୟ ଅଭିନେତ୍ରୀ ଟୁଇଙ୍କିଲ୍ ଖାନ୍ନା ତାଙ୍କ ଟୁଇଟର ପେଜ୍‌ରେ ଲେଖିଛନ୍ତି।

# ପ୍ରତିଭା ବିକ୍ରେ, ବିବେକ ନୁହେଁ



## ସିଏଏକୁ ବିରୋଧ: 'ସାବ୍‌ଧାନ୍ ଇଣ୍ଡିଆ'ରୁ ବିଦାହେଲେ ସୁଶାନ୍ତ

**ମୁମ୍ବାଇ:** ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନେଇ ସାରା ଦେଶରେ ଆନ୍ଦୋଳନ ଚାଲିଛି। ଏହି ବିକ୍ଷୋଭରେ ସାମିଲ ହେବା ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ ଟେଲିଭିଜନ୍ ଶୋ' 'ସାବ୍‌ଧାନ୍ ଇଣ୍ଡିଆ'ରୁ ବିଦା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁଶାନ୍ତ କହିଛନ୍ତି, ମୁଁ ମୋ ପ୍ରତିଭା ବିକ୍ରି କରେ, କିନ୍ତୁ ବିବେକକୁ ବିକେନାହିଁ। ଆନ୍ଦୋଳନରେ ସାମିଲ୍ ହେବା ଦିନ ହିଁ ତାଙ୍କୁ ଉକ୍ତ କାର୍ଯ୍ୟକ୍ରମରୁ ବାହାର କରାଯିବା ଏକ ସଂଯୋଗ ହୋଇପାରେ। ମାତ୍ର ତାଙ୍କୁ କମ୍ ବଜେଟ୍‌ର କାରଣ ଦର୍ଶାଇ ବାହାର କରାଯାଇଛି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପ୍ରକାଶ ଯେ, ସେ ଆଉ ସାବ୍‌ଧାନ୍ ଇଣ୍ଡିଆ ଶୋ' ଉପସ୍ଥାପନ କରିବେ ନାହିଁ ବୋଲି ମଙ୍ଗଳବାର ସୁଶାନ୍ତ ଟୁଇଟ୍ କରିଥିଲେ। ଏହାପରେ ଜଣେ ଟୁଇଟର୍ ବ୍ୟବହାରକାରୀ ମନ୍ତବ୍ୟ ଦେଇଥିଲେ, ଆପଣଙ୍କୁ ସତ କହିବାର ମୂଲ୍ୟ ଦେବାକୁ ପଡ଼ିଛି। ଏହାର ଉତ୍ତର ରଖି ଅଭିନେତା କହିଛନ୍ତି, ଯଦି ସତ କହିବାର ମୂଲ୍ୟ, ଏହି ମୂଲ୍ୟ ବହୁତ୍ କମ୍। ମୁଁ ମୋ କାର୍ଯ୍ୟ ପାଇଁ ପଶ୍ଚାତାପ କରୁନାହିଁ। ମୋ ପିଲାମାନେ ଯେତେବେଳେ ବଡ଼ ହୋଇ ମୁଁ ଛାତ୍ରମାନଙ୍କ ନିର୍ଯାତନା ବିରୋଧରେ କ'ଣ କରିଥିଲି ବୋଲି ପ୍ରଶ୍ନ କରିବେ, ମୁଁ କ'ଣ ଉତ୍ତର ଦେବି ବୋଲି ସେ କହିଛନ୍ତି।

# ପୁଟିନ୍ ଏବେ ବି ବ୍ୟବହାର କରୁଛନ୍ତି ୱିଣ୍ଡୋ ଏକ୍ସପି

**ମସ୍କୋ:** ୱିଣ୍ଡୋ ଏକ୍ସପିର ବ୍ୟବହାର ୨୦୧୪ରୁ ବନ୍ଦ ହୋଇଛି। ତେବେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର୍ ପୁଟିନ୍ ଏବେ ମଧ୍ୟ ତାଙ୍କ ଅଫିସ୍‌ରେ ୱିଣ୍ଡୋ ଏକ୍ସପି ବ୍ୟବହାର କରୁଛନ୍ତି। ନିକଟରେ ଜାରି ହୋଇଥିବା ପୁଟିନ୍‌ଙ୍କ ଏକ ଅଫିସ୍ ଫଟୋରୁ ଏହା ଜଣାପଡ଼ିଛି। ୬୭ ବର୍ଷ ବୟସ୍କ ପୁଟିନ୍‌ଙ୍କ ପାଖରେ ନିଜର ସ୍ମାର୍ଟଫୋନ୍ ମଧ୍ୟ ନାହିଁ। ରୁଷିଆ ମିଡ଼ିଆ ଅନୁସାରେ କେତେକ ଗୁପ୍ତ ତଥ୍ୟ ଷ୍ଟୋରକରିରଖିବା ପାଇଁ ସରକାର ବିଦେଶୀ ସଫ୍ଟୱେରର ବ୍ୟବହାର କରିବାକୁ ପସନ୍ଦ କରି ନ ଥାନ୍ତି। ତେଣୁ ରାଷ୍ଟ୍ରପତି କାର୍ଯ୍ୟାଳୟରେ ୱିଣ୍ଡୋ ଏକ୍ସପିର ବ୍ୟବହାର କରାଯାଉଛି। ସୂଚନାଯୋଗ୍ୟ, ମାଇକ୍ରୋସଫ୍ଟ ପକ୍ଷରୁ ୨୦୦୧ରେ ୱିଣ୍ଡୋ ଏକ୍ସପି ପ୍ରଚଳନ କରାଯାଇଥିଲା।



# 'ନୋକ୍ ଝୋକ୍'ରେ ଦୀପିକାଙ୍କ ରୋମାନ୍ସ



**ମୁମ୍ବାଇ:** ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ଫିଲ୍ମ 'ଛପାକ୍'ର ରିଲିଜ୍‌କୁ ଦର୍ଶକେ ଖୁବ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ୨୦୧୯ ବର୍ଷ ଶେଷରେ ଫିଲ୍ମର ଟ୍ରେଲର୍ ରିଲିଜ୍ ଦୀପିକାଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ବଡ଼ ଉପହାର ସଦୃଶ ଥିଲା। ଏବେ ଫିଲ୍ମର ପ୍ରଥମ ରୋମାଣ୍ଟିକ୍ ଗୀତ ରିଲିଜ୍ ହୋଇଯାଇଛି, ଯାହାକୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରୁଛନ୍ତି।

ରିଲିଜ୍ ହୋଇଯାଇଛି ଫିଲ୍ମ 'ଛପାକ୍'ର ପ୍ରଥମ ରୋମାଣ୍ଟିକ୍ ମ୍ୟୁଜିକ୍ ଭିଡିଓ 'ନୋକ୍ ଝୋକ୍'। ଏଥିରେ ଦୀପିକା ଏବଂ ବିକ୍ରାନ୍ତଙ୍କ ଜବରଦସ୍ତ କେମିଷ୍ଟ୍ରୀ ଦେଖିବାକୁ ମିଳିଛି। ଗୀତରେ ଧୀରେ ଧୀରେ ଦୁହେଁ ପରସ୍ପରର ପ୍ରେମରେ ପଡୁଥିବା ଦେଖିବାକୁ ମିଳିଛି। ଇସାରା, ଇସାରାରେ କଥା ମଧ୍ୟ ହେଉଛନ୍ତି। ଏହି ରୋମାଣ୍ଟିକ୍ ଟ୍ରାକ୍‌ଟିକୁ ଗୁଲ୍‌ଜାର ଲେଖିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶଙ୍କର-ଏହଶାନ୍-ଲୟ। କଣ୍ଠଦାନ କରିଛନ୍ତି ସିଦ୍ଧାର୍ଥ ମହାଦେବନ୍।

ଏସିଡ୍ ଆଟାକ୍ ପୀଡ଼ିତା ଲକ୍ଷ୍ମୀ ଅଗ୍ରୱାଲଙ୍କ ଜୀବନୀ ଉପରେ ଫିଲ୍ମର କାହାଣୀ ଆଧାରିତ। ଦୀପିକା ଫିଲ୍ମରେ ଏସିଡ୍ ଆଟାକ୍ ପୀଡ଼ିତା ମାଲତି ଚରିତ୍ରରେ ଅଭିନୟ କରିଥିବାବେଳେ ତାଙ୍କ ଅପୋଜିଟ୍‌ରେ ବିକ୍ରାନ୍ତ ମାସି ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ମେଘନା ଗୁଲଜାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୨୦ ଜାନୁୟାରୀ ୧୦ରେ ରିଲିଜ୍ ହେବ।

# ଅସୁରକ୍ଷିତ ଗଣମାଧ୍ୟମ ପ୍ରତିନିଧି

## ୨୦୧୯ରେ ୪୯ ଜଣଙ୍କୁ କରାଯାଇଛି ହତ୍ୟା

**ପ୍ୟାରିସ୍:** ଚଳିତ ବର୍ଷ ପୃଥିବୀର ବିଭିନ୍ନ ଦେଶରେ ମୋଟ ୪୯ ଗଣମାଧ୍ୟମ ପ୍ରତିନିଧିଙ୍କୁ ହତ୍ୟା କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ଚଳିତ ବର୍ଷ କମ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ହତ୍ୟା କରାଯାଇଛି। ସେଥିମଧ୍ୟରୁ ଲାଟିନ୍ ଆମେରିକାରେ ସର୍ବାଧିକ ୧୪ ଜଣଙ୍କୁ ହତ୍ୟା କରାଯାଇଥିବା ଫ୍ରାନ୍ସର ରିପୋର୍ଟ ୱିଦାଉଟ୍ ବର୍ଡର ପକ୍ଷରୁ ପ୍ରକାଶ ପାଇଛି। ମେକ୍ସିକୋରେ ୧୦ ଜଣଙ୍କୁ ହତ୍ୟା କରାଯାଇଛି। ସେହିପରି ଚଳିତ ବର୍ଷ ୩୮୯ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରୁ ଚାଇନା, ଇଜିପ୍ଟ ଏବଂ ସୌଦିରେ ଅଧାରୁ ଅଧିକ ଗଣମାଧ୍ୟମ ପ୍ରତିନିଧି ଗିରଫ ହୋଇଛନ୍ତି। ଅପରପକ୍ଷରେ ୫୭ଜଣଙ୍କୁ ବନ୍ଦୀ କରାଯାଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ବନ୍ଦୀ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରୁ ସିରିଆ, ୟେମେନ୍, ଇରାକ୍ ଏବଂ ୟୁକ୍ରେନ୍‌ରେ ଅଧିକ ବନ୍ଦୀହୋଇ ରହିଛନ୍ତି। ଆତଙ୍କବାଦପ୍ରବଣ ଅଞ୍ଚଳରେ ଅଧିକ ହତ୍ୟା ଘଟଣା ଘଟିଛି। ଶାନ୍ତ କୁହାଯାଉଥିବା ଦେଶରେ ମଧ୍ୟ ଏଭଳି ଘଟଣା ଘଟୁଛି। ଫଳରେ ଗଣମାଧ୍ୟମ ପ୍ରତିନିଧି ନିଜକୁ ଏବେ ସୁରକ୍ଷିତ ମଣୁ ନାହାନ୍ତି। ସୂଚନାଯୋଗ୍ୟ, ଗତ ୨୦ ବର୍ଷ ଧରି ପ୍ରତିବର୍ଷ ହାରାହାରି ୮୦ ପାଖାପାଖି ଗଣମାଧ୍ୟମ ପ୍ରତିନିଧିଙ୍କୁ ହତ୍ୟା କରାଯାଉଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।






■ ଆରମ୍ଭ ହେଲା ଜଳସାଥୀ କାର୍ଯ୍ୟକ୍ରମ

# ଜଳ ମାନ ମାପିବେ ଏସ୍ଏଚ୍ଜି ମହିଳା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଜଳସାଥୀଙ୍କୁ ତାଙ୍କ ପ୍ରଥମ ପ୍ରାପ୍ୟ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

■ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

■ ନିଯୁକ୍ତ ହେବେ ୫ ହଜାର ଜଳସାଥୀ

ମହିଳାମାନେ ସଶକ୍ତ ହେବେ। ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ। ଏହି ଲକ୍ଷ୍ୟ ନେଇ ମିଶନ ଶକ୍ତି ମାଧ୍ୟମରେ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଧାନ ସଂଗ୍ରହଠାରୁ ଆରମ୍ଭ କରି ଛତୁଆ ଯୋଗାଣ, ବିଦ୍ୟୁତ୍ ମିଟର ରିଡିଂ ପର୍ଯ୍ୟନ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସରକାର ଦାୟିତ୍ୱ ଦେଇଛନ୍ତି। ଏବେ ସହରାଞ୍ଚଳରେ ପାନୀୟ ଜଳର ମାନକୁ ପରୀକ୍ଷା କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଛି। ଜଳସାଥୀମାନେ ଘର ଘର ବୁଲି ଜଳ ମାନ ପରୀକ୍ଷା କରିବେ। ଏଥିସହିତ ଲୋକଙ୍କୁ ନୂତନ ପାନୀୟ ଜଳ ସଂଯୋଗ ଦେବାରେ ସାହାଯ୍ୟ କରିବେ। ମାସକୁ ମାସ ବୁଲି ଜଳ ଯୋଗାଣ ବାବଦ ଦେୟ ମଧ୍ୟ ଆଦାୟ କରିବେ। ଜନସାଧାରଣଙ୍କ ଅଭାବ ଓ ଅଭିଯୋଗକୁ ଜଳସାଥୀମାନେ ସରକାରଙ୍କ ନିକଟରେ ପହଞ୍ଚାଇବେ। ଏହି କାର୍ଯ୍ୟକ୍ରମ ବୁଧବାରଠାରୁ ଭୁବନେଶ୍ୱର ମହାନଗର ନିଗମର ୮ ୱାର୍ଡରେ ଆରମ୍ଭ କରାଯାଇଛି। ଏଥିପାଇଁ ୱାଟର କର୍ପୋରେଶନ ଅଫ୍ ଓଡିଶା (ୱାଟ୍କୋ) ଏବଂ ମହିଳା ସ୍ୱୟଂ ସହାୟକ ମହାସଂଘ ସହ ରାଜିନାମା ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନେଶ୍ୱରର ଅନ୍ୟାନ୍ୟ ୱାର୍ଡ ଏବଂ ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଜଳସାଥୀ ଯୋଜନା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସ୍ଥାନୀୟ ରେଳ ଅଡିଟୋରିୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ୧୨ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଦୈନିକ ୯୦୦ ଲିଟର ପାଣି ଯୋଗାଇ ଦିଆଯାଉଛି। ପ୍ରାୟ ୭୦ ଲକ୍ଷ ଲୋକ ଏହା ଦ୍ୱାରା ଉପକୃତ ହେବେ। ସହରାଞ୍ଚଳର ଲୋକମାନେ ଘରେ ବସି ସେମାନଙ୍କର ଜଳଯୋଗାଣ ଦେୟ ପଇଠ କରିବା ସହିତ ନିଜେ ବ୍ୟବହାର କରୁଥିବା ଜଳର ମାନ ଜାଣି ପାରିବେ। ସମଗ୍ର ରାଜ୍ୟରେ ୫ ହଜାର ଜଳସାଥୀ ନିୟୋଜିତ ହେବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରିବାରର ସ୍ୱାସ୍ଥ୍ୟ ପ୍ରତି ମା'ମାନେ ଅଧିକ ଯତ୍ନବାନ ଥାଆନ୍ତି। ଭଲ ପିଇବା ପାଣିର ଉତ୍ତମ ସ୍ୱାସ୍ଥ୍ୟ ସହ ସମ୍ପର୍କ ରହିଛି। ତେଣୁ ପିଇବା ପାଣିର ପରିଚାଳନା ଦାୟିତ୍ୱ ମା'ମାନଙ୍କୁ ଦିଆଯିବା ଏକ ପ୍ରଶଂସନୀୟ ପଦକ୍ଷେପ। ତେଣୁ ଜଳସାଥୀ ଭାବେ ମା'ମାନେ ଲୋକଙ୍କ ବିଶ୍ୱାସ ଓ ଭରସା ହାସଲ କରିବା ସହିତ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିବେ। ପ୍ରତି ପରିବାରକୁ ପାଇପ ପାଣି ଯୋଗାଣ କାର୍ଯ୍ୟକ୍ରମକୁ ଜଳ ସାଥୀମାନେ ସଫଳତାର ସହ ଆଗେଇ ନେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଳସାଥୀମାନଙ୍କୁ ଜଳର ମାନ ପରୀକ୍ଷା କରିବା ପାଇଁ କିଟ୍ ଏବଂ ପିଓଏସ୍ ମେଶିନ ବାଣ୍ଟି ଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ ଓ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ମଧ୍ୟ ଉପସ୍ଥିତ ଥିଲେ।

■ ଭବାନୀପାଟଣା ହାତୀଦାନ୍ତ ଓ ବାଘଛାଲ ଜବତ ଘଟଣା

# ଆଉ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଭବାନୀପାଟଣାରୁ ଗତମାସ ୭ତାରିଖରେ ହାତୀଦାନ୍ତ ଓ ବାଘଛାଲ ଜବତ ଘଟଣାରେ କ୍ରାଇମବ୍ରାଞ୍ଚ ଏସ୍ଟିଏଫ୍ ବୁଧବାର ଆଉ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାଁ ହେଉଛି ପରମାନନ୍ଦ ଧାରୁଆ ଓରଫ ଶାଖା(୨୯)। ତାଙ୍କ ଘର ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଦୁମରାପଲ୍ଲୀ ଗ୍ରାମରେ। ସୂଚନାଯୋଗ୍ୟ, ଭବାନୀପାଟଣାରେ ଚୋରା କାରବାର ହେଉଥିବା କ୍ରାଇମବ୍ରାଞ୍ଚ ଖବର ପାଇଥିଲା। ଏହାକୁ ଭିତ୍ତିକରି



ପରମାନନ୍ଦ ଧାରୁଆ

ନଭେମ୍ବର ୭ରେ କ୍ରାଇମବ୍ରାଞ୍ଚ ଏସ୍ଟିଏଫ୍ର ଏକ ଟିମ୍ ସହିତ ବନବିଭାଗ କର୍ମଚାରୀ ସେଠାକୁ ଗରାଖ ହୋଇ ଯାଇଥିଲେ। ଦୁଇଟି ବନ୍ୟପ୍ରାଣୀ ସାମଗ୍ରୀ ଲାଗି ମୂଲଚାଲ ହୋଇଥିଲା। ଶେଷରେ ମୋଟ ୮ଲକ୍ଷ ଟଙ୍କାରେ ନେବା ପାଇଁ ସ୍ଥିର ହୋଇଥିଲା। ଏହି ସମୟରେ ସେମାନଙ୍କୁ ରେଡ୍ ହ୍ୟାଣ୍ଡ ଧରିଥିଲା ଟିମ୍। ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ପରେ ଆଉ ୩ ଜଣଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ଏହି ଘଟଣାରେ ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

## ରାଜଧାନୀରେ ହଜିଗଲା ମାନବିକତା | ବିଲେଇକୁ ଗୁଳିକରି ହତ୍ୟା

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ହଜିଯାଉଛି ମାନବିକତା। ନିରୀହ ଜୀବଜନ୍ତୁଙ୍କ ଉପରେ ବଢ଼ୁଛି ମଣିଷର କ୍ରୁରତା। ଗତ ମାସରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ଓଲା କାର୍ ଚାଳକ ୪ କୁକୁର ଛୁଆଙ୍କ ଉପରେ ଗାଡ଼ି ଚଢ଼ାଇ ଗିରଫ ହୋଇଥିଲେ। ବୁଧବାର ରାଜଧାନୀରେ ଆଉ ଏକ ନୃଶଂସ ଘଟଣା ଘଟିଛି। ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୪ ଅଞ୍ଚଳରେ ଏକ ପୋଷା ବିଲେଇକୁ ଗୁଳିକରି ହତ୍ୟା କରାଯାଇଛି। ଏନେଇ ବିଲେଇ ମାଲିକ ସୁଶାନ୍ତ ପଟ୍ଟନାୟକ ପଡୋଶୀ ସନ୍ତୋଷ ନାୟକଙ୍କ ପୁଅ ଆଶୁତୋଷ ଓରଫ ଆଶୁଙ୍କ ନାଁରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

ବୁଧବାର ପୂର୍ବାହ୍ନରେ ସୁଶାନ୍ତଙ୍କ ମା' ବିନୋଦିନୀ ପଟ୍ଟନାୟକ ଜୋର୍ରେ ଫୁଟିବା ଶବ୍ଦ ଶୁଣି ବାହାରକୁ ଦୌଡ଼ି ଆସିଥିଲେ। ତାଙ୍କ ପୋଷା ବିଲେଇଟି ରକ୍ତାକ୍ତ ଅବସ୍ଥାରେ ତଳେ ପଡି ଛଟପଟ ହେଉଥିବା ଦେଖିଥିଲେ। ତୁରନ୍ତ ସୁଶାନ୍ତ ଘଟଣା ସଂକ୍ରାନ୍ତରେ ପିପୁଲ ଫର୍ ଆନିମଲ(ପିଏଫ୍ଏ)ର ଅମୂଲ୍ୟ ନାୟକଙ୍କୁ ଜଣାଇଥିଲେ। ସେ ତାଙ୍କ ଟିମ୍ ସହ ପହଞ୍ଚି ଆହତ ବିଲେଇକୁ ଚିକିତ୍ସା ପାଇଁ



ଓୟୁଏଟିକୁ ନେଇଥିଲେ। କିନ୍ତୁ ଚିକିତ୍ସା ଆରମ୍ଭ ହେବା ପୂର୍ବରୁ ବିଲେଇଟିର ମୃତ୍ୟୁ ଘଟିଥିଲା। ତେବେ ଏକ୍ସରେ ରିପୋର୍ଟରେ ବିଲେଇ ମୁଣ୍ଡ ଓ ଛାତିରେ ୨ଟି ପେଲେଟ ଥିବା ଜଣାପଡିବା ପରେ ତାଙ୍କୁ ଗୁଳି କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଅମୂଲ୍ୟଙ୍କ ସହ ସୁଶାନ୍ତ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ପଡୋଶୀ ଆଶୁ ଏକ ଛର୍ରା ବନ୍ଧୁକରେ ତାଙ୍କ ବିଲେଇକୁ ଗୁଳି କରିଥିବା ଉଲ୍ଲେଖ କରିଛନ୍ତି। ଏହା ପ୍ରଥମ ହୋଇଥିବାରୁ ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ସନ୍ଧ୍ୟାରେ ଆଶୁଙ୍କ ଘରେ ଚଢ଼ାଉ

### ଅଭିଯୁକ୍ତ ଗିରଫ

କରିଥିଲା। ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ସେ ପୂର୍ବରୁ ତାଙ୍କ ବନ୍ଧୁକରେ ମାଙ୍କଡ଼ ଓ ଅନେକ ପକ୍ଷୀ ମାରିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ମୃତ ବିଲେଇକୁ ଓୟୁଏଟି ପାଥୋଲ୍ୟାବ୍ର ଫ୍ରିଜ୍ରରେ ରଖାଯାଇଛି। ଗୁରୁବାର ପୂର୍ବାହ୍ନ ୧୦ଟାରେ ପୋଲିସ ଉପସ୍ଥିତିରେ ଭେଟେରିନାରୀ କଲେଜରେ ପାଥୋଲୋଜି ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ସୁଶେନ କୁମାର ପଣ୍ଡା ବ୍ୟବଚ୍ଛେଦ କରିବେ ବୋଲି ସୂଚନା ମିଳିଛି।

ଘଟଣାକୁ ନେଇ ପଶୁପ୍ରେମୀମାନେ ତୀବ୍ର ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଯଦି ସେହି ବ୍ୟକ୍ତି ଲାଇସେନ୍ସପ୍ରାପ୍ତ ବନ୍ଧୁକ ବ୍ୟବହାର କରିଛନ୍ତି, ତେବେ ତୁରନ୍ତ ଲାଇସେନ୍ସକୁ ବାତିଲ କରାଯାଉ। ବେଆଇନ ବନ୍ଧୁକରେ ବିଲେଇ ମାରିଥିଲେ ତାଙ୍କ ବିରୋଧରେ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ କରାଯାଉ ବୋଲି ଶୁଭେନ୍ଦୁ କହିଛନ୍ତି।






**କିଛି ତଥ୍ୟ** ଚଳିତ ମାର୍କେଟିଂ ବର୍ଷ ଡିସେମ୍ବର ୧୫ ସୁଦ୍ଧା ଦେଶରେ ଚିନି ଉତ୍ପାଦନ ୩୫% ହ୍ରାସ ଘଟି ୪.୫୮ ନିୟୁତ ଟନ୍ ରହିଛି। – **ଆଇଏସ୍ଏମ୍ଏ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ସୋମ୍
ପରିବାରବର୍ଗ


ଶିବାଂଶ
ପରିବାରବର୍ଗ


ସୌମ୍ୟ ରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ତରୁଣକାନ୍ତିଙ୍କୁ କେନ୍ଦ୍ର ...

ମୁଖ୍ୟ ଶାସନ ସଚିବ ଭାବେ ସେ ଅବସର ଗ୍ରହଣ କରିଥିଲେ। ପ୍ରଶାସନିକ ସେବାରେ ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ମିଶ୍ର ଜଣେ ସାହିତ୍ୟିକଭାବେ ମଧ୍ୟ ବେଶ୍ ସୁନାମ ଅର୍ଜନ କରିଛନ୍ତି। ସ୍କୁଲରେ ପଢୁଥିବାବେଳେ କ୍ଷୁଦ୍ରଗଳ୍ପ ରଚନାରୁ ସାହିତ୍ୟିକ ଜୀବନ ଆରମ୍ଭ କରିଥିବା ତରୁଣକାନ୍ତିଙ୍କ ୨୦୦ରୁ ଅଧିକ ଲେଖା ପ୍ରକାଶିତ ହୋଇଛି। 'ଦଣ୍ଡକାରଣ୍ୟ' ପାଇଁ ଚର୍ଚ୍ଚାରେ ଥିବା ମିଶ୍ରଙ୍କ ବିଭିନ୍ନ କାଳଜୟୀ ରଚନା ମଧ୍ୟରେ ରହିଛି 'ରଜନୀଗନ୍ଧା', 'ସକାଳର ମାନଚିତ୍ର', 'ସଂବହନ', 'ଶରଦଃ ଶତମ୍', 'ଆଜି ରାତିର ଗଳ୍ପ', 'ବହୁବ୍ରୀହି', 'ଭାସ୍ୱତୀ', 'ଇତ୍‌ନୀ ଦୂର', 'ଜହ୍ନରାତିର ଗପ ସରିନାହିଁ', 'ବୀତଂସ' ଓ 'ଲୁବ୍ଧକର ରାତି'। ତାଙ୍କ ରଚିତ ପୁସ୍ତକ ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲୁଗୁ, ମରାଠୀ, ଗୁଜରାଟୀ ଓ ଇଂଲିଶ ଭଳି ଏକାଧିକ ଭାଷାରେ ଅନୁବାଦ ହୋଇଥିବାବେଳେ ଉତ୍କୃଷ୍ଟ ସାହିତ୍ୟକୃତି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ପୁରସ୍କାର, କଥା ସମ୍ମାନ ଏବଂ ୨୦୦୯ରେ ଶ୍ରେଷ୍ଠ ପ୍ରଶାସକ ଭାବେ 'ଥିଙ୍କ୍ ଓଡ଼ିଶା ଲିଡର୍‌ଶିପ୍ ଆୱାର୍ଡ' ପାଇଛନ୍ତି। ଚଳିତବର୍ଷର ଓଡ଼ିଆ ଭାଷା ପାଇଁ ଏକାଡେମୀ ପୁରସ୍କାର ବିଜେତାଙ୍କୁ ବାଛିବା ଲାଗି ୩ ଜଣିଆ ବିଚାରକ ମଣ୍ଡଳୀରେ ଡ. ମାଳବିକା ରାୟ, ଡ. ଫନୀ ମହାନ୍ତି ଓ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ରହିଥିଲେ।

ଅନ୍ୟପକ୍ଷରେ ଶଶୀ ଥରୁର୍‌ଙ୍କୁ ତାଙ୍କ ଇଂଲିଶ୍ ଲେଖା 'ଆନ୍ ଏରା ଅଫ୍ ଡାର୍କନେସ୍' ଓ ଆଚାର୍ଯ୍ୟଙ୍କୁ ହିନ୍ଦୀ କବିତା ' ଛେଲାତେ ହୁଇ ଆପ୍‌ନେ କୋ' ଲାଗି ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ପେନ୍ନା ମଧୁସୂଦନ (ସଂସ୍କୃତ), ଅନୁରାଧା ପାଟିଲ (ମରାଠୀ), ଭି. ମଧୁସୂଦନମ୍ ନାୟାର(ମାଲୟାଲମ୍), କୁମାର ମନୀଷ୍ ଅରବିନ୍ଦ (ମୈଥିଳୀ), ନିବା ଏ.ଖାଣ୍ଡେକର(କୋଙ୍କଣୀ), ଫୁକନ୍ ଚନ୍ଦ୍ର ବସୁମାତରି(ବୋଡ଼ୋ)ଙ୍କୁ କବିତା ଲାଗି ଓ ଜୟଶ୍ରୀ ଗୋସ୍ୱାମୀ(ଅହମିୟା), ଏଲ୍. ବୀରମଙ୍ଗୋଲ ସିଂ(ମଣିପୁରୀ), ଚୋ. ଧର୍ମାନ୍(ତାମିଲ), ବାନ୍ଦି ନାରାୟଣ ସ୍ୱାମୀ(ତେଲୁଗୁ)ଙ୍କୁ ସେମାନଙ୍କ ଉପନ୍ୟାସ ଲାଗି ଏହି ସମ୍ମାନ ପ୍ରଦାନ କରାଯିବ। କ୍ଷୁଦ୍ରଗଳ୍ପ ଲାଗି ଓଡ଼ିଆରେ ତରୁଣକାନ୍ତିଙ୍କ ସମେତ ଅବ୍‌ଦୁଲ ଆହଦ୍ ହାଜିନି(କଶ୍ମୀରୀ), କ୍ରିପାଲ କଜାକ୍(ପଞ୍ଜାବୀ), ରାମସ୍ୱରୂପ କିଷନ୍(ରାଜସ୍ଥାନୀ), କାଳୀଚରଣ ହେମ୍ବ୍ରମ୍(ସାନ୍ତାଳୀ) ଓ ଈଶ୍ୱର ମୂର୍ଜାନି(ସିନ୍ଧୀ) ଏବଂ ଜୀବନୀ ଓ ଆତ୍ମଜୀବନୀ ଲେଖା ଲାଗି ବିଜୟା(କନ୍ନଡ), ଶାଫେ କିଦ୍‌ୱାଇ(ଉର୍ଦ୍ଦୁ)ଙ୍କୁ ଏହି ସଫଳତା ମିଳିଛି। ଅନ୍ୟପକ୍ଷରେ ଚିନ୍ମୟ ଗୁହା(ବେଙ୍ଗଲୀ), ଓମ୍ ଶର୍ମା ଜନ୍ଦିଆରି(ଡୋଗ୍ରୀ) ଓ ରତିଲାଲ୍ ବୋରିସାଗର(ଗୁଜରାଟୀ)ଙ୍କ ସନ୍ଦର୍ଭ ଏହି ପୁରସ୍କାର ଲାଗି ମନୋନୀତ ହୋଇଛି। ବିଜେତାମାନଙ୍କୁ ଫେବୃୟାରୀ ୨୫ରେ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଏକ ଲକ୍ଷ ଟଙ୍କାର ପୁରସ୍କାର ଓ ତାମ୍ରଫଳକ ସହ ସମ୍ମାନିତ କରାଯିବ।

## ପଦ୍ମଶ୍ରୀ ଫେରାଇବେ ...

କରିଥିଲେ, ଆଜି ତାକୁ ଯେଭଳି ଢଙ୍ଗରେ ଧ୍ୱଂସ କରାଯାଉଛି ତାହା ନିନ୍ଦନୀୟ। ଏଭଳି ସ୍ଥିତିରେ ସେ ନିଜ ପାଖରେ କୌଣସି ସରକାରୀ ପୁରସ୍କାର ରଖିବାକୁ ଚାହୁଁ ନ ଥିବା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଏବଂ ସିଏଏ, ୨୦୧୯କୁ ନେଇ ମୁଜ୍‌ତବା କହିଛନ୍ତି, ତାଙ୍କୁ ୮୭ ବର୍ଷ ହେଲାଣି। ଦେଶରେ ଲାଗିରହିଥିବା ବିବାଦକୁ ନେଇ ସେ ଏହି ବୟସରେ ଚିନ୍ତିତ। ଦେଶର ଭବିଷ୍ୟତ କ'ଣ ହେବ ଏବଂ ସେ ନିଜ ପିଲାଛୁଆ ତଥା ଉତ୍ତରପିଢ଼ିକୁ କେଉଁ ସ୍ଥିତିରେ ଛାଡ଼ିଦେଇଛନ୍ତି ବୋଲି ସେ ଚିନ୍ତାରେ ରହୁଛନ୍ତି। ଏଭଳି ସମୟରେ ହସିବା ପାଇଁ ସାମର୍ଥ୍ୟ ତାଙ୍କ ପାଖରେ ନାହିଁ। ପ୍ରକାଶ ଯେ, ମୁଜ୍‌ତବା ହୁସେନ ହେଉଛନ୍ତି ଦୈନିକ 'ସିଆସତ୍'ର ସହ ପ୍ରତିଷ୍ଠାତା ମେହବୁବ୍ ହୁସେନ୍ ଜିଗରଙ୍କ ଭାଇ। 'ଆମେରିକା ଘାଁସ୍ କାଟ୍ ରହା ହୈ' ଏବଂ 'ଜାପାନ୍ ଚଲୋ' ପୁସ୍ତକ ପାଇଁ ପ୍ରସିଦ୍ଧି ଲାଭ କରିଥିବା ମୁଜ୍‌ତବାଙ୍କୁ ୨୦୦୭ରେ ପଦ୍ମଶ୍ରୀ ଉପାଧି ମିଳିଥିଲା। ସାରା ବିଶ୍ୱର ଉର୍ଦ୍ଦୁ ଭାଷୀ ଲୋକଙ୍କ ମଧ୍ୟରେ ମୁଜ୍‌ତବା ଜଣେ ସମ୍ମାନିତ ବ୍ୟକ୍ତିତ୍ୱ। ତାଙ୍କ ଲେଖାଗୁଡ଼ିକ ଜାପାନ ସମେତ ଅନ୍ୟ ଦେଶଗୁଡ଼ିକରେ ପାଠକୀୟ ଆଦୃତି ଲାଭ କରିଛି।

## ରିଭ୍ୟୁ ପିଟିଶନ୍ ଖାରଜ ...

ରିଭ୍ୟୁ ପିଟିଶନର ଅର୍ଥ ବାରମ୍ବାର ଶୁଣାଣି ପାଇଁ ଅପିଲ୍ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଅଦାଲତ ସମସ୍ତ ପରିସ୍ଥିତିକୁ ଅନୁଧ୍ୟାନ କରି ମୃତ୍ୟୁଦଣ୍ଡାଦେଶକୁ କାଏମ ରଖିଥିବା ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ମୂଳ ରାୟରେ କୌଣସି ତ୍ରୁଟି ନ ଥିବାରୁ ଏହାର ସମୀକ୍ଷା କରାଯିବା ଆବଶ୍ୟକ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଅକ୍ଷୟଙ୍କ ତରଫରୁ ମାମଲା ଲଢୁଥିବା ଆଇନଜୀବୀ ଏ.ପି. ସିଂ ତଦନ୍ତ ପ୍ରକ୍ରିୟାରେ ତ୍ରୁଟି ରହିଥିବା ଅଭିଯୋଗ କରିଥିଲେ। ଏହାର ଉତ୍ତରରେ ଖଣ୍ଡପୀଠ କହିଥିଲେ ତଳ କୋର୍ଟ, ହାଇକୋର୍ଟ ଏବଂ ସର୍ବୋଚ୍ଚ ଅଦାଲତ ପୂର୍ବରୁ ସବୁକିଛିକୁ ଭଲ ଭାବେ ଅନୁଧ୍ୟାନ କରିବା ପରେ ରାୟ ପ୍ରଦାନ କରିଛନ୍ତି। ବିଚାର ସମ୍ପୂର୍ଣ୍ଣ ହେବା ପରେ ତଦନ୍ତକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଅନ୍ୟ ଜଘନ୍ୟ ଅପରାଧ ମାମଲାଗୁଡ଼ିକରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅପରାଧୀମାନଙ୍କୁ ଏପର୍ଯ୍ୟନ୍ତ ଫାଶୀ ହୋଇ ନ ଥିବାବେଳେ ନିର୍ଭୟା ମାମଲାରେ ବଳାତ୍କାରୀଙ୍କୁ ଫାଶୀ ଦେବା ଲାଗି ଦିଲ୍ଲୀ ସରକାର ଏତେ ବ୍ୟଗ୍ର କାହିଁକି ବୋଲି ଅକ୍ଷୟଙ୍କ ଓକିଲ ପ୍ରଶ୍ନ କରିଥିଲେ। ଏଥିସହିତ ସେ ଦିଲ୍ଲୀ–ଏନ୍‌ସିଆର୍‌ରେ ବାୟୁ ଓ ଜଳ ପ୍ରଦୂଷଣ ପ୍ରସଙ୍ଗ ଉଠାଇଥିଲେ। ପ୍ରଦୂଷଣ ଯୋଗୁ ସହରବାସୀଙ୍କ ଆୟୁ ହ୍ରାସ ପାଇଥିଲାବେଳେ ମୃତ୍ୟୁଦଣ୍ଡ କାହିଁକି ଦିଆଯିବ ବୋଲି ଓକିଲ ପ୍ରଶ୍ନ କରିଥିଲେ। ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରିଭ୍ୟୁ ପିଟିଶନକୁ ବିରୋଧ କରିଥିଲେ। ଅପରାଧୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗର ପ୍ରମାଣ ରହିଛି। ତଳକୋର୍ଟ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ତାହାକୁ ବିଚାରକୁ ନେଇ ଦଣ୍ଡବିଧାନ

## ପ୍ରଥମ ପୃଷ୍ଠାରୁ...

କରିଛନ୍ତି। ଫୋରେନ୍‌ସିକ ଏବଂ ଡିଏନ୍ଏ ପରୀକ୍ଷା ମଧ୍ୟ ଅକ୍ଷୟଙ୍କୁ ଅପରାଧୀ ପ୍ରମାଣିତ କରିଛି। ଏହା ବିରଳରୁ ବିରଳତମ ଅପରାଧ ହୋଇଥିବାରୁ ମୃତ୍ୟୁଦଣ୍ଡ ପ୍ରଯୁଜ୍ୟ ବୋଲି ସୁପ୍ରିମକୋର୍ଟ ୨୦୧୭ ରାୟରେ କହିଥିଲେ।

ଅଦାଲତ ରିଭ୍ୟୁ ପିଟିଶନକୁ ଖାରଜ କରିଦେବା ପରେ ଅକ୍ଷୟ ସିଂଙ୍କ ଓକିଲ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ ପାଇଁ ୩ ସପ୍ତାହ ସମୟ ମାଗିଥିଲେ। ଆଇନ ଅନୁଯାୟୀ ଧାର୍ଯ୍ୟ ସମୟସୀମା ମଧ୍ୟରେ କ୍ଷମା ଆବେଦନ କରିବାକୁ କୋର୍ଟ ଅନୁମତି ଦେଇଥିଲେ। ଅପରାଧୀମାନେ ଏପର୍ଯ୍ୟନ୍ତ କ୍ୟୁରେଟିଭ୍ ପିଟିଶନ ଦାଏର କରିନାହାନ୍ତି। ଏହା ସେମାନଙ୍କର ଶେଷ ଆଇନଗତ ସହାୟତା, ଯାହାର ବିଚାର ସାଧାରଣତଃ ଚାମ୍ବରରେ ହୋଇଥାଏ।

ସୂଚନାଯୋଗ୍ୟ, ୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ମୁମୂର୍ଷୁ ଅବସ୍ଥାରେ ଫିଙ୍ଗିଦିଆଯାଇଥିଲା। ଜୀବନ ସହ ୧୫ ଦିନର ସଂଘର୍ଷ ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ପୀଡ଼ିତା ଆଖି ବୁଜିଥିଲେ। ଏହି ଘଟଣାର ୬ ଅଭିଯୁକ୍ତଙ୍କ ମଧ୍ୟରୁ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ନାବାଳକ ଅପରାଧୀଙ୍କ ବିଚାର ଜୁଭେନାଇଲ ଜଷ୍ଟିସ୍ କୋର୍ଟରେ ହୋଇଥିଲା। ଅନ୍ୟ ୪ ଅଭିଯୁକ୍ତଙ୍କୁ ତଳକୋର୍ଟ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଥିଲେ।

## ଲଟେରି ଉପରେ ...

ଜିଏସ୍‌ଟି ପରିଷଦ ବୈଠକରେ ଭିନ୍ନମତ ପ୍ରକାଶ ପାଇବାରୁ ସଂଖ୍ୟା ଗରିଷ୍ଠତା ଭିତ୍ତିରେ ନିଷ୍ପତ୍ତି ହୋଇଛି। ଲଟେରି ଉପରେ ୨୮% ଜିଏସ୍‌ଟି ଲାଗୁ ନେଇ ୨୧ ରାଜ୍ୟ ଭୋଟ ଦେଇଛନ୍ତି। ଏହି ପ୍ରସଙ୍ଗକୁ ୮ ରାଜ୍ୟ ବିରୋଧ କରିଥିବା ଜଣାପଡିଛି।

ବର୍ତ୍ତମାନ ରାଜ୍ୟ ସ୍ତରରେ ଲଟେରି ଉପରେ ୧୨% ଏବଂ ରାଜ୍ୟ ବାହାରେ ଲଟେରି ବିକ୍ରି ଉପରେ ୨୮% ଟିକସ ଲାଗୁ ହେଉଛି। ଲଟେରି ଶିଳ୍ପ ଏହାକୁ ବିରୋଧ କରି ଆସୁଛି। ଦ୍ୱୈତ ବ୍ୟବସ୍ଥା ପରିବର୍ତ୍ତେ ଏକକ ୧୨% ଟିକସ ଲାଗୁ ଏବଂ ପ୍ରାଇଜ ମନି ଉପରେ ଟିକସ ଛାଡ ନେଇ ଶିଳ୍ପ ପକ୍ଷରୁ ଦାବି ହେଉଛି। ଏଭଳି ବିଭିନ୍ନ ପ୍ରସଙ୍ଗ ଲଟେରି ଶିଳ୍ପ ଅଭିବୃଦ୍ଧି ଲାଗି ବାଧା ଉପୁଜାଉଥିବା ଶିଳ୍ପ ପକ୍ଷରୁ କୁହାଯାଇଛି। ରାଜ୍ୟଗୁଡ଼ିକ ମଧ୍ୟରେ ରହିଥିବା ମତପାର୍ଥକ୍ୟ ଦୂରୀକରଣ ଲାଗି ଜିଏସ୍‌ଟି ପରିଷଦ ପକ୍ଷରୁ ପୂର୍ବରୁ ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ସୁଧୀର ମୁଙ୍ଗାଟିୱାରଙ୍କ ଅଧ୍ୟକ୍ଷତାରେ ୮ ସଦସ୍ୟ ବିଶିଷ୍ଟ ଏକ ମନ୍ତ୍ରୀ ଗୋଷ୍ଠୀ ଗଠନ କରାଯାଇଥିଲା। ପରିଷଦ ଏହାର ଜୁଲାଇ ବୈଠକରେ ଉକ୍ତ ପ୍ରସଙ୍ଗ ଉପରେ ଆର୍ଟର୍ନି ଜେନେରାଲଙ୍କଠାରୁ ଆଇନଗତ ପରାମର୍ଶ ଲୋଡିଥିଲା। ଅପରପକ୍ଷେ ଶିଳ୍ପର ସମସ୍ୟା ସମ୍ପର୍କରେ ପୂର୍ବରୁ ଅଲ ଇଣ୍ଡିଆ ଫେଡେରେଶନ ଅଫ୍ ଲଟେରି ଟ୍ରେଡ ଆଣ୍ଡ ଆଲାଏଡ ଇଣ୍ଡଷ୍ଟ୍ରି ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଧ୍ୟାନ ଆକର୍ଷଣ କରାଯାଇଥିଲା।

## 'ମୋ ସରକାର' କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବୁଝିଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'ମୋ ସରକାର' କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ବିଭିନ୍ନ ଜିଲାର ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କ ସହ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ସିଧାସଳଖ କଥା ହୋଇଛନ୍ତି। ସେ ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲର ସ୍ଥିତି, ନୂତନ ଭାବେ ପ୍ରଚଳିତ ହେବାକୁ ଥିବା ଆମ୍ବୁଲାନ୍ସ ଓ ମହାପ୍ରୟାଣ ଗାଡ଼ି ବ୍ୟବସ୍ଥା, ମେଡିକାଲର ନିର୍ମାଣ କାର୍ଯ୍ୟ ଏବଂ ଜନହିତକାରୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଜନସାଧାରଣଙ୍କୁ 'ମୋ ସରକାର' ଯୋଜନାରେ କିଭଳି ତ୍ୱରିତ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି, ସେ ବିଷୟରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ କ୍ରିୟାଶୀଳ କରିବା ଦିଗରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଦେବଗୁରୁଙ୍କ ଶୁଭଦୃଷ୍ଟିରୁ ଆଜିର ଆଲୋଚନା ଫଳପ୍ରଦ ହେବା ସହ କୌଣସି ସିଦ୍ଧାନ୍ତ ନେବାରେ ସମର୍ଥ ହେବେ। ପଡୋଶୀଙ୍କ ଅସହିଷ୍ଣୁ ମନୋଭାବରୁ ଟିକିଏ ଟିକିଏ କଥାରୁ କଳହ ଲାଗିବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା, ସଭାସମିତି ତଥା ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ଆକସ୍ମିକ ଭାବରେ ସୁଯୋଗ ଆପଣା ଛାଏଁ ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଯାହା କରିବେ ଭଲ ରୂପେ ଭାବଚିନ୍ତି କାମ କରିବା ଭଲ ହେବ । ତଥାପି ପ୍ରସ୍ତୁତି ପଥରେ ଥିବା କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ବନ୍ଧୁମାନଙ୍କ ସହ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** ଉପରିସ୍ଥଙ୍କ ଭୁଲ୍ ବୁଝାମଣାରୁ କର୍ମ କ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। କିନ୍ତୁ ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ।

**କର୍କଟ** ଆଜି ଭାଇ, ବନ୍ଧୁ, ସହକର୍ମୀ, ଅଂଶୀଦାର ବ୍ୟବସାୟୀମାନଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଯାତ୍ରା ସମୟରେ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗରୁ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ବ୍ୟବସାୟ, ନିର୍ମାଣ ଆନୁଷ୍ଠାନିକ କାମ ତଥା ସଭା ସମିତିରୁ ପ୍ରଶଂସିତ ହେବେ।

**ସିଂହ** ଆଜିସାମାନ୍ୟ ଅନ୍ୟମନସ୍କତା କିମ୍ବା ଅସାବଧାନତା ବଶତଃ ଧନ ହାନିଯୋଗ ରହିଛି। କର୍ମକ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ମଘା ନକ୍ଷତ୍ର ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କ ଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବେ ନାହିଁ।

**କନ୍ୟା** ଦୀର୍ଘଦିନରୁ ଲାଗି ରହିଥିବା ଅପୂରଣୀୟ ଆଶା ଓ ଅର୍ଥର ଅଭାବ ହେତୁ ମାନସିକ ସ୍ଥିରତା ରହିବ ନାହିଁ । ହାତକୁ ନେଇଥିବା କାମ ବିଷୟରେ ଯାହା କରିବା କଥା ଶୀଘ୍ର ଶୀଘ୍ର ଶେଷ କରିବା ଭଲ ହେବ। ଅବଶ୍ୟ କିଛି ଅସୁବିଧା ହେବନି, ଆପଣ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସତ୍‌ସଙ୍ଗ କିମ୍ବା ନାମ ସଂକୀର୍ତ୍ତନରେ ନିଜକୁ ହଜାଇ ଦେଇ ପାରନ୍ତି।

**ତୁଳା** ଆଜି ଦିନଟିରେ ମନ ଅନୁଯାୟୀ କାମ କରିବାରେ କୌଣସି ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କ୍ଷେତ୍ର, ସଭା ସମିତି, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଘର ସାଜସଜ୍ଜା,ମୂଲ୍ୟବାନ ଜିନିଷ କିଣିବା, ନୂତନ ଗୃହ ନିର୍ମାଣ, ଯାନବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି।

**ବିଛା** ବହୁ ବିଚାର ବିମର୍ଶ ପରେ ପୂର୍ବ ପରିକଳ୍ପିତ ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ଅବଶ୍ୟ ସାମାନ୍ୟ ବ୍ୟତିକ୍ରମ ଭିତରେ ସଫଳ ହେବ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିହିଁ ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ଧନୁ** ଆଜିଦିନ ମଧ୍ୟରେ ଯେତିକି ପାଇବେ, ସେତିକିରେ ସନ୍ତୁଷ୍ଟ ରହିବା ଭଲ ହେବ। ଶିକ୍ଷା, ସନ୍ତାନ, ପରୀକ୍ଷା ଓ ଇଣ୍ଟରଭ୍ୟୁ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତିରେ ଅନ୍ୟ ମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଶିଳ୍ପ, ବ୍ୟବସାୟରେ ଭଲ କାରବାର ହେବ, ଯାହାକି ଆପଣଙ୍କୁ କେତେକାଂଶରେ ଆତ୍ମସନ୍ତୋଷ ମିଳିପାରେ।

**ମକର** ସହକର୍ମୀମାନେ ଫାଇଦା ହାସଲ କରିବା ସକଶେ ଅତି ନିଜର ଭଳି ବ୍ୟବହାର କରିପାରନ୍ତି। ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହେବା ଅସମ୍ଭବ ହୋଇପାରେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଆଗାମୀ ଦିନରେ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ** କାର୍ଯ୍ୟହାସଲ ହେବା କାରଣରୁ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ଆଗୁଁସାର ହୋଇ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଆଜିର ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** ଆକସ୍ମିକ ଭାବରେ ଆଜିର ପ୍ରତ୍ୟୁଷ ଯାତ୍ରା ଆପଣଙ୍କ ପାଇଁ ସଫଳତା ଆଣିଦେବ। ବାଣିଜ୍ୟ,ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଓ ଗୌରବାର୍ଜନ ନିଶ୍ଚିତ। କଳା,ସାହିତ୍ୟ,ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

ଆଜି ସିଦ୍ଧାନ୍ତ ଦର୍ପଣ ପ୍ରଣେତା ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ଜୟନ୍ତୀ, ପୌଷ କୃଷ୍ଣ ଅଷ୍ଟମୀ ଗୁରୁବାର, ଡିସେମ୍ବର ୧୯ ତାରିଖ, ରାଶି ନକ୍ଷତ୍ର–ଉତ୍ତରାଫାଲ୍‌ଗୁନୀ/କନ୍ୟା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୭।୪୬ମି. ମଧ୍ୟେ ଘ୧।୩୧ମି. ଗତେ, ଘ୨।୫୮ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୧।୪୨ମି. ଗତେ ଘ୧।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୧।୦୪ମି. ଗତେ ଘ୨।୨୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**automobile** AUTOMOBILE

**SALE**

Tata Indigo ECS private Regd. No. personal use in good condition. Tata Ace mega 2018 model for sale. 9439778849. D-67734

**real estate**

**SALE**

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68445

**Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208.** D-68447

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

**11000sqft. single plot near C.V. Raman college, Janla Sqft. 800/- 9438400633.** D-68448

**ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9692712917, 8249728525.** D-68449

**Plot for sale, road side Kuakhia to Jenapur near Nathuabara Hata. Size (212 x 212)sqft. Mob: 8917511583, 9777031535.** D-67268

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15790

**Fully furnished, 1 BHK Flat at puri, also staying facilities available Book @ 2 lacs. 9938175444.** D-15791

Duplex for sale in Patia, Ragunathpur, Bhubaneswar.Contact: 7735412646. D-68632

**construction**

Construct your building as per your terms and condition. Contact: 9937064680. D-27284

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

**packers & movers**

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist: 8480939300. D-68726

Sai herbal spa refresh your body with smart, expert therapist. 7608062524. D-68923

Newly open full body massage by ladies, gents therapist. 8018656899 D-60858

Ayurvedic full body massage by ladies, gents therapist. 7008773793 D-60859

Ayurvedic full body massage ladies & gents smart therapist, 9668814589. D-68723

Take full body therapy. Just call 7852986810. D-68528

Monalisa Massage Club: All types body massage with hiprofile smart lady rooms service available- 9708545108. D-15762

Full body herbal massage with refreshment expert therapist. 7381239385, 06 742540855. D-68929

Experience full body massage with us (expert). Call: 7377048581, 06742597822. D-68930

Herbal full body massage by smart / expert therapist. Contact: 8338067247. D-68931

Refresh your mind and soul with best therapy at Orchid Salon/Spa. 9937287222. D-68729

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68932

**business**

**Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935.** D-67267

**AFFIDAVIT**

By virtue of an affidavit, I Jitendra Kumar Jena declares that my correct name is Jitendra Kumar Jena but in LIC Policy No.584392878, my name has been recorded as Manoj Kumar Jena mistakely. Therefore, I hereby declare that Jitendra Kumar Jena and Manoj Kumar Jena is one and same person. My correct name is Jitendra Kumar Jena for all purposes. D-15787

I, Swati Kumari Minu, D/o- Mantu Kumar born on 11.11.1991 residing at Flat No. D-123, DHPL Sahoo Residency, Mancheswar, Bhubaneswar have changed my name to Swati Prakash after my marriage vide affidavit dated 08.07.2017 at Patna. D-15793

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



**ସତ୍ୟପ୍ରକାଶ ପାତ୍ର (ସୋମ୍)**

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ କି ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।

**ଶୁଭେଚ୍ଛା ସହ**

ତୋର ବାପା, ବୋଉ, ମାମା, ପାପା, ମାନି ମାମା, ଲିପୁ ପା, ଛୁଆ ପାପା, ତୋର ସାନଭଉଣୀ ମାମା ଓ ଅଜା, ଆଈ। ଧ–୧୫୭୯୨

**ନିରୁଦ୍ଦିଷ୍ଟ**



**ନାମ: ରଜନୀ ଦେଇ**
**ବୟସ: ୭୪**
**ରଙ୍ଗ: ଶ୍ୟାମଳ**

ତା.୧୫।୧୨।୧୯ରୁ ସାଲିଆ ସାହି, ନୟାପଲ୍ଲୀରୁ ନିଖୋଜ ଅଛନ୍ତି। ସେ କାଲୁଣି ମଧ୍ୟ। ସନ୍ଧାନ ମିଳିଲେ Contact: 9853269151, 9937875620 ଧ–୧୫୭୯୫


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ

■ ୨୬ରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ

# ବଡ଼ଦିନ ରାତିସାରା ଉଜାଗର ରହିବେ ଠାକୁର

ପୁରୀ ଅଫିସ, ୧୮।୧୨

■ ଛତିଶା ନିଯୋଗ ବୈଠକ ବିଳମ୍ବକୁ ନେଇ ଉଦ୍‌ବେଗ

■ ବକେୟା ପ୍ରାପ୍ୟ ପାଉଣା କଥା ଉଠାଇଲେ ସେବାୟତ

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୁଧବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଅଧ୍ୟକ୍ଷତା କରିଥିବାବେଳେ ପହିଲି ଭୋଗ, ସୂର୍ଯ୍ୟୋପରାଗ, ନୂଆବର୍ଷ ଓ ମକରସଂକ୍ରାନ୍ତି ନୀତି ସମ୍ପର୍କରେ ଆଲୋଚନା କରାଯାଇ ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୬ ତାରିଖରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ। ଏଥିଲାଗି ୨୫ ତାରିଖ ରାତି ୮ଟା ୨୦ ମିନିଟରୁ ପାକତ୍ୟାଗ, ଅନ୍ନଭୋଜନ, ପାକଦ୍ରବ୍ୟ ଓ ଦେବ ନୀତି ନିଷେଧ ରହିବ। ପରାଗ ନ ଛାଡ଼ିବା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ କୌଣସି ପ୍ରକାର ନୀତି କରାଯିବ ନାହିଁ। ତେଣୁ ରାତ୍ର ପହୁଡ଼ ହେବନାହିଁ। ଫଳରେ ଡିସେମ୍ବର ୨୫ ଅର୍ଥାତ୍ ବଡ଼ଦିନ ରାତିସାରା ଠାକୁର ଦର୍ଶନ ଦେବେ ବୋଲି ବୈଠକରେ ଚୂଡ଼ାନ୍ତ ହୋଇଛି।

୨୬ ତାରିଖ ସକାଳ ୮ଘଣ୍ଟା ୨୦ ମିନିଟ୍ ୮ ସେକେଣ୍ଡରେ ପରାଗ ଛାଡ଼ିବା ପରେ ଶ୍ରୀମନ୍ଦିରରେ ନୀତି ଆରମ୍ଭ କରାଯିବ। ପ୍ରଥମେ ପରାଗ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଚାଲିବ। ଏହିଦିନ ଅମାବାସ୍ୟା ପଡୁଥିବାରୁ ଅମାବାସ୍ୟା ନାରାୟଣ ବିଜେ, ଗୁରୁବାର ମାଜଣା ଓ ଏକାନ୍ତ ଆଦି ନୀତି ମଧ୍ୟ କରାଯିବ। ତେଣୁ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ଲାଗି ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ଛତିଶା ନିଯୋଗ ବୈଠକ ବିଳମ୍ବରେ ଡକାଯାଇଥିବା ନେଇ କେତେଜଣ ସେବାୟତ ଉଦ୍‌ବେଗ ପ୍ରକାଶ କରିଥିଲେ। ନୀତି ସବ୍ କମିଟି ପରେ ଛତିଶା ନିଯୋଗ ବୈଠକରେ ପହିଲି ଭୋଗ ନୀତି ଚୂଡ଼ାନ୍ତ ହୁଏ। କିନ୍ତୁ ଚଳିତବର୍ଷ ସୋମବାରଠାରୁ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଗତ ଶୁକ୍ରବାର ନୀତି ସବ୍ କମିଟି ବୈଠକରେ ପହିଲି ଭୋଗ ନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲେ ମଧ୍ୟ ଛତିଶା ନିଯୋଗ ଏହାକୁ ଚୂଡ଼ାନ୍ତ କରି ନ ଥିବା କେତେଜଣ ସବାୟତ ପ୍ରଶ୍ନ କରିଥିଲେ। ଏଭଳି ହେବା କଥା ନୁହେଁ, ତଥାପି ପହିଲି ଭୋଗ ନୀତି ଶୃଙ୍ଖଳିତ ଓ ନିର୍ଘଣ୍ଟ ସମୟରେ ଚାଲିଥିବାରୁ ମୁଖ୍ୟ ପ୍ରଶାସକ ସେବାୟତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ରାତି ନ ପାହୁଣୁ ପହିଲି ଭୋଗ ସାରିବାକୁ ଚେଷ୍ଟା କରାଯିବ ବୋଲି କେତେଜଣ ସେବାୟତ କହିଥିଲେ। ସେହିପରି ପ୍ରାପ୍ୟ ପାଉଣା ବକେୟା ରହିଥିବା କଥା କେତେଜଣ ସେବାୟତ ଉଠାଇଥିଲେ। କେଉଁ ନିଯୋଗ କେବେଠାରୁ ପ୍ରାପ୍ୟ ପାଉଣା ପାଇନାହାନ୍ତି, ସେ ସମ୍ପର୍କରେ ଜଣାଇବା ପାଇଁ ମୁଖ୍ୟ ପ୍ରଶାସକ କହିଥିଲେ। ଏକାଧିକ ନିଯୋଗ ପ୍ରତିନିଧି ଏହାର ଉତ୍ତର ରଖିଥିଲେ। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା।

ଅନ୍ୟପକ୍ଷରେ ନୂଆବର୍ଷରେ ଶ୍ରୀମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେଣୁ ଡିସେମ୍ବର ୩୧ ତାରିଖ ରାତି ୧୧ଟା ପୂର୍ବରୁ ପହୁଡ଼ ଏବଂ ରାତି ୨ଟାରେ ଦ୍ୱାର ଫିଟାଇବାକୁ ଆଲୋଚନା ହୋଇଛି। ଏହାବ୍ୟତୀତ ଦେବାଭିଷେକ ପୂର୍ଣ୍ଣିମା ଓ ମକରସଂକ୍ରାନ୍ତି ନୀତି ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇ ଚୂଡ଼ାନ୍ତ ହୋଇଛି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି, ପହିଲି ଭୋଗ, ସୂର୍ଯ୍ୟୋପରାଗ, ଦେବାଭିଷେକ ପୂର୍ଣ୍ଣିମା ଏବଂ ମକର ସଂକ୍ରାନ୍ତିର ନୀତିକାନ୍ତି ନିର୍ଘଣ୍ଟ ଅନୁସାରେ ସେବାୟତମାନେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ଏହାବ୍ୟତୀତ ଆଉ କିଛି ପ୍ରସଙ୍ଗରେ ସେବାୟତମାନେ ଦୃଷ୍ଟିଆକର୍ଷଣ କରିଛନ୍ତି। ଆସନ୍ତା ୨୦ ତାରିଖରେ ହେବାକୁ ଥିବା ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା କରାଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ସୁରକ୍ଷା ପ୍ରଶାସକ ଅଜୟ କୁମାର ଜେନାଙ୍କ ସମେତ ବିଭିନ୍ନ ନିଯୋଗ ପ୍ରତିନିଧି ଉପସ୍ଥିତ ଥିଲେ।



ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ଏବଂ ଅନ୍ୟମାନେ।

## ଜିଲା ଟିଠି
### ବୌଦ୍ଧ



# ପର୍ଯ୍ୟଟନସ୍ଥଳର ବିକାଶ

ବୌଦ୍ଧ ଜିଲା ପର୍ଯ୍ୟଟନ କ୍ଷେତ୍ରର ଗନ୍ତାଘର। ପ୍ରାଚୀନ କୀର୍ତ୍ତିରାଜି, ଐତିହାସିକ କଳାକୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଏହି ଜିଲାରେ ଭରି ରହିଛି। ଏଠାରେ ଥିବା ଇକୋ ଟୁରିଜମର ପର୍ଯ୍ୟାପ୍ତ ସୁଯୋଗ ଜିଲାର ବିକାଶ ପାଇଁ ବାଟ ଫିଟାଇଛି। ତଥାପି ପର୍ଯ୍ୟଟନସ୍ଥଳର ଉନ୍ନତି ହୋଇପାରୁନି। ଏଥିପାଇଁ ପ୍ରଶାସନିକ ଏବଂ ରାଜନୈତିକସ୍ତରରେ ପ୍ରୟାସ ନାହିଁ। ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ବୌଦ୍ଧ ସହରର ରାଜପ୍ରାସାଦ ନିକଟରେ ଥିବା ପଦ୍ମଫୁଲ ଆକୃତି ସିଂହାସନ ଉପରେ ୭ଫୁଟ ଉଚ୍ଚର ଭୂମିସ୍ପର୍ଶୀ ବୁଦ୍ଧଙ୍କ ମୂର୍ତ୍ତି ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି। କଳା ମୁଗୁନି ପଥରରେ ନିର୍ମିତ ଶାନ୍ତ ମୁଦ୍ରାରେ ଥିବା ଏହି ମୂର୍ତ୍ତିକୁ ଦର୍ଶନ ପାଇଁ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକମାନେ ଆସିଥାନ୍ତି। ସେହି ବୁଦ୍ଧ ମୂର୍ତ୍ତି ଜିଲାର ନାମକୁ ସାର୍ଥକ କରୁଛି। ସେହିପରି ବୌଦ୍ଧ ସହରଠାରୁ ମହାନଦୀ କୂଳେ କୂଳେ ଜଗନ୍ନାଥ ସଡ଼କରେ ଗଲେ ପରଗଲପୁର ଓ ଶ୍ୟାମସୁନ୍ଦରପୁରରେ ରହିଛି ବୁଦ୍ଧବିହାର। ସେହି ବୁଦ୍ଧକୀର୍ତ୍ତି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ଥିଲେ ମଧ୍ୟ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହାକୁ ଗୁରୁତ୍ୱ ଦିଆଯାଇନାହିଁ। ଫଳରେ ତାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ। ବୁଦ୍ଧବିହାରର ଭଗ୍ନାବଶେଷ ମଧ୍ୟ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ। ଅଷ୍ଟମ ଶତାବ୍ଦୀରେ ବୌଦ୍ଧର ଭଞ୍ଜ ରାଜାମାନଙ୍କ ଦ୍ୱାରା ନିର୍ମିତ କାରୁକାର୍ଯ୍ୟରେ ଭରପୂର ଗନ୍ଧରାଡ଼ି ମନ୍ଦିର ଓ ନବମ ଶତାବ୍ଦୀରେ ସୋମବଂଶୀମାନଙ୍କ ଦ୍ୱାରା ବୌଦ୍ଧ ସହରରେ ନିର୍ମିତ ରାମେଶ୍ୱର ମନ୍ଦିର ପର୍ଯ୍ୟଟକମାନଙ୍କ ଦର୍ଶନ ଓ ଗବେଷଣା ପାଇଁ ଅନେକ ସୁଯୋଗ ସୃଷ୍ଟି କରେ। ସେହିପରି ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତର ପାତାଳୀ ଶ୍ରୀକ୍ଷେତ୍ର, ନାୟକପଡା ଗୁମ୍ଫା ଓ କଣ୍ଟାମାଳ ରେଢାମୁଣ୍ଡାର ଦେଢଶୁର ଭାଇବୋହୂ ପାହାଡ ପ୍ରଚାର ପ୍ରସାର ଅଭାବରୁ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ହରଭଙ୍ଗା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ଭୈରବୀଙ୍କ ମନ୍ଦିର, ରାମଗଡ଼ ଓ କରଡିରେ ଥିବା ଶିବ ମନ୍ଦିର, ମହାନଦୀ ନିକଟସ୍ଥ ପଦ୍ମତୋଳା ଅଭୟାରଣ୍ୟ, ତଳଗାଁ ଡମକୁଚର ମନଲୋଭା ପ୍ରାକୃତିକ ଦୃଶ୍ୟ, ମହାନଦୀ ଗର୍ଭରେ ରହିଥିବା ହନୁମାନ ମନ୍ଦିର, ମହାନଦୀ ଭିତରେ ଥିବା ମର୍ଜାକୁଦ ଇକୋ ଟୁରିଜମର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି। ରାଜ୍ୟ ସରକାର ଉପରୋକ୍ତ ପର୍ଯ୍ୟଟନସ୍ଥଳର ବିକାଶ କରାଇପାରିଲେ ବୌଦ୍ଧ ଜିଲା ପର୍ଯ୍ୟଟନ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ସୃଷ୍ଟି କରିବ। ସେହିପରି ପର୍ଯ୍ୟଟନର ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦିଆଗଲେ ଜିଲାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

– ଅଜିତ କୁମାର ବାରିକ




୨୦୧୯-୨୦ ଆର୍ଥିକ ବର୍ଷର ଖରିଫ ଧାନ ସଂଗ୍ରହ

# ଚାଷୀଙ୍କଠାରୁ କିଣା ହେଲା ୯୬,୧୧,୦୨୪ କୁଇଣ୍ଟାଲ ଧାନ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

**ଗତ ବର୍ଷ ତୁଳନାରେ ୪୩ ପ୍ରତିଶତ ଅଧିକ ସଂଗ୍ରହ**

ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୧୯-୨୦ ବର୍ଷ ନିମନ୍ତେ ବୁଧବାର ସୁଦ୍ଧା ୧ଲକ୍ଷ ୪୧ ହଜାର ୫୪୦ ଜଣ ଚାଷୀ ବିଭିନ୍ନ ଧାନ ସଂଗ୍ରହ କେନ୍ଦ୍ର ଜରିଆରେ ମୋଟ ୯୬ ଲକ୍ଷ ୧୧ ହଜାର ୨୪ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ସେହିପରି ଗତବର୍ଷ ତୁଳନାରେ ଚଳିତ ବର୍ଷ ସମାନ ସମୟରେ ଧାନ ସଂଗ୍ରହ ୪୩ ପ୍ରତିଶତ ଅଧିକ ହୋଇଛି।

ଏଯାବତ ୨୭ ଜିଲାର ଚାଷୀମାନଙ୍କୁ ୩ ଲକ୍ଷ ୭୭ ହଜାର ୨୯୮ଟି ଟୋକନ୍ ପ୍ରଦାନ କରାଯାଇଛି। ଏହି ସମୟ ମଧ୍ୟରେ ବରଗଡ଼ର ୫୨,୭୨୭ ଚାଷୀ ମୋଟ ୩୪,୪୧,୯୪୦ କୁଇଣ୍ଟାଲ୍ ଧାନ ବିକ୍ରି କରିଛନ୍ତି। ସେହିପରି ବଲାଙ୍ଗୀରର ୧୦,୫୪୭ ଚାଷୀ ୭,୫୮,୦୨୯ କୁଇଣ୍ଟାଲ, କଳାହାଣ୍ଡିର ୧୯,୩୨୪ ଚାଷୀ ୧୩,୩୮,୨୭୫ କୁଇଣ୍ଟାଲ, ମାଲକାନଗିରିର ୧୦,୨୮୩ ଚାଷୀ ୪,୩୦,୭୯୦ କୁଇଣ୍ଟାଲ, କୋରାପୁଟର ୬୭୭୧ ଚାଷୀ ୫,୩୩,୪୪୨ କୁଇଣ୍ଟାଲ, ନବରଙ୍ଗପୁରର ୩୮୫୩ ଚାଷୀ ୩,୧୬,୧୦୬ କୁଇଣ୍ଟାଲ, ନୂଆପଡ଼ାର ୬୮୫୬ ଚାଷୀ ୩,୪୫,୩୦୭ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ସେହିଭଳି ସମ୍ବଲପୁରର ୧୨,୩୫୫ ଚାଷୀ ୧୦,୦୯,୧୮୮ କୁଇଣ୍ଟାଲ, ସୁବର୍ଣ୍ଣପୁରର ୧୧,୨୪୨ ଚାଷୀ ୯,୨୭,୬୩୬ କୁଇଣ୍ଟାଲ ଏବଂ ସୁନ୍ଦରଗଡ଼ର ୨୨୫୮ ଜଣ ଚାଷୀ ୧ ଲକ୍ଷ ୫୦ ହଜାର ୩୭୩ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି।

# ଏନ୍‌ଏଚ୍‌ଏମ୍ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ବିଦେଶରେ ତାଲିମ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍)ର ଚୁକ୍ତିଭିତ୍ତିକ କର୍ମଚାରୀମାନେ ବିଦେଶରେ ତାଲିମ ପାଇବେ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଏକ ୨୦ ଜଣିଆ ପ୍ରତିନିଧିଦଳ ଥାଇଲାଣ୍ଡ ଗସ୍ତ କରିଥିବା ଜଣାଯାଇଛି। ସୂଚନାନୁଯାୟୀ, ସ୍ୱାସ୍ଥ୍ୟ ମିଶନରେ ଚୁକ୍ତି ଭିତ୍ତିରେ କାର୍ଯ୍ୟରତ ଜିଲା ପ୍ରକଳ୍ପ ଅଧିକାରୀ (ଡିପିଏମ୍), ହସ୍ପିଟାଲ ମ୍ୟାନେଜରଙ୍କ ସମେତ ଆଉ କିଛି କର୍ମଚାରୀ ଏହି ତାଲିମ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଏମାନେ ପ୍ରଥମେ ଚଣ୍ଡିଗଡ଼ସ୍ଥିତ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ (ଏସ୍‌ଜିପିଜିଆଇ)ରେ ଦୁଇଦିନିଆ ତାଲିମ ନେବେ। ଏହା ପରେ ଥାଇଲାଣ୍ଡଠାରେ ସେମାନଙ୍କୁ ତିନିଦିନିଆ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ କର୍ମଚାରୀମାନଙ୍କୁ ଏଭଳି ତାଲିମ ଦିଆଯାଉଥିବା ସୂଚନା ମିଳିଛି। ଉଭୟ ଦେଶ ଭିତରେ ଓ ବାହାରେ କର୍ମଚାରୀମାନଙ୍କୁ ଲିଡରଶିପ୍ ତାଲିମ ପ୍ରଦାନ କରାଯାଉଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଦୁଇଟି ଦଳ ବିଦେଶରେ ତାଲିମ ନେବେ। ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରର ତାଲିମ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି।

ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ 'ମୋ ସରକାର' କାର୍ଯ୍ୟକାରୀ ହେବା ପରେ ନିୟମିତ କର୍ମଚାରୀଙ୍କୁ ବର୍ଷସାରା ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଦେଶ ଭ୍ରମଣର ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଅକ୍ଟୋବରରେ ଘୋଷଣା କରିଥିଲେ। ଏଥିସହିତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ତାଲିମ ପାଇଁ ବିଦେଶ ପଠାଯିବ ବୋଲି କୁହାଯାଇଥିଲା। ସେହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ମିଶନର ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ମଧ୍ୟରୁ ଏକ ଦଳକୁ ତାଲିମ ପାଇଁ ସରକାର ଥାଇଲାଣ୍ଡ ପଠାଇଛନ୍ତି।

■ ବୋତଲରେ ଭୁସି ମହିଳାଙ୍କୁ ହତ୍ୟା ମାମଲା

# ଦୋଷୀଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର ଅଫିସ,୧୮।୧୨

ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ (ଏଡିଜେ) –୧ ଡ.ପ୍ରସନ୍ନ କୁମାର ପଣ୍ଡା ଜଣେ ମହିଳାଙ୍କୁ ବିୟର ବୋତଲରେ ଭୁସି ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ କରିଛନ୍ତି। ଏହିଘଟଣାରେ ଅଭିଯୁକ୍ତ ଟୁନା ଡାକୁଆଙ୍କୁ କୋର୍ଟ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନଦାୟ ଅଧିକ ୧ ବର୍ଷ ଜେଲ ଦଣ୍ଡ ପାଇଁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦର ଗାଁରେ ସଞ୍ଜୁ ବେହେରା କୌଣସି କାରଣରୁ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇ ବାପ ଘରେ ରହୁଥିଲେ। ୨୦୧୮ ଜୁନ ୧୯ରେ ଉକ୍ତ ଥାନା ଅନ୍ତର୍ଗତ ରାଜବ ରୋଡ ବୃଦ୍ଧାଶ୍ରମ ନିକଟରୁ ସଞ୍ଜୁଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଏପରିକି ସେହି ସମୟରେ ପୋଲିସ ଘଟଣାସ୍ଥଳରୁ ରକ୍ତଭିଜା ବିୟର ବୋତଲ ମଧ୍ୟ ଜବତ କରିଥିଲା। ମୃତ ମହିଳାଙ୍କ ଭାଇ ଅଜିତ କୁମାର ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୫/୧୮) ରୁଜୁ କରିଥିଲା। ୨୦୧୮ ଜୁନ ୧୭ ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ କାଉଖତ ଗ୍ରାମର ଟୁନା ଡାକୁଆ ହଳଦିଆପଦର ଆସି ସଞ୍ଜୁଙ୍କୁ ଘରୁ ଡାକି ନେଇଥିଲେ ବୋଲି ଭାଇ ଅଜିତ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଥିଲେ। ପୋଲିସ ଟୁନାଙ୍କୁ ଗିରଫ କରିଥିଲା। ସଞ୍ଜୁଙ୍କୁ ଟୁନା ଭଲ ପାଉଥିବା ବେଳେ ତାଙ୍କ ଚରିତ୍ରକୁ ସନ୍ଦେହ କରି ସେ ହତ୍ୟା କରିଥିଲେ ବୋଲି ପୋଲିସକୁ କହିଥିଲେ। ତତ୍କାଳୀନ ଥାନାଧିକାରୀ ଆଲୋକ ଜେନା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଘଟଣା ପରଠାରୁ ଅଭିଯୁକ୍ତ ଟୁନା ବିଚାରାଧୀନ ବନ୍ଦୀ ଭାବେ ଥିଲେ। ୨୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଜ୍ଞାନେନ୍ଦ୍ର ନାଥ ଜେନା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସୁଧାଂଶୁ ଶେଖର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଗୀତାଞ୍ଜଳି ରଣା



ଲଲାଟେନ୍ଦୁ ମହାପାତ୍ର



ପ୍ରସାଦ କୁମାର ନାୟକ



ସୋନାଲି ପାଣି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଋଣ ପରିଶୋଧକୁ ନେଇ ଉନ୍ମତ୍ତକାଣ୍ଡ

■ ଅଧ୍ୟାପକ ଗିରଫ, ଖେଳଣା ବନ୍ଧୁକ ଜବତ

**ବ୍ରହ୍ମପୁର ଅଫିସ,୧୮।୧୨:** ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଧର୍ମନଗରସ୍ଥିତ ବଜାଜ ଫାଇନାନ୍ସ କମ୍ପାନୀ ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଜଣେ ଅଧ୍ୟାପକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ହାତରେ ଖେଳଣା ବନ୍ଧୁକ ଧରି ସେଠାରେ ସମସ୍ତଙ୍କୁ ଭୟଭୀତ କରୁଥିଲେ। ଟାଉନ ଥାନା ଅଧିକାରୀ ସୁରେଶ କୁମାର ତ୍ରିପାଠୀ ଓ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ଅଭିଯୁକ୍ତ ଜଣକ ବଡବଜାର ଥାନା ଅନ୍ତର୍ଗତ ହାଉସିଂବୋର୍ଡର ଅନୁରୋଧ ପଟ୍ଟନାୟକ। ସେ ଏକ ଇଞ୍ଜିନିୟରିଂ କଲେଜରେ ଅଧ୍ୟାପକ ଥିବା ପୋଲିସ କହିଛି। ତାଙ୍କ ପାଖରୁ ଜବତ ହୋଇଥିବା ବନ୍ଧୁକ ଏକ ଖେଳଣା ଏବଂ ସେ ତାହାକୁ ଅନ୍‌ଲାଇନରେ କ୍ରୟ କରିଥିବା ପୋଲିସ ଜେରାବେଳେ ଜାଣିବାକୁ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅନୁରୋଧ ଉକ୍ତ ସଂସ୍ଥାରୁ ୧୦ ହଜାର ଟଙ୍କା ଋଣ ନେଇଥିଲେ। ସେ କେତେକ କିସ୍ତିରେ ଋଣ ପରିଶୋଧ କରିଥିଲେ। ବଳକା ଟଙ୍କା ଓ ସୁଧ ମିଶି ଅଧିକ ହେଉଥିବାରୁ ସେ ଏହାର ପ୍ରତିବାଦ କରିଥିଲେ। ବୁଧବାର ସନ୍ଧ୍ୟାରେ ଉକ୍ତ ସଂସ୍ଥାରେ ପହଞ୍ଚି ପ୍ରଥମେ ଶାଖା ପ୍ରବନ୍ଧକଙ୍କ ସହ ଝଗଡ଼ା କରିଥିଲେ। ପରେ ବାହାରକୁ ଆସି ଶଟର ପକାଇ ବନ୍ଧୁକ ଦେଖାଇ ସମସ୍ତଙ୍କୁ ଭୟଭୀତ କରିଥିଲେ। ଏପରି କି ସେହି ରାସ୍ତାଦେଇ ଯାତାୟାତ କରୁଥିବା ଲୋକମାନେ ମଧ୍ୟ ଭୟଭୀତ ହୋଇ ଦୌଡ଼ିଥିଲେ। ଉକ୍ତ ସଂସ୍ଥାର ଶାଖା ପରିଚାଳକ ଏସ୍.ମୁରଲୀ ଧରଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ଅଧ୍ୟାପକ ଅନୁରୋଧ ପଟ୍ଟନାୟକଙ୍କୁ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଓଡ଼ିଶାରେ ନିବେଶ ପାଇଁ ଆଇଟି କମ୍ପାନୀଙ୍କୁ ଆମନ୍ତ୍ରଣ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

**ହାଇଦ୍ରାବାଦରେ ତୁଷାରକାନ୍ତି**

■ ଫୋକସ୍‌ରେ ବହୁ ରାଷ୍ଟ୍ରୀୟ କମ୍ପାନୀ

■ ଶିଳ୍ପ ଉଦ୍ୟୋଗୀଙ୍କ ସହ ହେବ ଆଲୋଚନା

ଓଡ଼ିଶାକୁ ସୂଚନା ପ୍ରଯୁକ୍ତି ବିଦ୍ୟା(ଆଇଟି) ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ବିଭିନ୍ନ ଦେଶୀ ଏବଂ ବିଦେଶୀ କମ୍ପାନୀଗୁଡ଼ିକୁ ଓଡ଼ିଶାରେ ନିବେଶ ପାଇଁ ଆମନ୍ତ୍ରଣ ଓ ଉତ୍ସାହିତ କରାଯାଉଛି। ଏହି କ୍ରମରେ ରାଜ୍ୟ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ହାଇଦ୍ରାବାଦ ଗସ୍ତରେ ଯାଇଛନ୍ତି। ଗସ୍ତ ଅବସରରେ ସେ ବିଭିନ୍ନ ଆଇଟି କମ୍ପାନୀର ପଦାଧିକାରୀଙ୍କୁ ସାକ୍ଷାତ କରିବା ସହ ଓଡ଼ିଶାରେ ନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି। ଏଥି ସହ ବିଭିନ୍ନ ଅଗ୍ରଣୀ ଆଇଟି କମ୍ପାନୀଗୁଡ଼ିକର କାର୍ଯ୍ୟାଳୟକୁ ପରିଦର୍ଶନରେ ଯାଇଛନ୍ତି। ବିଶେଷକରି ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଫୋକସ୍ କରାଯାଇଛି। ନିକଟରେ ମୁମ୍ବାଇ ଏବଂ ବେଙ୍ଗାଲୁରୁ ଗସ୍ତରେ ମନ୍ତ୍ରୀ ଯାଇଥିଲେ। ଏବେ ହାଇଦ୍ରାବାଦ ଗସ୍ତରେ ଥିବା ଯୋଗୁ ରାଜ୍ୟରେ ଆଇଟି କ୍ଷେତ୍ରକୁ ଯଥେଷ୍ଟ ଆଗକୁ ନେବାରେ ସହାୟକ ହେବ ବୋଲି ଆଶା କରାଯାଉଛି।



ମନ୍ତ୍ରୀ ତୁଷାରକାନ୍ତି ବେହେରା ହାଇଦ୍ରାବାଦର ଆଇଟି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଆଇଟି କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଷ୍ଟାର୍ଟଅପ୍ ଓଡ଼ିଶା କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ଏବଂ ଓଡ଼ିଶାକୁ ଏକ ସର୍ବବୃହତ୍ ଆଇଟି ହବ୍‌ରେ ପରିଣତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଗସ୍ତର ପ୍ରଥମ ଦିନ ଅର୍ଥାତ୍ ସୋମବାର ମନ୍ତ୍ରୀ ବେହେରା ହାଇଟେକ୍ ସିଟି ଗସ୍ତ କରିଥିଲେ। ଏଥି ସହ ମାଇକ୍ରୋସଫ୍ଟ, ସିବିଆର୍‌ଇ ଏବଂ ବ୍ଲାକ୍ ନାଇଟ୍ ଆଦି ଆଇଟି କମ୍ପାନୀ ବୁଲି ଦେଖି ଥିଲେ। କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କୁ ସାକ୍ଷାତ କରିଥିଲେ। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଉପଲବ୍ଧ ଭିତ୍ତିଭୂମି ଦେଖିବାକୁ ଏକ ସରକାରୀ ଆମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ପର୍ପଲ୍ ଟକ୍ କମ୍ପାନୀର ପ୍ରତିଷ୍ଠାତା ଶ୍ରୀଧର ମୁପ୍ପିଡିଙ୍କ ସହ ରାଜ୍ୟରେ ଆଇଟି କ୍ଷେତ୍ରର ବିକାଶ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଗସ୍ତ ଅବସରରେ ମନ୍ତ୍ରୀ ବେହେରା ତେଲଙ୍ଗାନାର ଶିଳ୍ପ ତଥା ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଛି। ଏତଦ୍‌ବ୍ୟତୀତ ଏସ୍‌ଟିପିଆଇ ଦ୍ୱାରା ଶିଳ୍ପ ଉଦ୍ୟୋଗୀମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ବେହେରା ଯୋଗଦେବେ। ଏଥିରେ ସେ ଗୁଗୁଲ୍, ଡିଜ୍ନି ଏଣ୍ଟରଟେନ୍‌ମେଣ୍ଟ, ଟି-ହବ୍ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ରାଜ୍ୟରେ ଆଇଟିର ବିକାଶ, ଇକୋ-ସିଷ୍ଟମ୍ ଉନ୍ନତୀକରଣ ଏବଂ ପୁଞ୍ଜିନିବେଶ ବିଷୟରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୨୦ତାରିଖରେ ଆମାଜନ୍ ଏବଂ ହାୟସି ଆଦି ଆଇଟି କମ୍ପାନୀ ଗସ୍ତ କରିବେ ମନ୍ତ୍ରୀ ବେହେରା। ମନ୍ତ୍ରୀଙ୍କ ଏହି ଗସ୍ତର ସକାରାତ୍ମକ ପ୍ରଭାବ ପଡ଼ିବ ଏବଂ ବିଭିନ୍ନ ରାଜ୍ୟରେ ଆଇଟିର ବିକାଶ ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ଓ ସେଗୁଡ଼ିକୁ ଓଡ଼ିଶାରେ କିଭଳି କାର୍ଯ୍ୟକାରୀ କରାଯାଇପାରିବ, ସେଦିଗରେ ମନ୍ତ୍ରୀଙ୍କ ଗସ୍ତ ଲାଭଦାୟକ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ହେ ଭଗବାନ ! ଆମର ବାକ୍ୟ ସବୁ ଏବେ ବି ଅଜ୍ଞାନାଚ୍ଛନ୍ନ। ସେ ସବୁକୁ ଆଲୋକିତ କର। ଆମ ଅଭୀପ୍ସା ଏବେ ବି ମଳିନ– ତାକୁ ଶୁଦ୍ଧି କର। ଆମର କର୍ମ ଏବେ ବି ଅସମର୍ଥ –ତାକୁ ସାମର୍ଥ୍ୟପୂର୍ଣ୍ଣ କର।
–ଶ୍ରୀମା



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଶାକାହାରବାଦ ପ୍ରତିବଦ୍ଧତା

ଶୁଦ୍ଧ ଶାକାହାରୀ ଉତ୍ସବ ସମ୍ଭବତଃ ଭଲ। ଏଥିରେ ତୁମକୁ ଶୁଦ୍ଧ ଶାକାହାରୀମାନେ ବିନା ମାଂସ, କ୍ଷୀର, ଅଣ୍ଡାର ବ୍ୟଞ୍ଜନ କରିବା ପାଇଁ ଏକ ପରିବେଶ ସୃଷ୍ଟି କରିଥାନ୍ତି। କିନ୍ତୁ ଏହିସବୁ କାର୍ଯ୍ୟକ୍ରମ କେବଳ ଜିନିଷ ବିକ୍ରିକରିବା ପାଇଁ ଆୟୋଜନ କରାଯାଉଛି। ଏହା ଅନ୍ୟ ପ୍ରାଣୀମାନଙ୍କ ଅଧିକାର ଏବଂ ସ୍ୱାଧୀନତା ରକ୍ଷାକରିବା କିମ୍ବା ରାଜନୈତିକ ଓ ସାମାଜିକ ସକ୍ରିୟତାକୁ ପ୍ରେରଣା ଦେବା ଲାଗି ଉଦ୍ଦିଷ୍ଟ ନୁହେଁ। ଲୋକମାନଙ୍କୁ କମ୍ ଖାଇବା ଲାଗି ପରାମର୍ଶ ଦେବା ପରିବର୍ତ୍ତେ ବେଶି କିଣିବା ପାଇଁ ପ୍ରବର୍ତ୍ତାଉଛନ୍ତି। ନୈତିକ ଆବଶ୍ୟକତା ବଦଳରେ ଶୁଦ୍ଧ ଶାକାହାରବାଦ ଗ୍ରାହକଙ୍କର ଏକ ବ୍ୟକ୍ତିଗତ ପସନ୍ଦ ବୋଲି ବାର୍ତ୍ତା ଦେଉଛନ୍ତି। ପ୍ରାଣୀମାନଙ୍କ ସ୍ୱାଧୀନତା ଲାଗି ଲଢେଇରେ ଶୁଦ୍ଧ ଶାକାହାରବାଦୀଙ୍କ ପାଇଁ ଉପଲବ୍ଧତା ଓ ପକେଟ୍‌ର ଶକ୍ତି ନିର୍ବିବାଦରେ ଏକ ଶକ୍ତିଶାଳୀ ଉପକରଣ। ଶୁଦ୍ଧ ଶାକାହାରୀ ଉତ୍ପାଦର ଚାହିଦା ବୃଦ୍ଧିପାଉଥିବା କହି ଏହି ଉପଭୋକ୍ତାବାଦୀ ଉତ୍ସବ ପୁଞ୍ଜିବାଦକୁ ପ୍ରୋତ୍ସାହନ ଦେଉଛି। ଏହା ସେହି ଢାଞ୍ଚା ଯାହା ସବୁ ପ୍ରାଣୀଙ୍କ ଉତ୍ପୀଡନ ଓ ପଣ୍ୟଦ୍ରବ୍ୟ ଭାବେ ଉପଯୋଗ ଧାରାକୁ ଧରିରଖିଛି। କେତେ ସହଜରେ ଅନେକ ଦେଶରେ ପୁଞ୍ଜିବାଦ ଶୁଦ୍ଧଶାକାହାରୀ ଉପଭୋକ୍ତାଙ୍କ ପସନ୍ଦ ସହ ଖାପଖୁଆଇ ଚାଲିପାରିଛି ତାହା ହିଁ ଦେଖିବାର କଥା।

ବାସ୍ତବରେ ଜଣେ ଭିଗନ୍ ବା ଶୁଦ୍ଧ ଶାକାହାରୀ ତାଙ୍କ ବିଶେଷାଧିକାର ବାହାରେ ବିଚାର କରିବା ଦରକାର। କାହିଁକି ଆମେ ପୃଥିବୀକୁ ସଂକୁଚିତ କରି ଏକ ନର୍କକୁଣ୍ଡ କରିବାକୁ ଅନୁମତି ଦେଇଛୁ, କାହିଁକି ସବୁ ପ୍ରଜାତିର ପ୍ରାଣୀଙ୍କୁ ବ୍ୟବହାର ଓ ହତ୍ୟା କରିବାର ଅଧିକାର ମଣିଷକୁ ଦିଆଯାଇଛି। ଆମେ କେମିତି ବଞ୍ଚିବା ଓ କ'ଣ ଖାଇବା ଏକ ପୁଞ୍ଜିବାଦୀ କମ୍ପାନୀ କାହିଁକି ତାହା ସ୍ଥିର କରିବ। କ୍ୟାନ୍‌ସର ରୋଗୀଙ୍କ କଥା ନ ଶୁଣି କୀଟନାଶକ କମ୍ପାନୀର କଥା ଶୁଣିବାକୁ କେମିତି ଆମେ ଅନୁମତି ଦେବା। କାହିଁକି ମାଂସ ଖାଇବା ସାଧାରଣ ହୋଇଯାଇଛି? ମାଂସ ପାଇବା ଲାଗି ପ୍ରାଣୀଙ୍କୁ ଖାଇବାକୁ ଦେଇ ବଢ଼ାଇବା ଲାଗି କାହିଁକି ୮୦ ପ୍ରତିଶତ ଜଙ୍ଗଲ ଧ୍ୱଂସ କରାଯାଉଛି? ଯେତେବେଳେ ସାମାନ୍ୟ ଏକ ହୋଟେଲ କିମ୍ବା ଅନ୍ୟ କିଛି ଅନାବଶ୍ୟକ ପୁଞ୍ଜିବାଦୀ ଢାଞ୍ଚା ନିର୍ମାଣ କରାଯାଉଛି ସେତେବେଳେ ଯେଉଁମାନେ ଗଛକଟାକୁ ବିରୋଧ କରୁଛନ୍ତି କାହିଁକି ସେମାନଙ୍କୁ ବିକାଶବିରୋଧୀ ବୋଲି ବିବେଚନା କରାଯାଉଛି? ମନୁଷ୍ୟଙ୍କ ଭଳି ସମ୍ପୂର୍ଣ୍ଣ ଭାବନା ଶକ୍ତି ଥିବା ପ୍ରାଣୀମାନଙ୍କୁ କାହିଁକି ପଣ୍ୟଦ୍ରବ୍ୟ ଭାବେ ଦେଖାଯାଉଛି। ଶୁଦ୍ଧ ଶାକାହାରୀମାନେ ଦୟାଳୁ ଏବଂ ସୁଧାରବାଦୀ ହେବା ଦରକାର। ବିଳମ୍ବ ହେବା ପୂର୍ବରୁ ଏହି ସମସ୍ୟା ଉପରେ ବିଚାର କରି ନିଜ ରାସ୍ତା ବାଛିନେବା ଦରକାର।

ନିଜ ଜୀବନଶୈଳୀର ପସନ୍ଦ 'ନୈତିକ ଉପଭୋକ୍ତାବାଦ' ଭଳି ଶୁଦ୍ଧ ଶାକାହାରବାଦକୁ କମ୍ପାନୀଗୁଡିକ ବିକ୍ରି କରୁଛନ୍ତି। ଏଣୁ ପ୍ରାଣୀଙ୍କ ସ୍ୱାଧୀନତା ଏବେ ଶସ୍ତା ହୋଇଯାଇଛି, ଉତ୍ପାଦର ପସନ୍ଦକୁ କମାଇ ଆମେ ଦୋଷମୁକ୍ତ ଅନୁଭବ କରି ଭାବୁଛୁ କି ଆମେ ଆମ କାମ କରୁଛୁ। କିନ୍ତୁ ଶୁଦ୍ଧ ଶାକାହାରୀମାନେ ପ୍ରାଣିଜ ଉତ୍ପାଦ ଖାଇବାକୁ ମନାକରିବା ଦ୍ୱାରା ଏବେ କମ୍ ପ୍ରାଣୀଙ୍କୁ ଯେ ହତ୍ୟା କରାଯାଉଛି ତାହାନୁହେଁ, ଅନେକ କମ୍ପାନୀ ଏହା ସହ ସଂଶ୍ଳିଷ୍ଟ ନୈତିକ ଉତ୍ପାଦଗୁଡିକୁ ବିକ୍ରି କରୁଛନ୍ତି। ପ୍ରାଣୀଙ୍କୁ ନିର୍ଯାତନା ଦେଇ ସେମାନେ ଲାଭ କରୁଛନ୍ତି। ପୁଞ୍ଜିବାଦରେ ନୈତିକ ଉପଭୋକ୍ତାବାଦ ବୋଲି କିଛି ନାହିଁ। 'ପରସ୍ପର ମଧ୍ୟରେ ନିର୍ଯାତନାର ସମ୍ପର୍କ ଥିବା ପେଟ୍ରୋକେମିକାଲ, ଅସ୍ତ୍ରଶସ୍ତ୍ର, ଫ୍ୟାଶନ, ଫାର୍ମାସ୍ୟୁଟିକାଲ ଏବଂ କୃଷିଜାତ ଉତ୍ପାଦର ଶିଳ୍ପ ସହ ମାଂସ ଏବଂ ଡାଇରି ଶିଳ୍ପ କେବଳ ଯେକୌଣସି ପ୍ରକାର ନୈତିକ ଉତ୍ପାଦ କରିପାରିବେ, ଯାହା ଏକ ମିଥ୍ୟା ଧାରଣା' ବୋଲି ଆନିମଲ ଲିବରେଶନ କହେ। ଏଣୁ ପଶୁ ଅତ୍ୟାଚାର ଶେଷକରି ସବୁ ଜୀବଙ୍କ ଲାଗି ସ୍ୱାଧୀନତା ଓ ସ୍ୱତନ୍ତ୍ରତା ଆଣିବା ଶୁଦ୍ଧ ଶାକାହାରବାଦୀ ସଂଗ୍ରାମର ଏକ ଅଂଶ ହେବା ଦରକାର। ଏକ ଦୟାପୂର୍ଣ୍ଣ ସମାଜ ଗଠନ କରିବା ଲାଗି ଶାକାହାରବାଦ ପ୍ରୟାସ କରିବା ଦରକାର। ଟେକ୍ସାସ ବିଶ୍ୱବିଦ୍ୟାଳୟର ପୁରସ୍କାରପ୍ରାପ୍ତ ଲେଖକ, ଅନୁଭବୀ ସାମାଜିକ କର୍ମୀ ପ୍ରାଧ୍ୟାପକ ଷ୍ଟିଭେନ୍ ବିଷ୍ଟ ଉଲ୍ଲେଖ କରିଛନ୍ତି ଯେ, ଶୁଦ୍ଧ ଶାକାହାରବାଦ ଆନୁଷ୍ଠାନିକ କ୍ଷେତ୍ରରେ ଅସଲି ସାମାଜିକ ପରିବର୍ତ୍ତନ ଚାହିଁବା ଆବଶ୍ୟକ। କ୍ରିଟିକାଲ ଆନିମଲ ଷ୍ଟଡିଜ୍‌ର ଲେଖକ ପ୍ରଫେସର ଜନ୍ ସାନ୍‌ବୋନ୍‌ମାଷ୍ଟୁଙ୍କ ଅନୁସାରେ କେବଳ ଇଟିଂ ଗାଇଡ୍‌ଲାଇନର ଗୋଟିଏ ସେଟ୍‌ରେ କ'ଣ ବିପଦ ରହିଛି ତାହାନୁହେଁ, ବରଂ ଯାହା ଜୀବନ ଲାଗି ଅଯୋଗ୍ୟ ତାହା ଆଲୋଚନା ବା ସମୀକ୍ଷାର ବିଷୟ। ପୁଞ୍ଜିବାଦ ଏକ ଟେକ୍‌ନିକାଲ ପାୱାର, ଏକ ବୈଶ୍ୱିକ ପଦ୍ଧତି ଯାହା ଇକୋସାଇଡ୍‌କୁ ବିଶ୍ୱସ୍ତରକୁ ପ୍ରଥମେ ଆଣିପାରିଛି। ମାନବ ସଭ୍ୟତାର ଇତିହାସରେ ଜୈବବିବିଧତା ଏବଂ ବାୟୋମାସ ଏବେ ସବୁଠାରୁ କମ୍ ରହିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ପୁଞ୍ଜିବାଦର ପ୍ରାଣୀ ନିର୍ଯାତନା, ପରିବେଶ ଧ୍ୱଂସ ଓ ଏହାର ଉତ୍ପୀଡ଼ନ ସହ ମଣିଷର ନିର୍ଯାତନା ମଧ୍ୟରେ ସମ୍ପର୍କ ରହିଛି। କାରଣ ମାଂସ ଉଦ୍ୟୋଗ ନିର୍ଯାତନାର ଏକ ଭୟଙ୍କର ଚେହେରା। ଶୁଦ୍ଧ ଶାକାହାରୀ ଆନ୍ଦୋଳନ ମାଂସ ଖାଇବା ନିଷିଦ୍ଧ କରିବା ସଙ୍ଗେ ସଙ୍ଗେ ଏହା ବିରୋଧରେ ସ୍ୱର ଉଠାଇଛି। କିନ୍ତୁ ସେମାନେ ତାଙ୍କ ବଗିଚା ଓ ଚାଷରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ବନ୍ଦ କରିଛନ୍ତି କି?

ଶାକାହାରବାଦ ଏକାକୀ ମାଂସ ବନ୍ଦ କରି ଏହି ଶିଳ୍ପକୁ କ'ଣ ଧ୍ୱଂସ କରିପାରିବ? ପୁଞ୍ଜିବାଦ ଭିତରେ ଚାହିଦା ହ୍ରାସ ପାଇଲେ ମୋଟ ଉପଯୋଗ ବା ବ୍ୟୟ ବୃଦ୍ଧିପାଏ। ଆମେରିକାରେ ଶାକାହାରୀ ଓ ଶୁଦ୍ଧ ଶାକାହାରୀମାନଙ୍କ ସଂଖ୍ୟା ଗତ ଦଶନ୍ଧିରେ ଶୂନରୁ ଲକ୍ଷରେ ପହଞ୍ଚିଥିବାବେଳେ ମୋଟ୍ ମାଂସ ଖାଇବା କମି ନ ଥିଲା। ତେବେ ମାଂସ ଦର କମ୍ ହେବାରୁ ଏହା ବୃଦ୍ଧି ପାଇଥିଲା ଓ ଅଧିକ ପ୍ରାଣୀ ବି ମରିଥିଲେ।

ଭିଗନ୍‌ମାନେ କ'ଣ ପ୍ରାଣିହତ୍ୟା କରୁନାହାନ୍ତି? ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଉଥିବା ପନିପରିବା ଉପଯୋଗ କରିବା ସହ ପ୍ଲାଷ୍ଟିକ୍ ବ୍ୟବହାର, ଜୈବ ଇନ୍ଧନ ସଂଚାଳିତ ପରିବହନ, କୋଇଲା, ଜଳ ବିଦ୍ୟୁତ୍, ସୌରଶକ୍ତି ଉପରେ ନିର୍ଭର କରିବା ଦ୍ୱାରା ହଜାର ହଜାର ପ୍ରାଣୀଙ୍କୁ ଆମେ ହତ୍ୟା କରୁଛୁ। ଯେଉଁ ଭିଗନ୍‌ମାନେ ସୁନା, ରୁପା, ମୁକ୍ତା କିମ୍ବା ଅନ୍ୟ ଯେ କୌଣସି ଷ୍ଟୋନ୍ ଧାରଣ କରିଛନ୍ତି ସେମାନେ ବି ଲକ୍ଷ ଲକ୍ଷ ପ୍ରାଣୀଙ୍କୁ ହତ୍ୟା କରୁଛନ୍ତି। ଜୋତା ହୁଏତ ରବରରେ ତିଆରି ହୋଇପାରେ, କିନ୍ତୁ ପୂରା ଜୋତାକୁ ଯୋଡିବାରେ ପ୍ରାଣୀଙ୍କ ଚମଡ଼ାରୁ ପ୍ରସ୍ତୁତ ଅଠା ବ୍ୟବହାର କରାଯାଏ। ଇନ୍‌ସୁଲିନ ଇଞ୍ଜେକ୍‌ସନ ଗାଈ ଓ ଘୁଷୁରି ଅଗ୍ନ୍ୟାଶୟରୁ ପ୍ରସ୍ତୁତ ହୁଏ। କଥା ହେଉଛି, ଆମେ ଯାହା ବ୍ୟବହାର କରୁଛୁ ତା'ପଛରେ ନିର୍ଯାତନା ଛପି ରହିଛି। ଏଣୁ ଭିଗନ୍ ହେବାକୁ ହେଲେ ଖୁବ୍ କମ୍ ବ୍ୟବହାର କରିବାକୁ ପଡିବ। ଉପଭୋକ୍ତାବାଦ ପୃଥିବୀକୁ ନଷ୍ଟ କରୁଛି। ଖାଦ୍ୟ, ପୋଷାକ, ଜୋତା, ଅଦରକାରୀ ଦାନ୍ତଖୁଣ୍ଟା, ଛତା, ଫେସ୍‌ପ୍ୟାକ୍ ଓ ଲିପ୍‌ଷ୍ଟିକ୍‌କୁ ପରିହାର କରିବା ଦରକାର। ମାଂସ ଖାଇବା ବନ୍ଦ କରି ତୁମର ଅସଂଯତ ଜୀବନଶୈଳୀ ଦ୍ୱାରା ପୃଥିବୀର ପରିବର୍ତ୍ତନ ହୋଇପାରିବ କି? ତୁମ ଟଙ୍କା ଜମା ରଖିଥିବା ବ୍ୟାଙ୍କ୍ ସୁପର୍ ମାର୍କେଟ କିମ୍ବା ମାଂସ ଉତ୍ପାଦନ ସହ ଜଡିତ ଶିଳ୍ପରେ ନିବେଶ କରୁନାହିଁ କି? ବୀମା ସଂସ୍ଥା କଂସେଇଖାନାକୁ ବୀମାଭୁକ୍ତ କରୁନାହାନ୍ତି କି? ଏହିସବୁ ସମସ୍ୟା ଉପରେ ଭିଗନ୍‌ମାନେ ଦୃଷ୍ଟିଦେବା ଉଚିତ। ଯେଉଁ ଉତ୍ପାଦ ମିଳିବା ଉଚିତ ନୁହେଁ ତାହା ଥାକରେ ନ ରହିବା ଆବଶ୍ୟକ। ଏହାର ବିକଳ୍ପ ପସନ୍ଦ ବି ଉପଲବ୍ଧ ହେବା ଉଚିତ ନୁହେଁ। କିନ୍ତୁ ଏହା କରିବାକୁ ହେଲେ ଭିଗନ୍‌ମାନଙ୍କୁ ନିୟମ କରିବା ପାଇଁ ସମୟ ଦେବାକୁ ପଡିବ। ଉପଭୋକ୍ତାଙ୍କ ପସନ୍ଦକୁ ବାଦ୍‌ଦେବା ଏଥିପାଇଁ ଏକମାତ୍ର ଉପାୟ। ମୋ ମତରେ ସିଧାସଳଖ ପଦକ୍ଷେପ ଜଣେ ଭିଗନ୍‌ଙ୍କ ପାଇଁ ଅଧିକ ଗ୍ରହଣୀୟ। ଯାଅ ପରୀକ୍ଷାଗାର କିମ୍ବା କଂସେଇଖାନାରୁ ପ୍ରାଣୀଙ୍କୁ ମୁକ୍ତ କର। ଗୋଟିଏ କଂସେଇଖାନା ଚାରିପାଖରେ ଘେରି ରୁହ ଓ କାମ କରାଇ ଦିଅନାହିଁ। ପ୍ରାଣୀମାନଙ୍କୁ ଆଣୁଥିବା ଟ୍ରକ୍‌କୁ ଅଟକାଅ। ଯଦିଓ ସେମାନେ କମ୍ ପ୍ରାଣୀଙ୍କୁ ରକ୍ଷାକରନ୍ତି ତଥାପି ସେମାନଙ୍କ ଏହି କାର୍ଯ୍ୟ ସାହସିକ ଓ ପ୍ରେରଣାଦାୟକ। କିନ୍ତୁ ପ୍ରାଣୀଙ୍କୁ ବଞ୍ଚାଇବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୂଲ୍ୟ ଦେବାକୁ ପଡିବ। ଅନ୍ୟ ପ୍ରାଣୀମାନଙ୍କ ପ୍ରତି ଆମ ସମାଜର କ୍ରୂରତା ବିରୋଧରେ ସଚେତନତା ଆଣିବା ବି ଗୁରୁତ୍ୱପୂର୍ଣ୍ଣ। ଭିଗନ୍‌ମାନେ ପରିବେଶ ସଚେତନତା ଆଣିଥାନ୍ତି, ଜଳାଶୟ ପରିଷ୍କାର କରନ୍ତି, ବିନା କୀଟନାଶକରେ ଶସ୍ୟ ଉତ୍ପାଦନ କରନ୍ତି ଓ କେବଳ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ଖାଦ୍ୟ ଖାଇଥାନ୍ତି। ଜଣେ ଉପଭୋକ୍ତା ବଦଳରେ ଜଣେ କର୍ମୀଙ୍କ ଭଳି କାର୍ଯ୍ୟ କର। ଶକାହାରବାଦ ପ୍ରତି ପ୍ରତିବଦ୍ଧତା ଖୁବ୍ ଭଲ। ଯେଉଁ ସଂସ୍ଥା ପାରମ୍ପରା, ନିୟମ ଗଢୁଛନ୍ତି ଓ ପ୍ରାଣୀ ନିର୍ଯାତନାକୁ ପ୍ରାଥମିକତା ଦେଉଛନ୍ତି ସେମାନଙ୍କୁ ଆମେ ଶିକ୍ଷା ଦେବାକୁ ପଡିବ, ବାଧା ଦେବା ସହ ସାମ୍ନାସାମ୍ନି ହେବା ବି ଦରକାର।

Email: gandhim@nic.in

# ଭାରତର ଟାଇକୋ ବ୍ରାହେ



ବିଭୁ ପ୍ରସାଦ ମହାପାତ୍ର

'NO MAN EVER WAS GLORIOUS, WHO WAS NOT LABOURIOUS.' ଯୁକ୍ତରାଷ୍ଟ୍ର ଆମେରିକାର 'ଫିଲୋସଫିକାଲ ସୋସାଇଟି'ର ପ୍ରଥମ ସଭାପତି ତଥା ବିଶ୍ୱବିଖ୍ୟାତ ବୈଜ୍ଞାନିକ ବେଞ୍ଜାମିନ୍ ଫ୍ରାଙ୍କ୍‌ଲିନ୍, ଏଫ୍‌ଆର୍‌ଏସ୍ (୧୭୦୬–୧୭୯୦)ଙ୍କର ଏହି ଉକ୍ତିଟି ନିରାଟ ସତ୍ୟ। ପ୍ରତ୍ୟେକ ସଫଳ ମଣିଷ ଅତୀତର ଅଧ୍ୟବସାୟୀ ଅଟନ୍ତି। ଶ୍ରମ, ସାଧନା ଓ ଅଧ୍ୟବସାୟ ହିଁ ସଫଳତାର ହେତୁ। ପଠାଣି ସାମନ୍ତ ଏପରି ଜଣେ ମହାନ୍ ବ୍ୟକ୍ତି ଥିଲେ, ଯେ କି ରାତି ରାତି ଅନିଦ୍ରା ରହି ମହାକାଶୀୟ ପିଣ୍ଡଗୁଡ଼ିକର ଗତିବିଧି ଲକ୍ଷ୍ୟ କରୁଥିଲେ। ସେହି ଶ୍ରମ ଓ ରାତି ଅନିଦ୍ରାର ଫଳ ହେଉଛି 'ସିଦ୍ଧାନ୍ତ ଦର୍ପଣ'।

ପଠାଣି ସାମନ୍ତଙ୍କ ପ୍ରକୃତ ନାମ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର। କିନ୍ତୁ ସେ 'ସାମନ୍ତ ଚନ୍ଦ୍ରଶେଖର' ଓ 'ପଠାଣି ସାମନ୍ତ' ନାମରେ ବହୁଳ ପରିଚିତ। ସେ ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ଅଧୁନା ନୟାଗଡ଼ ଜିଲା ଅନ୍ତର୍ଗତ ଖଣ୍ଡପଡ଼ାରେ ଜନ୍ମଗ୍ରହଣ କରିଥିଲେ। ସେ ଦିନ ଥିଲା ପୌଷ ମାସର କୃଷ୍ଣପକ୍ଷ ଅଷ୍ଟମୀ ତିଥି। ସେତେବେଳେ ଖଣ୍ଡପଡ଼ା ଏକ ଗଡ଼ଜାତ ଅଞ୍ଚଳ ଥିଲା। ବ୍ରିଟିଶ୍ ଶାସନାଧୀନ ଅଞ୍ଚଳ ହେଲେ ହେଁ ରାଜାରାଜୁଡ଼ା ଶାସନ ଚାଲୁଥିଲା। ସେ ରାଜବଂଶରେ ଜାତ ହୋଇଥିଲେ ହେଁ କୌଣସି କାରଣବଶତଃ ତାଙ୍କ ପରିବାର ରୋଷର ଶିକାର ହୋଇ ରାଜ ଅନୁଗ୍ରହରୁ ବଞ୍ଚିତ ହୋଇଥିଲେ। ସାମନ୍ତଙ୍କ ଜନ୍ମ ପୂର୍ବରୁ ତାଙ୍କ ଭାଇ, ଭଉଣୀ ଅତି ଅଳ୍ପ ବୟସରୁ ଶିଶୁ ଅବସ୍ଥାରେ ମରିଯାଉଥିଲେ। ସେତେବେଳେ ଯେଉଁମାନଙ୍କର ସନ୍ତାନସନ୍ତତି ସବୁ ମରିଯାଉଥିଲେ, ତାଙ୍କର ସଦ୍ୟଜାତ ସନ୍ତାନକୁ ନୀଚଜାତିର ଲୋକକୁ ବିକ୍ରି କରୁଥିଲେ କିମ୍ବା 'ପଠାଣି', 'ଅପର୍ତ୍ତି' ଆଦି ନାମକରଣ କରୁଥିଲେ। ପଠାଣି ପାରମ୍ପରିକ ଶିକ୍ଷା ଲାଭକରି ବାଲ୍ୟକାଳରୁ ସଂସ୍କୃତ, ଗଣିତ ଓ ଜ୍ୟୋତିଷଶାସ୍ତ୍ରରେ ପାରଙ୍ଗମ ହେଲେ। ଏତେ ଧୀଶକ୍ତି ଥାଇ ମଧ୍ୟ ସେ ରାଜାଙ୍କଠାରୁ କୌଣସି ସହଯୋଗ ପାଇ ନ ଥିଲେ। ସେଥିନିମନ୍ତେ କବିବର ରାଧାନାଥ ରାୟ (୧୮୪୮–୧୯୦୮) ତାଙ୍କର 'ଦରବାର' କାବ୍ୟରେ ରାଜାଙ୍କୁ 'ଶବର' ଏବଂ ସାମନ୍ତଙ୍କୁ 'ମୋତି' ସହ ତୁଳନା କରିଥିଲେ।

'ମୋତି ମୂଲ କାହୁଁ ଜାଣିବ ଶବର,
ମୋତି ଫିଙ୍ଗି କରେ ଗୁଞ୍ଜାରେ ଆଦର।'

ସାମନ୍ତ ପାରମ୍ପରିକ ଯନ୍ତ୍ର ଓ ବାଉଁଶନଳୀ ତିଆରି କରି ରାତି ଉଜାଗର ରହି ଗ୍ରହ, ନକ୍ଷତ୍ରାଦିର ଗତିବିଧି ଲକ୍ଷ୍ୟ କରିବାରେ ବ୍ୟସ୍ତ ରହିଲେ। ବେଳେବେଳେ ସେ ନିକଟସ୍ଥ ପାହାଡ଼ ଉପରକୁ ଚାଲିଯାଉଥିଲେ।

## ପଠାଣି ସାମନ୍ତଙ୍କ ଜୟନ୍ତୀ ଉପଲକ୍ଷେ

ତାହା ଥିଲା ତାଙ୍କ ନିମନ୍ତେ 'OPEN OBSERVATORY' (ମୁକ୍ତ ପର୍ଯ୍ୟବେକ୍ଷଣାଗାର)। ସଂସ୍କୃତରେ ବ୍ୟୁତ୍ପତ୍ତି ଥିବାରୁ ସେ ପ୍ରାଚୀନ ଖଗୋଳବିତ୍ ଆର୍ଯ୍ୟଭଟ୍ଟ, ବରାହମିହିର ଆଦିଙ୍କର କୃତି ସବୁ ପାଠ କରିବାକୁ ଲାଗିଲେ। ସେଥିରେ କିଛି ତ୍ରୁଟି ଥିବାର ଅନୁଭବ ମଧ୍ୟ କଲେ। ନିରନ୍ତର ନିରୀକ୍ଷଣ ଓ ବହୁଶ୍ରମ ସ୍ୱୀକାର କରି 'ସିଦ୍ଧାନ୍ତ ଦର୍ପଣ' ନାମକ ଗ୍ରନ୍ଥ ରଚନା କଲେ। ସଂସ୍କୃତ ଶ୍ଳୋକରେ ଓ ଓଡ଼ିଆ ଲିପିରେ ଉକ୍ତ ଗ୍ରନ୍ଥ ରଚିତ ହୋଇଥିଲା। ଗଡ଼ଜାତ ଅଞ୍ଚଳର ଏହି ଅନାମଧେୟ ବ୍ୟକ୍ତି ଆଦୌ ପ୍ରଚାରସର୍ବସ୍ୱ ନ ଥିଲେ। ଜନସାଧାରଣଙ୍କଠାରେ ଅପରିଚିତ ଥିବା ସାମନ୍ତଙ୍କ ପ୍ରତିଭାକୁ ଜାଣିପାରିଥିଲେ ଯୋଗେଶ ଚନ୍ଦ୍ର ରାୟ (୧୮୫୯–୧୯୫୬)। ରେଭେନ୍ସା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଥିବା ଯୋଗେଶ ଚନ୍ଦ୍ର ପୁରୀର ପଣ୍ଡିତ ସଭାରେ ୧୯୧୦ ମସିହାରେ 'ବିଦ୍ୟାନିଧି' ଉପାଧି ପାଇଥିଲେ। ସେ ପୂଜ୍ୟପୂଜାଙ୍କୁ ସମ୍ମାନ ଦେବା ଶିଖିଥିଲେ। ତାଙ୍କ ଯୋଗୁ ସାମନ୍ତ ଜନାଦୃତ ହୋଇପାରିଥିଲେ। ସେ 'ସିଦ୍ଧାନ୍ତ ଦର୍ପଣ'ର ଭୂମିକା ଇଂଲିଶ୍‌ରେ ଲେଖିବାରୁ ସାମନ୍ତଙ୍କ ପ୍ରତିଭାକୁ ଇଂରେଜମାନେ ଜାଣିପାରିଲେ ଓ ୧୮୯୩ରେ ତାଙ୍କୁ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ କରିଥିଲେ।

କୌଣସି ଉଚ୍ଚଶିକ୍ଷା ଲାଭ ନ କରି, କେବଳ ପାରମ୍ପରିକ ଶିକ୍ଷା ବଳରେ ଦୂରବୀକ୍ଷଣ ଯନ୍ତ୍ର ବିନା ବ୍ୟବହାରରେ ସାମନ୍ତ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ। ସେଥିପାଇଁ ତାଙ୍କୁ 'ଭାରତର ଟାଇକୋ ବ୍ରାହେ' କୁହାଯାଏ। ଡେନ୍‌ମାର୍କର ସ୍କାନିଆରେ ଜନ୍ମଗ୍ରହଣ କରିଥିବା ବ୍ରାହେ (୧୫୪୬–୧୬୦୧) ଗ୍ରହନକ୍ଷତ୍ରର ଗତିବିଧି ଉପରେ ବହୁତ କାମ କରିଛନ୍ତି। ତାଙ୍କର ସୁଯୋଗ୍ୟ ଶିଷ୍ୟ ଥିଲେ ଜର୍ମାନୀର ଜୋହାନ୍‌ସ କେପ୍‌ଲର (୧୫୭୧–୧୬୩୦)। ସାମନ୍ତ ବାଉଁଶ ନଳୀ ସାହାଯ୍ୟରେ ପାହାଡ଼ର ଉଚ୍ଚତା ମାପି ପାରୁଥିଲେ। ତାଙ୍କର ଗଣନାକୁ ଭିତ୍ତିକରି ଓଡ଼ିଶାର ପଞ୍ଜିକା ପ୍ରସ୍ତୁତ କରାଯାଉଛି। ଏହି ଖଗୋଳ ବିଦ୍ୟା ବିଶାରଦଙ୍କୁ 'NAKED EYE ASTRONOMER' କୁହାଯାଏ। କବିବର 'ଚିତ୍ରୋତ୍ପଳା ନୀରପାୟୀ' ବୋଲି ତାଙ୍କୁ ସମ୍ବୋଧନ କରିଥିଲେ। ଓଡ଼ିଶାର ପୁରପଲ୍ଲୀରେ ପରିଚିତ ସାମନ୍ତ ପୁରୀରେ ୧୮୯୪ ମସିହାରେ ମୃତ୍ୟୁବରଣ କରିଥିଲେ। ରାଧାନାଥ ତାଙ୍କ 'ଦରବାର'ରେ ଉଲ୍ଲେଖ କରିଥିଲେ–

''ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନର ଦେହେ ଥିବ ଯାବତ ହୃଦୟ।''

ଭୋଗଡ଼ା, ଖୋର୍ଦ୍ଧା, ମୋ– ୮୨୭୦୦୮୩୭୫୩

## ଏଇ ଭାରତରେ

ଗୁଜରାଟର ଏକ ଗାଁରେ ହିନ୍ଦୁ–ମୁସଲମାନ ଏକତାର ଛବି ନଜରକୁ ଆସିଛି। ଅମରେଲି ଜିଲାର ଜଲିୟା ଗାଁରେ ପ୍ରତିଦିନ ପବିତ୍ର କୋରାନ ପାଠ କରାଯିବା ସହ ସଂସ୍କୃତରେ ଭଜନ ମଧ୍ୟ ଗାନ କରାଯାଏ। ଏହି ଗାଁରେ ରହନ୍ତି ସୁନ୍ନି ମୁସଲିମ ଲଲିୟା ପରିବାର। ଏହି ପରିବାରର ନୌସିଫ ଲଲିୟାଙ୍କ ବାହାଘରରେ ଦେଖିବାକୁ ମିଳିଛି ଏକ ନିଆରା ପରମ୍ପରା, ଯାହା ସାମ୍ପ୍ରଦାୟିକ ସଦ୍‌ଭାବନା ତଥା ଏକତାର ଉଦାହରଣ ସୃଷ୍ଟି କରିଛି। ନୌସିଫଙ୍କ ସହ ଜାର ଗାଁର ପିନଲ ମୁଛିୟାଙ୍କ ବାହାଘର ହୋଇଥିଲା। ଏହି ବାହାଘରକୁ ଦେଶର ବିଭିନ୍ନ ଜାଗାରୁ ୧୫ ଜଣ ହିନ୍ଦୁ ଧର୍ମଗୁରୁଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଦୁଇଦିନ ଧରି ଆୟୋଜିତ ହୋଇଥିବା ଏହି ବାହାଘରରେ ଦମ୍ପତିଙ୍କୁ ଆଶୀର୍ବାଦ ଦେବା ପାଇଁ ଧର୍ମଗୁରୁମାନେ ମଧ୍ୟ ଜଲିୟାରେ ପହଞ୍ଚିଥିଲେ। ଏମାନେ ଜାର ଗାଁଠାରୁ ଜଲିୟା ଯାଏ ପ୍ରାୟ ୩୫ କିଲୋମିଟର ଶୋଭାଯାତ୍ରାର ନେତୃତ୍ୱ ମଧ୍ୟ ନେଇଥିଲେ। ନୌସିଫଙ୍କ ବାହାଘର ସ୍ଥିର ହେବା ପରେ ତାଙ୍କ ପରିବାର ଏହି ଧର୍ମଗୁରୁମାନଙ୍କୁ ନିମନ୍ତ୍ରଣ କରିବା ଲାଗି ସ୍ଥିର କରିଥିଲେ। ବରପକ୍ଷର ଏହି ନିଷ୍ପତ୍ତିକୁ କନ୍ୟା ପିନଲ୍‌ଙ୍କ ପରିବାର ସହମତି ଜଣାଇଥିଲେ। ହିନ୍ଦୁ–ମୁସଲମାନ ଏକତାକୁ ମଜଭୁତ କରିବା ପାଇଁ ଏହା ଏକ ବଡ ସୁଯୋଗ ବୋଲି ସେମାନେ ଭାବିଥିଲେ। ବାହାଘରରେ ଏଭଳି ପରମ୍ପରା ଲଲିୟା ପରିବାରରେ ତିନିପିଢି ଧରି ପାଳନ କରାଯାଇଆସୁଛି ବୋଲି କୁହନ୍ତି ନୌସିଫଙ୍କ ଚାଚା ରଫିକ୍ ଲଲିୟା। ଏହି ପରମ୍ପରା ତାଙ୍କ ପୂର୍ବଜ ଆପା ଗିଗା ଆରମ୍ଭ କରିଥିଲେ। ସେ ଜୁନାଗଡ଼ ଜିଲା ସତାଧାରରେ ଜଣେ ସନ୍ଥ ଭାବେ ରହୁଥିଲେ। ଲଲିୟା ପରିବାର ମୁଖ୍ୟତଃ ଚାଷ କରନ୍ତି। ଏହି ପରିବାରର ତିନିପୁଅଙ୍କ ମଧ୍ୟରେ ନୌସିଫ ସବା ସାନ। ନୌସିଫଙ୍କ ଦୁଇ ବଡଭାଇଙ୍କର ବି ଏହିଭଳି ବାହାଘର ହୋଇଥିଲା।

## ଚିରନ୍ତନୀ

ମଣିଷ ନ ମାରି ଜୀଇଁପାରେ ଏଥି ନର
ସେହି କଥା ତୁମେ କହିଲ ଥରକୁ ଥର।
କହିଲ, 'ଜାଗରେ ସକଳ ଆହତ' ହତ
'ଜାଗିଉଠ ଆରେ ଏ ଭବର ଭବିଷ୍ୟତ।'
ଦୀନବେଶ ଘେନି ଦୁଇ ହାତ କରି ଖାଲି
ଦୁନିଆ ଭିତରେ ତୁମେଟି ଜାଣିଲ ଚାଲି!

(ତୁମେଟି ଚାଲିବା ଜାଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | 9 | | | | | D | | 3 | | | 6 |
| 8 | | | | D | | | 9 | A | 7 | 6 | | E | | 0 |
| C | | | 0 | | | | | | | | | 8 | 9 | |
| | | 9 | | 3 | 4 | | | | | 5 | | B | C | 2 |
| | | E | | | 7 | | | B | 1 | | | | | |
| | | 5 | | | D | | B | C | | | | | 0 | E |
| | 0 | | | 4 | | | | | | E | 5 | | | 9 |
| | | | | C | 9 | | A | E | | | 1 | | 3 | 7 |
| 9 | 4 | | 5 | | | | | | A | 2 | | C | | |
| | E | | | | B | | | 6 | 3 | 4 | 7 | | | |
| | 8 | 7 | | | | 5 | | | | | | 1 | | B |
| | | 6 | | | | | E | | 2 | 7 | C | | 5 | 8 |
| | | | 1 | | | C | | | | | | 2 | 7 | |
| 4 | | | | | 2 | B | 0 | 7 | | | D | | | A |
| | B | | | | E | A | | D | | | 8 | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | B | 3 | 8 | C | 1 | 7 | 4 | A | 5 | E | D | 6 | 9 |
| 8 | C | E | B | 1 | A | 5 | 9 | 2 | 6 | D | 3 | 7 | 4 | 0 |
| 5 | 1 | D | 7 | E | 2 | 8 | 3 | 6 | 4 | 9 | 0 | B | C | A |
| 3 | 7 | 6 | 0 | 9 | 4 | E | D | A | 1 | B | C | 5 | 8 | 2 |
| 9 | 4 | A | D | 6 | 5 | C | 0 | B | 7 | 2 | 8 | E | 1 | 3 |
| B | 8 | 0 | A | 7 | D | 9 | C | E | 3 | 6 | 5 | 4 | 2 | 1 |
| 7 | 3 | 1 | 5 | B | E | 2 | 6 | 0 | C | A | 4 | 8 | 9 | D |
| 4 | 9 | C | 1 | 0 | 3 | A | 5 | D | 2 | 8 | 7 | 6 | B | E |
| A | 6 | 2 | 4 | C | 9 | B | 8 | 7 | D | E | 1 | 0 | 3 | 5 |
| E | D | 5 | 8 | 2 | 6 | 3 | 4 | 1 | B | 0 | 9 | A | 7 | C |
| 1 | E | 4 | 9 | A | B | D | 2 | 8 | 5 | C | 6 | 3 | 0 | 7 |
| D | 2 | 3 | E | 4 | 0 | 7 | A | C | 8 | 1 | B | 9 | 5 | 6 |
| C | A | 7 | 6 | D | 8 | 0 | B | 5 | 9 | 3 | 2 | 1 | E | 4 |
| 6 | 5 | 8 | 2 | 3 | 1 | 4 | E | 9 | 0 | 7 | D | C | A | B |
| 0 | B | 9 | C | 5 | 7 | 6 | 1 | 3 | E | 4 | A | 2 | D | 8 |

ଗତକାଲିର ଉତ୍ତର



# ଅନ୍ୟ ଆଖିରେ ବଞ୍ଚିବା

ଡ. ସୁବାସ ଚନ୍ଦ୍ର ପାତ୍ର

ମଣିଷ ନିଜ ଆଖିରେ ଦେଖେ, କିନ୍ତୁ ଅନ୍ୟ ଆଖିରେ ବଞ୍ଚେ। ନିଜ ଆଖିରେ ସେ ତା'ର ଦୈହିକ ପ୍ରତିଫଳନ ଦେଖିପାରେ, କିନ୍ତୁ ଅନ୍ୟର ନୈତିକ ଚକ୍ଷୁରେ ସେ ମୂଲ୍ୟାୟିତ ହୁଏ। ପୃଥିବୀର ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଆତ୍ମଜ୍ଞାନ ମାଧ୍ୟମରେ ଆତ୍ମନିରୀକ୍ଷଣ ଦ୍ୱାରା ଆତ୍ମମୂଲ୍ୟାୟନ କରିପାରନ୍ତି। ସାଧାରଣ ସାମାଜିକ ଜୀବନରେ କିନ୍ତୁ ଆମକୁ ଅନ୍ୟର ସକାରାତ୍ମକ ନଜର ଉପରେ ନିର୍ଭର କରିବାକୁ ପଡ଼େ।

ପାରିବାରିକ ଜୀବନରେ ଅନେକ ପୁତ୍ରକନ୍ୟାଙ୍କର ସଫଳ ଜୀବନର ହେତୁ ବାପା, ମା, ଗୁରୁଜନ ବା ଶିକ୍ଷକଙ୍କ ନଜରକୁ ନେଇ ସେମାନଙ୍କର ସଚେତନତା। ଅର୍ଥାତ୍ ପାଠପଢ଼ା, ବୃତ୍ତିଗତ ଅବା କର୍ମମୟ ଜୀବନରେ ସେମାନେ ସଚେତନ ଥାନ୍ତି ସେମାନଙ୍କର କୌଣସି କାମ 'ଅଙ୍କିତ ଭଗବାନ'ଙ୍କ ନଜରରେ ସେମାନଙ୍କୁ ପତିତ ନ କରୁ। ଜ୍ଞାନର ଗରିମା ପ୍ରକଟିତ ହେଉ ବା ନ ହେଉ ଅନ୍ତତଃ ନୈତିକତା ଦୃଷ୍ଟିରୁ ସେମାନେ ସେମାନଙ୍କର ପ୍ରିୟ ଗୁରୁଜନମାନଙ୍କ ଆଗରେ ମୁଣ୍ଡଟେକି ଚାଲିପାରିବାର ଆତ୍ମବିଶ୍ୱାସ ରଖନ୍ତି। ଏକ ବୃହତ୍ତର ସାଧାରଣ ନୈତିକ ଜୀବନ ପାଇଁ ସନ୍ତାନସନ୍ତତିଙ୍କର ଏହି ସଚେତନତା ଯେତିକି ଜରୁରୀ ସେମାନଙ୍କର ବାପା, ମା'ଙ୍କ ପାଇଁ ଏହା ତା'ଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ଅନୁରୂପ ଭାବରେ ବାପା, ମା ଅବା ଗୁରୁଜନମାନେ ମଧ୍ୟ ସେମାନଙ୍କ ପିଲାଛୁଆଙ୍କ ନଜରରେ ଗଳି ନ ପଡ଼ିବା ପାଇଁ ସତତ ଚେଷ୍ଟିତ ହେବା ଉଚିତ। ପିଲାଙ୍କ ଦୋଷତ୍ରୁଟି ବୟସ ବିଚାରରେ କ୍ଷମା କରି ଦିଆଯାଇପାରେ, କିନ୍ତୁ ବାପା, ମା'ଙ୍କ ଅନୈତିକ କାର୍ଯ୍ୟ ସେମାନଙ୍କ ପିଲାମାନଙ୍କୁ ଅସହ୍ୟ ମାନସିକ ଯନ୍ତ୍ରଣା ଦେବା ସହ ସେମାନଙ୍କୁ ଯଥେଷ୍ଟ ସାମାଜିକ ଲାଞ୍ଛନାର ଶିକାର କରାଏ। ବଡ଼ ଦୁଃଖ ଲାଗେ ଶୁଣିବାକୁ ଯେତେବେଳେ ସେମାନଙ୍କର ସ୍କୁଲ ବା କଲେଜର ସହପାଠୀ ବା ସହପାଠିନୀ ପଚାରେ, ''ତୋ ବାପା ବା ତୋ ମା'ଙ୍କୁ ପୋଲିସ କାହିଁକି ବାନ୍ଧିନେଲା? ତୋ ବାପା ସିନା ମୁହଁ ଢାଙ୍କିଥିଲେ, ହେଲେ ଟିଭି ସ୍କ୍ରିନ୍‌ରେ ତାଙ୍କର ନାମ ଲେଖାଥିଲା।'' ଏ ପ୍ରଶ୍ନ କେତେ ବେଦନାଦାୟକ ସେହି କୋମଳମତି ପିଲାମାନେ ଜାଣୁଥିବେ।

ଖାଲି ସାମାଜିକ ଜୀବନ ନୁହେଁ, ସାରସ୍ୱତ ଜୀବନରେ ଏହି ନଜର ସଚେତନତା ଜଣକୁ ଅଧିକ କଳାନିଷ୍ଠ, ସାହିତ୍ୟମନସ୍କ, ଅଧ୍ୟବସାୟୀ କରାଏ। ଲେଖକଙ୍କ ପାଇଁ ପାଠକଙ୍କର ଆଖି ଯେତେବେଳେ ମୂଲ୍ୟବାନ୍ ହୋଇପଡ଼େ, ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ ସେ ନିଜକୁ ଅଧିକ ସାଧନାରତ କରେଇ ନିଜର ସୃଷ୍ଟିକୁ ଅଧିକ ଉନ୍ନୀତ କରେଇବାକୁ ଚେଷ୍ଟାକରେ। କୌତୁକର କଥା ଏହି କାଳ୍ପନିକ ମୂଲ୍ୟାୟନକାରୀଙ୍କ ଅଦୃଶ୍ୟ ଉପସ୍ଥିତି ସାହିତ୍ୟ ବା କଳାର ମାନ ବଢ଼ାଏ, ପରମାୟୁ ବଢ଼ାଏ, ବିଶେଷତଃ ସେହି ଲେଖକ ଯେତେବେଳେ ତଥାକଥିତ କଳ୍ପିତ ମୂଲ୍ୟାୟନକାରୀଙ୍କ ମନମନ୍ଦିରର ଆଦର୍ଶ, ଅମର ସାଧକ ହୋଇଥାନ୍ତି। ବେଳେବେଳେ ଏହାର ଅତିରଞ୍ଜିତ ରୂପ ମଧ୍ୟ ଦେଖିବାକୁ ମିଳିପାରେ ଯାହା ଘଟୁଥିଲା ଇଂଲିଶ ପ୍ରଫେସର ସର୍ବେଶ୍ୱର ଦାସଙ୍କ କ୍ଷେତ୍ରରେ। ଜଣେ ଅତିମାତ୍ରାରେ ବିଦ୍ୱାନ କିମ୍ବଦନ୍ତୀ ଶିକ୍ଷକ ହୋଇ ମଧ୍ୟ, ଯାହାଙ୍କର ଅଧିକାଂଶ ଉଚ୍ଚାରଣ ଥିଲା ପ୍ରେରଣାପ୍ରସୂତ, ନିଜର ଅନେକ କବିତା ଜଣେ ଦୁଇ ଜଣଙ୍କୁ ପଢ଼େଇ ଶେଷରେ ଚିରି ଦେଉଥିଲେ ଏହି କଥା କହି ଯେ ସେ ସବୁର ଗୁଣାତ୍ମକତା ଅଥବା ମୌଳିକତା ବିଷୟରେ ସେ ନିଶ୍ଚିନ୍ତ ନୁହନ୍ତି!

ସାମାଜିକ ତଥା ସାରସ୍ୱତ ଜୀବନରେ ଅନ୍ୟର ନଜର ସଚେତନତା ସବୁବେଳେ ଭୀତିପ୍ରଦ ନୁହେଁ ଅବା ମଣିଷକୁ ସଙ୍କୁଚିତ କରିଦିଏ ନାହିଁ ବରଂ ସ୍ଥଳ ବିଶେଷରେ ଏହା ପ୍ରେରଣାର କାମ କରେ। ଆତ୍ମୀୟସ୍ୱଜନ ବା ପରସ୍ପରର ପରିଚିତ ସାରସ୍ୱତ ବନ୍ଧୁମାନଙ୍କ ପାଇଁ ଏହା ପାରସ୍ପରିକ ପ୍ରଗତିର କାରଣ ମଧ୍ୟ ହୋଇଥାଏ, ଯାହା ଘଟିଥିଲା ମନୋଜ ଦାସ ଓ କବି ବ୍ରଜନାଥ ରଥଙ୍କ ସାରସ୍ୱତ ବନ୍ଧୁତ୍ୱ କ୍ଷେତ୍ରରେ, ବିଶେଷତଃ ସେମାନଙ୍କର ପ୍ରାରମ୍ଭିକ ଜୀବନରେ।

ସଫଳ କଳା ପରି ସଫଳ ପ୍ରେମ ମଧ୍ୟ ଆବଶ୍ୟକ କରେ ଅନୁପସ୍ଥିତି ଭିତରେ ଉପସ୍ଥିତିର ଅନୁଭବ। ପ୍ରେମିକ, ପ୍ରେମିକା ହୁଅନ୍ତୁ ଅବା ସ୍ୱାମୀ, ସ୍ତ୍ରୀ–ଉଭୟେ ଚାହାନ୍ତି ପରସ୍ପରର ନଜରରେ ଅଧିକ ଉଚ୍ଚା ଦେଖାଯିବା। ପ୍ରତିଷ୍ଠିତ ପରିବାର ଅପେକ୍ଷା ସାଧାରଣ ପରିବାରରେ ସୁଖମୟ ଦାମ୍ପତ୍ୟ ଜୀବନର କାରଣ ହୋଇଥାଏ ପରସ୍ପରର 'ଆଖି' ପ୍ରତି ଗୁରୁତ୍ୱ। ଏକ ବେପରୁଆ ବା ହେୟ ମନୋଭାବ ଯୋଗୁ ମଣିଷ ଯେତେବେଳେ ତା' ସାଥୀର ଅପେକ୍ଷମାଣ ଆଖିକୁ ନଜରଅନ୍ଦାଜ କରେ, ସେତେବେଳେ ଏହି ବିଶ୍ୱାସର ଜୀବନ ଭାଙ୍ଗିଯାଏ। ତେଣୁ ପ୍ରେମଜୀବନ କିମ୍ବା ଦାମ୍ପତ୍ୟଜୀବନରେ ଉପସ୍ଥିତ ଆଖି ଅପେକ୍ଷା ଅନୁପସ୍ଥିତ ଆଖି ବେଶି ଶକ୍ତିଶାଳୀ।

ସମୟକ୍ରମେ, ବୟସକ୍ରମେ ପରିବାର, ସମାଜର ସାମୂହିକ ଆଖି ଭଗବାନଙ୍କ ଆଖିର ରୂପ ନିଏ। ଏକ ନୈତିକ, ନୈଷ୍ଠିକ ଜୀବନଯାପନ କାଳରେ ମଣିଷ ଅନୁଭବ କରେ ଏକ ଚକାଡୋଳାର ଉପସ୍ଥିତି। ସେ ଚକାଆଖି ନିରୀକ୍ଷଣର ଅବା କ୍ଷମାର ଅବା କରୁଣାର ହୋଇପାରେ। କିନ୍ତୁ ସେହି ସଚେତନତା ହିଁ ମଣିଷ ପାଇଁ, ସମାଜ ପାଇଁ ଯଥେଷ୍ଟ। ସେ ଆଖି ଈଶ୍ୱରଙ୍କର ହେଉ ବା ପ୍ରକୃତିର, ନିଜ ପ୍ରିୟଜନଙ୍କର ଅବା ମହାପୁରୁଷଙ୍କ ହେଉ, ସେ ଆଖି କାଳକ୍ରମେ ନିଜର ବିବେକରେ ରୂପାନ୍ତରିତ ହୁଏ ଏବଂ ମଣିଷର ପଥପ୍ରଦର୍ଶକ ସାଜେ। ସେହି ପ୍ରକାର ଏକ ଆଦର୍ଶମୟ ଅବସ୍ଥାରେ ପୋଲିସ, ଭିଜିଲାନ୍ସ, ପ୍ରଚଳିତ ଆଇନ, କୋର୍ଟ କଚେରି, ଜେଲଖାନା ଅବାନ୍ତର ହୋଇପଡ଼େ। ତେବେ ପ୍ରଶ୍ନ ଉଠିପାରେ ମଣିଷର ଜଣା ପ୍ରକୃତି ଏବଂ ଦୈନନ୍ଦିନ ଜୀବନରେ ତା'ର ପ୍ରତିଫଳିତ ବ୍ୟବହାର ଦୃଷ୍ଟିରୁ ଏହା କେତେଦୂର ବାସ୍ତବ? ଆଦର୍ଶ ଓ ବାସ୍ତବତା ମଧ୍ୟରେ ସବୁବେଳେ ବ୍ୟବଧାନ ରହେ। ଆଦର୍ଶ ଏକ ସମ୍ଭାବନା, ଏକ ପରିକଳ୍ପନା। ହୁଏତ ଅଣୁସ୍ତରରେ, ବ୍ୟକ୍ତିଗତ ସ୍ତରରେ ଏ ପ୍ରକାର ଆଦର୍ଶର ରୂପାୟନ ସମ୍ଭବ ଯାହା କିଛି ମାତ୍ରାରେ ସାମାଜିକ ଜୀବନକୁ ପ୍ରଭାବିତ କରିପାରେ।

ଭଗବାନ ଅଛନ୍ତି କି ନାହାନ୍ତି ଜଣାନାହିଁ। ତାଙ୍କର ଆଖି ଅଛି କି ନାହିଁ, ତାହା ବି ଜଣାନାହିଁ। ତେବେ ନିଜର ପ୍ରିୟଜନ, ଗୁରୁଜନ, କଳ୍ପିତ ଆଧାତ୍ମିକ ମଣିଷର ଆଖିକୁ ଭଗବାନଙ୍କର ଆଖି ଭାବି କାମ କଲେ ସାଧାରଣ ଜୀବନ ନୈତିକ ଜୀବନରେ ରୂପାନ୍ତରିତ ହୋଇପାରିବ।

ପୂର୍ବତନ କଲେଜ ଅଧ୍ୟକ୍ଷ, ଜେଲରୋଡ୍,
ବାଲେଶ୍ୱର, ମୋ–୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ମାଟିର ଉର୍ବରତା କମୁଛି

ମହାଶୟ,

ଅଧିକ ଧାନ ଅମଳ ପାଇଁ ଜମିରେ ରାସାୟନିକ ସାର ପ୍ରୟୋଗ କରାଯାଉଛି। ପୂର୍ବେ ଜୈବିକ ଖତ ବ୍ୟବହାର କରାଯାଉଥିଲା। ଏହା ଫଳରେ ମାଟିର ଉର୍ବରତା ବୃଦ୍ଧି ସହ ଅଧିକ ଧାନ ଅମଳ ହେଉଥିଲା। ଏବେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ତତ୍କାଳ ଫଳ ମିଳିଲେ ମଧ୍ୟ ଦୀର୍ଘସ୍ଥାୟୀ ଭାବେ ମାଟିର ଉର୍ବରତା ନଷ୍ଟ ହେଉଛି। ଜମିରେ ହେକ୍ଟର ପିଛା ୬୦ କି.ଗ୍ରା. ନାଇଟ୍ରୋଜେନ୍ ବା ୟୁରିଆ, ୩୦ କି.ଗ୍ରା. ଫସଫରସ ଓ ୩୦ କି.ଗ୍ରା. ପୋଟାସିୟମ୍ ବ୍ୟବହାର କଲେ ଅଧିକ ଅମଳ ମିଳିବା ସହ ଜମିର ଉର୍ବରତା ପ୍ରତି କମ୍ ବିପଦ ଥାଏ। ଅଧିକ ୟୁରିଆ ପ୍ରୟୋଗ ହେତୁ ମାଟିର ଅମ୍ଳତ୍ୱ ନଷ୍ଟ ହୋଇ କ୍ଷାର ଓ ଲବଣ ଅଂଶ ବୃଦ୍ଧି ଘଟୁଛି। କେବଳ ଫସ୍‌ଫରସ ନୁହେଁ, ଜମିର ଯବକ୍ଷାରଜାନ, ଆଇରନ, ମାଙ୍ଗାନିଜ, ଜିଙ୍କ୍ ଏବଂ ସଲଫର ପରିମାଣ ମଧ୍ୟ କମି ଯାଉଛି। ଫଳରେ ମାଟିରେ ଥିବା କ୍ଷୁଦ୍ର ଅଣୁଜୀବମାନେ ନଷ୍ଟ ହୋଇ ଯାଉଛନ୍ତି। ଏହି ଅଣୁଜୀବମାନେ ମାଟିର ଉର୍ବରତା ବଢ଼ାଇବାରେ ସାହାଯ୍ୟ କରିଥାନ୍ତି। ପ୍ରଥମତଃ ମାଟିରୁ ଫସଫରସ ପରିମାଣ କମିବାରୁ ଧାନ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ତେଣୁ ମାଟିର ଉର୍ବରତା ବଢାଇବା ନିମନ୍ତେ ଗୋବର, ଧଣିଚା ଓ ଜୈବିକ ସାର ବ୍ୟବହାର ଏକାନ୍ତ ଆବଶ୍ୟକ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଜାଗମରା–ଡୁମୁଡୁମା ରାସ୍ତା ନିର୍ମାଣ ତ୍ୱରାନ୍ୱିତ ହେଉ

ଡୁମୁଡୁମା ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ପ୍ରତ୍ୟେକ ଦିନ ରାଜଧାନୀକୁ ୧୬ ନମ୍ବର ଜାତୀୟ ରାଜପଥ ଓ ଖଣ୍ଡଗିରି ଛକ ଦେଇ ଯିବା ଆସିବା କରନ୍ତି। ଫଳରେ ଖଣ୍ଡଗିରି ଛକରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏହାର ସମାଧାନ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଜାଗମରାରୁ ଡୁମୁଡୁମାକୁ ଏକ ନୂତନ ରାସ୍ତାର ପରିକଳ୍ପନା କରିଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।

ଦୀନବନ୍ଧୁ ପରିଡ଼ା, ପଞ୍ଚସଖାନଗର, ଡୁମୁଡୁମା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୯୪

- ପାକିସ୍ତାନର କରାଚୀ ସହରରେ ରାଜନୈତିକ ହିଂସାକାଣ୍ଡ ଘଟି ୧୦୦ ଜଣ ଲୋକଙ୍କ ମୃତ୍ୟୁ।
- ଓଡ଼ିଶାର ଦୈତାରିଠାରେ ଏକାଧିକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପଠାଇଥିବା ୬ଟି ପ୍ରସ୍ତାବ ମଧ୍ୟରୁ ୩ଟି ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ବଡ଼ଗାଁ ଆଇଟିସିର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

**ବଡଗାଁ, ୧୮।୧୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିସି)ର ବାର୍ଷିକ କ୍ରୀଡା ପ୍ରତିଯୋଗୀତା ବୁଧବାର ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଉପାଧକ୍ଷ ସାରଥି ପାଣ୍ଡେ, ଭୋଇପାଲି ଜୟ ଯବାନ ଜୟ କିଷାନ କୃଷକ ସଙ୍ଗଠନ ସଭାପତି ରବିନ୍ଦ୍ର ପଟେଲ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ଆଇଟିସି ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କ୍ରୀଡା ପ୍ରତିଯୋଗିତାରେ ଉଚ୍ଚଡିଆଁ, ଲମ୍ବଡିଆଁ, ଟ୍ରାକ୍ ଇଭେଣ୍ଟ, କ୍ରିକେଟ, ଫୁଟବଲ ପ୍ରତିଯୋଗିତା ହେବ। ଏହା ଶୁକ୍ରବାର ଉଦଯାପିତ ହେବ । କ୍ରୀଡା ବିଭାଗର ଅଧକ୍ଷ ପ୍ରଶାନ୍ତ ନାଏକ, ସଂଯୋଜକ ମଣ୍ଟୁ ପଣ୍ଡାଙ୍କ ସହିତ ଗାନ୍ଧାରୀ ବାର୍ଲା, ସିପ୍ରାମୟୀ ପରିଡା, ମଧୁସ୍ମିତା, ସୁନୀଲ ନାଏକ, ସଞ୍ଜୟ ଦାସ, ପିଇଟି ଜିତେନ୍ଦ୍ର ବୁଡା ଖେଳ ପରିଚାଳନା କରୁଛନ୍ତି ।

### ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟାନ୍ୱୟନ ଦିଗରେ ଗୁରୁତ୍ୱ ଦିଆଯିବ



**କୁଆଁରମୁଣ୍ଡା,୧୮।୧୨(ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ବିଡିଓ ଭାବେ ମେଥେଡିୟସ ଲାକ୍ରା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କୁଆଁରମୁଣ୍ଡା ବ୍ଲକର ପୂର୍ବ ବିଡିଓ ପିୟୁଷ ଲୋହାରଙ୍କ ଗତ ୨ ମାସ ତଳେ ରାଜଗାଙ୍ଗପୁର ବ୍ଲକକୁ ବଦଳି ହେବା ପରେ ଏହି ଦାୟିତ୍ୱରେ କୁଆଁରମୁଣ୍ଡା ବ୍ଲକର ଏବିଡିଓ ଭବାନୀଶଙ୍କର ପାଢୀ ରହିଥିଲେ। ଏବେ ବିଡିଓ ଭାବେ ମେଥେଡିୟସଙ୍କ ଯୋଗଦାନ ପରେ ବ୍ଲକର ସମସ୍ତ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୁଆଁରମୁଣ୍ଡା ବ୍ଲକର ବିଡିଓ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ଅବସରରେ ସର୍ବପ୍ରଥମେ ଏମ୍‌ଜିଏନ୍‌ଆରଇଜିଏସ୍, ଆବାସ ଯୋଜନା, ବାର୍ଦ୍ଧକ୍ୟଭତ୍ତା ଇତ୍ୟାଦି ଯୋଜନାଗୁଡିକର କାର୍ଯ୍ୟାନ୍ୱୟନ ଦିଗରେ ବିଶେଷ ଗୁରୁତ୍ୱ ଦେବେ ବୋଲି ନୂତନ ବିଡିଓ ଲାକ୍ରା ନିଜର ମତ ଦେଇଛନ୍ତି।

## କେବଲାଙ୍ଗ ଅଞ୍ଚଳ ପରିଦର୍ଶନ କଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ

# ବିଭିନ୍ନ ସମସ୍ୟା ଜଣାଇଲେ ଲୋକେ

**ଲହୁଣୀପଡା, ୧୮।୧୨ (ଡି.ଏନ.ଏ)**



କେବଲାଙ୍ଗ ସିଆରପିଏଫ କ୍ୟାମ୍ପ ପରିସରରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ଟପ୍ପୋଙ୍କ ସହିତ ଅନ୍ୟମାନେ ଉପସ୍ଥିତ।

ସୁନ୍ଦରଗଡ ଜିଲା କେବଲାଙ୍ଗ ଅଞ୍ଚଳକୁ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବିନୟ ଟପ୍ପୋ ପରିଦର୍ଶନରେ ଯାଇ ସ୍ଥାନୀୟ ସିଆରପିଏଫ୍ କ୍ୟାମ୍ପ ପରିସରରେ ଏକ ବୈଠକରେ ଯୋଗଦେଇ ସ୍ଥାନୀୟ ଲୋକମାନଙ୍କର ବିଭିନ୍ନ ସମସ୍ୟା ବୁଝିଥିଲେ। ଏହା ସହିତ ସମସ୍ୟାଗୁଡିକ ସମାଧାନ ପାଇଁ ବିଭାଗୀୟସ୍ତରୀୟ ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। କେବଲାଙ୍ଗ ସିଆରପିଏଫ କ୍ୟାମ୍ପ ପରିସରରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ଟପ୍ପୋ, ଜିଲା ପରିଷଦ ପୂର୍ବତନ ଅଧକ୍ଷ ରଣଜିତ କିଷାନ, ଶ୍ରମିକ ସାମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲା ପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, କେବଲାଙ୍ଗ ସରପଞ୍ଚ ନିତିମା ମୁଣ୍ଡା, ସ୍ୱୟମ୍ଭା ସରପଞ୍ଚ ଅନୀଲ ବାର୍ଲା, ସିଆରପିଏଫ କମାଣ୍ଡାଣ୍ଟ ରାଜେଶ କୁମାର, ଆଇଟିଡିଏଏଇ ହିମଚରଣ ହେମ୍ବ୍ରମ ଏବଂ ବିଭିନ୍ନ ୱାର୍ଡର ସଭ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଲୋକମାନେ ସ୍ଥାନୀୟ ସମସ୍ୟା ଗମନାଗମନ, ପାନୀୟ ଜଳ, ପୋଖରୀ ପୁନଃଉଦ୍ଧାର, ସରକାରୀ

**ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି**

ବିଜୁଳି, ଖେଳ ପଡିଆ, ଟୋପାଡିହି ସ୍ଥିତ ଜଳପ୍ରପାତର ଉନ୍ନତିକରଣ, ଆବଶ୍ୟକ ତୁଳନାରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିଦ୍ୟାଳୟ ମରାମତି ପ୍ରଭୃତି ସମସ୍ୟା ଗୁଡିକ ଆଲୋକପାତ କରିଥିଲେ । ଏହା ସହିତ ଜଙ୍ଗଲି ହାତୀ ଅଞ୍ଚଳରେ ଉତ୍ପାତ କରୁଥିବା ଯୋଗୁ ଅଞ୍ଚଳବାସୀ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ଲୋକମାନେ ଅତିଥିମାନଙ୍କ ଦୃଷ୍ଟିଗୋଚର କରିଥିଲେ। ଉପରୋକ୍ତ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ କେମିତି ପ୍ରତ୍ୟେକ ଯୋଜନାର ସୁବିଧା ସୁଯୋଗ ପାଇ ପାରିବେ ସେ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସମସ୍ତଙ୍କର ମୌଳିକ ସୁବିଧା ପାଇବା ଅଧିକାର ରହିଛି। ବିଭାଗୀୟ ଯୋଜନା ଅନୁଯାୟୀ ଅଞ୍ଚଳର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରମଣୀ ପ୍ରଧାନ, ସିଲେଇ ମୁଣ୍ଡା, ଅଶୋକ ସରକାର, ଦୁର୍ଗା ମୁଣ୍ଡା ସମେତ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।




ଏସ୍‌ଏଚ୍‌ଜି ମହିଳାଙ୍କ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥି।

## ଏସ୍‌ବିଆଇ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ତାଲିମ

**ଲେଫ୍ରିପଡା,୧୮।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଝୁରିମାଲ ଗ୍ରାମପଞ୍ଚାୟତ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳା ମାନଙ୍କୁ ନେଇ ତାଲିମ ଆରମ୍ଭ ହୋଇଛି। ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ ସୁନ୍ଦରଗଡ଼ ପକ୍ଷରୁ ୧୦ ଦିବସୀୟ ତାଲିମ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ସଦର ବିଧାୟିକା କୁସୁମ ଟେଟେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଝୁରିମାଲ ପଞ୍ଚାୟତର ସରପଞ୍ଚ ସରସ୍ୱତୀ କୁମୁରା, ଏସ୍‌ବିଆର ଏସ୍‌ଟିଆଇର ନିର୍ଦ୍ଦେଶକ ଦନାର୍ଦ୍ଦନ ନାଏକ, ସନ୍ଧ୍ୟାରାଣୀ ସତପଥୀ, ହର୍ଷବର୍ଦ୍ଧନ ମୁଣ୍ଡା ଏବଂ କେ.ମନୋହର ନାୟଡୁ ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ଦିଗରେ ଆଲୋକପାତ କରାଯାଇଥିଲା। ତାଲିମ ଶିବିରରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ଦିଗରେ ପେପର ବ୍ୟାଗ୍, ଫାଇଲ ଏବଂ ଲଫାଫା ଇତ୍ୟାଦି ପ୍ରସ୍ତୁତି ଉପରେ ଆଗାମୀ ଦଶଦିନ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ଏସ୍‌ବିଆର ଏସ୍‌ଟିଆଇର ପ୍ରଶିକ୍ଷକ ପ୍ରଭାତ ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ଶେଷରେ ସୁରଜ ଆନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ବହୁ ସଂଖ୍ୟାରେ ସଭ୍ୟା ଭାଗ ନେଇଥିଲେ।

## ସାମାଜିକ ସଶକ୍ତୀକରଣ ଓ ଭିନ୍ନକ୍ଷମ ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସୁନ୍ଦରଗଡ଼ ଗସ୍ତ

**ସୁନ୍ଦରଗଡ଼, ୧୮।୧୨ (ଡି.ଏନ୍.ଏ)**

ସାମାଜିକ ସଶକ୍ତିକରଣ ଓ ଭିନ୍ନକ୍ଷମ ବିଭାଗ ସଚିବ ତଥା ନୋଡାଲ ଅଫିସର ଭାସ୍କର ଜ୍ୟୋତି ଶର୍ମା ଦୁଇ ଦିନିଆଁ ସୁନ୍ଦରଗଡ ଜିଲା ଗସ୍ତରେ ଆସି ବିଭିନ୍ନ ବ୍ଲକ ପରିଦର୍ଶନ କରି ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଛନ୍ତି। ସଚିବ ବାଲିଶଙ୍କରା, ସବଡେଗା, ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟଗୁଡିକରେ ଚାଲୁଥିବା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଓ ଭିନ୍ନକ୍ଷମ ଭତ୍ତା ଯୋଜନାଗୁଡିକର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ସଚିବ ପଞ୍ଚାୟତ ପ୍ରତିନିଧି, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀମାନଙ୍କ ସହ ଆଲୋଚନା କରିବା ସହ ବଡଗାଁ ବ୍ଲକ ଭୋଇପାଲିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କ ସହିତ ଆଲୋଚନା କରିଥିଲେ। ଏଥି ସହିତ ଏହି ବ୍ଲକର ତୁଡାଲଗା ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନଙ୍କ ସହ ମିଶି ମଧାହ୍ନ ଭୋଜନ ଖାଇ ଥିଲେ।



ସଚିବ ଭାସ୍କର ଜ୍ୟୋତି ଶର୍ମା ମଧାହ୍ନ ଭୋଜନ କରୁଛନ୍ତି।

## କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାପନ କରାଗଲା ଟ୍ରୁନାଟ ମେଶିନ

**କୁଆଁରମୁଣ୍ଡା,୧୮।୧୨(ଡି.ଏନ.ଏ)**

ଯକ୍ଷ୍ମା ସମେତ ହେପାଟାଇଟସ୍,ଏଡ୍‌ସ ଭଳି ୨୮ଟି ରୋଗର ଚିହ୍ନଟିକରଣ ନିମନ୍ତେ ଆବଶ୍ୟକ ପଡୁଥିବା କ୍ଲିନିକାଲ ପରୀକ୍ଷା ପାଇଁ ରୋଗୀଙ୍କୁ ଆଉ ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି। ଏ ନେଇ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ଅନୁମୋଦନ କ୍ରମେ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଅତ୍ୟାଧୁନିକ ଟ୍ରୁନାଟ ମେଶିନ ସ୍ଥାପନ କରାଯାଇଛି। ଏହି ମେଶିନ ସାହାଯ୍ୟରେ ପୀଡିତ ବ୍ୟକ୍ତିଙ୍କ କଫକୁ ପରୀକ୍ଷା କରାଯାଇ ଯକ୍ଷ୍ମା ରୋଗ ହୋଇଛି କି ନାହିଁ ତାହା ନିରୂପଣ କରାଯିବା ସହ ଆବଶ୍ୟକ ଔଷଧପତ୍ର ସେବନ ପାଇଁ ପରାମର୍ଶ ଦିଆଯାଇପାରିବ। କେନ୍ଦ୍ର ସରକାରଙ୍କର ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଅଭିଯାନକୁ ସଫଳ କରିବା ପାଇଁ ଓଡିଶାର ସୁନ୍ଦରଗଡ଼ ଜିଲାରେ ସର୍ବପ୍ରଥମେ ଏହି ଅତ୍ୟାଧୁନିକ ମେଶିନ ସ୍ଥାପନ କରାଯାଇଛି। ଏହି ମେଶିନ୍ ସାହାଯ୍ୟରେ ଯକ୍ଷ୍ମା ସମେତ ହେପାଟାଇଟସ୍,ଏଡସଭଳି ୨୮ ପ୍ରକାର ରୋଗର ପରୀକ୍ଷା କରାଯାଇପାରିବ ବୋଲି ଜିଲା ଚିକିତ୍ସା ସଙ୍ଗଠକ ଦୀନବନ୍ଧୁ ମହାକୁଲ ସୂଚନା ଦେଇଛନ୍ତି। ଏହି ମେଶିନ ଚିକିତ୍ସା ସଙ୍ଗଠକ ମହାକୁଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାପିତ ହୋଇଥିବା ବେଳେ ସାମାଜିକ କର୍ମୀ ଅମୂଲ୍ୟ କୁମାର ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଜିଲାପରିଷଦ ପାଣ୍ଠିରୁ କଂକ୍ରିଟ ରାସ୍ତାର ଶିଳାନ୍ୟାସ କରାଯାଉଛି।

## ଜିଲାପରିଷଦ ପାଣ୍ଠିରୁ ପାଞ୍ଚଟି କଂକ୍ରିଟ ରାସ୍ତାର ଶିଳାନ୍ୟାସ

**ଲହୁଣୀପଡା, ୧୮।୧୨ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜିଲାପରିଷଦ ପାଣ୍ଠିରୁ ପାଞ୍ଚଟି କଂକ୍ରିଟ ରାସ୍ତାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଶ୍ରମିକ ସାମୁଖ୍ୟର ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଆବାହକ ସୁନ୍ଦରମଣୀ ପ୍ରଧାନ, ଲହୁଣୀପଡା (କ) ଜିଲାପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, ଲହୁଣୀପଡା (ଖ) ଜିଲା ପରିଷଦ ସଦସ୍ୟ କେଦାର ମାହାନ୍ତ, ଲହୁଣୀପଡା ସରପଞ୍ଚ ଜୁଲିଆନି କାଣ୍ଡିର, ପ୍ୟାରା ବାର୍ଲା ପ୍ରମୁଖଙ୍କ ସମେତ ବିଜେଡି କର୍ମକର୍ତ୍ତା ଯୋଗଦେଇ ଆନୁଷ୍ଠାନିକ ଭାବେ ଶିଳାପୂଜନ କରିଥିଲେ। ବଡପୁରୁଣାପାଣି ପଞ୍ଚାୟତର ପଟାଝରଣ ଗ୍ରାମରେ ଦୁଇଲକ୍ଷ ଟଙ୍କାର ଅନୁଦାନରେ କଂକ୍ରିଟ ରାସ୍ତା ସେହି ପଞ୍ଚାୟତର ଜୁନିଆନି ଗ୍ରାମରେ ଦୁଇଲକ୍ଷ ଟଙ୍କା ଅନୁଦାନର କଂକ୍ରିଟ ରାସ୍ତା, ରାଜାମୁଣ୍ଡା ପଞ୍ଚାୟତ ରାଜାମୁଣ୍ଡା ତେଲିସାହିରେ ତିନି ଲକ୍ଷ ଟଙ୍କାରୁ ଅନୁଦାନର କଂକ୍ରିଟ ରାସ୍ତା, ଲହୁଣୀପଡା ପଞ୍ଚାୟତ ଏଲାବେକା ଗ୍ରାମରେ ତିନି ଲକ୍ଷ ଟଙ୍କା ଅନୁଦାନ କଂକ୍ରିଟ ରାସ୍ତା ଏବଂ କୁର୍ଡା ପଞ୍ଚାୟତ ଲଲେଇ ଗ୍ରାମରେ ଏକ ଲକ୍ଷ ୮୫ ହଜାର ଟଙ୍କା ଅନୁଦାନର କଂକ୍ରିଟ ରାସ୍ତାର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା ଉପସ୍ଥିତ ଥିଲେ। ଭୁବନେଶ୍ୱର ବେହେରା, କାନ୍ଦୁରୁ କିଷାନ, ଅଶୋକ କୁମାର ବେହେରା, ତ୍ରିଲୋଚନ ମାଝି, ବାସୁଦେବ ସାହୁ, ଭଗବାନ କିଷାନ, ଉମେଶ ରାୟ, ମିଥୁନ ପଣ୍ଡା, ସନ୍ତୋଷ ରାୟ, ପଙ୍କଜ ଦାସ, ସୁରେଶ ଭୋଇ ପ୍ରମୁଖ ସହିତ ବହୁ ଦଳୀୟ କର୍ମକର୍ତ୍ତା କର୍ମୀ ଉପସ୍ଥିତ ଥିଲେ।

## ବିଧାନସଭା ଷ୍ଟାଣ୍ଡିଂ କମିଟିର ସୁନ୍ଦରଗଡ଼ ଗସ୍ତ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ସୁନ୍ଦରଗଡ଼, ୧୮।୧୨ (ଡି.ଏନ୍.ଏ)**

ବିଧାନସଭା ଷ୍ଟାଣ୍ଡିଂ କମିଟି ବୁଧବାର ସୁନ୍ଦରଗଡ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୌଦ୍ଧ ବିଧାୟକ ପ୍ରଦୀପ ଅମାତଙ୍କ ନେତୃତ୍ୱରେ ଆସିଥିବା ଏହି କମିଟି ସ୍ଥାନୀୟ ପ୍ରଗତି ମଣ୍ଡପ ଠାରେ ସମୀକ୍ଷା ବୈଠକ ପରେ ରାତିରେ ଝାରସୁଗୁଡା ଅଭିମୁଖେ ଯାତ୍ରା କରିଛନ୍ତି। ହେଲେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଗସ୍ତ ସମ୍ପର୍କୀତ କୌଣସି ସୂଚନା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦିଆଯାଇ ନ ଥିଲା। ଏପରିକି ଜିଲା ସୂଚନା ଓ ଲୋକସମ୍ପର୍କ ଦାୟିତ୍ୱରେ ଥିବା ଜିଲା ସଂସ୍କୃତି ଅଧିକାରୀ ଅନୀଲ କୁମାର କେରକେଟା ମଧ୍ୟ ଏନେଇ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ପ୍ରକାଶ କରିଥିଲେ। ଚିକିଟି ବିଧାୟିକା ଉଷା ଦେବୀ, ରାଉରକେଲା ବିଧାୟକ ସାରଦା ନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ ,ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଓ ଫୁଲବାଣୀ ବିଧାୟକ ଏହି କମିଟିରେ ସାମିଲ ଥିଲେ।

## ରାଜ୍ୟସ୍ତରୀୟ ସେପାକ ଟାକ୍ରୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୧୮।୧୨ (ଡି.ଏନ୍.ଏ)**

ସ୍ଥାନୀୟ ଭବାନୀ ଭବନ ପଡିଆଠାରେ ବୁଧବାର ଠାରୁ ୨୧ତମ ରାଜ୍ୟସ୍ତରୀୟ ମହିଳା ଏବଂ ପୁରୁଷ ସିପାକ ଟାକ୍ରୋ ପ୍ରତିଯୋଗିତା ଆରମ୍ଭ ହୋଇଛି। ୨ଦିନଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନଙ୍କୁ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ସ୍ୱାଗତ ଜଣାଇଥିଲେ। ପ୍ରଥମ କରି ସୁନ୍ଦରଗଡରେ ଏଭଳି ଖେଳର ପ୍ରତିଯୋଗିତା ଆୟୋଜନ ହୋଇଥିବା ନେଇ ଖୁସି ବ୍ୟକ୍ତ କରିବା ସହ ସୁନ୍ଦରଗଡ଼ବାସୀ ମଧ୍ୟ ଉତ୍ସାହିତ ଥିବା କହିଥିଲେ। ଏହା ପରେ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ୨୨ଟି ଜିଲାର ଖେଳାଳିମାନେ ସିପାକ ଟାକ୍ରୋର ସୁନ୍ଦରଗଡ ଜିଲା ସଭାପତି ଅଜୟ ପଟେଲଙ୍କ ନେତୃତ୍ୱରେ ସହର ପରିକ୍ରମା କରିଥିଲେ। ଅପରାହ୍ନ ୩ଟା ରେ ପୌରନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଗଞ୍ଜାମ ଓ ନବରଙ୍ଗପୁର ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ଗଞ୍ଜାମ ବିଜୟୀ ହୋଇଛି। ସଭାପତି ପଟେଲଙ୍କ ତତ୍ତ୍ୱାବଧାନରେ ଜିଲା ସମ୍ପାଦକ ମନୋଜ ପଟ୍ଟନାୟକ, ଦିଲୀପ ପଟେଲ, ମନୀଷ ପଟେଲ, ଏମ୍.ଡି ଗୁଲଫାମ୍, ମନୋଜ ପୁରୋହିତ, ରଘୁବୀର ପାଣ୍ଡେ, ଲକ୍ଷ୍ମୀଧର ପଣ୍ଡା, ଗିରିଜା ନନ୍ଦିନୀ ସହାୟ, ଜନାର୍ଦ୍ଦନ ପାଣିଗ୍ରାହୀ, ରୂପକ ପ୍ରସାଦ, ସଞ୍ଜିବ ସିଂ ପ୍ରମୁଖ ଏହି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରୁଛନ୍ତି।




ଖେଳାଳିମାନଙ୍କୁ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ସ୍ୱାଗତ ଜଣାଉଛନ୍ତି।






ଜେଆରସିର ୨ୟ ଦିବସର ଉଦଘାଟନୀ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା, ପ୍ରଶିକ୍ଷଣ ଶିବିରର ୨ୟ ଦିବସ

# ବିପନ୍ନଙ୍କ ସେବା, ସହାୟତା ରେଡକ୍ରସର ମୂଳମନ୍ତ୍ର

**କୁଆଁରମୁଣ୍ଡା,୧୮।୧୨(ଡି.ଏନ.ଏ.)**

ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା ଅନ୍ୟ ଯେକୌଣସି ଅଘଟଣ ପ୍ରତ୍ୟେକ କ୍ଷେତ୍ରରେ ରେଡ଼କ୍ରସ ସଂସ୍ଥାର କର୍ମକର୍ତ୍ତାମାନେ ସଦାସର୍ବଦା ସଜାଗ ରହି ଉଦ୍ଧାର ଓ ସହାୟତା କରିଥାଆନ୍ତି। ରେଡକ୍ରସର ଲକ୍ଷ୍ୟ କେବଳ ଲୋକଙ୍କ ଠାରୁ ରକ୍ତ ସଂଗ୍ରହ କରିବା ନୁହେଁ,ସଂଗୃହୀତ ରକ୍ତକୁ ବିପନ୍ନ ଅସହାୟ ରୋଗୀଙ୍କୁ ମାଗଣାରେ ପ୍ରଦାନ କରି ଜୀବନ ବଞ୍ଚାଇବା ପାଇଁ ପ୍ରୟାସ ବୋଲି ବୁଧବାର କୁଆଁରମୁଣ୍ଡା ହରିହର ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ତ୍ରିଦିବସୀୟ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ୨ୟ ଦିବସର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ୨ୟ ଦିବସ କାର୍ଯ୍ୟକ୍ରମରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରେମିଶ କେର୍କେଟା,ପୂର୍ବତନ ବିଧାୟକ ଜର୍ଜ ତିର୍କୀ, କୁଆଁରମୁଣ୍ଡା ବ୍ଲକ ଏବିଇଓ ମୋହନ କୁମାର, ଖବରଦାତା ମହେନ୍ଦ୍ର କୁମାର ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ଠୁରକା ସିଂ,ଜିଲା ଶାରୀରିକ ଶିକ୍ଷା ନିରୀକ୍ଷିକା ସଂଯୁକ୍ତା ବହିଦାର, ହରିହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜେଆରସି କାର୍ଯ୍ୟକ୍ରମ ଆୟୋଜନର ସଞ୍ଚାଳନ ସମ୍ପାଦକ ଶ୍ରୀବତ୍ସ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସମସ୍ତ ଅତିଥିମାନଙ୍କୁ ଜେଆରସି ପକ୍ଷରୁ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୁନିୟର ରେଡକ୍ରସ ସଂସ୍ଥାର ରାଜ୍ୟ ସଂଯୋଜକ ବିଭୀଷଣ ବାରିକ ମଞ୍ଚ ପରିଚାଳନା କରିଥିଲେ। ଅନୁରୂପଭାବେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ(କୋଠା)ର ରାଜ୍ୟ ମୁଖ୍ୟଯନ୍ତ୍ରୀ ସୁରେଶ ଚନ୍ଦ୍ର ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗର ସୁନ୍ଦରଗଡ଼ ଜିଲା ଅଧିକ୍ଷଣ ଯନ୍ତ୍ରୀ ଚିତ୍ତରଞ୍ଜନ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ବିଭାଗ, ରାଉରକେଲାର ନିର୍ବାହୀ ଯନ୍ତ୍ରୀ ସୁଶିଲ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ରେଡକ୍ରସ ସଂସ୍ଥାର ସେବାକାର୍ଯ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ।



ନିର୍ଭୟା ବଳାତ୍କାରୀଙ୍କୁ ଫାଶୀ ଦେବାରେ ବିଳମ୍ବ ଯନ୍ତ୍ରଣାଦାୟକ ବୋଲି ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ଅଧକ୍ଷା ରେଖା ଶର୍ମା କହିଛନ୍ତି। ଅପରାଧୀ ଅକ୍ଷୟ ସିଂଙ୍କ ରିଭ୍ୟୁ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିବାରୁ ଶର୍ମା ଏହାକୁ ସ୍ୱାଗତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ୨୦୧୭ ରାୟର ପୁନର୍ବିଚାର ପାଇଁ ଅକ୍ଷୟ କୁମାର ଆବେଦନ କରିଥିଲେ।



ସିଏଏ-ଏନ୍‌ଆର୍‌ସି ବିରୋଧରେ ଆଲିଗଡ଼ର ସରାଇ ହାକିମ୍‌ରେ ବିକ୍ଷୋଭ ବେଳେ ସ୍ଥାନୀୟ ଲୋକଙ୍କୁ ଅଟକାଉଛି ପୋଲିସ।



ଗୁଆହାଟୀରେ ମୂକ ଓ ବଧିର ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।



ଲକ୍ଷ୍ନୌସ୍ଥିତ ୟୁପି ବିଧାନସଭା ନିକଟରେ ସିଏଏ ବିରୋଧୀ ବିକ୍ଷୋଭ କରୁଥିବା ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) କର୍ମୀଙ୍କୁ ପୋଲିସ ଅଟକାଉଛି।

# ଦେଶକୁ ନୁହେଁ, ଆଇନକୁ ବିରୋଧ

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ବିବାଦୀୟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧୀ ବିକ୍ଷୋଭ ଥମିବାର ନାଁ ନେଉନାହିଁ। ଦିଲ୍ଲୀ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ (ଜେଏମ୍‌ଆଇୟୁ) ଛାତ୍ରୀଛାତ୍ର ବୁଧବାର କ୍ୟାମ୍ପସ୍‌ର ଗେଟ୍ ନମ୍ବର ୭ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ସହ ସ୍ଥାନୀୟ ଲୋକେ ମଧ୍ୟ ସାମିଲ ହୋଇଛନ୍ତି। ବିକ୍ଷୋଭକାରୀମାନେ ହାତରେ ଭାରତର ଏକ ବିଶାଳ ମାନଚିତ୍ର ଧରି ରାସ୍ତାକୁ ଓହ୍ଲାଇଥିଲେ। ସିଏଏ ପ୍ରତ୍ୟାହାର ଦାବିରେ ସେମାନେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ସରକାର ଓ ଦିଲ୍ଲୀ ପୋଲିସ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆମେ ଜିତିବୁ କି ହାରିବୁ ତାହା ଆମକୁ ଜଣାନାହିଁ। କିନ୍ତୁ ଲଢ଼େଇ ଜାରି ରହିବ ବୋଲି ଜଣେ ଛାତ୍ର ଉଦ୍‌ବୋଧନ ଦେଇଥିଲେ। ଅପରାହ୍ଣ ଗୋଟାଏରେ ଆଖପାଖର ସ୍କୁଲ ଛାତ୍ରୀଛାତ୍ର ଓ ଅନ୍ୟ ବର୍ଗର ଲୋକେ ଏଥିରେ ସାମିଲ ହେବା ପରେ ବିକ୍ଷୋଭ ଜୋର୍ ଧରିଥିଲା। ବିକ୍ଷୋଭକାରୀଙ୍କ ମଧ୍ୟରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ର ସଂସଦର ପୂର୍ବତନ ଅଧ୍ୟକ୍ଷ କହ୍ନେୟା କୁମାର ଏବଂ ସାମାଜିକ କର୍ମୀ ମେଧା ପାଟକର ଥିଲେ। ଜାମିଆ ଶିକ୍ଷକ ସଂଘ ମଧ୍ୟ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିଲା। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷାନୁଷ୍ଠାନର ୫୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଗବେଷଣା ଛାତ୍ର ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଥିଲେ, 'ଆମେ ସିଏଏ ବିରୋଧୀ କିନ୍ତୁ ଦେଶ ବିରୋଧୀ ନୋହୁଁ।'




### ସିଏଏ ପ୍ରତ୍ୟାହାର ଦାବିରେ ଜାମିଆରେ ବିକ୍ଷୋଭ ଜାରି

## ବାମପନ୍ଥୀଙ୍କ ଆନ୍ଦୋଳନ ଆଜି

**ନୂଆଦିଲ୍ଲୀ,୧୮।୧୨:** ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ବିରୋଧ କରି ବାମପନ୍ଥୀ ଦଳଗୁଡ଼ିକ ଗୁରୁବାର ଦେଶବ୍ୟାପୀ ବିକ୍ଷୋଭ କରିବେ। ସିପିଆଇ, ସିପିଆଇ(ଏମ୍‌ଏଲ୍) ଲିବରେଶନ୍, ଏଆଇବିଏଫ୍ ଏବଂ ଆର୍‌ଏସ୍‌ପି ଏହି ଆନ୍ଦୋଳନରେ ସାମିଲ ହେବେ। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏନେଇ ବୁଧବାର ବାମଦଳଗୁଡ଼ିକ ପକ୍ଷରୁ ଏକ ବିବୃତି ଜାରି କରିଛନ୍ତି। ସମ୍ବିଧାନରେ ନାଗରିକତ୍ୱ କୌଣସି ଧର୍ମ ସହିତ ସମ୍ପୃକ୍ତ ନୁହେଁ। ନାଗରିକତ୍ୱକୁ ଧର୍ମ ସହିତ ଯୋଡ଼ି ସରକାର ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ବିଷକୁ ବିସ୍ତାର କରୁଛନ୍ତି। ଏଥିଯୋଗୁ ଦେଶରେ ହିଂସା ଓ ଘୃଣା ବଢ଼ିବାରେ ଲାଗିଛି ବୋଲି ୟେଚୁରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କେନ୍ଦ୍ର ସରକାରଙ୍କ ଅସାମ୍ବିଧାନିକ ପଦକ୍ଷେପ ବିରୋଧରେ ହେବାକୁ ଥିବା ବିକ୍ଷୋଭରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଜିଲା କମିଟିଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।



ସୀତାରାମ ୟେଚୁରୀ

# ସିଏଏର ବୈଧତା ପରଖିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୧୨ (ପି.ଟି./ଆଇଏଏନ୍‌ଏସ୍)

- ସ୍ଥଗିତାଦେଶ ଦେବାକୁ ମନାକଲେ
- ଦାଏର ହୋଇଛି ୬୦ରୁ ଊର୍ଦ୍ଧ୍ୱ ପିଟିଶନ
- ଜବାବ ଦାଖଲ ପାଇଁ କେନ୍ଦ୍ରକୁ ନୋଟିସ
- ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୨୨ରେ

ଦେଶବ୍ୟାପୀ ହିଂସାତ୍ମକ ବିକ୍ଷୋଭର କାରଣ ପାଲଟିଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଉପରେ ସ୍ଥଗିତାଦେଶ ଜାରି କରିବାକୁ ବୁଧବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ତେବେ ଏହି ନବପ୍ରଣୀତ ଆଇନର ସାମ୍ବିଧାନିକ ବୈଧତା ଯାଞ୍ଚ କରିବା ଲାଗି ଅଦାଲତ ରାଜି ହେବା ସହ ଏହାକୁ ନେଇ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ସିଏଏକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ପିଟିଶନଗୁଡ଼ିକର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୨୨ରେ କରାଯିବ ବୋଲି ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

ନୂଆ ନାଗରିକତ୍ୱ ଆଇନ ଅନୁସାରେ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତକୁ ଆସିଥିବା ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ଅଣମୁସ୍‌ଲିମ ଶରଣାର୍ଥୀମାନେ ଏଠାକାର ନାଗରିକତ୍ୱ ପାଇବେ। ପାର୍ଲାମେଣ୍ଟରେ ଏ ସମ୍ପର୍କିତ ବିଲ୍ ପାସ୍ ହେବା ପରେ ଡିସେମ୍ବର ୧୨ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇଛି। ଏହି ବିବାଦୀୟ ଆଇନ ବିରୋଧରେ ଇଣ୍ଡିଆନ୍ ୟୁନିୟନ୍ ମୁସ୍‌ଲିମ୍ ଲିଗ୍ ଏବଂ କଂଗ୍ରେସ ନେତା ଜୟରାମ ରମେଶଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର ହୋଇଛି। ସିଜେଆଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ବି.ଆର. ଗଭାଲି ଓ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ସେଗୁଡ଼ିକର ଶୁଣାଣି କରି ସିଏଏ ଉପରେ ସ୍ଥଗିତାଦେଶ ଜାରି କରିବାକୁ ମନାକରିଦେଇଛନ୍ତି। ସଂଶୋଧିତ ଆଇନ ସମ୍ପର୍କରେ ଲୋକେ ଅବଗତ ନ ଥିବାରୁ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାର୍ବଜନୀନ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ



କରୁଥିବା ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ନାଗରିକମାନଙ୍କୁ ସଚେତନ କରିବା ପାଇଁ ଶ୍ରାବ୍ୟ-ଦୃଶ୍ୟ (ଅଡିଓ-ଭିଜୁଆଲ) ମାଧ୍ୟମରେ ଆଇନ ସମ୍ପର୍କରେ ବିବରଣୀ ପ୍ରକାଶ କରିବାକୁ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଅନୁରୋଧ କରିଥିଲେ। ତେବେ ଆମେ ଏ ସମ୍ପର୍କରେ ପ୍ରକାଶ କରିବା ପାଇଁ ଖୁସି ବୋଲି ବେଣୁଗୋପାଳ ଅଦାଲତଙ୍କୁ କହିଥିଲେ। ଶୁଣାଣି ବେଳେ ଜଣେ ଆବେଦନକାରୀଙ୍କ ଓକିଲ ରାଜୀବ ଧୱନ କହିଥିଲେ, ଏହି ଆଇନର ନିୟମଗୁଡ଼ିକ ପ୍ରସ୍ତୁତ କରାଯାଇନାହିଁ। ତେଣୁ ଏହା ଉପରେ ସ୍ଥଗିତାଦେଶ ଜାରି କରାଯାଉ। ଆଟର୍ନି ଜେନେରାଲ ବେଣୁଗୋପାଳ ଏହାକୁ ବିରୋଧ କରି କହିଥିଲେ, କୌଣସି ଆଇନକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଲେ ତା' ଉପରେ ସ୍ଥଗିତାଦେଶ ଜାରି କରାଯାଇ ପାରିବ ନାହିଁ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ୪ ଥର ରାୟ ଦେଇସାରିଛନ୍ତି। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ସିଏଏ ଉପରେ ଆମେ ସ୍ଥଗିତାଦେଶ ଜାରି କରିବାକୁ ଯାଉନାହୁଁ। ଜାନୁୟାରୀ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

## ୨ ଭାଜପା ଏମ୍‌ପି ଗିରଫ



ନିଶିଥ୍ ପ୍ରାମାଣିକ



ଖଗେନ୍ ମୁର୍ମୁ

**କୋଲକାତା,୧୮।୧୨:** ପଶ୍ଚିମବଙ୍ଗର ମାଲ୍‌ଦାସ୍ଥିତ ଭଲୁକା ରୋଡ୍ ଷ୍ଟେଶନରେ ସିଏଏ ବିରୋଧୀ ବିକ୍ଷୋଭ ବେଳେ ଭଙ୍ଗାରୁଜା ଓ ଜଳାପୋଡ଼ା ହୋଇଥିଲା। ଉକ୍ତ ରେଳ ଷ୍ଟେଶନକୁ ପରିଦର୍ଶନରେ ଯାଉଥିବାବେଳେ ଦୁଇଜଣ ଭାଜପା ଏମ୍‌ପିଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ନିଶିଥ୍ ପ୍ରାମାଣିକ ଓ ଖଗେନ୍ ମୁର୍ମୁ। ଆଇନଶୃଙ୍ଖଳା ଭଙ୍ଗ ଆଶଙ୍କା କରି ପୋଲିସ ଉଭୟଙ୍କୁ ହାଜତକୁ ନେଇଛି। ଦୁହେଁ ପୋଲିସ କର୍ଡନ ଭାଙ୍ଗି ଆଗକୁ ବଢ଼ୁଥିବାବେଳେ ଗିରଫ ହୋଇଛନ୍ତି।

### ଧ୍ୱସ୍ତ ରେଳଷ୍ଟେଶନ ଦେଖିବାକୁ ଯାଉଥିଲେ

## ହିଂସାକୁ ନେଇ ଜାତିସଂଘର ଉଦ୍‌ବେଗ

ଜାତିସଂଘ,୧୮।୧୨(ପି.ଟି)

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ବିରୋଧ କରି ଭାରତରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିବାରୁ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏହାକୁ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଚିନ୍ତା ପ୍ରକଟ କରିବା ସହ ମତାମତ ଦେବାର ଅଧିକାରକୁ ସମ୍ମାନ ଜଣାଇବା ଲାଗି ଆହ୍ୱାନ ଦେଇଛନ୍ତି। ସିଏଏ ଅନୁଯାୟୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ୨୦୧୪ ଡିସେମ୍ବର ପୂର୍ବରୁ ଭାରତରେ ଆସି ରହିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିୟାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ଏହାକୁ ଦେଶର ବିଭିନ୍ନ ଭାଗରେ ଜୋରଦାର ବିରୋଧ କରାଯାଉଛି। ଏଭଳି ଆଇନ ଅସାମ୍ବିଧାନିକ ଓ ପକ୍ଷପାତମୂଳକ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରୁଛନ୍ତି। ଆନ୍ଦୋଳନକୁ ଦମନ କରିବା ଲାଗି ପୋଲିସର ବଳପ୍ରୟୋଗ ଅଭିଯୋଗ ହୋଇଛି। ସଂଯମତା ଅବଲମ୍ବନ କରିବା ସହ ଅଭିବ୍ୟକ୍ତି ଓ ମତାମତ ପ୍ରଦାନର ଅଧିକାରକୁ ସମ୍ମାନ ଜଣାଇବା ଲାଗି ଆମେ ଆହ୍ୱାନ ଦେଉଛୁ ବୋଲି ଗୁଟେରେସ୍‌ଙ୍କ ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍ ଗଣମାଧ୍ୟମକୁ କହିଛନ୍ତି। ପୂର୍ବରୁ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ମୁଖପାତ୍ର ମଧ୍ୟ ସିଏଏରେ ପକ୍ଷପାତମୂଳକ ନୀତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।



ଅଭିବ୍ୟକ୍ତି ଓ ମତାମତ ପ୍ରଦାନର ଅଧିକାରକୁ ସମ୍ମାନ ଦେଉ ଭାରତ।
**-ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ**

### ଜୟପୁର ବିସ୍ଫୋରଣ ମାମଲା
## ୪ ଦୋଷୀ ସାବ୍ୟସ୍ତ

**ଜୟପୁର, ୧୮।୧୨:** ଜୟପୁରରେ ୨୦୦୮ ମେ ୧୩ରେ ହୋଇଥିବା ସିରିଜ ବୋମା ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର କୋର୍ଟ ୪ ଅଭିଯୁକ୍ତଙ୍କୁ ବୁଧବାର ଦୋଷୀ ସାବ୍ୟସ୍ତ କରିଥିବାବେଳେ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଉକ୍ତ ବିସ୍ଫୋରଣରେ ୭୦ ଜଣ ପ୍ରାଣ ହରାଇଥିବାବେଳେ ୧୮୫ ଆହତ ହୋଇଥିଲେ। ଆପରାଧିକ ଷଡ଼ଯନ୍ତ୍ର ଯୋଗୁ କୋର୍ଟ ଅଭିଯୁକ୍ତ ମହମ୍ମଦ ସୈଫ୍, ମହମ୍ମଦ ସର୍‌ୱାର ଆଜ୍‌ମି, ମହମ୍ମଦ ସଲ୍‌ମାନ ଓ ସୈଫୁର୍ ରହମନଙ୍କୁ ଆଇପିସିର ଦଫା ୧୨୦ ବି'ରେ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଶାହବାଜ୍ ହୁସେନ୍‌ଙ୍କୁ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି।

[ଇତିହାସର ଆଇନାରେ]

**ଡିସେମ୍ବର ୧୯ର ପ୍ରମୁଖ ଘଟଣା**

୧୯୯୭ ଡିସେମ୍ବର ୧୯ରେ ଇଣ୍ଡୋନେସିଆର ପାଲେମ୍‌ବାଙ୍ଗସ୍ଥିତ ମୁସିନଦୀରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦୪ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ବିମାନଟି ଜାକର୍ତ୍ତାରୁ ସିଙ୍ଗାପୁର ଯାଉଥିଲା।

୨୦୧୬ ଡିସେମ୍ବର ୧୯ରେ ବର୍ଲିନର ଖ୍ରୀଷ୍ଟମାସ ମାର୍କେଟରେ ଏକ ଟ୍ରକରେ ଆସିଥିବା ଜଣେ ବ୍ୟକ୍ତି ଗୁଳିମାଡ଼ ସହ ଛୁରୀରେ ଆକ୍ରମଣ କରିବାରୁ ୧୨ ଜଣଙ୍କ ଜୀବନ ଯାଇଥିଲା।

# ମୃତ୍ୟୁ ୱାରେଣ୍ଟ ଶୁଣାଣି ୭କୁ ଘୁଞ୍ଚିଲା

ନୂଆଦିଲ୍ଲୀ,୧୮।୧୨(ଆଇଏଏନ୍‌ଏସ୍)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି ସମ୍ପର୍କିତ ଶୁଣାଣିକୁ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ଜାନୁୟାରୀ ୭କୁ ସ୍ଥଗିତ ରଖିଛନ୍ତି। ଅପରାଧୀମାନଙ୍କୁ ଅନ୍ୟ ଆଇନଗତ ସହାୟତା ଉପଲବ୍ଧ କରାଇବା ଲାଗି ସମୟ ଦେବାକୁ ଅତିରିକ୍ତ ଦୌରା ଜଜ୍ ସତୀଶ କୁମାର ଆରୋରା ବୁଧବାର ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଏଥିପାଇଁ ଅପରାଧୀମାନଙ୍କୁ ସାନି ନୋଟିସ ଜାରି କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ଆବେଦନ କରିବାକୁ ଚାହାନ୍ତି କି ନାହିଁ, ସପ୍ତାହେ ମଧ୍ୟରେ ମତାମତ ଜଣାଇବାକୁ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

ଏତେ ଦିନ ପର୍ଯ୍ୟନ୍ତ ଶୁଣାଣି ଘୁଞ୍ଚିବା ଘଟଣାରେ ନିର୍ଭୟାଙ୍କ ମାଆ ଆଶା ଦେବୀ କୋର୍ଟ ରୁମ୍‌ରେ କାନ୍ଦି ପକାଇଥିଲେ। ତାଙ୍କୁ ସମ୍ବୋଧିତ କରି ବିଚାରପତି କହିଥିଲେ,'ଆପଣଙ୍କ ପ୍ରତି ମୋର ପୂର୍ଣ୍ଣ ସହାନୁଭୂତି ରହିଛି। ଅପରାଧୀଙ୍କର ମଧ୍ୟ କେତେକ ଆଇନଗତ ଅଧିକାର ରହିଛି। ଆମେ ଆପଣଙ୍କ କଥା ଶୁଣିଲେ ମଧ୍ୟ ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ। ଅଦାଲତ ଅପରାଧୀଙ୍କୁ ପୁଣି ଏକ ସୁଯୋଗ ଦେଇଥିବାରୁ ଏଥିରେ ସେ ବିଚଳିତ ବୋଲି ନିର୍ଭୟାଙ୍କ ମାଆ କହିଥିଲେ। ସେମାନଙ୍କ ଅଧିକାରକୁ ବିଚାରକୁ ନିଆଯାଉଥିବାବେଳେ ଆମ ଅଧିକାର ସମ୍ପର୍କରେ ଅଦାଲତଙ୍କ ବିଚାର କ'ଣ ବୋଲି ସେ ପ୍ରଶ୍ନ କରିଥିଲେ। ପୂର୍ବରୁ ଅପରାଧୀ ଅକ୍ଷୟ କୁମାର ସିଂଙ୍କ ରିଭ୍ୟୁ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେବା ପରେ ନିର୍ଭୟାଙ୍କ ମାଆ ଏହାକୁ ସ୍ୱାଗତ କରିଥିଲେ। ୪ ଅପରାଧୀଙ୍କୁ ଫାଶୀ ଦେବା ଲାଗି ସେମାନଙ୍କ ବିରୋଧରେ ମୃତ୍ୟୁ ୱାରେଣ୍ଟ ଜାରି ପାଇଁ ଦିଲ୍ଲୀ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଆବେଦନ ଫାଇଲ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟର କପି ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ଅତିରିକ୍ତ ଦୌରା ଜଜ୍ ଆରୋରା କହିଥିଲେ। ଏଥିରେ ବିବ୍ରତ ହୋଇ ଆଶାଦେବୀ କହିଥିଲେ, ଆମେ ୭ ବର୍ଷ ହେଲା ନ୍ୟାୟ ପାଇଁ ଲଢ଼େଇ କରିଆସୁଛୁ। ଅଦାଲତ ରାୟ ଦେଲାବେଳେ ଆମ ଅଧିକାରକୁ ବିଚାରକୁ ନେଉ ନାହାନ୍ତି। ପରବର୍ତ୍ତୀ ଶୁଣାଣିରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବା ନେଇ କୌଣସି ନିଶ୍ଚିତତା ନାହିଁ ବୋଲି ସେ ଖବରଦାତାମାନଙ୍କୁ କହିଥିଲେ।

ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ମଧ୍ୟରୁ କେବଳ ବିନୋଦ ଶର୍ମା କ୍ଷମା ଆବେଦନ କରିଥିଲେ। ତାଙ୍କ ଆବେଦନକୁ ଦିଲ୍ଲୀ ଉପରାଜ୍ୟପାଳ ଖାରଜ କରିଦେବା ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ଖାରଜ ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିସ କରିଛି। ସେପଟେ ତିହାର ଜେଲ୍ କର୍ତ୍ତୃପକ୍ଷ ଫାଶୀ ପାଇଁ ଆନୁଷଙ୍ଗିକ ପ୍ରସ୍ତୁତି ଚଳାଇଥିବାରୁ ଅପରାଧୀମାନଙ୍କୁ ଖୁବ୍‌ଶୀଘ୍ର ମୃତ୍ୟୁଦଣ୍ଡ ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଦିଲ୍ଲୀ କୋର୍ଟଙ୍କ ରାୟ ପରେ ଚଳିତ ବର୍ଷ ଅପରାଧୀଙ୍କୁ ଫାଶୀ ମିଳିବ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ଏଥିପାଇଁ ୨୦୨୦କୁ ଅପେକ୍ଷା କରିବାକୁ ପଡ଼ିବ।



- ଏବର୍ଷ ଫାଶୀ ପାଇବେନି ନିର୍ଭୟା ବଳାତ୍କାରୀ
- କୋର୍ଟ ରୁମ୍‌ରେ କାନ୍ଦିଲେ ପୀଡିତାଙ୍କ ମାଆ

## ନିଜକୁ ନାବାଳକ ଦାବି କଲେ ପୱନ କୁମାର

**ନୂଆଦିଲ୍ଲୀ,୧୮।୧୨(ପି.ଟି):** ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ପୱନ କୁମାର ଗୁପ୍ତା ୨୦୧୨ରେ ନାବାଳକ ଥିଲେ ବୋଲି ଦାବି କରି ବୁଧବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ସୁରେଶ କୁମାର କାୟତ ଗୁରୁବାର ଆବେଦନର ଶୁଣାଣି କରିବେ। ଅପରାଧ ସମୟରେ ସେ ନାବାଳକ ଥିଲେ। ତଦନ୍ତକାରୀ ଅଧିକାରୀ ତାଙ୍କ ହାଡ଼ର ପରୀକ୍ଷା କରିନ ଥିଲେ ବୋଲି ପୱନ ଅଭିଯୋଗ କରିବା ସହ ଜୁଭେନାଇଲ ଜଷ୍ଟିସ୍ ଆଇନ (ଜେଜେଏ)ରେ ତାଙ୍କୁ ସୁବିଧା ମିଳିବାକୁ ଦାବି କରିଛନ୍ତି। ଜେଜେ ଆଇନର ଧାରା ୭ଏ ଅନୁଯାୟୀ ମାମଲା ବିଚାରର ଯେକୌଣସି ସମୟରେ ଅଭିଯୁକ୍ତଙ୍କ ନାବାଳକ ଦାବି କୋର୍ଟରେ ଉପସ୍ଥାପନ କରାଯାଇପାରିବ। ନାବାଳକ ଭାବେ ତାଙ୍କର ଦାବିକୁ ସୁନିଶ୍ଚିତ କରାଇବା ଲାଗି ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ହାଡ଼ ପରୀକ୍ଷା କରାଇବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପୱନ କୋର୍ଟଙ୍କୁ ଅନୁରୋଧ କରିଛନ୍ତି।



### ଦିଲ୍ଲୀ ହାଇକୋର୍ଟରେ ଆବେଦନ

## ପୋଲିସ ହେପାଜତରେ ମୃତ୍ୟୁରୁ ଖଣ୍ଡଯୁଦ୍ଧ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଖୁଣ୍ଟିଗୁଡା ସାପ୍ତାହିକ ହାଟ କୁକୁଡ଼ାଗାଲି ନିକଟରୁ ପାଞ୍ଜିଆରିଗୁଡ଼ା ଗାଁର ଗୋବର୍ଦ୍ଧନ ବିନ୍ଧାଣୀଙ୍କୁ କୋଷାଗୁମୁଡ଼ା ପୋଲିସ ଉଠାଇ ନେଇଥିଲା। କିନ୍ତୁ ପୋଲିସ ହେପାଜତରେ ଥିବାବେଳେ ହିଁ ତାଙ୍କର ମୃତ୍ୟୁ ହେବା ଯୋଗୁ ଏହାକୁ ନେଇ ଦେଖା ଦେଇଥିଲା ଉତ୍ତେଜନା। ପୋଲିସ ତାଙ୍କୁ ପିଟି ପିଟି ମାରିଦେଇଥିବା ଅଭିଯୋଗ କରି ଲୋକେ କୋଡିଙ୍ଗା ଥାନା ଘେରାଉ କରିବା ସହ ଭଙ୍ଗାରୁଜା କରିଥିଲେ। ଥାନା ପରିସରରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ହୋଇଥିଲା। ଲୋକେ ପଥର ମାଡ଼ କରିବାବେଳେ ପୋଲିସ ଲାଠିଚାର୍ଜ ସହ ଫାଙ୍କା ଗୁଳି ଚଳାଇଥିଲା।





ରାୟଗଡ଼ା ଜିଲା ସିଙ୍ଗାପୁର ରୋଡ ଓ କେଉଟଗୁଡ଼ା ଷ୍ଟେଶନ ମଧ୍ୟରେ ଜୁନ୍ ୨୫ରେ ଘଟିଥିଲା ମର୍ମନ୍ତୁଦ ରେଳ ଦୁର୍ଘଟଣା। ହାଓଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଓ ଏକ ବିଦ୍ୟୁତ୍ ଲାଇନ୍ ମରାମତି ଟ୍ରେନ ମଧ୍ୟରେ ହୋଇଥିଲା ଧକ୍କା। ଦୁର୍ଘଟଣା ପରେ ଉଭୟ ଟ୍ରେନର ଇଞ୍ଜିନରେନିଆଁ ଲାଗିଯିବାରୁ ୩ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ ଟେକ୍ନିସିଆନ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲାର ସୁରେଶ, ରାୟଗଡ଼ାର ବରିଷ୍ଠ ସେକ୍ସନ ବିଦ୍ୟୁତ୍ ଯନ୍ତ୍ରୀ ସାଗର ଓ ବିଦ୍ୟୁତ୍ ଟେକ୍ନିସିଆନ ଗୌରୀ ନାଇଡୁ। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ କେଉଟଗୁଡ଼ା ଷ୍ଟେଶନ ମାଷ୍ଟର ଏସ୍. ଟପ, ଏଲ୍. ସନ୍ତୋଷ, ସିଙ୍ଗାପୁର ରୋଡ଼ ସୁପରିଣ୍ଟେଣ୍ଡେଣ୍ଟ ଭୁବନୀ ପ୍ରଧାନ ଓ କ୍ୟାବିନ୍ ଇନ୍‌ଚାର୍ଜ ଶେଖର ଗୁପ୍ତାଙ୍କୁ ନିଲମ୍ବନ କରାଯାଇଥିଲା।

## ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ

**ଦକ୍ଷିଣ ଓଡ଼ିଶା ପାଇଁ ଘଟଣାବହୁଳ ରହିଥିଲା ବର୍ଷ ୨୦୧୯। ସାଧାରଣ ନିର୍ବାଚନ ହିଁ ବର୍ଷର ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା। ପ୍ରଧାନମନ୍ତ୍ରୀ ମୋଦି, ଅମିତ ଶାହା, ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକଙ୍କ ଭଳି ହେଭିୱେଟ୍‌ଙ୍କୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ପ୍ରଚାର ସଭାରେ ଦେଖିବାକୁ ମିଳିଥିଲା। ଜନମତ ପାଇ ରାଜ୍ୟରେ ବିଜେଡି ସରକାର ଗଢ଼ିବା ପରେ ନବୀନଙ୍କ ମନ୍ତ୍ରିମଣ୍ଡଳରେ ପଦ୍ମିନୀ ଦିଆନ ଓ ଜଗନ୍ନାଥ ସାରକାଙ୍କୁ ମିଳିଥିଲା ମନ୍ତ୍ରୀପଦ। ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ କମଳା ପୂଜାରୀ। ସମଲେଶ୍ୱରୀ ଏକ୍ସପ୍ରେସ୍‌ରେ ନିଆଁ ଲାଗି ଚାଲିଯାଇଥିଲା ସ୍ୱାଭିମାନ ଅଞ୍ଚଳରେ ପ୍ରଥମଥର ପାଇଁ ଉଡ଼ିଲା ତ୍ରିରଙ୍ଗା। ଆଉ କେଇଟା ଦିନ ପରେ ବିଦାୟ ନେବ ୨୦୧୯। କ୍ୟାଲେଣ୍ଡରରେ ୨୦୨୦ ବର୍ଷର ପୃଷ୍ଠା ଯୋଡ଼ି ହେବା ପୂର୍ବରୁ ପୁରୁଣା ବର୍ଷର ଘଟଣାବଳୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

## ରାଜନୀତିରେ ରାଜକୁମାରୀ

ବର୍ଷ ୨୦୧୯ ଗଜପତି ଜିଲା ରାଜନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ପାରଳା ମହାରାଜା ତଥା ଦୁଇଥର ବ୍ରହ୍ମପୁର ଲୋକସଭା ସଦସ୍ୟ ରହିଥିବା ଗୋପୀନାଥ ଗଜପତିଙ୍କ ଝିଅ କଲ୍ୟାଣୀ ଦେବୀ ରାଜନୀତିରେ ପ୍ରବେଶ କରିଥିଲେ। ପାରଳାଖେମୁଣ୍ଡି ବିଧାନସଭା ଆସନରୁ ବିଜେଡି ଟିକେଟ୍‌ରେ ସେ ଲଢ଼ି ପରାଜିତ ହୋଇଥିଲେ। ।

## ପ୍ରଚାରରେ ମୋଦି, ରାହୁଲ, ନବୀନ

୨୦୧୯ ସାଧାରଣ ନିର୍ବାଚନୀ ପ୍ରଚାର ପାଇଁ ଅବିଭକ୍ତ କୋରାପୁଟରେ ପହଞ୍ଚିଥିଲେ ବହୁ ହେଭିୱେଟ୍ ରାଜନେତା। ସେମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହା, କଂଗ୍ରେସର ରାହୁଲ ଗାନ୍ଧୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପୁର ସଭାରେ ପ୍ରଚାର କରିବା ସହ ନିଜ ଇସ୍ତାହାର ଜନତାଙ୍କ ପାଖରେ ରଖିଥିଲେ। ଜୟପୁରରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରିବା ସହ ମୋଦି ଖଣି, ଚିଟ୍‌ଫଣ୍ଡ ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ୍ କରିଥିଲେ। ବିକାଶ ପାଇଁ ଓଡ଼ିଶାରେ ଭାଜପାର ଡବଲ ଇଞ୍ଜିନ ସରକାର ଆଣିବା ପାଇଁ ଜନତାଙ୍କୁ ନିବେଦନ କରିଥିଲେ। ରାହୁଲ ଗାନ୍ଧୀ ଉଭୟ ଭାଜପା ଓ ବିଜେଡି ଉପରେ ବର୍ଷିଥିଲେ। ସେହିପରି କୋରାପୁଟ ଜିଲା କୁନ୍ଦୁରାରେ ଆୟୋଜିତ ନିର୍ବାଚନୀ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଉପରେ ବର୍ଷିବା ସହ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ।

## କମଳାଙ୍କୁ ପଦ୍ମ ପୁରସ୍କାର

ପାରମ୍ପରିକ ଚାଷ ଓ ଜୈବିକ ପଦ୍ଧତିରେ ଶତାଧିକ ଦେଶୀଧାନର ସଂରକ୍ଷଣ ପାଇଁ ଦେଶ ବିଦେଶରେ ନାଁ କରିଥିବା କୋରାପୁଟ ଜିଲା ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ପଞ୍ଚାୟତ ପାତ୍ରପୁଟ ଗାଁର ମହିଳା କୃଷିଜୀବୀ କମଳା ପୂଜାରୀଙ୍କୁ ମାର୍ଚ୍ଚ ମାସରେ ମିଳିଥିଲା ପଦ୍ମଶ୍ରୀ ସମ୍ମାନ। ରାଜ୍ୟ ସରକାର ତାଙ୍କୁ ଯୋଜନା ବୋର୍ଡର ସଦସ୍ୟା ଭାବେ ମଧ ମନୋନୀତ କରିଥିଲେ। କରିଛନ୍ତି। ନାରୀ ସଶକ୍ତୀକରଣ, ଜଙ୍ଗଲ ସୁରକ୍ଷା ସହ ଲୋପ ପାଇ ଯାଉଥିବା ୧୦୦ରୁ ଅଧିକ ଦେଶୀ ବିହନ କିସମକୁ ଜୈବିକ କୃଷି ପଦ୍ଧତିରେ ସଂରକ୍ଷଣ କରିବା ପ୍ରଣାଳୀ ସେ ଆରମ୍ଭ କରିଥିଲେ। ତେବେ ଦାରିଦ୍ର୍ୟ, ପ୍ରଶାସନିକ ଓ ରାଜନୈତିକ ସ୍ତରରେ ତାଙ୍କୁ ଅଣଦେଖା କରାଯିବା ନେଇ ୨୦୧୯ରେ ସେ ବାରମ୍ବାର ଚର୍ଚ୍ଚାରେ ରହିଥିଲେ।



## ପଦ୍ମିନୀ, ଜଗନ୍ନାଥଙ୍କୁ ମନ୍ତ୍ରୀପଦ





ସାଧାରଣ ନିର୍ବାଚନରେ ଅବିଭକ୍ତ କୋରାପୁଟର ୪ ଜିଲାର ୧୪ଟି ଆସନରୁ ବିଜେଡି ୧୦ଟି ଜିତିଥିବା ବେଳେ ଭାଜପା ୨, କଂଗ୍ରେସ ୧ ଓ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନ ହାତେଇଥିଲେ। ଜୟପୁରରୁ କଂଗ୍ରେସର ତାରାପ୍ରସାଦ ବାହିନୀପତି, କୋରାପୁଟରୁ ରଘୁରାମ ପଡାଲ, ପଟ୍ଟାଙ୍ଗିରୁ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁରରୁ ପ୍ରଭୁ ଜାନି, କୋଟପାଡ଼ରୁ ପଦ୍ମିନୀ ଦିଆନ ଜିତିଥିଲେ। ନବୀନଙ୍କ ମନ୍ତ୍ରିମଣ୍ଡଳରେ ପଦ୍ମିନୀ ଦିଆନଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ମନ୍ତ୍ରୀ କରାଯାଇଥିଲା। ରାୟଗଡ଼ାରୁ ମକରନ୍ଦ ମୁଦୁଲି, ଗୁଣପୁରରେ ବିଜେଡିର ରଘୁନାଥ ଗମାଙ୍ଗ ବିଧାୟକ ନିର୍ବାଚିତ ହୋଇଥିଲେ। ବିଷମକଟକରୁ ନିର୍ବାଚିତ ଜଗନ୍ନାଥ ସାରକାଙ୍କୁ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀପଦ ମିଳିଥିଲା। ମାଲକାନଗିରିରୁ ଭାଜପାର ଆଦିତ୍ୟ ମାଢ଼ି ଓ ଚିତ୍ରକୋଣ୍ଡାରୁ ବିଜେଡିର ପୂର୍ଣ୍ଣଚନ୍ଦ୍ର ବାକା ବିଜୟୀ ହୋଇଥିଲେ। ସେହିପରି ନବରଙ୍ଗପୁର ଆସନରୁ ବିଜେଡିର ସଦାଶିବ ପ୍ରଧାନୀ, ଝରିଗାଁରୁ ପ୍ରକାଶ ଚନ୍ଦ୍ର ମାଝି, ଡାବୁଗାଁରୁ ମନୋହର ରନ୍ଧାରୀ ଓ ଉମରକୋଟରୁ ଭାଜପାର ନିତ୍ୟାନନ୍ଦ ଗଣ୍ଡ ନିର୍ବାଚିତ ହୋଇଥିଲେ। କୋରାପୁଟ ଲୋକସଭା ଆସନରୁ ରାଜ୍ୟରେ କଂଗ୍ରେସର ଏକମାତ୍ର ଏମ୍‌ପି ପ୍ରାର୍ଥୀ ଭାବେ ସପ୍ତଗିରି ଉଲାକା ଓ ନବରଙ୍ଗପୁର ଏମ୍‌ପି ଭାବେ ବିଜେଡିର ରମେଶ ଚନ୍ଦ୍ର ମାଝି ବିଜୟୀ ହୋଇଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଉଡ଼ିଲା ତ୍ରିରଙ୍ଗା



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ, ଯାହା ମାଓବାଦୀଙ୍କ ଗଡ଼ ରହିଆସିଥିଲା, ସେଠାରେ ପ୍ରଥମଥର ପାଇଁ ଉଡ଼ିଥିଲା ତ୍ରିରଙ୍ଗା। ହନ୍ତାଳଗୁଡ଼ାରେ ନୂତନ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ସହ ଯବାନମାନେ ତ୍ରିରଙ୍ଗା ଉଡ଼ାଇ ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତ କରିଥିଲେ।



## 'ଟିଚ୍ ଗଜପତି'କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ଗଜପତି ଜିଲାରେ ସ୍କୁଲ ଶିକ୍ଷାର ଉନ୍ନତି ପାଇଁ 'ମୋ ସ୍କୁଲ ଅଭିଯାନ'ରେ ଜିଲା ପ୍ରଶାସନ ଆରମ୍ଭ କରିଥିବା 'ଟିଚ୍ ଗଜପତି' କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଥିଲେ। ଜୁନ୍ ୧୯ରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ମୋଦି ଗଜପତି ଜିଲା ପ୍ରଶାସନର ଅଭିନବ ପ୍ରୟାସ ପ୍ରଶଂସନୀୟ ବୋଲି କହି ଉତ୍ସାହିତ କରିଥିଲେ। ଗଜପତି ଜିଲାପାଳ ଅନୁପମ ଶାହା ୨୦୧୮ରେ ମହେନ୍ଦ୍ରଗିରି ମ୍ୟୁନିସିପାଲ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ଭୂଗୋଳ ପଢ଼ାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ଅଭିନେତ୍ରୀରୁ ମାତା ମାହେଶ୍ୱରୀ

ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ୍ ଜଗତରେ ନିଜ ରୂପ ଓ ଅଭିନୟ ଦ୍ୱାରା ଏକଦା ଦର୍ଶକଙ୍କ ହୃଦୟ ଜିଣିଥିବା ଅଭିନେତ୍ରୀ ଶ୍ୱେତା ମଲ୍ଲିକ ସେଲିବ୍ରିଟିରୁ ଆତ୍ମଘୋଷିତ 'ମାତା ମାହେଶ୍ୱରୀ' ପାଲଟିବା ସମସ୍ତଙ୍କୁ ଚକିତ କରିଥିଲା। ପରଦାରୁ ବହୁଦିନ ଉଭାନ ରହିବା ପରେ ଏହି ଅଭିନେତ୍ରୀ ଜଣକ ଜାନୁୟାରୀ ମାସରେ ଆକସ୍ମିକ ଭାବେ ସନ୍ନ୍ୟାସିନୀ ରୂପରେ କୋରାପୁଟ ଜିଲା ଜୟପୁରରେ ଆବିର୍ଭାବ ହୋଇଥିଲେ। ତାଙ୍କ ବ୍ୟତୀତ ସମ୍ରାଟ କ୍ୟାସେଟ୍ କମ୍ପାନିର ମାଲିକ ବିଶ୍ୱମ୍ଭର ସାବତ ମଧ ଆଧାତ୍ମିକ ପରିବର୍ତ୍ତନ କ୍ରମରେ ନିଜକୁ ବାବା ଅନନ୍ତ କେଶରୀ ସମ୍ରାଟ ବିଶ୍ୱମ୍ଭର ମହାରାଜ ରୂପେ ପରିଚୟ ଦେଇଥିଲେ।

## ସହକାରୀ ଜିଲାପାଳଙ୍କ ଆତ୍ମହତ୍ୟା

ରାୟଗଡ଼ା ସହକାରୀ ଜିଲାପାଳ ଶିବପ୍ରସାଦ ପାଣିଗ୍ରାହୀ ମାର୍ଚ୍ଚ ୨୪ରେ ଆତ୍ମହତ୍ୟା କରିଥିଲେ। ବହୁ ମାତ୍ରାରେ ବଟିକା ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। କାର୍ଯ୍ୟାଳୟ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ପୁତୁରା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଥିବା ବେଳେ ଅନ୍ୟ ପ୍ରଶାସନିକ ଅଧିକାରୀ କିନ୍ତୁ ଏହି ଅଭିଯୋଗକୁ ଅସ୍ୱୀକାର କରିଥିଲେ।

## ପାହାଡ଼ ଧସି ମାଟିରେ ମିଶିଲା ୨ ଗାଁ

ଅକ୍ଟୋବର ମାସରେ ଲଗାଣ ବର୍ଷା ଯୋଗୁ ଗଜପତି ଜିଲାର ୨ଟି ପାହାଡ଼ତଳି ଗାଁ ମାଟିରେ ମିଶିଯାଇଥିଲା। ପାହାଡ଼ ଧସିବା ଯୋଗୁ ଗୁମ୍ମା ବ୍ଲକ୍ ବଡ଼କଲାକୋଟ ପଞ୍ଚାୟତ ଅଧୀନ କୁଲଙ୍ଗ ଓ ତିତିସିଂ ଗ୍ରାମର ୨୦ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଇଥିଲା। ଲଗାଣ ବର୍ଷା ଯୋଗୁ ପାହାଡ଼ରୁ ବଡ଼ ପଥର ଖସି ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତ ରିଜିଂତାଲ ରାସ୍ତାରେ ପଡ଼ି ଯାତାୟାତ ବ୍ୟାହତ ହୋଇଥିଲା।



## ମକରନ୍ଦ ରାଜ୍ୟର ଏକମାତ୍ର ବିଜୟୀ ସ୍ୱାଧୀନ ପ୍ରାର୍ଥୀ

ରାଜ୍ୟର ଏକମାତ୍ର ସ୍ୱାଧୀନ ପ୍ରାର୍ଥୀ ଭାବେ ରାୟଗଡ଼ା ବିଧାନସଭା ଆସନରୁ ବିଜୟୀ ହୋଇଥିଲେ ମକରନ୍ଦ ମୁଦୁଲି। ସେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କୁ ୪୮୩୮ ଖଣ୍ଡ ଭୋଟରେ ହରାଇଥିଲେ। ୨୦୧୪ରେ ଏଠାରୁ କଂଗ୍ରେସ ପ୍ରାର୍ଥୀ, ୨୦୦୦ ଓ ୨୦୦୪ରେ ଲକ୍ଷ୍ମୀପୁର ଆସନରୁ ପ୍ରାର୍ଥୀ ହୋଇଥିଲେ।

## ଚର୍ଚ୍ଚିତ ସୁନାଶଙ୍ଖ



ନକଲି ସୁନାଶଙ୍ଖ ଦେଖାଇ ଅପହରଣ ଓ ଠକେଇ ଭଳି ଘଟଣା ନବରଙ୍ଗପୁରରେ ଚାଞ୍ଚଲ୍ୟ ଖେଳାଇଥିଲା। କଟକ ଜିଲା କନ୍ଦରପୁର ଥାନା ସିଦ୍ଧେଶ୍ୱରପୁର ଗାଁର କେଦାର ନାଥ ମଲ୍ଲିକଙ୍କ ପୁଅ ରଶ୍ମିରଞ୍ଜନଙ୍କୁ କମ୍ ଦାମ୍‌ରେ ସୁନାଶଙ୍ଖର ଲୋଭ ଦେଖାଇ ଅପହରଣ କରି ନେଇଥିଲେ ଦୁର୍ବୃତ୍ତ। ତାଙ୍କ ପରିବାର ୧୦ ଲକ୍ଷ ଟଙ୍କା ଦେବାକୁ ଫୋନ୍‌ରେ ଦାବି କରିଥିଲେ ଅପହରଣ କାରୀ। ନବରଙ୍ଗପୁର ଏସ୍‌ପିଙ୍କ ତତ୍ତ୍ୱାବଧାନରେ ପୋଲିସ ଖୋଳତାଡ଼ କରି ତାଙ୍କୁ ଉଦ୍ଧାର କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଏକ ଘଟଣାରେ ନକଲି ସୁନାଶଙ୍ଖ ବିକ୍ରିକରି ଇଷ୍ଟ ଗୋଦାବରୀ ଜିଲାର କେ. ଭିରା ବାବୁଙ୍କଠାରୁ ୩ ଲକ୍ଷ ୪୦ ହଜାର ଟଙ୍କା ଠକି ନେଇଥିଲେ ଦୁର୍ବୃତ୍ତ। ଡାବୁଗାଁ ପୋଲିସ ୨ ଜଣଙ୍କୁ ଧରିଥିଲା। ସେହିପରି ନକଲି ସୁନାଶଙ୍ଖ ନାଁରେ ପଶ୍ଚିମବଙ୍ଗ ହୁଗ୍‌ଲି ଜିଲାର ଜଣଙ୍କଠାରୁ ୨ ଲକ୍ଷ ୩୫ ହଜାର ଟଙ୍କା ଠକେଇ ହୋଇଥିଲା। ଏଥିରେ ୩ ଜଣ ଧରାପଡ଼ିଥିଲେ।

## ତେଲେଙ୍ଗିରି ପ୍ରକଳ୍ପର ଶୁଭାରମ୍ଭ

ଫେବୃୟାରୀରେ କୋରାପୁଟ ଜିଲା ପାଇଁ ପାଖାପାଖି ୨ ହଜାର କୋଟି ଟଙ୍କା ମୂଲ୍ୟର ୧୨୫ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ ଏବଂ ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ ବହୁ ପ୍ରତୀକ୍ଷିତ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ, କୋଲାବ ନଦୀ ଉପରେ ହାଇଲେଭଲ ସେତୁ ସାମିଲ ଥିଲା। ଏହାସହ କୋରାପୁଟ ଜିଲାରେ ୩ଟି ବୃହତ୍ ସେତୁ ପାଇଁ ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।





ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା

## ସଂକ୍ଷେପରେ

### ବକେୟା ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ୱେସ୍କୋର ପରାମର୍ଶ

**ସମ୍ବଲପୁର, ୧୮।୧୨ (ବ୍ୟୁରୋ):** ଦୀର୍ଘ ଦିନ ଧରି ବକେୟା ଥିବା ବିଦ୍ୟୁତ୍ ବିଲ୍ ନିୟମିତ ପୈଠ କରିବାକୁ ୱେସ୍କୋ ବୁଧବାର ପ୍ରେସ୍ ବିବୃତିରେ ଗ୍ରାହକଙ୍କୁ ପରାମର୍ଶ ଦେଇଛି। ୨୦୨୦ ଜୁଲାଇ ପରେ କୌଣସି ବିବାଦୀୟ ୨ବର୍ଷର ପୁରୁଣା ବିଦ୍ୟୁତ୍ ବିଲ୍ ଆଉ କୌଣସି ବିଚାରପୀଠ ଗ୍ରହଣ କରିବେ ନାହିଁ । ତେଣୁ ବିଦ୍ୟୁତ ଗ୍ରାହକମାନେ ବକେୟା ପୁରୁଣା ବିଲ୍ ପୈଠ କରିବାକୁ କୁହାଯାଇଛି। ନଚେତ୍ ବିଦ୍ୟୁତ୍ କାଟ୍ କରାଯିବ ବୋଲି ବୁର୍ଲା ୱେସ୍କୋ ୟୁଟିଲିଟି ବାଣିଜ୍ୟ ବିଭାଗ ସୂଚନା ଦେଇଛି।

### ଗୋୟଲଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ରାଉରକେଲା ଅଫିସ,୧୮। ୧୨-** ରାଉରକେଲା ଇସ୍ପାତ କାରଖାନା ସହ ରେଳ ସଂଯୋଗ ନେଇ ତାଳଚେର ବିମଳାଗଡ ରେଳ ପଥ ନିର୍ମାଣ କାର୍ଯ୍ୟାକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ପତ୍ର ଲେଖିଛନ୍ତି କେନ୍ଦ୍ର ଇସ୍ପାତ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥି ସହ ରାଉରକେଲାକୁ ଏକ ସ୍ୱତନ୍ତ୍ର ରେଳ ଡିଭିଜନ ପ୍ରତିଷ୍ଠା ନେଇ ବିଚାର କରିବାକୁ ପ୍ରଧାନ ବିଭାଗୀୟ ମନ୍ତ୍ରୀଙ୍କୁ ପଦକ୍ଷେପ ନେବାକୁ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ମନ୍ତ୍ରୀ ପ୍ରଧାନଙ୍କ ରାଉରକେଲା ଗସ୍ତ ଅବସରରେ ରେଳ ଓ ସଡକ ଉପଯୋଗକାରୀ ସଂଘ ପକ୍ଷରୁ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମନ୍ତ୍ରୀ ପ୍ରଧାନ ଏହାକୁ ଅନୁଭବ କରି ବିଭାଗୀୟ ମନ୍ତ୍ରୀ ଗୋୟଲଙ୍କୁ ପତ୍ର ଲେଖିଥିବା ସଙ୍ଗଠନ କର୍ମକର୍ତ୍ତାଙ୍କୁ ଅବଗତ କରାଇଛନ୍ତି।

### ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ରର ପୁନରୁଦ୍ଧାର ଦାବି

**ସମ୍ବଲପୁର, ୧୮।୧୨ (ବ୍ୟୁରୋ):** ଡା. ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ରର ପୁନରୁଦ୍ଧାର ଜରୁରୀ ହୋଇ ପଡିଛି। ଏହାଦ୍ୱାରା ଗରିବ ଗର୍ଭବତୀ ମହିଳାମାନେ ସୁବିଧା ପାଇପାରିବେ। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱାରୋପ କରିବା ଆବଶ୍ୟକ । ବୁଧବାର ଏହି ଦାବି ନେଇ 'ବୈଶାଖୀ' ପକ୍ଷରୁ ଏକ ମହିଳା ପ୍ରତିନିଧି ଦଳ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ସହ ଆଲୋଚନା କରିଛନ୍ତି। ପ୍ରଣତି ପଟ୍ଟନାୟକ, ପ୍ରଜ୍ଞା ପଟ୍ଟନାୟକ, କମଳିନୀ ମହାପାତ୍ର, ସୁଲେଖା ବହିଦାର, ପଦ୍ମଳୟା ପଟ୍ଟନାୟକ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

### କୁଚିଣ୍ଡାର ବିକାଶ ପାଇଁ ସହଯୋଗ ଆବଶ୍ୟକ

**କୁଚିଣ୍ଡା, ୧୮।୧୨ (ଡି.ଏନ.ଏ.)** ସ୍ଥାନୀୟ ଫରେଷ୍ଟ ପାର୍କରେ କୁଚିଣ୍ଡା ଅଞ୍ଚଳର ବିକାଶ ଲାଗି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ରାଜକିଶୋର ମିଶ୍ର ଅଧକ୍ଷତା କରିଥିଲେ। ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ, ଏସ୍‌ଡିଏମଓ ଡା. କ୍ଷେତ୍ରମୋହନ କାଣ୍ଡ, ଏନଏସି ଇଓ ଜତିନ୍ଦ୍ର ମହାପାତ୍ର, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସୋମନାଥ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ରାଉରକେଲା ମଜଦୁର ସଭାର ୬୪ତମ ପ୍ରତିଷ୍ଠା ଦିବସ

# ଶ୍ରମିକ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ

**ରାଉରକେଲା ଅଫିସ, ୧୮।୧୨**

ରାଉରକେଲା ମଜଦୁର ସଭା (ଆର୍‌ଏମ୍‌ଏସ) ପକ୍ଷରୁ ଏହାର ୬୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇ ଯାଇଛି। ୟୁନିୟନର ସହରାଞ୍ଚଳ କାର୍ଯ୍ୟାଳୟ ସେକ୍ଟର-୬ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରଭାକର ଚମ୍ପତି ରାୟ ୟୁନିୟନ ପତାକା ଉତ୍ତୋଳନ କରି ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀଙ୍କୁ ସମ୍ବୋଧିତ କରିଥିଲେ। ଅନୁରୂପ ଭାବେ ବିଶ୍ରା ରୋଡ କାର୍ଯ୍ୟାଳୟ ଠାରେ ମଧ ପ୍ରତିଷ୍ଠା ଦିବସ ବରିଷ୍ଠ ଶ୍ରମିକ ନେତା ଆଦିକନ୍ଦ ଭୋଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଭୋଲ ପତକା ଉତ୍ତୋଳନ କରି ଉପସ୍ଥିତ ଠିକା ଶ୍ରମିକଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଏନ୍‌ଏସ୍‌ପିସିଏଲ ଶ୍ରମିକ ସଙ୍ଗଠନ ସହ ଅସଙ୍ଗଠିତ ଶ୍ରମିକ ସଭା ଠିକା ଶ୍ରମିକ ସଭା ଭଳି ବହୁ ୟୁନିୟନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବରସୁଆଁ ଲୋହ ଖଣି ଅଞ୍ଚଳରେ ରହିଥିବା ଶାଖା କାର୍ଯ୍ୟାଳୟ ଟେନ୍‌ସା ଠାରେ ଉପସଭାପତି ପୀତବାସ ସେଠୀ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ପାଦକ ରାଜେଶ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାତି ୮ଟାରେ ୟୁନିୟନ ସହରାଞ୍ଚଳ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଜଦୁର ସଭାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ୟୁନିୟନର ତତ୍କାଳୀନ ନେତୃମଣ୍ଡଳୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।




ଆର୍‌ଏମ୍‌ଏସ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

୬୪ ପ୍ରଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା। ଏଥିରେ ସଭାପତି ଚମ୍ପତିରାୟ ଅଧକ୍ଷତା କରିଥିଲେ। ୟୁନିୟନର କାର୍ଯ୍ୟନିର୍ବାହୀ ସଭାପତି ଡିଏନ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଶଶଧର ନାୟକ, ଉପସାଧରଣ ସମ୍ପାଦକ ଖଗେନ୍ଦ୍ର ବେହେରା, ଉପସଭାପତି କଳାକାର ସାହୁ, ସିଦ୍ଧେଶ୍ୱର ବଳ, ଯୁଧିଷ୍ଠିର ସାହୁ, ସହ ସାଧାରଣ ସମ୍ପାଦକ ପଞ୍ଚାନନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସଭାପତି ଚମ୍ପତିରାୟ ବକ୍ତବ୍ୟ ପ୍ରଦାନ କରି ଦିବଂଗତ ନେତାଙ୍କ ଦୃଢ ନେତୃତ୍ୱ ଓ ତ୍ୟାଗ ବଳରେ ଆଜି ମଜଦୁର ସଭା ପ୍ରତିଷ୍ଠିତ ହୋଇପାରିଛି ବୋଲି କହିଥିଲେ। ସ୍ୱର୍ଗତ ନେତୃମଣ୍ଡଳୀଙ୍କ ନୀତି ଆଦର୍ଶକୁ ପାଥେୟ କରି ୟୁନିୟନ ତାର କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛି। ଶ୍ରମିକଙ୍କ ଆସ୍ଥା ଓ ବିଶ୍ୱାସକୁ କେବେ ଭାଙ୍ଗିବାକୁ ଦିଆଯିବନି। ଶ୍ରମିକ ସ୍ୱାର୍ଥ ପାଇଁ ୟୁନିୟନ ସର୍ବଦା ପ୍ରାଥମିକତା ଦେବ ବୋଲି ଚମ୍ପତି ରାୟ ଏଥିରେ ଘୋଷଣା କରିଥିଲେ। ହିନ୍ଦ ମଜଦୁର ସଭାର ରାଜ୍ୟ ସଭାପତି ଏଥିରେ ବକ୍ତବ୍ୟ ପ୍ରଦାନ କରି ସମଗ୍ର ଇସ୍ପାତ ଶିଳ୍ପରେ ଦେଖା ଦେଇଥିବା ସଙ୍କଟ ଓ ଶ୍ରମିକ ସମସ୍ୟା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଯୁବ ନେତୃତ୍ୱ ଉପରେ ଗୁରୁତ୍ୱରୋପ କରି ୟୁନିୟନ କର୍ମକର୍ତ୍ତା ଖଗେନ୍ଦ୍ର ବେହେରା କହିଥିଲେ, ଆଗାମୀ ଦିନରେ ସଙ୍ଗଠନକୁ ମଜବୁତ କରିବା ନେଇ ସଙ୍ଗଠିତ ଭାବେ କାର୍ଯ୍ୟ କରାଯିବ। ଅନୁରୂପ ଭାବେ ଅନ୍ୟ ମଞ୍ଚାସୀନ କର୍ମକର୍ତ୍ତା କହିଥିଲେ ରାଉରକେଲା ମଜଦୁର ସଭା ସର୍ବଦା ଶ୍ରମିକଙ୍କ ହିତୈଷୀ ଭାବେ ନିଜ ଦାୟିତ୍ୱ ନିର୍ବାହ କରି ଆସିଛି। ଆଗାମୀ ଦିନରେ ଶ୍ରମିକ ସ୍ୱାର୍ଥ ପଛରେ ଦୃଢ ଭାବେ ଠିଆ ହେବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରମିକଙ୍କ ମଜୁରି ବୃଦ୍ଧି, ଠିକ ଶ୍ରମିକ ସମସ୍ୟା ଓ ନୂତନ ପେନସନ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଇସ୍ପାତ ସହରାଞ୍ଚଳବାସୀଙ୍କ ବହୁ ବିଧ ସମସ୍ୟା ସମାଧାନ ସହ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ କରାଯିବା ନେଇ ୟୁନିୟନ ତାର ସଂଗ୍ରାମ ଅବ୍ୟାହତ ରଖିବ ବୋଲି ମଞ୍ଚାସୀନ ନେତୃମଣ୍ଡଳୀ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମକୁ କେଦାର ପରିଡା, ପ୍ରଶାନ୍ତ ତରାଇ, ରବିନାରାୟଣ ପରିଡା, ମାନସ ବେହେରା, ରଞ୍ଜନ ସାହୁ, ସୁବାସ ପାଣିଗ୍ରାହୀ, ସମୀର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଭୀମ୍ ଆର୍ମିର ରାଲି ସ୍ଥଗିତ

**ସମ୍ବଲପୁର,୧୮।୧୨ (ବ୍ୟୁରୋ)**

**ସିଏଏକୁ ବିରୋଧ**

ସମଗ୍ର ଦେଶରେ ବିଭିନ୍ନ ସ୍ଥାନରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରାଯାଉଛି । ସମ୍ବଲପୁର ଜିଲାରେ ମଧ ଭୀମ ଆର୍ମି ପକ୍ଷରୁ ଗୁରୁବାର ରାଲି କରିବା ପାଇଁ ଅନୁମତି ମିଳିଥିଲା। ହେଲେ ଏହା ସ୍ଥଗିତ କରାଯାଇଥିବା ସଦର ଏସ୍‌ଡିପିଓ ତପନ ମହାନ୍ତି ସୂଚନା ଦେଇଛନ୍ତି। ଭୀମ ଆର୍ମିଙ୍କୁ ରାଲି ପାଇଁ ଅନୁମତି ମିଳିଥିବା ଜଣା ପଡିବା ପରେ ସହରରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବୁଧବାର ଏସ୍‌ପି କନୱର ବିଶାଳ ସିଂଙ୍କୁ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଭଗୁଆସେର, ସମ୍ବଲପୁର ବିକାଶ ମଞ୍ଚ ଆଦିର ସଦସ୍ୟମାନେ ଭେଟିଥିଲେ। ସମ୍ବଲପୁର ଭାଇଚାରାର ସହର । ଏଠି ସବୁ ଜାତି ଧର୍ମର ଲୋକମାନେ ରହୁଛନ୍ତି। ପର୍ବପର୍ବାଣୀରେ ମଧ ସହଯୋଗ କରି ସାମିଲ ହେଉଛନ୍ତି । ଦେଶରେ ଯାହା ଆଇନ କରାଯାଇଛି ବା କରାଯିବ ତାହା ଗ୍ରହଣ କରିବା ନ କରିବା ଭିନ୍ନ କଥା। ହେଲେ ଏଭଳି ରାଲି କରି ବିକ୍ଷୋଭ ପ୍ରଦର୍ଶନ କଲେ ସହରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଉପୁଜିବ। ସାମ୍ପ୍ରଦାୟିକ ହିଂସା ମଧ ଉପୁଜିପାରେ। ଫଳରେ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଦେବ। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଭିମ୍ ଆର୍ମିକୁ ରାଲି କରିବାକୁ ଦିଆଯାଇଥିବା ଅନୁମତି ଉପରେ ପୁନଃ ବିଚାର ଲାଗି ଉପରୋକ୍ତ ସଙ୍ଗଠନର କର୍ମକର୍ତ୍ତା ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

**ରାଉରକେଲା ଅଫିସ,୧୮।୧**

ଲାଠିକଟା ଠାରେ ଥିବା ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଏକ ନିଶୁଳ୍‌କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ହୋମିଓପାଥିକ ଚିକିତ୍ସକ ସଂଘ ପକ୍ଷରୁ ଆୟୋଜିତ ଶିବିରରେ ୩ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିକ୍ଷାଶ୍ରମ ସଞ୍ଚାଳକ ନିରଞ୍ଜନ ଭାଇ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ନିରୋଗ ଜୀବନ ନେଇ ଉପସ୍ଥିତ ଡାକ୍ତର ମଣ୍ଡଳୀ ପରାମର୍ଶ ପ୍ରଦାନ କରିଥିଲେ। ଚିକିତ୍ସକ ସଂଘ ସମ୍ପାଦକ ଡାକ୍ତର ବ୍ରହ୍ମାନନ୍ଦ ନାୟକ, ସହ ସମ୍ପାଦକ ଅବନୀ ଦାସ, ସହ ସମ୍ପାଦିକା ସୁଜାତା ମହାପାତ୍ର, କୋଷାଧକ୍ଷ ଶିବରାମ କ୍ରିଷ୍ଣ, ଓ ସ୍ୱପନ ମାଇତି ପ୍ରମୁଖ ଏଥିରେ ଉପସ୍ଥିତ ରହି ରୋଗ ପରୀକ୍ଷା ସହ ଏହାର ନିଦାନ ନେଇ ପରାମର୍ଶ ପ୍ରଦାନ କରିଥିଲେ। ଆବଶ୍ୟକ ସ୍ଥଳେ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶିକ୍ଷାଶ୍ରମ ଆବାସିକ ଡାକ୍ତର କଳ୍ପନାଲତା ଦେବୀ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସଂକ୍ଷିପ୍ତ ଆଲୋଚନା ସଭାରେ ଯୋଗଦେଇ ଡାକ୍ତର ମଣ୍ଡଳୀ ବିଦ୍ୟାଳୟ ଅନ୍ତେବାସୀଙ୍କୁ ସୁସ୍ଥ ରହିବାକୁ ବହୁ ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ଗୁରୁମା ଚାରୁଲତା ଦେବୀ, କାନ୍ତିଲତା ଦେବୀ, ଗୀତାଞ୍ଜଳି, ଜୟନ୍ତୀ, ଶଶୀରେଖା, ସୁନୀତା, ରିଜିତା ଓ ନଳିନୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କିଚିଣ୍ଡାରେ ପେଶା ଗ୍ରାମସଭା ପ୍ରତିଷ୍ଠା ଦିବସରେ ଅତିଥିମାନେ।

# ପେଶା ଗ୍ରାମସଭା ପ୍ରତିଷ୍ଠା ଦିବସ

**ବାମରା, ୧୮।୧୨ (ଡି.ଏନ.ଏ.)**

ବାମରା ବ୍ଲକ ରବଗା ପଞ୍ଚାୟତ କିଚିଣ୍ଡାରେ ପେଶା ଗ୍ରାମସଭା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କିଚିଣ୍ଡା ଗ୍ରାମସଭା ଓ ଲୋକମୁକ୍ତି ସଂଗଠନ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପେଶା ଆଇନ, ଜଙ୍ଗଲ ଅଧିକାର ଆଇନ ଓ ଗ୍ରାମସଭାର କ୍ଷମତା ଉପରେ ଆଲୋଚନା ହୋଇଥିଲା । ମାୟାଧର ଜୟପୁରିଆଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ଅନନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗ୍ରାମସଭାକୁ ସମ୍ବିଧାନ ଦ୍ୱାରା ମିଳିଥିବା ବିଭିନ୍ନ କ୍ଷମତାର ଅନୁଚ୍ଛେଦ ଗୁଡିକ ଉପସ୍ଥାପନ କରିଥିଲେ । ସମ୍ମାନିତ ଅତିଥି ଭାବେ ସଂଯୋଜକ ଜିନିତ ସମାଦ, ଉମାକାନ୍ତ ନାୟକ ଓ କୈଳାଶ ପିଙ୍ଗ ପ୍ରମୁଖ ଯୋଗ ଦେଇ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମରିୟାମ ବିଲୁଙ୍ଗ, ଫ୍ରିସ୍କା ଟେଟେ, ନରବେଟ କୁଲୁ, ପାତ୍ର ବାଘ, ମିନକୁ ଲାକ୍ରା, ବିଲଚୁସ ସମାଦ, ମଞ୍ଜୁଳତା ଜୟପୁରିଆ, ସବିତା ରୋହିଦାସ, ସମୁଏଲ ସୋଏଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ରବଗା ପଞ୍ଚାୟତ ଗ୍ରାମସଭା ସମ୍ପାଦକ କୁଶଳେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜଗବନ୍ଧୁ କାଲୋ ଧନ୍ୟବାଦ ଦେଇଥିଲେ। ଶେଷରେ ଗ୍ରାମବାସୀଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ ଓ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା ।

### ଦକ୍ଷତା ବୃଦ୍ଧି ଶିବିର

**ସମ୍ବଲପୁର, ୧୮।୧୨ (ବ୍ୟୁରୋ)**

ଜିଲା ଦିବ୍ୟାଙ୍ଗ ସାଧନା କେନ୍ଦ୍ର ପକ୍ଷରୁ ଏକ ଦିବସୀୟ ଦକ୍ଷତା ବୃଦ୍ଧି ଶିବିର ବୁଧବାର ବୁଢ଼ାରଜା ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମେଶ ମିଶ୍ର ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୫ଜଣ ଦିବ୍ୟାଙ୍ଗ ପିଲା ଓ ଅଭିଭାବକମାନେ ଯୋଗ ଦେଇଥିଲେ । ସାଧନା କର୍ମୀ ଆଚାର୍ଯ୍ୟ ରୁଦ୍ରପ୍ରସାଦ, ଡା. ସୁଦାମ ଲୁହା, ଜୁଲି ମହାରଣା, ନୟନ ମଲ୍ଲିକ, ବ୍ଲକ୍ ସାଧନା କର୍ମୀ ଅନ୍ନପୂର୍ଣ୍ଣା ଦାଶ, ପୂଜାର୍ଚ୍ଚନା ମହାପାତ୍ର ଯୋଗଦେଇ ପ୍ରାଣାୟମ, କଳା, ଯୋଗ, ହସ୍ତକର୍ମ, ମାଟିକାମ, ମଡେଲିଂ, ସ୍ୱାସ୍ଥ୍ୟ ଓ ପରିଷ୍କାର ପରିଚ୍ଛନ୍ନ, ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।




କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିମାନେ।

# କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ବ୍ରଜରାଜନଗର,୧୮।୧୨ (ଡି.ଏନ.ଏ.)**

ସ୍ଥାନୀୟ ଚିଚିଣ୍ଡା ହାଇସ୍କୁଲ ଖେଳ ପଡିଆରେ ୨ଟି ପଞ୍ଚାୟତର ୧୩ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଜିଲା ୱେଲଫେୟାର ଅଫିସର ଦିବ୍ୟଦର୍ଶୀ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଚିଚିଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ନ୍ୟାସୀ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଚାନ୍ଦିନିମାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ କେଶବ ରୋହିଦାସ, ଲକ୍ଷ୍ମୀନାରାୟଣ ମିଶ୍ର, ଗୌତମାଲ ପଞ୍ଚାୟତ ସରପଞ୍ଚ ଝରଣା ସାଗର, ସରପଞ୍ଚ ରିତୁ ସା ପ୍ରମୁଖ ମଞ୍ଚାସୀନ ଥିଲେ।

# 'ମୋ ଗାଁରେ ତହସିଲ'

**ରେଢାଖୋଲ,୧୮।୧୨ (ଡି.ଏନ.ଏ.)**

ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ସହ ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜମିଜମା ଦାଖଲ ଖାରଜ, ସଂଶୋଧନ ପାଇଁ ଆବେଦନପତ୍ର ଗ୍ରହଣ ସହ ଫଇସଲା ହୋଇଥିବା ମାମଲା ଗୁଡିକର ପଟ୍ଟା ବଣ୍ଟନ, ବିଭିନ୍ନ ପ୍ରମାଣ ପତ୍ର ପ୍ରଦାନ ଓ ଅଭିଯୋଗ ଗ୍ରହଣ କରାଯାଇଥିଲା। ତେବେ କେବଳ ୨୧ ଜଣ ଆବେଦନକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ତହସିଲଦାର ରୁବି ବେହେରା, ଡେପୁଟି କଲେକ୍ଟର ଏଜଲିନ ବାରା, ଲୁହାପଙ୍କ ସରପଞ୍ଚ ଅଶ୍ୱିନୀ ପ୍ରଧାନଙ୍କ ସମେତ ତହସିଲ କର୍ମଚାରୀ ଯୋଗ ଦେଇଥିଲେ।



ଲୁହାପଙ୍କ ପଞ୍ଚାୟତ ଅଫିସ୍‌ରେ 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମରେ ଅତିଥିମାନେ।

# ବରିଷ୍ଠ ନାଗରିକଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ, ୧୮।୧୨**

ଛେଣ୍ଡ କଲୋନୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ତଥା ବରିଷ୍ଠ ନାଗରିକଙ୍କୁ ନେଇ ସେକ୍ଟର- ୯ ଲୁଗୁନ ପାର୍କ ଠାରେ ଏକ ବନ୍ଧୁ ମିଳନ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ୨ଶହରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ପରିବାର ଯୋଗ ଦେଇଥିଲେ। ଏହି ଅବସରରେ ମହିଳାଙ୍କୁ ନେଇ ମ୍ୟୁଜିକ ଚେୟାର, ସାଧାରଣ ଜ୍ଞାନ, ବ୍ୟଙ୍ଗ କବିତା, କବିତା ପାଠ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବୟସ୍କଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଆଣିଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମକୁ ସୁବାସ ମହାପାତ୍ର ସଂଯୋଜନା କରିଥିଲେ। ସଂଘ ସଭାପତି ନବଘନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ନାଗରିକ ପାରସ୍ପରିକ ଭାବ ବିନିମୟ ସହ ଏଭଳି ଅବସରକୁ ମନଭରି ଉପଭୋଗ କରିଥିଲେ। ଏଥିରେ ମହେନ୍ଦ୍ର ପଟ୍ଟନାୟକ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡ. ପିସି ମହପାତ୍ର , ଡ ଗୋକୁଳାନନ୍ଦ ସାହୁ, ସବିତା ସାହୁ, ଡ. ଆରସି ମେହେର, ଶଙ୍କରପ୍ରସାଦ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏଭଳି କାର୍ଯ୍ୟକ୍ରମ ଆୟୋଜନ ପଛରେ ରହିଥିବା ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିହର ନାୟକ, କୁଳମଣୀ ସାହୁ, ବିଏନ ପଟ୍ଟନାୟକ, ଅଜୟ ମହାନ୍ତି, ହରିଶ ଭୂମିଜ, ନିରଞ୍ଜନ ସେନାପତି, ଫକୀରମୋହନ ନାୟକ, କେସି ସାମଲ, ବିଶ୍ୱମିତ୍ର ଦାସ, ଗିରିଜା ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଙ୍ଗଠନରେ ସାମିଲ ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା।



ସେକ୍ଟର- ୯ ଲୁଗୁନ ପାର୍କଠାରେ ଏକ ବନ୍ଧୁ ମିଳନ ଉତ୍ସବରେ ସମ୍ବର୍ଦ୍ଧନା।

## ଝାରସୁଗୁଡ଼ା ବେଦାନ୍ତ କମ୍ପାନୀ ପକ୍ଷରୁ ରାଷ୍ଟ୍ରୀୟ ଶକ୍ତି ସଂରକ୍ଷଣ ସପ୍ତାହ

# ବିଦ୍ୟୁତ୍ ଅପଚୟ ନ କରିବାକୁ ପରାମର୍ଶ

**ସମ୍ବଲପୁର, ୧୮।୧୨ (ବ୍ୟୁରୋ)**

ଝାରସୁଗୁଡା ବେଦାନ୍ତ କମ୍ପାନୀ ପକ୍ଷରୁ ୨୮ତମ ରାଷ୍ଟ୍ରୀୟ ଶକ୍ତି ସଂରକ୍ଷଣ ସପ୍ତାହ ଝାରସୁଗୁଡାଠାରେ ଉଦ୍‌ଯାପିତ ହୋଇଯାଇଛି । କମ୍ପାନୀ ସିଇଓ ସି.ଏନ. ସିଂ, ମେଟାଲ ଡାଇରେକ୍ଟର ଜି.ଜି. ପଲ, ସେକ୍ଟର-୧ ମୁଖ୍ୟ କ୍ଲିଷ୍ଟ ଏବଂ ଆରଆଣ୍ଡଡି ମୁଖ୍ୟ ହିଲିଓ ବ୍ରୁସି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦ୍ୟୁତ୍ ଅପଚୟ ନ କରିବାକୁ ପରାମର୍ଶ ଦେଇଛପନ୍ତି। ଗତ ଡିସେମ୍ବର ୮ ତାରିଖରୁ ସପ୍ତାହ ବ୍ୟାପି ପର୍ଯ୍ୟାନୁକ୍ରମେ କୁଇଜ, କାର୍ ପୁଲିଂ, ଚିତ୍ରାଙ୍କନ, ନମୁନା ପ୍ରଦର୍ଶନ ପ୍ରତିଯୋଗିତାରେ କମ୍ପାନୀ କର୍ମଚାରୀ, ଅଞ୍ଚଳରେ ଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ଡିଏଭି ସ୍କୁଲ, ସେଣ୍ଟ ମେରି ହାଇସ୍କୁଲ, ମଙ୍ଗଳ ବଜାର ବାଳକ ବିଦ୍ୟାଳୟ, ପୁରୁଣାବସ୍ତିସ୍ଥିତ ମ୍ୟୁନିସିପାଲଟି ହାଇସ୍କୁଲର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶକ୍ତି ସଂରକ୍ଷଣ ବିଷୟରେ ସଚେତନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ସ୍ଥାନରେ ୨ଶହ ଚାରା ରୋପଣ କରାଯିବା ସହ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା ।




ବେଦାନ୍ତ କମ୍ପାନୀ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



# ସାମାଜିକ ସୁରକ୍ଷା କମିଶନରଙ୍କ ବିଭିନ୍ନ କାର୍ଯ୍ୟ ସମୀକ୍ଷା

ବଡଗାଁ, ୧୮।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକରେ ଚାଲିଥିବା ସରକାରଙ୍କ କେତେକ ଯୋଜନାର କାର୍ଯ୍ୟ ଗୁଡ଼ିକର ସମୀକ୍ଷା ଓ ଜନପ୍ରତିନିଧି ମାନଙ୍କ ସହିତ ବୁଧବାର ରାଜ୍ୟ ସାମାଜିକ ସୁରକ୍ଷା ଆୟୋଗ (କମିଶନର) ଆଲୋଚନା କରିଛନ୍ତି। ପୂର୍ବାହ୍ନରେ କମିଶନର ଭାସ୍କର ଜ୍ୟୋତି ବର୍ମାଙ୍କ ସହିତ ପିଡି ଭୈରବ ସିଂ ପଟେଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ବିଶି, ବଡଗାଁ ବିଡିଓ କ୍ଷମାନିଧି ଭୋଇ ଦେଓକରଣପୁର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲାପରେ ଭୋଇପାଲି ପଞ୍ଚାୟତକୁ ଆସିଥିଲେ। ସେଠାରେ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ ଓ ଭତ୍ତା ପାଉଥିବା ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । କମିଶନର ବର୍ମା, କେତେ ଲୋକ



ବଡଗାଁ ବ୍ଲକ ଅଫିସରେ ଜନପ୍ରତିନିଧିଙ୍କ ସହିତ କମିଶନର ଆଲୋଚନା କରୁଛନ୍ତି ।

ଭତ୍ତାରୁ ବଞ୍ଚିତ ଅଛନ୍ତି । ସ୍ୱାମୀ ପରିତ୍ୟକ୍ତା କେହି ଅଛନ୍ତି କି, ମାନସିକ ଭିନ୍ନକ୍ଷମ ଛୋଟପିଲା ଅଛନ୍ତି କି, ପାନୀୟ ଜଳ ଓ ବିଜୁଳି ବ୍ୟବସ୍ଥା କେଉଁଠାରେ ନାହିଁ ପଚାରିବୁଝିବା ସହ ଭତ୍ତା ସମ୍ବନ୍ଧୀୟ କାଗଜପତ୍ର ଯାଞ୍ଚ କରିଥିଲେ। ହିତାଧିକାରୀମାନେ କିଛି ଲୋକ ଭତ୍ତାରୁ ବଞ୍ଚିତ ଥିବା ଜଣାଇଥିଲେ । ଭୋଇପାଲି ପଞ୍ଚାୟତରେ ହିତାଧିକାରୀଙ୍କଠାରୁ ସମସ୍ୟା ବୁଝିଲାପରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସହିତ ଆଲୋଚନା କରିଥିଲେ । ସାମାଜିକ ସୁରକ୍ଷା ସହାୟତା (ଏନଏଫପିଏସ) ପାଇବାକୁ କେହି ଅଛନ୍ତି କି ପଚାରିବାରେ ଏସସିଓ ଅମ୍ବିକା ନାଏକ ଲୋକେ ସହାୟତା ପାଇନଥିବା ଓ ବ୍ଲକର ଫର୍ମ ପଠାଯାଇଥିବା କହିଥିଲେ । ଭତ୍ତା ପାଉଥିବା କେତେକ ହିତାଧିକାରୀ ଶଯ୍ୟାଶାୟୀ ଥିବାରୁ ଭତ୍ତା ପାଇବାରେ ସମସ୍ୟା ହେଉଥିବା ଜନ ପ୍ରତିନିଧିମାନେ ଜଣାଇବାରେ କମିଶନର ଭତ୍ତା ଘରେ ଦିଆଯାଇ ପାରିବ, ଏଥିପାଇଁ ନିୟମ ଅଛି । ହିତାଧିକାରୀ ଲେଖି ଜଣାଇଲେ ଘରକୁ ନେଇ ଭତ୍ତା ଦିଆଯିବ । ଯେଉଁ ହିତାଧିକାରୀ ଚାହିଁବେ ବ୍ୟାଙ୍କରୁ ଭତ୍ତା ପାଇବେ କହିଥିଲେ । ତେବେ କମିଶନରଙ୍କୁ ସାକ୍ଷାତ କରି ବଡଗାଁ ବସଷ୍ଟାଣ୍ଡରେ ୨ ବର୍ଷ ହେଲା ଶୌଚାଳୟ ନିର୍ମାଣ ଅସଂପୂର୍ଣ୍ଣ ଥିବା, ୨ବର୍ଷ ହେଲା ପାନୀୟ ଜଳ ଓଭରହେଡ ଟ୍ୟାଙ୍କ କାର୍ଯ୍ୟକ୍ଷମ କରାଯାଉନଥିବା, ବଡଗାଁ ମହାବୀର ଛକରେ ଷ୍ଟ୍ରିଟ ଲାଇଟ ଦିଆଯାଇନଥିବା, ବଡଗାଁର ଆରଓ ପ୍ଲାଷ୍ଟ ୨ ବର୍ଷ ହେଲା କାର୍ଯ୍ୟକ୍ଷମ କରାଯାଉନଥିବା, ଜରଙ୍ଗଲୋଇ ନିକଟ ଭଙ୍ଗାମୁଣ୍ଡା ଓ ବାଲିପୋଷ ଅଙ୍ଗନୱାଡି ଗୃହ ଅଢ଼େଇ ବର୍ଷ ହେଲା ଅସମ୍ପୂର୍ଣ୍ଣ ଥିବା ଆଦି ୮ଟି ସମସ୍ୟା ଉପରେ ଲିଖିତ ଜଣାଇଥିଲା ବେଳେ ଭୋଇପାଲି କୃଷକ ସଂଗଠନ ସଭାପତି ରବିନ୍ଦ୍ର ପଟେଲ, ମଣ୍ଡିରେ ଧାନ ଦେବା ପାଇଁ ଚାଷୀ ୨୩ ଟଙ୍କାରେ ବସ୍ତା କିଣି ସରକାରଙ୍କଠାରୁ ୧୩ ଟଙ୍କା ପାଉଥିବାରୁ ଅନ୍ତତଃ ୨୦ଟଙ୍କା ବସ୍ତା ବାବଦରେ ଦେବା ଓ ୨୦୧୭ର ପ୍ରଧାନମନ୍ତ୍ରୀ ବୀମା ଯୋଜନାର ଅର୍ଥ ଦେବାକୁ ଦାବି କରିଥିଲେ ।

## ସଂକ୍ଷେପରେ

### ଆତ୍ମନିର୍ଭରଶୀଳ ସଚେତନତା ଶିବିର

**ରିଆମାଳ, ୧୮।୧୨(ଡି.ଏନ.ଏ.):** ଦେବଗଡ ଜିଲା ରିଆମାଳ ବ୍ଲକ ବୁଢାପାଳ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମନିର୍ଭରଶୀଳ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ କୃଷି ଉନ୍ନୟନ ଅଧିକାରୀ ମନୋଜ କୁମାର ପ୍ରଧାନ, ଜିଲା ଶିଳ୍ପକେନ୍ଦ୍ର ଅଧିକାରୀ ପରମାନନ୍ଦ ନାୟକ, ସୁଦୀପ୍ତ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ତାଲିମ ପାଇଥିବା ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଅଧାପକ ସଲିଳ କୁମାର ରଥ ପିଲାମାନଙ୍କୁ ଆତ୍ମନିର୍ଭରଶୀଳ ହେବାର ମାର୍ଗଦର୍ଶନ କରିଥିଲେ। ଶିବିରକୁ ମହାବିଦ୍ୟାଳୟ ଅଧକ୍ଷ ଡିଲେଶ୍ୱର ପ୍ରଧାନ ପରିଚାଳନା କରିଥିଲେ। ରୀନା ବିଶ୍ୱାଳ ଅତିଥି ପରିଚୟ ଓ ଭୂଷଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶ୍ରେଣୀଗୃହ ଉଦ୍‌ଘାଟନ କଲେ ଏମ୍‌ପି

ଦେବଗଡ଼,୧୮।୧୨(ଡି.ଏନ୍.ଏ.)

ଦେବଗଡ଼ ସଦରମହକୁମାସ୍ଥିତ ଯୁକ୍ତ ୩ ସ୍ନାତକ ମହିଳା ମହାବିଦ୍ୟାଳୟରେ ନିର୍ମିତ ହୋଇଥିବା ଅତିରିକ୍ତ ଶ୍ରେଣୀଗୃହକୁ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ଼.ତନ୍ମୟୀ ମହାନ୍ତି, ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ଆଇନଜୀବୀ ଶଚିକାନ୍ତ ଦାଶଙ୍କ ସହ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ମୁତାବକ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି ପକ୍ଷରୁ ଉକ୍ତ ଶ୍ରେଣୀଗୃହ ନିର୍ମାଣ ନେଇ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ।

# କବାଡି ପ୍ରତିଯୋଗିତା ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଦେବଗଡ,୧୮।୧୨(ଡି.ଏନ.ଏ)

ଦେବଗଡ ଗୋପାଳଜୀ ମନ୍ଦିର ପଡିଆରେ ଜାନୁୟାରୀ ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ମହିଳାପୁରୁଷ କବାଡି ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏଥିସହ କବାଡି କମିଟି ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ବୁଧବାର ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମପି ନିତେଶ ଗଙ୍ଗଦେବ ଫିତାକାଟି ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟିତ ହୋଇଛି । ଦେବଗଡ କବାଡି କମିଟି ସଭାପତି ପ୍ରଫୁଲ୍ଲ କୁମାର ନାୟକ ଓ ସମ୍ପାଦକ ଉମାଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରିଆମାଳ ବ୍ଲକ ଅଧକ୍ଷା ରୀତାଞ୍ଜଳୀ ହାତୀ, କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରବି ନାୟକ ଓ ଏମପି ପ୍ରତିନିଧି ରଞ୍ଜିତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବାଡି କମିଟିର ପ୍ରଦୀପ ଛତ୍ରିଆ, ପ୍ରତାପ କିଶୋର ନାୟକ, ଦୀପକ କୁମାର ଦାସ, ସୁରେନ କୁମାର ନାୟକ, ମଞ୍ଜୁଲତା ନାୟକ, ତିଲୋତ୍ତମା ପାତ୍ର, ସୁରେଶ ଚନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଏମ୍‌ପି ନୀତେଶ ଗଙ୍ଗଦେବ ଫିତାକାଟି ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି ।

# ତାବଡା, ଦୁଧିଆନାଳୀ ଧାନମଣ୍ଡି ଉଦ୍‌ଘାଟିତ

ଦେବଗଡ଼/ରିଆମାଳ, ୧୮।୧୨(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଦୁଧିଆନାଳୀ ଓ ରିଆମାଳ ବ୍ଲକ ଅଧୀନ ତାବଡା ସେବା ସମବାୟ ସମିତିରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ଦୁଧିଆନାଳୀ ସେବା ସମବାୟ ସମିତି ସମ୍ପାଦକ ପ୍ରହ୍ଲାଦ ବଣିଚୂଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମିତି ସଭାପତି ପ୍ରମୋଦ ଖାଙ୍କର ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ତିଲେଇବଣି ବ୍ଲକ ଉପାଧକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇଥିବା ବେଳେ ଶତାଧିକ ଚାଷୀ, ସମବାୟ ସମିତି ଡାଇରେକ୍ଟର, ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ । ସେହିପରି ତାବଡା ସେବା ସମବାୟ ସମିତିରେ ମଧ ଧାନମଣ୍ଡି ଉଦ୍‌ଘାଟିତ ହୋଇଥିଲା । ସମିତ ସମ୍ପାଦକ ନରହରି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସମିତି ସଭାପତି ପ୍ରକାଶ କୁମାର ଆଚାର୍ଯ୍ୟ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ତାବଡା ସରପଞ୍ଚ ପାଞ୍ଜିଆ ଭୋଇ, ଆଡଶ ସରପଞ୍ଚ ପୂଜାରୀଣୀ ସାହୁ, ସେବା ସମବାୟ ସମିତି ସହ ସମ୍ପାଦକ ମାଧବ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।




ଅତିଥିମାନେ ତାବଡା ସେବା ସମବାୟ ସମିତିରେ ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଦେବଗଡ଼,୧୮।୧୨(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଅଧୀନ କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବଙ୍କ ସଭାପତିତ୍ୱରେ କଂସର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡ଼.ଚିତ୍ତରଞ୍ଜନ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ଦାସ, ଏକଲବ୍ୟ କନିଷ୍ଠ ମହାବିଦ୍ୟାଳୟ କ୍ରୀଡ଼ା ଅଧାପକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯାଦବ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀ,ଶିକ୍ଷକ ସୁଧିର କୁମାର ପ୍ରଧାନ, ନବୀନ କୁମାର ନନ୍ଦ, ରୋହିତ କୁମାର ସାହୁ, ପ୍ରଦୀପ କୁମାର ବେହେରା, ନଳିତା ସାହୁ, ବିନୀ ନାୟକ, ମଥୁରା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଡାଲମିଆ ସିମେଣ୍ଟର ସିପିପି ରାଜ୍ୟ ସରକାର ଦ୍ୱାରା ସମ୍ମାନିତ



ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କଠାରୁ ଡାଲମିଆ ଶକ୍ତି ବିଭାଗର ମୁଖ୍ୟ ନବଘନ ପାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି ।

ରାଜଗାଙ୍ଗପୁର, ୧୮।୧୨ (ଡି.ଏନ.ଏ)

ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଣ୍ଟ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟକୁ ଭୁବନେଶ୍ୱରର ଜୟଦେବ ଭବନଠାରେ ଓଡିଶା ସରକାରଙ୍କ ଶକ୍ତି ବିଭାଗ ଓ ଶକ୍ତି ଦକ୍ଷତା ବ୍ୟୁରୋ ଏବଂ ଭାରତ ସରକାରଙ୍କ ବିଦ୍ୟୁତ ମନ୍ତ୍ରଣାଳୟ ଦ୍ୱାରା ବର୍ଷ ୨୦୧୯ ମେଟିଟୋରିୟସ ପରଫରମାନ୍ସ ଆୱାର୍ଡରେ (୧୦୦ ମେଗାୱାଟରୁ କମ) ସମ୍ମାନିତ କରାଯାଇଛି। ଏହି ସମ୍ମାନ ଶକ୍ତି ଓ ଶିଳ୍ପ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କଠାରୁ ଡାଲମିଆ ଶକ୍ତି ବିଭାଗର ମୁଖ୍ୟ ନବଘନ ପାତ୍ର ଓ ତାଙ୍କର ଟିମ ଗ୍ରହଣ କରିଛନ୍ତି । ଏଥିରେ ଓଡିଶାର ସମସ୍ତ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ଭାଗ ନେଇଥିଲେ। ସେଥିମଧ୍ୟରୁ ୧୦୦ ମେଗାୱାଟରୁ କମ ବିଭାଗରେ ଡାଲମିଆ ସିମେଣ୍ଟର ରାଜଗାଙ୍ଗପୁର ପାୱାର ପ୍ଲାଣ୍ଟର ପୁରସ୍କୃତ ହୋଇଥିଲା । ଏହି ଅବସରରେ ଓଡିଶା ସରକାରଙ୍କ ଶକ୍ତି ବିଭାଗର ମୁଖ୍ୟ ସଚିବ ବିଷ୍ଣୁପଦ ସେଠୀ, ପରିବେଶ ଓ ଜଙ୍ଗଲ ବିଭାଗର ନିର୍ଦ୍ଦେଶକ ଆଶୁତୋଷ ଦେବତା, ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ସନ୍ତୋଷ ଦାସ ଉପସ୍ଥିତ ରହିଥିଲେ।

# ଫ୍ଲାଏଓଭର ନିର୍ମାଣ ଲାଗି ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଞ୍ଚଳବାସୀ ।

ଦେବଗଡ଼,୧୮।୧୨(ଡ଼ି.ଏନ୍.ଏ.)

ଦେବଗଡ଼ ସହର ଦେଇ ନିର୍ମାଣ ଯାଉଥିବା ୪୯ ନମ୍ବର ଜାତୀୟ ରାଜପଥର ପତ୍ରପାଲି ନିକଟରେ ଏକ ଫ୍ଲାଏଓଭର ହେବା ପାଇଁ ଅଞ୍ଚଳବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖବର ମୁତାବକ ନିଳବେର୍ଣ୍ଣିସାହି, ପତ୍ରପାଲି, ମିରିଗିଡ଼ିଆସାହି, ପଧାନ ସାହି, ଗୋହିରାସାହିର ପ୍ରାୟ ୭୦୦ ପରିବାର ସ୍ଥାୟୀଭାବରେ ବାସ କରଛନ୍ତି। ପତ୍ରାପାଲି ଅଞ୍ଚଳ ଦେଇ ହେଉଥିବା ୪୯ ନଂ. ଜାତୀୟ ରାଜପଥର ବାଇପାସ୍ ରାସ୍ତା କାମ ଚାଲିଛି। ଫଳରେ ଉକ୍ତ ରାସ୍ତାର ଅପର ପାର୍ଶ୍ୱରେ ସେହି ଅଞ୍ଚଳର ବ୍ୟକ୍ତିମାନଙ୍କ ଚାଷଜମି, ଶ୍ମଶାନ, ସ୍କୁଲ ରହିଛି । ଏଣୁ ଭବିଷ୍ୟତକୁ ଆଖି ଆଗରେ ରଖି ଉକ୍ତ ବାଇପାସ୍ ରାସ୍ତା ଉପରେ ଏକ ଫ୍ଲାଏଓଭର ତିଆରି ହେଲେ ସେହି ଅଞ୍ଚଳର ଲୋକେ ଉପକୃତ ହୋଇପାରିବେ । ଏ ନେଇ ଗତ ନଭେମ୍ବର ୨୬ ତାରିଖରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିପ୍ରତି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିଥିବାରୁ ଅଞ୍ଚଳବାସୀ ପୁନର୍ବାର ଏହି ଦାବିକୁ ଦୋହରାଇଛନ୍ତି। ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ସେମାନେ ଆନ୍ଦୋଳନାତ୍ମପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।


**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ**
**ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ**
ଓଡ଼ିଶା ସରକାର
**OFFICE OF THE PROJECT ADMINISTRATOR, ITDA, PHULBANI**
ST & SC Development Department
Government of Odisha
Tel: (06842) 254149, Email: itdaphulbani@gmail.com

**QUOTATION CALL NOTICE**

No. 2983 Date: 16.12.2019

**No. CAD-705:-** Sealed tenders are invited from among the intending authorized dealers / firms having GST registration, Income Tax clearance to supply Washing Machine, LED TV, Water Filter, Invertor, Mosquito Net, Tray, Dustbin etc. at School point of SSD Department Schools of specification of item, terms & condition mode of participation can be downloaded in the District website i.e. www.kandhamal.nic.in. The last date of receipt of tender paper in all respect on dtd. at 03.01.2020 at 4.00PM.

The tender papers can be availed in all working days from 10 AM to 4 PM at ITDA office on payment of Rs. 5,000/- (Rupees Five Thousand) only or can be downloaded from the above mentioned website. The bidders downloading the tender paper must attached DD amount Rs. 5,000/- towards tender paper cost in favour of PA, ITDA, Phulbani payable at SBI, Phulbani.

*Sd./- Project Administrator*
*ITDA, Phulbani*
19069/11/0001/1920

NANDANKANAN

**NANDANKANAN ZOOLOGICAL PARK**
**TENDER NOTICE No. 19 of 2019-20**
**Date: 13.12.2019**

**No.MM-114:-** Deputy Director, Nandankanan Zoological Park invites sealed tender in prescribed form from interested individuals/ firms/ entrepreneurs for **providing Sanitation Service and Outsourcing of Parking facility** to Nandankanan Zoological Park.

The last date of submission of sealed tender: **5.30 PM of 31.12.2019.**

Opening of sealed tender (Technical bid): **11.30 AM of 07.01.2020.**

Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from **16.12.2019.** The downloaded tender papers must be accompanied with a Bank Draft for **Rs. 5900/-** (inclusive of 18% GST) in favour of Deputy Director, Nandankanan Zoological Park payable at Bhubaneswar.

**Sd./- Deputy Director**
**Nandankanan Zoological Park**
08070/11/0004/1920

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNABEDA**
No. 643-O:
e-mail : eerw_sunabeda@yahoo.co.in
e-Procurement Notice for Road & Building works
Identification No Online Tender /04/RWD-SBD/2019-20

Letter No. 5200 / Date: 11.12.2019 /

01. Name of the work :: Building works of Pottangi, Nandapur and Semiliguda block
02. Total Number of works :: 3 nos Road & 3 nos Building
03. Estimated cost :: From 4.00 to 35.00 lakhs
04. Class of Contractor :: "B", "C" & "D" Class
05. Period of Completion :: 3(Three) & 4(Four) Calendar months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, R.W. Division, Sunabeda | Online Tender/04/ RWD-SBD /2019-20 | 18.12.2019 at 11.00 Hours | 31.12.2019 upto 17.00 Hours |

Further details can be seen from the website www.tendersorissa.gov.in

Executive Engineer,
Rural Works Division: Sunabeda.
25059/11/0005/1920

GOVERNMENT OF ODISHA, "e"-PROCUREMENT NOTICE
For Turn key Project
WORKS DEPARTMENT
No. B-434:-
E-mail : ceworldbankprojects@gmail.com
1st corrigendum to Bid Identification No. CE-W.B.P. (O) - 07 /2019 - 20
File No- PIM-MISC- 10 /2008 (Pt.)

Following changes are made to the turnkey tender for the work "Construction of H.L. Bridge over Indravati Reservoir on 1st km of Mahulpatna - Kenduguda - Gopinathpur road in the District of Kalahandi under State Plan" vide Bid Identification No. CE-W.B.P. (O) -07 / 2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para – 03 | The Bid documents will be available in the website: https://tendersodisha.gov.in from | 27.12.2019 at 10.00 Hours. |
| Para – 04 | Bids shall be received only "online" on or before | 24.01.2020 upto 17.00 Hours. |
| Para – 05 | A pre-bid meeting will be held on | 03.01.2020 at 11.30 Hours |
| Para – 06 | Bids received on line shall be opened at | 11.30 Hours on 27.01.2020 |

All other terms and conditions remain unchanged.
34003/11/0013/1920 Sd/- Chief Engineer (World Bank Project), Odisha

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
District Headquarters Hospital Campus, Rayagada-765001
Phone No.: 06856-235603, Fax No.: 06856-236631
No.______/2019 Rayagada, dated, the /12/2019

**SHORT TENDER CALL NOTICE**

No.E-582 :- Sealed tenders are invited from the reputed manufactures/ distributors / suppliers for supply of Media, Reagents, Chemicals, Lab Consumables of DPHL, Mental Health Drugs and Allied Articles under CDM & PHO, Rayagada for the year 2019-20. Requirement list, terms & conditions (Tender Scheduled Paper) may be downloaded from the District website i.e. www.rayagada.nic.in. The last date of receipt of the tender is 23.12.2019 up to 05.30 P.M. (By Speed Post / Registered Post / Courier Service) and the same will be opened on Dt.24.12.2019 at 11.00 A.M. in the office chamber of Chief District Medical & Public Health Officer, Rayagada. The undersigned reserves the right to accept or reject any or all the tenders without assigning any reason thereof.

**Sd./- Dr. Artabandhu Nayak**
**Chief District Medical & Public Health Officer, Rayagada**
10035/11/0016/1920

**GOVT. OF ODISHA, DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**CENTRAL IRRIGATION CIRCLE, BHUBANESWAR**
No. 485-A:
**'e' Procurement Notice No. SECIC 03 of 2019-20**

1. Name of the Work :- Construction of Rajua Barrage Project (Sanput minor, Sardhapur sub-minor, Badput minor, Badput sub-minor, Nankera sub-minor).
2. Tender Cost :- Rs.1,72,36,032.00
3. Bid Document Cost :- Rs.10,000.00 (online)
4. Bid Security :- Rs.1,72,400.00 (online)
5. Class of Contractor :- "B" Class & "A" Class
6. Period of Completion :- 06 Calendar Months

Other details are as follows

| Procurement Officer | Bid Identification No. | Availability of Tender On-line for bidding | | Date of opening of Technical Bid (Cover-I) |
|---|---|---|---|---|
| | | From | To | |
| Superintending Engineer, Central Irrigation Circle, Bhubaneswar | SECIC KID-01 of 2019-20 | 24.12.2019 10.00 Hrs. | 07.01.2020 17.00 Hrs. | 08.01.2020, 11.00 Hrs. |

1. E-mail ID :- secic_dowr@yahoo.com
Further detail conditions can be seen from the Govt. website www.tendersorissa.gov.in
32160/11/0003/1920 *Superintending Engineer, Central Irrigation Circle*



ସଲମାନ

## ବ|ଲି|ଉ|ଡ୍|ହା|ଲ|ଚା|ଲ

■ ସଲମାନ-ସୋନାକ୍ଷୀ ଅଭିନୀତ 'ଦବଙ୍ଗ-୩' ଚଳିତ ମାସ ୨୦ରେ ରିଲିଜ ହେବାକୁ ଯାଉଛି। ଫିଲ୍ମଟିର ପ୍ରଯୋଜନା ସଲମାନ ଖାନ୍, ଅରବାଜ ଖାନ୍ ଏବଂ ନିଖିଲ ଦ୍ୱିବେଦୀ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଭୁଦେବା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସାଜିଦ-ଅଜିଜ।

■ ଅକ୍ଷୟ କୁମାର ରାଜନୀତିରେ ପ୍ରବେଶ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନିର୍ମାଣାଧୀନ ହିନ୍ଦୀ ସିନେମା 'ଗୁଡ୍ ନ୍ୟୁଜ୍'ର ପ୍ରମୋ ଅବସରରେ ସେ ଏପରି କହିଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି କରୀନା କପୁର।

■ 'ପତି ପତ୍ନୀ ଔର ଓ'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅନନ୍ୟା ପାଣ୍ଡେ।

■ ରଣବୀର କପୁର ଏବଂ ଆଲିୟା ଭଟ୍ଟଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ଆସନ୍ତା ବର୍ଷ ଗ୍ରୀଷ୍ମ ଋତୁରେ ରିଲିଜ ହେବାର ଯୋଜନା ରହିଛି।

■ ଦୀପିକା ପାଦୁକୋନ୍ ଏବେ ହୃତିକଙ୍କ ପ୍ରଶଂସାରେ ଶତମୁଖ। ଯୁଆଡେ ଗଲେ ସେ ତାଙ୍କର ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି।

# ଓଡ଼ିଆ ସିନେମାର ଭବିଷ୍ୟତ

"ଓଡ଼ିଆ ଚଳଚ୍ଚିତ୍ର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେଲେ ତାହାର ବ୍ୟବସାୟିକ ସଫଳତା ପାଇଁ ପ୍ରତି ଜିଲାରେ ପ୍ରେକ୍ଷାଳୟର ଅଧିକ ଆବଶ୍ୟକତା ରହିଛି। ପ୍ରେକ୍ଷାଳୟ କମ୍ ସାଙ୍ଗକୁ ବ୍ୟୟବୃଦ୍ଧି ଚଳଚ୍ଚିତ୍ରକୁ ନେଇ ଓଡ଼ିଆ ଚଳଚ୍ଚିତ୍ର କେବେ ବି ସମୃଦ୍ଧି ହେବ ନାହିଁ। ସରକାରଙ୍କ ଶିଳ୍ପ ବିଭାଗ ଯଦି ସବୁ କ୍ଷେତ୍ରରେ ଗୁରୁତ୍ୱର ସହ ବିଚାରବିମର୍ଶ କରି ଆନୁଷ୍ଠାନିକ ପଦକ୍ଷେପ ନ ନେବ ତେବେ ଓଡ଼ିଆ ଚଳଚ୍ଚିତ୍ରର ବିକୃତ ନାମକରଣରେ ଅଣଓଡ଼ିଆ ଛାପା ଚଳଚ୍ଚିତ୍ରର ଶ୍ରୀବୃଦ୍ଧି ହେବ।"



ଓଡ଼ିଆ ଚଳଚ୍ଚିତ୍ର ଏବେ ବେଶ୍ ଚଳଚଞ୍ଚଳ। ଗୋଟିଏ ବର୍ଷରେ ୩୦ରୁ ଊର୍ଦ୍ଧ୍ୱ ସିନେମା ରିଲିଜ ହେଉଛି। ଅନେକ ନୂଆ ପ୍ରଯୋଜକ, କଳାକାର ନିଜ ଭାଗ୍ୟ ପରୀକ୍ଷା କରିବାକୁ ଆଗେଇ ଆସୁଛନ୍ତି- ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଓଡ଼ିଆ ଚଳଚ୍ଚିତ୍ରଟିଏ ଦେଖିବାକୁ ପୂର୍ବପରି ଦର୍ଶକ ଆଉ ଆଗ୍ରହ ପ୍ରକାଶ କରିବାକୁ ସତେଯେମିତି ଅନିଚ୍ଛୁକ। ଏହାର ଯଥେଷ୍ଟ ଉଦାହରଣ ମଧ୍ୟ ରହିଛି। ମୁକ୍ତିଲାଭ କରିବା ପରେ ଗୋଟିଏ ସିନେମା ପ୍ରେକ୍ଷାଳୟରେ ସପ୍ତାହେ ଚାଲିବା କଷ୍ଟକର ହୋଇପଡୁଛି, ଯାହା ଏବେ ଓଡ଼ିଆ ସିନେମାର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ଲଗାଇ ଦେଇଛି। ପ୍ରକୃତପକ୍ଷେ ଭଲ ଓଡ଼ିଆ ସିନେମା ଖୋଜିବା ବିରଳ ହୋଇଯାଇଛି। ଅଭିଜ୍ଞ ନିର୍ଦ୍ଦେଶକ ହାତବାନ୍ଧି ବସିଛନ୍ତି। ବର୍ତ୍ତମାନ ପିଢ଼ିର କତିପୟ ନିର୍ଦ୍ଦେଶକଙ୍କ ହାତରେ ଓଡ଼ିଆ ସିନେମାର ବାଗ୍‌ଡୋର ରହିଛି। ଅପରପକ୍ଷରେ ଓଡ଼ିଶାରେ ଏକମାତ୍ର କଳିଙ୍ଗ ଷ୍ଟୁଡ଼ିଓ ଏବେ ଅବ୍ୟବସ୍ଥା ଘେରରେ। ଏହାର ପୁନରୁଦ୍ଧାର ନେଇ ଉଦ୍ୟମ ହେବା ଆବଶ୍ୟକ। ପ୍ରଯୋଜକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ରାଜ୍ୟ ସରକାର ୨୦୦୪ ମସିହାରୁ ଓଡ଼ିଆ ଚଳଚ୍ଚିତ୍ରକୁ ଟିକସ ମୁକ୍ତ କରିଦେଇଛନ୍ତି। ହେଲେ ତା'ର ସୁଫଳ କିଏ ପାଉଛି, ସମୀକ୍ଷା ନାହିଁ। ପ୍ରଯୋଜକ-ବିତରକ ମଧ୍ୟରେ ସମନ୍ୱୟ ଅଭାବ ହେତୁ ଚଳଚ୍ଚିତ୍ର ଶିଳ୍ପରେ ବ୍ୟାପକ କ୍ଷତି ହେଉଛି।

ଓଡ଼ିଆ ଚଳଚ୍ଚିତ୍ର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେଲେ ତା' ବ୍ୟବସାୟିକ ସଫଳତା ପାଇଁ ପ୍ରତି ଜିଲାରେ ପ୍ରେକ୍ଷାଳୟର ଅଧିକ ଆବଶ୍ୟକତା ରହିଛି। ପ୍ରେକ୍ଷାଳୟ କମ୍ ସାଙ୍ଗକୁ ବ୍ୟୟବୃଦ୍ଧି ଚଳଚ୍ଚିତ୍ରକୁ ନେଇ ଓଡ଼ିଆ ଚଳଚ୍ଚିତ୍ର କେବେ ବି ସମୃଦ୍ଧ ହେବ ନାହିଁ। ସରକାରଙ୍କ ଶିଳ୍ପ ବିଭାଗ ଯଦି ସବୁ କ୍ଷେତ୍ରରେ ଗୁରୁତ୍ୱର ସହ ବିଚାରବିମର୍ଶ କରି ଆନୁଷ୍ଠାନିକ ପଦକ୍ଷେପ ନ ନେବ ତେବେ ଓଡ଼ିଆ ଚଳଚ୍ଚିତ୍ରର ବିକୃତ ନାମକରଣରେ ଅଣଓଡ଼ିଆ ଛାପା ଚଳଚ୍ଚିତ୍ରର ଶ୍ରୀବୃଦ୍ଧି ହେବ। ଓଡ଼ିଆ ଚଳଚ୍ଚିତ୍ରରେ ଆବଶ୍ୟକ ଜ୍ଞାନ ନ ଥିବା କିଛି ନିର୍ଦ୍ଦେଶକ ଚଳଚ୍ଚିତ୍ର ନିର୍ମାଣ ବେଳେ ପ୍ରଯୋଜକମାନଙ୍କୁ ନିର୍ଦ୍ଦିଷ୍ଟ ବଜେଟ୍ ମଧ୍ୟରେ ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଥାଆନ୍ତି। ପରେ ସ୍ଥିରୀକୃତ ଅର୍ଥର ଅଯଥା ଅପବ୍ୟୟ ଯୋଗୁ ନିର୍ମାଣାଧୀନ ଚଳଚ୍ଚିତ୍ରଟି ପଙ୍ଗୁ ହୋଇ କୋଲ୍ଡ ରୁମ୍‌ରେ ପଡିରହେ। ଏହି ଅଯଥା ଖର୍ଚ୍ଚ କାହା ଦ୍ୱାରା ହେଉଛି ତାହା ଜଳଜଳ କରି ଦେଖାଯାଉଥିଲେ ମଧ୍ୟ ପ୍ରଯୋଜକ ନାଚାର।

ଏଭଳି ଢାଞ୍ଚାରେ ଯେତେ ଶୀଘ୍ର ପୂର୍ଣ୍ଣଚ୍ଛେଦ ପଡ଼ିବ ତାହା ଓଡ଼ିଆ ଚଳଚ୍ଚିତ୍ର ପାଇଁ ମଙ୍ଗଳ ହେବ। ଆମ ରାଜ୍ୟରେ ଯେତିକି ପ୍ରେକ୍ଷାଳୟ ରହିଛି ଯଦି ଏକ ସୁନ୍ଦର ଓଡ଼ିଆ ଚଳଚ୍ଚିତ୍ରଟିଏ ନିର୍ମାଣ କରାଯାଏ ତେବେ ଦର୍ଶକ ନିଶ୍ଚୟ ତାହାକୁ ଦେଖିବାକୁ ଆଗ୍ରହ ପ୍ରକାଶ କରିବେ। ହେଲେ ଚଳଚ୍ଚିତ୍ରଟିଏ ଅଳ୍ପ ଖର୍ଚ୍ଚରେ ନିର୍ମାଣ କରାଇ ଦେବୁ ବୋଲି କୁହୁକ ମାୟା ଦେଖାଉଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ଏବେ ଆମ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିରେ କମ୍ ନାହିଁ। ମାଲଦାର ପ୍ରଯୋଜକଟିଏ ଯୋଗାଡ କରି ଅର୍ଥ ହରିଲୁଟ କରିବା ସେମାନଙ୍କର ଏକ ପେସା ହୋଇଗଲାଣି। ତେଣୁ ବେଳ ଥାଉ ଚିହ୍ନି ରଖ ଭ୍ରାତାଙ୍କ ବଦନ ପରି ସେମାନଙ୍କଠାରୁ ପ୍ରଯୋଜକମାନେ ନିଜକୁ ଦୂରେଇ ରଖିବା ଆବଶ୍ୟକ। ପ୍ରଯୋଜକ ବଞ୍ଚିଲେ ଚଳଚ୍ଚିତ୍ର ଶିଳ୍ପ ବଞ୍ଚିବ। ପ୍ରଯୋଜକ ମାରଣନୀତିରୁ ନିବୃତ୍ତ ନ ରହିଲେ ଓଡ଼ିଆ ଚଳଚ୍ଚିତ୍ର ଅଡୁଆ ଆଡ଼କୁ ଯିବ।

**-ଦିଲୀପ ହାଲି**
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୧

# 'ପାଟଣାଗଡ଼'କୁ ଅନ୍ତର୍ଜାତୀୟ ପୁରସ୍କାର



ଶ୍ରୀଧର

ସତ୍ୟ ଘଟଣାକୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ପାଟଣାଗଡ଼' ନିକଟରେ ମୁମ୍ବାଇର ଲୋନାଭୋଲାଠାରେ ସମାପିତ 'ଏଲଆଇଏଫଏଫଟି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ-୨୦୧୯'ରେ ଇସ୍ପାଇଲ ମର୍ଚ୍ଚାଣ୍ଟ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଏହି ପ୍ରତିଯୋଗିତାରେ ୪୦ଟି ଦେଶର ୨୫୦ଟି ଚଳଚ୍ଚିତ୍ର ଅଂଶଗ୍ରହଣ କରିଥିଲା। ଶେଷରେ 'ପାଟଣଗଡ'କୁ ଶ୍ରେଷ୍ଠ ପ୍ରଯୋଜକ (ଶ୍ରୀଧର ମାର୍ଥା) ଏବଂ ଶ୍ରେଷ୍ଠ ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ ପୁରସ୍କାର (ଜର୍ଜ ଜୋସେଫ) ମିଳିଛି। ପୁରସ୍କାର ଗ୍ରହଣ ପରେ ଶ୍ରୀଧର କହନ୍ତି, 'ଏହି ଫିଲ୍ମଟି ଥିଲା ମୋର ଏକ ଡ୍ରିମ ପ୍ରୋଜେକ୍ଟ। ଏଥିପାଇଁ ଯେତେବେଳେ ମୁଁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କଲି ସେତେବେଳେ ମୋ ମନକୁ ଆସିଥିଲା ଯେ, ଏହି ସିନେମା କେବଳ ଜାତୀୟ ସ୍ତରରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରଶଂସିତ ହେବ। ତାହା ଆଜି ସତରେ ପରିଣତ ହୋଇଛି। ଏଥିପାଇଁ ଏହାର ନିର୍ଦ୍ଦେଶକ ରାଜେଶ ଟଚ୍‌ରିଭର ଏବଂ ଅଭିନୟ କରିଥିବା ସମସ୍ତ କଳାକାର, ଟେକ୍ନିସିଆନ ଏବଂ ଏହି ଫିଲ୍ମ ସହ ସଂପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଜଣାଉଛି। କେବଳ ସେତିକି ନୁହେଁ, ଭବିଷ୍ୟତରେ ଏପରି କାହାଣୀକୁ ନେଇ ସିନେମା ନିର୍ମାଣ ଉଦ୍ୟମ ଜାରି ରଖିବି।' ରେଞ୍ଜ ରୟାଲ ସିନେ ଲ୍ୟାବ ବ୍ୟାନରରେ ପ୍ରସ୍ତୁତ 'ପଟଣାଗଡ'ରେ ମନୋଜ ମିଶ୍ର, ଅତୁଲ କୁଲକର୍ନି, ପୁଷ୍ପା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଦିଶାଙ୍କ ହ୍ୟାଟ୍ରିକ



ଦିଶା ପଟାନିଙ୍କ ତିନୋଟି ଫିଲ୍ମ ଆସନ୍ତା ବର୍ଷ ରିଲିଜ୍ ହେବାର ଯୋଜନା ରହିଛି। ଖାସ୍ କଥା ହେଲା ପ୍ରଥମ ଥର ପାଇଁ ସେ ସଲମାନଙ୍କ ଅପୋଜିଟ୍‌ରେ ଅଭିନୟ କରିବେ। ଫିଲ୍ମଟିର ଟାଇଟଲ ରହିଛି 'ରାଧେ', ଯାହାର ଶୁଟିଂ ଆସନ୍ତାବର୍ଷ ଜାନୁୟାରୀରୁ ଆରମ୍ଭ ହେବ। ତା'ପରେ ଆସନ୍ତାବର୍ଷ ଏପ୍ରିଲରେ ଏକତା କପୁରଙ୍କ ପ୍ରଯୋଜିତ 'କିଟ୍‌ନା'ର ଶୁଟିଂ ଆରମ୍ଭ ହବ। 'ରାଧେ' ଇଦ୍ ଅବସରରେ ମୁକ୍ତିଲାଭ କରିବ ଏବଂ 'କିଟ୍‌ନା' ବର୍ଷର ଶେଷ ଭାଗରେ ପରଦା ଉପରକୁ ଆସିବ। ଅନ୍ୟପକ୍ଷରେ ଆଦିତ୍ୟ ରାୟ କପୁର-ଦିଶାଙ୍କୁ ନେଇ ନିର୍ମିତ 'ମଲଙ୍ଗ' ଆସନ୍ତାବର୍ଷ ଫେବୃୟାରୀରେ ରିଲିଜ ହେବ। ତେଣୁ ଆସନ୍ତାବର୍ଷ ଦିଶା ବଲିଉଡ୍‌ରେ ହ୍ୟାଟ୍ରିକ ମାରିବାକୁ ଯାଉଛନ୍ତି। ଏହାବ୍ୟତୀତ ତାଙ୍କ ହାତରେ ଏବେ ୩-୪ଟି ବଲିଉଡ୍ ଅଫର ମଧ୍ୟ ରହିଛି।

# ସ୍ମୃତି @ ୬୦



ରଜନୀ ରଞ୍ଜନ

ଡ. ରଜନୀ ରଞ୍ଜନ। ପେସା ଅଧ୍ୟାପନା, ହେଲେ ନିଶା ସଂଳାପ ରଚନା। ଓଲିଉଡ୍‌ର ଜଣେ ଆଗଧାଡ଼ିର ସଂଳାପକାର ଭାବରେ ସାଉଁଟିଛନ୍ତି ଅନେକ ପ୍ରଶଂସା। ଚଳିତ ମାସ ୨୨ରେ ସେ ୬୦ବର୍ଷ ବୟସରେ ପ୍ରଦାର୍ପଣ କରୁଛନ୍ତି। ୧୯୯୩ରେ ତାଙ୍କର ଓଡ଼ିଆ ସିନେମାରେ ସଂଳାପ ରଚନା ଆରମ୍ଭ ହୋଇଥିଲା ଆଉ ଚଳଚ୍ଚିତ୍ରଟି ଥିଲା 'ମୋ ଭାଇ ଜଗା'। ଯା ଭିତରେ ସେ ୬୧ଟି ଚଳଚ୍ଚିତ୍ରର ସଂଳାପ ରଚନା କରି ନିଜ କ୍ୟାରିୟରରେ ଆଉ ଏକ ସ୍ମରଣୀୟ ଫର୍ଦ୍ଦ ଯୋଡିଛନ୍ତି। ଓଡ଼ିଆ ସିନେମାରେ ଦୀର୍ଘ ୨୬ ବର୍ଷ ଧରି ସେ ନିଜକୁ ଜଡ଼ିତ ରଖିଛନ୍ତି। କେବଳ ସେତିକି ନୁହେଁ ବେଶ୍ କେତୋଟି ସିନେମାର ସଂଳାପ ତାଙ୍କୁ ଚର୍ଚ୍ଚିତ ମଧ୍ୟ କରାଇଛି। ଏ ସମ୍ପର୍କରେ ବର୍ତ୍ତମାନ ଏକ କଲେଜର ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିବା ରଜନୀ କହନ୍ତି, 'ମୋର ପ୍ରତିଟି ସିନେମାର ସଂଳାପରେ ମୁଁ ଏକ୍ସପେରିମେଣ୍ଟ କରିଥାଏ। 'ପିଲାଟା ବିଗିଡ଼ି ଗଲା', ଜୟ ଜଗନ୍ନାଥ', 'ଲୋଫର', 'ସଞ୍ଜୁ ଆଉ ସଞ୍ଜନା', 'ପହିଲି ରଜ', 'ଗୁଡବୟ', 'ପ୍ରେମ ରୋଗୀ'କୁ ଉଦାହରଣ ଭାବରେ ନେଇପାରନ୍ତି। ଏ ସବୁର ସଂଳାପ କେତେ ପ୍ରଭାବଶାଳୀ ତାହା ପ୍ରମାଣିତ ହୋଇସାରିଛି। କେବଳ ସଂଳାପ ନୁହେଁ, ଗୀତ ରଚନା ମୋର ଆଉ ଏକ ଅଭ୍ୟାସ। ମୋଟ ଉପରେ କହିବାକୁ ଗଲେ ଗୀତ ମୋ ପ୍ରେମିକା ଆଉ ସଂଳାପ ମୋ ସ୍ତ୍ରୀ। ମୋର ମନେ ପଡୁଛି ସବ୍ୟସାଚୀ ମହାପାତ୍ରଙ୍କ 'ବୋଉ' ସିନେମାର ଟାଇଟଲ ଗୀତ 'ମମତା ନଈରେ ସୁନା ବୋଇତ, ଆକାଶଠୁ ବଡ ଯା'ର ପଣତ' ରଚନା କରିବା ସମୟର କଥା। ଗୀତଟି ରଚନା କରିବା ବେଳେ କେମିତି ଆରମ୍ଭ କରିବି ଜାଣିପାରି ନ ଥିଲି। ସେହିଦିନ ରାତିରେ ଶୋଇଥିବା ବେଳେ ମୋ ବୋଉ ସ୍ୱପ୍ନରେ ଆସି ମୋ ମୁଣ୍ଡ ଆଉଁଶି ଆଶୀର୍ବାଦ କରିଥିଲା। ଆଉ ତା'ପରଦିନ ମୁଁ ଗୀତଟିକୁ ଲେଖିବାରେ ସଫଳ ହୋଇଥିଲି। ନିକଟରେ ମୁଁ ଚାକିରିରୁ ଅବସର ନେବା ପରେ ଓଡ଼ିଆ ସିନେମା ସହ ଆହୁରି ନିଜକୁ ଜଡିତ ରଖିବି।' ରଜନୀଙ୍କ ସଂଳାପକୁ ଆଧାର କରି ଏବେ ୬ଟି ସିନେମା-'ଶହୀଦ ରଘୁ ସର୍ଦ୍ଦାର', 'ତୁ ମୋ ଡାର୍ଲିଂ', 'ତୁ ମୋର ନିହାତି ଦରକାର', 'ଲୈଲା ମଜ୍‌ନୁ', 'ଟିକେ ଲଭ୍ ଟିକେ ଟ୍ୱିଷ୍ଟ' ଏବଂ 'ତୁ ମୋ ଧଡକନ୍' ରିଲିଜ ଅପେକ୍ଷାରେ ରହିଛି।

## ନୂଆ ସିନେମା

### ଇନ୍ଦ୍ରଜାଲ



ସମ୍ବିତ

ପ୍ରଯୋଜକ ରମେଶ ବାରିକ ଆଉ ଏକ ସିନେମାର ପ୍ରଯୋଜନା କରିବାକୁ ଯାଉଛନ୍ତି। ଉକ୍ତ ଓଡ଼ିଆ ସିନେମାର ଟାଇଟଲ ରହିଛି 'ଇନ୍ଦ୍ରଜାଲ'। ଆର୍.ଆର୍, ଇଭେଣ୍ଟସ ବ୍ୟାନରରେ ଚିତ୍ରଟିର ମେଲ୍ ଲିଡ୍‌ରେ ଅଛନ୍ତି ସମ୍ବିତ ଆଚାର୍ଯ୍ୟ ଏବଂ ତାଙ୍କର ନାୟିକା ସାଜିଛନ୍ତି ଦେବଜାନୀ। ପିନୁ ନାୟକ ନିର୍ଦ୍ଦେଶନା ଭାର ସମ୍ଭାଳିବେ। ଏକ ରହସ୍ୟମୟ ଘଟଣା ଉପରେ କାହାଣୀ ଆଧାରିତ। ଫିଲ୍ମ ସମ୍ପର୍କରେ ଅନ୍ୟତମ ଆଗଧାଡ଼ିର ତଥା ସଫଳ ପ୍ରଯୋଜକ ରମେଶ କହନ୍ତି, 'ଏହାର କାହାଣୀରେ ସସପେନ୍ସ ଏବଂ ଥ୍ରୀଲର ରହିଛି। ମୋର ପ୍ରତିଟି ସିନେମାରେ ଦର୍ଶକଙ୍କୁ ଡିଫରେଣ୍ଟ ଚାର୍ମ ଦେବାକୁ ଚେଷ୍ଟା କରିଥାଏ। ଏହି ଫିଲ୍ମର କାହାଣୀରେ କ'ଣ ସ୍ପେଶାଲ ରହିଛି ତାହା ରିଲିଜ ହେଲେ ହିଁ ଜାଣିପାରିବେ।'

### ଚାଲିଛି ନାୟିକା ଖୋଜା



ପପୁ

ପ୍ରତିମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ନୂଆ ସିନେମା 'ଗାଁର ନାଁ ଗାଲୁଆପୁର'। କମେଡିଭିତ୍ତିକ କାହାଣୀକୁ ଆଧାର କରି ପ୍ରସ୍ତୁତ ହେବାକୁ ଯାଉଥିବା ଏହି ଫିଲ୍ମର ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ବରିଷ୍ଠ ନିର୍ଦ୍ଦେଶକ ଜିତେନ୍ଦ୍ର ମହାପାତ୍ର। ବେଶ୍ କିଛିବର୍ଷର ଗ୍ୟାପ୍ ପରେ ଏହି ଫିଲ୍ମର ସ୍ୱର ସଂଯୋଜନା କରୁଛନ୍ତି ପୁଟୁକି ଗାଲି ଫେମ୍ ଅମରେନ୍ଦ୍ର ମହାନ୍ତି। ଖାସ୍ କଥା ହେଲା, ଚିତ୍ରଟିର ମେଲ୍ ଲିଡ୍‌ରେ ଅଭିନୟ କରିବେ ପପୁ ପମପମ। ହେଲେ ତାଙ୍କ ଅପୋଜିଟ୍‌ରେ ନାୟିକା କିଏ ସାଜିବେ ସେ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ନାୟିକା ମିଶନ ଆରମ୍ଭ କରାଯାଇଛି। ତେବେ ଫିଲ୍ମର ନାୟିକା ଏବଂ ଅନ୍ୟାନ୍ୟ ଭୂମିକାରେ କିଏ ଅଭିନୟ କରିବ ତାହା ଖୁବ୍ ଶୀଘ୍ର ଜଣାଇ ଦିଆଯିବ ବୋଲି ଏହାର ପ୍ରଯୋଜକ ସଂପ୍ରୀତ ଶତପଥୀ ସୂଚନା ଦେଇଛନ୍ତି।

## ଅପେରା ହାଲଚାଲ

### ଲମ୍ବା ରେସ୍‌ର ଘୋଡ଼ା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା। ଦେଖୁନାହାନ୍ତି, ଜଲିଉଡ୍‌ରେ ପାଦ ଦେଉ ଦେଉ ସେ କେମିତି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି। ପୁଣି ଆରମ୍ଭରୁ ତାଙ୍କୁ ମିଳିଛି ନେଗେଟିଭ ଭୂମିକା। କେବଳ ସେତିକି ନୁହେଁ, ନିଜର ଡେବ୍ୟୁ ରୋଲ୍‌କୁ ସେ ଏମିତି ତୁଲାଇଛନ୍ତି ଯେ ତାହାକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ଓଡ଼ିଆ ଅପେରା ଜଗତର ଏହି ଲମ୍ବା ରେସ୍‌ର ଘୋଡା ହେଲେ ସନ୍ଦୀପ କୁମାର ଦାସ। ଚଳିତ ଯାତ୍ରା ସିଜନ୍‌ରେ ତାଙ୍କୁ ବାଘାଯତୀନ ଲୋକନାଟ୍ୟରେ ଦେଖିବାକୁ ମିଳିଛି। ନିଜ କ୍ୟାରିୟର ସମ୍ପର୍କରେ ବାଲେଶ୍ୱର ଜିଲା ଖନ୍ତାପଡ଼ା ଅନ୍ତର୍ଗତ ପଦାଗାଁ ଗ୍ରାମରେ ଜନ୍ମିତ (ମା- ଗୀତାଞ୍ଜଳି ଦାସ, ବାପା- କ୍ଷିତୀଶ କୁମାର ଦାସ) ତଥା ଏମବିଏ ଡିଗ୍ରୀ ହାସଲ କରିଥିବା ସନ୍ଦୀପ କହନ୍ତି, 'ବାଘାଯତୀନ ଲୋକନାଟ୍ୟ ଦ୍ୱାରା ଏବେ ପରିବେଷିତ ହେଉଥିବା ନାଟକ 'ସୀତାର ଜଳୁଛି ଚିତା'ର ମୃଗେଶ ମାନସିଂ ଚରିତ୍ରରେ ମୁଁ ଅଭିନୟ କରୁଛି। ରୋଲ୍‌ଟି ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି, ଯାହାର ମୂଲ୍ୟ ଏବେ ମୋତେ ମିଳିଛି। ଟିଟନ ସାର୍‌ଙ୍କ ଆକ୍ଟିଂ ଇନଷ୍ଟିଚ୍ୟୁଟ୍ 'ତପସ୍ୟା'ରୁ ପାସ୍ କରିବା ପରେ ମୋତେ ସିଧାସଳଖ ଏହି ସୁଯୋଗ ମିଳିଛି। ଏଥିପାଇଁ ଟିଟନ ସାର୍, ମହେଶ ସାର୍, ନିର୍ଦ୍ଦେଶକ ଆଶୁତୋଷ ସାର୍ (ମହାପାତ୍ର) ଏବଂ ଗୁରୁ ପ୍ରଣୟ ସାହୁଙ୍କ ପ୍ରେରଣାକୁ ମୁଁ କଦାପି ଭୁଲି ପାରିବି ନାହିଁ।"



ସନ୍ଦୀପ

## ଆଜି କ'ଣ କେଉଁଠି

**ସମ୍ବଲପୁର**

■ଚାଉଁରପୁର ହାଇସ୍କୁଲର ୩୬ତମ ପ୍ରତିଷ୍ଠା ଦିବସ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା । ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ।

■ତୃତୀୟ ଗଡ଼ଜାତ ଲୋକମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆ, ଅପରାହ୍ନ ୫ଟା।

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ଶ୍ରୀମୁଖ ଶୃଙ୍ଗାର

**ପୁରୀ ଅଫିସ, ୧୮।୧୨:** ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୩ଟା ୫ରୁ ସନ୍ଧ୍ୟା ୭ଟା ୫ ପର୍ଯ୍ୟନ୍ତ ଦାରୁଦିଅଁଙ୍କ ଦର୍ଶନ ବନ୍ଦ ରହିଥିଲା । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା । ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ । ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ ।

### ସେବାଶ୍ରମ ଆଟେଣ୍ଡାଣ୍ଟଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର, ୧୮।୧୨(ଡି.ଏନ୍.ଏ.)-** ମୟୂରଭଞ୍ଜ ଜିଲା ଯାମଦା ଥାନା ଅଧୀନ ମାନବୀର ଆଦିବାସୀ ହରିଜନ କଲ୍ୟାଣ ବିଭାଗୀୟ ସେବାଶ୍ରମ ଛାତ୍ରାବାସର ଆଟେଣ୍ଡାଣ୍ଟଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ସନ୍ତୋଷ କୁମାର ନନ୍ଦ। ତାଙ୍କ ଘର ବିଶୋଇ ଥାନା ଅଧୀନ ଅଶନା ନିକଟବର୍ତ୍ତୀ କୋଇଲିସୁତା ଗ୍ରାମରେ। ସେ ଆସନ୍ତା ୨୦୨୦ ଫେବୃୟାରୀ ଶେଷରେ ଚାକିରିରୁ ଅବସର ନେଇଥାନ୍ତେ। ପୋଲିସ ସୂଚନା ଅନୁଯାୟୀ, ମୃତକ ସନ୍ତୋଷ ଛାତ୍ରାବାସର ଆଟେଣ୍ଡାଣ୍ଟ ତଥା ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଭୋର ସମୟରେ ତାଙ୍କୁ ଗୁରୁତର ଅବସ୍ଥାରେ ସେବାଶ୍ରମର ଶିକ୍ଷକଗଣ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯) ରୁଜୁ କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୁଆମରା, ୧୮।୧୨(ଡି.ଏନ୍.ଏ.)** ଖୁଣ୍ଟା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଆରପଟା ପଞ୍ଚାୟତ ବାଲିସାହି ଗ୍ରାମର ମଙ୍ଗଳ ସିଂ (୨୧)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୩/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ପରିବାର ଲୋକେ ଶୋଇ ପଡ଼ିବା ପରେ ମଙ୍ଗଳ ଘରଠାରୁ କିଛି ଦୂର ଏକ ନିମ୍ବ ଗଛରେ ବେକରେ ଲୁଗା ବାନ୍ଧି ଝୁଲିପଡିଥିଲେ। ସକାଳେ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଥାନା ସେକେଣ୍ଡ ଅଫିସର ସୌମ୍ୟ ରଞ୍ଜନ ଭୋଳ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ହରଦୀପ ସିଂ ପୁରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

# 'ଓଡ଼ିଶାକୁ ଅନ୍ତର୍ଜାତୀୟ ବିମାନ ସଂଖ୍ୟା ବୃଦ୍ଧି କରାଯାଉ'

**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)**

■ଜୟପୁର, ରାଉରକେଲା ବିମାନବନ୍ଦର ବିକାଶକୁ ଗୁରୁତ୍ୱ

■ଓଡ଼ିଶା ଉପଯୁକ୍ତ ରାଜ୍ୟ, ପରିଦର୍ଶନରେ ଆସିବାକୁ ଆମନ୍ତ୍ରଣ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଅଧିକ ଅନ୍ତର୍ଜାତୀୟ ବିମାନ ସଂଯୋଗ ଓ ଘରୋଇ ବିମାନ ଚଳାଚଳକୁ ଆହୁରି ବ୍ୟାପକ କରିବା ପାଇଁ ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଚିଠି ଲେଖିଛନ୍ତି। ଅନ୍ତର୍ଜାତୀୟ ବିମାନ ସେବା ପାଇଁ ଏଠାରେ ଯଥେଷ୍ଟ ସୁଯୋଗ ସହ ଆବଶ୍ୟକ ଭିତ୍ତିଭୂମି ରହିଛି। ଓଡ଼ିଶାର ବିଭିନ୍ନ ବିକଶିତ କ୍ଷେତ୍ର ଓ ସମ୍ବଳର ଉଦାହରଣ ଦେଇ ହରଦୀପଙ୍କୁ ରାଜ୍ୟ ପରିଦର୍ଶନରେ ଆସିବାକୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଲେଖିଛନ୍ତି ଯେ, ବିଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ବିମାନ ଚଳାଚଳ କ୍ଷେତ୍ରର ବୃଦ୍ଧି ଘଟିବା ସହ ଘରୋଇ ବିମାନ ଚଳାଚଳରେ ମଧ୍ୟ ଆଖିଦୃଶିଆ ଉନ୍ନତି ହୋଇଛି। ଏବେ ଅନ୍ତର୍ଜାତୀୟ ବିମାନ ଚଳାଚଳ ଉପରେ ଗୁରୁତ୍ୱ ଦିଆଯାଉ। ବର୍ତ୍ତମାନ ଓଡ଼ିଶାରୁ ଗୋଟିଏମାତ୍ର ବିମାନ ବିଦେଶକୁ ଉଡାଣ କରୁଛି। ଏହା ବ୍ୟତୀତ ଆଉ କିଛି ବିମାନ ଭାୟା ଦିଲ୍ଲୀ ଓ କୋଲକାତା ଦେଇ ବିଦେଶକୁ ଚଳାଚଳ କରୁଛି। ବିଦେଶରେ ବୈଷୟିକ, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ବିମାନ ଚଳାଚଳ, ଉତ୍ପାଦନ ଓ ଅନ୍ୟାନ୍ୟ ସେବା କ୍ଷେତ୍ରରେ ପ୍ରବାସୀ ଓଡ଼ିଆଙ୍କ ସଂଖ୍ୟା ଅଧିକ ରହିଛି। ଆମେରିକା ଓ ୟୁରୋପ ଭଳି ବିକଶିତ ମହାଦେଶରେ ପ୍ରବାସୀ ଓଡ଼ିଆ ବେଶ୍ ସଫଳ ଓ ସମୃଦ୍ଧ ହୋଇଛନ୍ତି। ଯୋଗାଯୋଗର ସହଜ ମାଧ୍ୟମ ଯୋଗୁ ପୂରା ବିଶ୍ୱରେ ଓଡ଼ିଆମାନେ ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇଛନ୍ତି। ମଧ୍ୟପୂର୍ବ ଦେଶଗୁଡ଼ିକରେ ମଧ୍ୟ ଓଡ଼ିଆଙ୍କ ସଂଖ୍ୟା ବଢ଼ି ଚାଲିଛି। ଓଡ଼ିଶାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଫଳ ଭାବେ କାର୍ଯ୍ୟ କରୁଥିବାରୁ ବିଦେଶୀ ସଂସ୍ଥାମାନେ ଓଡ଼ିଆଙ୍କୁ ନିଯୁକ୍ତି ଦେବାରେ ଆଗ୍ରହ ପ୍ରକାଶ କରୁଛନ୍ତି। ଏଥିପାଇଁ ଓଡ଼ିଶା ସହ ବିଶ୍ୱର ଲିଙ୍କ୍ ପରିପ୍ୟାପ୍ତ ହୋଇଚାଲିଛି। ଓଡ଼ିଶାରେ ଭଲ ଭିତ୍ତିଭୂମି ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକ ରହିଛି। ବିଶେଷକରି ପର୍ଯ୍ୟାବରଣ ପର୍ଯ୍ୟଟନସ୍ଥଳୀ ଚିଲିକା ହ୍ରଦ, ଶିମିଳିପାଳ, ଭିତରକନିକା ଓ ସାତକୋଶିଆ ଆଦି ବିଦେଶୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ସମୃଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ରହିଥିବାରୁ ଅନ୍ତର୍ଜାତୀୟ ବୁଦ୍ଧିଷ୍ଟ ସର୍କିଟରେ ଓଡ଼ିଶା ସ୍ଥାନ ପାଇଛି। ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଆଗାମୀ ଦିନରେ ଅନ୍ତର୍ଜାତୀୟ ଟୁର୍ ଅପରେଟରଙ୍କୁ ଆକୃଷ୍ଟ କରିବ। ଉଡ଼ାନ ଯୋଜନାରେ ଘରୋଇ ବିମାନ ଚଳାଚଳ କ୍ଷେତ୍ରରେ ରାଉରକେଲା ଓ ଜୟପୁରକୁ ଖୁବ୍‌ଶୀଘ୍ର ଯୋଡିବାକୁ ଆମେ ଚାହୁଁଛୁ ବୋଲି ନବୀନ ଲେଖିଛନ୍ତି। ରାଉରକେଲାରେ ଆଗକୁ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ପ୍ରମୁଖ ଶିଳ୍ପ ସଂସ୍ଥା ସହ ଓଡ଼ିଶା ଯୋଡି ହୋଇଛି। ନିବେଶ ଉପଯୋଗୀ, ଦକ୍ଷ ମାନବ ଓ ଖଣିଜ ସମ୍ବଳ ଯୋଗୁ ଓଡ଼ିଶା ବିଦେଶୀ ପୁଞ୍ଜି ପାଇଁ ଉପଯୁକ୍ତ ସ୍ଥଳ ହେବ। ତେଣୁ ବିଭାଗୀୟ ଅଧିକାରୀ ଓ ପ୍ରମୁଖ ବିମାନ ଚଳାଚଳ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଧରି ଓଡ଼ିଶା ଆସିବାକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ହରଦୀପଙ୍କୁ ଆମନ୍ତ୍ରିତ କରିଛନ୍ତି।

## ବିଡିଏ ସେକ୍ସନ ଅଫିସରଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

# ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ, ୧୮।୧୨**– ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ସେକ୍ସନ ଅଫିସର (ଏଷ୍ଟାବ୍ଲିସମେଣ୍ଟ) ବିଭୂତି ଭୂଷଣ ରାୟଙ୍କ ଘରେ ବୁଧବାର ଭିଜିଲାନ୍ସ ଟିମ୍ ଯାଞ୍ଚ କରିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ରାୟଙ୍କ ବିଭିନ୍ନ ସ୍ଥାନରେ ଥିବା ଘର ଓ ଅଫିସ ଆଦି ସ୍ଥାନରେ ଯାଞ୍ଚ କରାଯାଇଛି। ଯାଞ୍ଚ ହୋଇଥିବା ସ୍ଥାନ ମଧ୍ୟରେ ଭୁବନେଶ୍ୱର ରସୁଲଗଡ଼ଠାରେ ଥିବା ଗୋଟିଏ ୩ ମହଲା କୋଠା, ଝାରପଡ଼ାଠାରେ ଥିବା ଅନ୍ୟଏକ ୩ ମହଲା କୋଠା ଓ ଦୁଇଟି ଅନ୍ୟ କୋଠା ରହିଛି। ଏହାବାଦ ରାୟଙ୍କ ବିରିବାଟିସ୍ଥିତ ଗାଁ ଘର ଓ ବିଡିଏ ଅଫିସକୁ ଭିଜିଲାନ୍ସ ଏକକାଳୀନ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକ ଯାଞ୍ଚ କରାଯିବା ପରେ ମୋଟ ୧ କୋଟି ୩୮ ଲକ୍ଷ ୮ହଜାର ୭୭୩ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ରାୟ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଠାବ ସମ୍ପତ୍ତିଗୁଡ଼ିକର ପ୍ରାରମ୍ଭିକ ମୂଲ୍ୟ ଆକଳନ କରାଯାଇଛି। ଏହି ଅନୁଯାୟୀ ରାୟଙ୍କ ରସୁଲଗଡ଼ ଓ ଝାରପଡ଼ାଠାରେ ଥିବା ଦୁଇଟି ୩ ମହଲା କୋଠାର ମୂଲ୍ୟ ୭୦ ଲକ୍ଷ ୩୬ ହଜାର ୨୭୩ ଟଙ୍କା ହେବ ବୋଲି ଭିଜିଲାନ୍ସ କହିଛି। ସେହିପରି ରସୁଲଗଡ଼ଠାରେ ତାଙ୍କର ୨ ଲକ୍ଷ ୮୨ହଜାର ୯୦୬ ଟଙ୍କାର ଗୋଟିଏ ନିର୍ମାଣାଧୀନ କୋଠା, ରସୁଲଗଡ଼ରେ ୨ ଲକ୍ଷ ୫୧ ହଜାର ୫୦୦ ଟଙ୍କାର ୩ଟି ପ୍ଲଟ, ୫ ଲକ୍ଷ ୩୦ହଜାର ଟଙ୍କାର ଗୋଟିଏ କାର୍, ୬୫ହଜାର ଟଙ୍କାର ଗୋଟିଏ ବାଇକ୍‌କୁ ଭିଜିଲାନ୍ସ ଠାବ କରିଛି। ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ରାୟ ୪୪ ଲକ୍ଷ ୫୦ହଜାର ୫୩ ଟଙ୍କା ଜମା ରଖିଥିବାବେଳେ ୭ ଲକ୍ଷ ଟଙ୍କାର ସୁନା, ରୁପା ଗହଣାକୁ ଭିଜିଲାନ୍ସ ଠାବ କରିଛି। ଏହାବାଦ୍ ତାଙ୍କ ଘରୁ ୪ ଲକ୍ଷ ୯୨ହଜାର ୪୧୫ ଟଙ୍କାର ଆସବାବପତ୍ରକୁ ଭିଜିଲାନ୍ସ ଠାବ କରିଛି। ରାୟଙ୍କ ସମ୍ପତ୍ତି ସମ୍ପର୍କରେ ଭିଜିଲାନ୍ସ ଅଧିକ ଖୋଳତାଡ଼ କରୁଥିବା ସୂଚନା ମିଳିଛି।

## ମହିଳାଙ୍କ ସୁରକ୍ଷାକୁ ସମ୍ବଲପୁର ପୋଲିସର ଗୁରୁତ୍ୱ

# ୧୦ ବାଇକ୍, ୨ ପିସିଆର୍‌ର ଶୁଭାରମ୍ଭ

**ସମ୍ବଲପୁର, ୧୮।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲା ପୋଲିସ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ଆଉ ଏକ ପ୍ରୟାସ ଆରମ୍ଭ କରିଛି। କେବଳ ମହିଳାଙ୍କ ସୁରକ୍ଷା ଲାଗି ହିଁ ୨ଟି ପିସିଆର ଭ୍ୟାନ୍ ଓ ୨ଟି ବାଇକ୍ ପିସିଆରର ବ୍ୟବସ୍ଥା କରିଛି। ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ ସବୁଜ ପତାକା ଦେଖାଇ ଏହି ପିସିଆର ବ୍ୟବସ୍ଥାକୁ ଶୁଭାରମ୍ଭ କରିଛନ୍ତି। ତେବେ ମୋଟ ୧୦ଟି ବାଇକ୍ ପିସିଆରର ଶୁଭାରମ୍ଭ କରାଯାଇଥିଲା। ମହିଳାଙ୍କ ଲାଗି ଉଦ୍ଦିଷ୍ଟ ୨କୁ ବାଇକ ପିସିଆରକୁ ବାଦ୍ ଆଉ ୮ଟି ସାଧାରଣ ପିସିଆର ଭାବେ କାମ କରିବ। ତେବେ ଏହି ପିସିଆର ଭ୍ୟାନ୍ ଦ୍ୱୟରେ ମହିଳା ପୋଲିସ କର୍ମଚାରୀ ନିୟୋଜିତ ରହିବେ। ଏପରିକି ଟ୍ରେନିଂ ଦେଇ



ଶୁଭାରମ୍ଭ ହୋଇଥିବା ପିସିଆର ବାଇକ୍ ଓ ପିସିଆର ଭ୍ୟାନ।

■ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ଡିଆଇଜି

■ପିସିଆରରେ ମହିଳା ପୋଲିସ କାମ କରିବେ

■୨ ପିସିଆର ବାଇକ୍ କେବଳ ମହିଳାଙ୍କ ସୁରକ୍ଷା ଲାଗି ବୁଲିବ

■ହ୍ୱାଟ୍ସଆପ୍ ନମ୍ବର ଜାରିକଲା ପୋଲିସ

ଏଥିରେ ମହିଳା ଚାଳକ ମଧ୍ୟ ରଖାଯିବ। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସମ୍ବେଦନଶୀଳ ସ୍ଥାନରେ ଏହି ପିସିଆର ପଇଁତରା ମାରିବ। ଏହି ପିସିଆରରେ ଜିପିଏସ୍ ସୁବିଧା ରହିଛି। ପୋଲିସ କଣ୍ଟ୍ରୋଲ ରୁମ୍‌ରୁ ଏହାକୁ ନିୟନ୍ତ୍ରଣ କରାଯିବ। ଏହାସହ ଏକ ହ୍ୱାଟ୍ସଆପ୍ ନମ୍ବର ମଧ୍ୟ ଦିଆଯାଇଛି। ଯଦି କୌଣସି ମହିଳା ଅସୁବିଧାରେ ପଡିବେ ତେବେ ମେସେଜ ଜରିଆରେ ସୂଚନା ଦେଇ ପାରିବେ। ସଙ୍ଗେ ସଙ୍ଗେ ସେମାନଙ୍କୁ ପୋଲିସ ୨୪ ଘଣ୍ଟିଆ ସୁବିଧା ଯୋଗାଇ ଦେବ ପୋଲିସକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ଜିଲାର ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ସହରରେ ୭ଟି ଓ ଜିଲାର ବିଭିନ୍ନ ଥାନାରେ ୬ଟି ପିସିଆର ଭ୍ୟାନ ରହିଛି। ତେବେ ସମ୍ବଲପୁର ଜିଲାରେ ପ୍ରଥମ କରି ବାଇକ୍ ପିସିଆର ସେବା ଆରମ୍ଭ କରଯାଇଛି।

# ବୃହତ୍ ଜମାକାରୀ ହତାଶ

**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)**

## ଚିଟ୍‌ଫଣ୍ଡ ଦୁର୍ନୀତି

■କ୍ଷୁଦ୍ର ଜମାକାରୀଙ୍କୁ କେବଳ ମିଳିବ ସହାୟତା

■ଗୃହ ବିଭାଗ ଜାରି କଲା ସଂଶୋଧିତ ଟର୍ମସ ଅଫ୍ ରେଫରେନ୍ସ

ଚିଟ୍‌ଫଣ୍ଡ ଦୁର୍ନୀତିକୁ ନେଇ ସମଗ୍ର ରାଜ୍ୟ ହୁଲସ୍ଥୂଳ ହେଲା। ଜମାକାରୀଙ୍କୁ ସେମାନଙ୍କ ମୂଳ ଜମା ଅର୍ଥ ଫେରାଇବା ପାଇଁ ରାଜ୍ୟ ସରକାର ତଦନ୍ତ କମିଶନ ବସାଇଛନ୍ତି। ଏପରିକି ଜମାକାରୀଙ୍କ ସଂଖ୍ୟା ଓ ଜମାରାଶି ବିଷୟରେ ଜାଣିବା ପାଇଁ ସତ୍ୟପାଠ ଆହ୍ୱାନ କରାଯାଇଥିଲା। ହେଲେ ଏବେ କେବଳ ୧୦ ହଜାରରୁ କମ ଟଙ୍କା ରଖିଥିବା କ୍ଷୁଦ୍ର ଜମାକାରୀଙ୍କୁ ସରକାର କର୍ପସ ପାଣ୍ଠିରୁ ସହାୟତା ପ୍ରଦାନ କରିବେ। ବଡ ଜମାକାରୀ ସେମାନଙ୍କ ଜମା ଅର୍ଥ ଫେରି ପାଇବା ଆଶା ଛାଡି ଦେବାକୁ ପଡିବ। କେବଳ ପ୍ରକୃତ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରିବା ସକାଶେ ଟର୍ମ ଅଫ ରେଫରେନ୍ସକୁ ସଂଶୋଧନ କରି ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଠକ ଚିଟ୍‌ଫଣ୍ଡ କମ୍ପାନୀ ଦ୍ୱାରା ଠକାମିର ଶିକାର ହୋଇଥିବା କେବଳ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରିବାକୁ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଜମାକାରୀଙ୍କୁ ସରକାର ଗଠନ କରିଥିବା କର୍ପସ ପାଣ୍ଠିରୁ ସହାୟତା ରାଶି ଯୋଗାଇ ଦିଆଯିବ।

ପ୍ରଥମେ ସମସ୍ତ ଜମାକାରୀଙ୍କୁ ଚିହ୍ନଟ କରିବାକୁ ଟର୍ମ ଅଫ ରେଫରେନ୍ସ ଜାରି କରାଯାଇଥିଲା। ତେବେ ଏହି ସଂଶୋଧିତ ରେଫରେନ୍ସ ବୃହତ୍ ଜମାକାରୀଙ୍କୁ ହତାଶ କରିଛି। ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀରେ ଜମା ରଖିଥିବା ଲୋକମାନଙ୍କୁ ସେମାନଙ୍କ ଟଙ୍କା ଆଉ ମିଳିବ ନାହିଁ। ଦୀର୍ଘବର୍ଷ ଧରି ଜମାକାରୀମାନେ ମୂଳ ଟଙ୍କା ଫେରି ପାଇବା ନେଇ ଯେଉଁ ଆଶା କରିଥିଲେ ତାହା ଏବେ ମଉଳି ଯାଇଛି।

# ପିଟିଶନ ଖାରଜ କରିବାକୁ ଯୁକ୍ତି

## ବାରବାଟୀ-କଟକ ନିର୍ବାଚନୀ ମାମଲା

**କଟକ ଅଫିସ, ୧୮।୧୨**

ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ନିର୍ବାଚନୀ ସତ୍ୟପାଠରେ ତଥ୍ୟ ଲୁଚାଇଛନ୍ତି। ତେଣୁ ତାଙ୍କ ସଭ୍ୟପଦକୁ ରଦ୍ଦ କରିବା ପାଇଁ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ବୁଧବାର ଉକ୍ତ ମାମଲାର ଶୁଣାଣି ଜଷ୍ଟିସ ସଙ୍ଗମ ସାହୁଙ୍କ କୋର୍ଟରେ ହୋଇଥିଲା। ବିଧାୟକ ମୋକିମଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ବିଦ୍ୟାଧର ମିଶ୍ର ସାମନ୍ତରାୟଙ୍କ ପିଟିଶନକୁ ଖାରଜ କରିବାକୁ ଯୁକ୍ତି ଉପସ୍ଥାପନ କରିଥିଲେ। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୪ ତାରିଖକୁ ଦିନଧାର୍ଯ୍ୟ କରାଯାଇଛି।

ସୂଚନାଥାଉ କି, ନିର୍ବାଚନୀ ସତ୍ୟପାଠରେ ବିଧାୟକ ମୋକିମ ନିଜ ବିରୋଧରେ ଥିବା ଫୌଜଦାରି ମାମଲାଗୁଡ଼ିକୁ ଉଲ୍ଲେଖ କରିନାହାନ୍ତି। ଏପରି କି ନିଜର ସମ୍ପତ୍ତି ତାଲିକା ସମ୍ପର୍କରେ ସେ ସବିଶେଷ ତଥ୍ୟ ଦେଇ ନ ଥିବା ନେଇ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସାମନ୍ତରାୟଙ୍କ ପକ୍ଷରୁ ଆଡଭୋକେଟ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## ଝରକା ଗ୍ରୀଲ୍ ଭାଙ୍ଗି ଘରେ ପଶିଲେ

# ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି

**ଢେଙ୍କାନାଳ ଅଫିସ, ୧୮।୧୨**

ଢେଙ୍କାନାଳ ସହରସ୍ଥିତ ଟାଉନ ପ୍ଲାନିଂ ଅଞ୍ଚଳର ସଂଘମିତ୍ରା ପରିଡାଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ ଧରଣର ଚୋରି ହୋଇଛି। ଝରକା ଗ୍ରୀଲ୍ ଭାଙ୍ଗି ଘରେ ପଶିଥିବା କେତେଜଣ ଦୁର୍ବୃତ୍ତ ନଗଦ ଟଙ୍କା ସହ ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ନଂ. ୩୮୭/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗରୁ ଜଣାଯାଏ, ସଂଘମିତ୍ରା ପିଲାମାନଙ୍କ ସହ ଏକ ପ୍ରକୋଷ୍ଠରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘରର ଗ୍ରୀଲ ଭାଙ୍ଗି ଭିତରେ ପଶିଥିଲେ। ସେମାନେ ସଂଘମିତ୍ରାଙ୍କ ରୁମ୍ କବାଟ ବାହାର ପଟୁ ବନ୍ଦ କରି ଅନ୍ୟ କୋଠରୀରେ ଲୁଟ୍‌ପାଟ ଚଳାଇଥିଲେ। ସେଠାରେ ଥିବା ଆଲମାରି ତାଲା ଖୋଲି ୫ଟି ସୁନାହାର, ଗୋଟିଏ ଚେନ, ୧୦ଟି ମୁଦି, ୫ଯୋଡା କାନଫୁଲ, ୨ଟି ଛୋଟଚେନ୍, ୮ଟି ଲକେଟ୍ ସହିତ ନଗଦ ୩୫ ହଜାର ଟଙ୍କା ନେଇ ପଳାଇଥିଲେ। ଏ ନେଇ ସଂଘମିତ୍ରାଙ୍କ ସମ୍ପର୍କୀୟ ଶିବପ୍ରସାଦ ପରିଡା ଥାନାରେ ଅଭିଯୋଗ କରିବା ପରେ ଟାଉନ ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଉଲୁଣ୍ଡା

**ବିଜ୍ଞାପନ ସଂଖ୍ୟା: ୩୧୮୩ ତା: ୧୭।୧୨।୨୦୧୯**

ଏତଦ୍ୱାରା ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣ / ଅଣକୁଶଳୀ ଓ କୁଶଳୀ ଶ୍ରମିକ / ସ୍ୱୟଂ ସହାୟକ ଗୋଷ୍ଠୀ/ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ/ ତଦାରଖ ତଥା ପରିଚାଳନା କମିଟିର ସଭ୍ୟ/ସଭ୍ୟା ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜାତୀୟ ସାମାଜିକ ନିରାପତ୍ତା ସହାୟତା (NSAP) ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଅଧୀନରେ ୨୦୧୯/୨୦ (୦୧ ଏପ୍ରିଲ ୧୯ରୁ ୩୦ ସେପ୍ଟେମ୍ବର ୧୯) ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ତଥା ଗ୍ରାମ ପଞ୍ଚାୟତମାନଙ୍କ ଦ୍ୱାରା ସମ୍ପାଦିତ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଶତପ୍ରତିଶତ ମଷ୍ଟରରୋଲ ତନଖି ଏବଂ ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମତେ ଦିବା ୧୦.୦୦ଘ. ସମୟରେ ପ୍ରତ୍ୟେକ ଗ୍ରା.ପ. କାର୍ଯ୍ୟାଳୟଠାରେ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବ। ଏହି ଯାଞ୍ଚ ସମୟରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଗ୍ରାମ ରୋଜଗାର ସେବକ ଉପସ୍ଥିତ ରହିବେ। ଏହି ଯୋଜନା ସଫଳ କରିବା ନିମନ୍ତେ ଆପଣମାନେ ବହୁସଂଖ୍ୟାରେ ଯୋଗଦାନ କରି ଆଲୋଚନାରେ ନିଜ ମତାମତ ପ୍ରଦାନ କରିବାକୁ ଅନୁରୋଧ।

**ଯାଞ୍ଚ ହେବାକୁ ଥିବା ବିଷୟ:–** (୧) ପରିବାର ପଞ୍ଜୀକରଣ, (୨) ଜବ୍‌କାର୍ଡ ପ୍ରଦାନ, (୩) କାମ ପାଇଁ ଆବେଦନ, (୪) କାର୍ଯ୍ୟ ପ୍ରଦାନ, (୫) କାର୍ଯ୍ୟର ମୂଲ୍ୟାୟନ, (୬) ମଜୁରି ଦେୟ, (୭) ଦସ୍ତାବିଜ ଯାଞ୍ଚ (ମଷ୍ଟରରୋଲ, ମାପ ବହି ଇତ୍ୟାଦି), (୮) ଅଭିଯୋଗ ଓ ପଦକ୍ଷେପ ଗ୍ରହଣ

| କ୍ର. ସଂ. | ଗ୍ରାମ ପଞ୍ଚାୟତ | ସମୀକ୍ଷା ତାରିଖ ସୂଚୀ NSAP | ସମୀକ୍ଷା ତାରିଖ ସୂଚୀ MGNREGS | ସମୀକ୍ଷା ବୈଠକ | ଯାଞ୍ଚ ଅଧିକାରୀଙ୍କ ନାମ ଓ ପଦବୀ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | କୋଟସମଲାଇ | ୨୦।୧୨।୨୦୧୯ ଠାରୁ ୨୪।୧୨।୨୦୧୯ | ୨୬।୧୨।୨୦୧୯ ଠାରୁ ୦୨।୦୧।୨୦୨୦ | ୦୨।୦୧।୨୦୨୦ | N. Bhuyan - JE & JE/GPTA/ PEO/ GRS of Concerned GP |
| ୨ | କାଦୋଦର | | | | M. Majhi, JE & JE/ GPTA/ PEO/ GRS of Concerned GP |
| ୩ | ଜାଲୋଏ | | | | S. Banjara, AO & JE/ GPTA/ PEO/ GRS of Concerned GP |
| ୪ | କଳାପଥର | | | | Md. A. Sarrif - JE & JE/ GPTA/ PEO/ GRS of Concerned GP |
| ୫ | ବିଶିପଡ଼ା | | | | Bsso- A Mishra & JE/ GPTA/ PEO/ GRS of Concerned GP |
| ୬ | ମହଦା | | | | R.K. Swain- BLC & JE/ GPTA/ PEO/ GRS of Concerned GP |
| ୭ | ମୁଣ୍ଡୋଘାଟ | ୦୬।୦୧।୨୦୨୦ ଠାରୁ ୦୯।୦୧।୨୦୨୦ | ୧୦।୦୧।୨୦୨୦ ଠାରୁ ୧୮।୦୧।୨୦୨୦ | ୧୮।୦୧।୨୦୨୦ | R.K. Swain- BLC & JE/ GPTA/ PEO/ GRS of Concerned GP |
| ୮ | ରକ୍ସା | | | | I. Padhan - BSA & JE/ GPTA/ PEO/ GRS of Concerned GP |
| ୯ | ନିମ୍ନା | | | | S. Behera JE & JE/ GPTA/ PEO/ GRS of Concerned GP |
| ୧୦ | ଲସ୍ତଲା | | | | S. Guru- GPTA & JE/ GPTA/ PEO/ GRS of Concerned GP |
| ୧୧ | କ୍ଷେମାଲୋଏ | | | | SR Nayak, MI & JE/ GPTA/ PEO/ GRS of Concerned GP |
| ୧୨ | ଉଲୁଣ୍ଡା | | | | S. Banjara, AO & JE/ GPTA/ PEO/ GRS of Concerned GP |
| ୧୩ | ପଞ୍ଚମହଲା | ୨୨।୦୧।୨୦୨୦ ଠାରୁ ୨୮।୦୧।୨୦୨୦ | ୨୯।୦୧।୨୦୨୦ ଠାରୁ ୦୬।୦୨।୨୦୨୦ | ୦୬।୦୨।୨୦୨୦ | S. Padhan, JE & JE/ GPTA/ PEO/ GRS of Concerned GP |
| ୧୪ | ଚଡ଼ାଇପଙ୍କ | | | | A. Mishra, BSSO & JE/ GPTA/ PEO/ GRS of Concerned GP |
| ୧୫ | ଜଉଁରାଭଉଁରା | | | | R.K. Swain- BLC & JE/ GPTA/ PEO/ GRS of Concerned GP |
| ୧୬ | ସିଣ୍ଡୋଲ | | | | S. Guru, GPTA & JE/ GPTA/ PEO/ GRS of Concerned GP |
| ୧୭ | ଏସ୍.ପତ୍ରାପାଲି | | | | N. Bhuyan- JE & JE/ GPTA/ PEO/ GRS of Concerned GP |

ସାମାଜିକ ସମୀକ୍ଷା ୨୦୧୯–୨୦ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବିବରଣୀ ଉପରୋକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ନିଜ ନିଜ ଅଞ୍ଚଳରେ ନୋଟିସ୍, ଢେଙ୍ଗୁରା ମାଧ୍ୟମରେ ବହୁଳ ଭାବରେ ପ୍ରଚାର ଓ ପ୍ରସାର କରାଇବେ। ସମସ୍ତେ ନିଜ ନିଜ ଗ୍ରାମପଞ୍ଚାୟତରେ ନିଶ୍ଚିତ ରୂପେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି କାର୍ଯ୍ୟର ସୁପରିଚାଳନା କରିବେ।

**ସ୍ୱା./– କାର୍ଯ୍ୟକ୍ରମ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR

Advt. Letter No. 5952 Dated 17.12.2019

**CANCELLATION NOTICE**

**No. E-584:-** with pursuance to the office Tender No. 4577 on Dated 23.09.2019 for ASHA HBNC KIT, was published in daily news paper i.e. "Dharitri" on dated 25.09.2019 is hereby cancelled due to Administrative Ground.

*Sd./- Chief District Medical & Public Health Officer, Keonjhar*

10033/11/0034/1920

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR

**TENDER CALL NOTICE**

**Ref No.9469** **Dated: 18.12.19**

"It is for information to all the parties concerned to submit their bid for **Supply of Equipments (Order Picker, Hydraulic Trolley, etc.) for Strengthening of District ware House, Jajpur."** to the office of the CDM&PHO, Jajpur on or before 07.01.2020 at 4 P.M. by speed post, Courier service, registered post only. For terms and conditions regarding Tender Call, please log on to the website; **www.jajpur.nic.in.**

The interested parties with valid documents may participate in tender process himself or with their representatives with applicable terms and conditions".

**Sd./- Chief District Medical & Public Health Officer, Jajpur**

## ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ପାତ୍ରପଡା

**ପଞ୍ଚାୟତ ସମିତି-ଛେଣ୍ଡିପଦା, ଜିଲ୍ଲା-ଅନୁଗୋଳ**
**ପତ୍ର ସଂଖ୍ୟା: ୫୨/୨୦୧୯**

ଆପଣଙ୍କୁ ଜଣାଉଅଛୁ ଯେ, ଗଡ଼ମଣ୍ଡଳ ପଞ୍ଚାୟତ ଅଫିସ ପାଖରେ ଥିବା ୬ଟି ଦୋକାନ ଘରର ଆସନ୍ତା ତା୨୪।୧୨।୨୦୧୯ରିଖ ପୂର୍ବାହ୍ନ ଘ.୧୧.୦୦ ସମୟରେ ପାତ୍ରପଡା ଗ୍ରା.ପ. କାର୍ଯ୍ୟାଳୟଠାରେ ଖୋଲା ନିଲାମ କରାଯିବା ପାଇଁ ଗ୍ରା.ପ.ର ସାଧାରଣ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଅଛି।

ଏଣୁ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ନିଲାମ କରାଯିବ। ଯେଉଁ ବ୍ୟକ୍ତି ନିଲାମ ନେବା ପାଇଁ ଇଚ୍ଛୁକ ସେମାନେ ଅମାନତ ବାବଦକୁ ୩୦୦୦୦.୦୦ (ତିରିଶ ହଜାର ଟଙ୍କା) ମାତ୍ରର ବ୍ୟାଙ୍କ ଡ୍ରାଫ୍ଟ ସରପଞ୍ଚ, ପାତ୍ରପଡା ଗ୍ରା.ପ. ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କଣଲୋଇ ନାମରେ କରି ନିଲାମ ସମୟରେ ଦାଖଲ କଲେ ନିଲାମ ଡାକିପାରିବେ। ନଗଦ ଆକାରରେ ଟଙ୍କା ଅମାନତ ବାବଦକୁ ଗ୍ରହଣ କରାଯିବ ନାହିଁ।

**ସ୍ୱା./-ସରପଞ୍ଚ, ପାତ୍ରପଡା ଗ୍ରାମପଞ୍ଚାୟତ**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ

ପତ୍ର ସଂଖ୍ୟା: ୩୭୧୨/ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍. ତା:୧୩।୧୨।୨୦୧୯

ଏତଦ୍ୱାରା ପଞ୍ଚାୟତ ସମିତି, ବୌଦ୍ଧ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯–୨୦ ଆର୍ଥିକ ବର୍ଷର (ତା୦୧।୦୪।୨୦୧୯ରିଖଠାରୁ ତା୩୦।୦୯।୨୦୧୯) ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍.) ଏବଂ ଜାତୀୟ ସାମାଜିକ ସହାୟତା (ଏନ୍.ଏସ୍.ଏ.ପି.) ଅଧୀନରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ କାର୍ଯ୍ୟର ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ଗ୍ରାମସଭାରେ କରାଯିବ। ତେଣୁ ସମ୍ପୃକ୍ତ ବ୍ୟକ୍ତି ନିମ୍ନ ନିର୍ଦ୍ଧାରିତ ତାରିଖରେ ସକାଳ ଘ୧୦.୩୦ଟିକା ସମୟରେ ଉପସ୍ଥିତ ରହିବେ।

**ସାମାଜିକ ସମୀକ୍ଷା ଗ୍ରାମସଭା କାର୍ଯ୍ୟକ୍ରମ – ୨୦୧୯–୨୦ (ତା୦୧।୦୪।୨୦୧୮ରିଖଠାରୁ ତା୩୧।୦୩।୨୦୧୯)**

| ଗ୍ରାମପଞ୍ଚାୟତର ନାମ | ନିରୀକ୍ଷଣ ଅଧିକାରୀ | ସାମାଜିକ ସମୀକ୍ଷାର ଆରମ୍ଭ ତାରିଖ | ସାମାଜିକ ସମୀକ୍ଷାର ଶେଷ ତାରିଖ | ଗ୍ରା.ପ.ରେ ଜନଶୁଣାଣି ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|
| ଅଏଁଳାପାଲି, ଆମ୍ବଝରୀ, ବଢ଼ିଗାଁ, ବଘିଆପଡ଼ା, ବହିରା, ବାଉଁଶୁଣୀ, ବ୍ରାହ୍ମଣୀପାଲୀ, ଗୋଛାପଡ଼ା | ଏ.ଓ., ଏ.ଇ., ଏ.ବି.ଡ଼ି.ଓ., | 16.12.2019 | 26.12.2019 | 26.12.2019 | 13.02.2020 |
| ଗୁନ୍ଦୁଲିଆ, କସୁରବନ୍ଧ, ଖଳିଆପାଲି, ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ମନୁପାଲି, ମୁଣ୍ଡାପଡ଼ା, ମୁଣ୍ଡିପଦର | ଏ.ପି.ଓ., ପି.ଏ., ଏମ୍.ଆଇ., | 04.01.2020 | 14.01.2020 | 14.01.2020 | |
| ମୁର୍ଷୁଣ୍ଡି, ପଦ୍ମନପୁର, ରକ୍ସା, ଶଗଡ଼ା, ତାଳଶରଡ଼ା, ତେଲିବନ୍ଧ, ଟିକରପଡ଼ା | ଡବ୍ଲ୍ୟୁ.ଇ.ଓ., ଜି.ପି.ଇ.ଓ. | 20.01.2020 | 31.01.2020 | 31.01.2020 | |

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୌଦ୍ଧ

See Career Appointment on every Wednesday & Saturday

## OFFICE OF THE CHIEF DISTRICT MEDICAL OFFICER, BARGARH

Letter No. 11413 Dt. 17.12.2019

**TENDER CALL NOTICE**

**No. E-585:-** Sealed tenders are hereby invited from authorized agencies / firms / suppliers for supply of Drugs, Chemical, Reagent, Instrument, Equipment, BCL and Other items for Bargarh district. Bid documents should be submitted through Regd. Post / Speed Post /Courier. For date, time & terms and conditions regarding Tender Call, please log on to the district website **www.bargarh.nic.in**

*Sd./-*
*Chief District Medical & Public Health Officer*
*Bargarh*

10124/11/0001/1920

## ନିଜ କଥା

ଡିସିପିଓ ଶୁଚିସ୍ମିତା ପଟ୍ଟନାୟକ

ଶୁଚିସ୍ମିତା ପଟ୍ଟନାୟକ । ୨୦୧୩ରୁ ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଭାବେ କାର୍ଯ୍ୟରତ ଅଛନ୍ତି । ଅନାଥ ଶିଶୁଙ୍କ ଯତ୍ନ ଓ ସୁରକ୍ଷା ଲାଗି ସେ ସଦାସର୍ବଦା ଉଦ୍ୟମ ଜାରି ରଖିଛନ୍ତି । ସୁନ୍ଦରଗଡ, ଭବାନୀପାଟଣାରେ ନିଜର ସ୍କୁଲ ଜୀବନ କାଟିଥିବା ଶୁଚିସ୍ମିତାଙ୍କ କଲେଜ ଜୀବନ ନୟାଗଡରୁ ଆରମ୍ଭ ହୋଇ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଶେଷ ହୋଇଥିଲା । ପିଲାଟି ଦିନରୁ ପୋଲିସ ହେବାକୁ ଲକ୍ଷ୍ୟ ରଖିଥିଲେ ସେ । ସମୟର ପରିବର୍ତ୍ତନ ସହ ତାଙ୍କ ଲକ୍ଷ୍ୟରେ ମଧ ପରିବର୍ତ୍ତନ ଆସିଛି । ସେ ଏବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟକରି ଖୁସି ଅନୁଭବ କରୁଛନ୍ତି । ଏଥର ନିଜକଥା ସ୍ତମ୍ଭରେ ତାଙ୍କ କଥା... ।

# ଶିଶୁ ନିର୍ଯାତନା ବିରୋଧରେ କାମ କରିବି



**ପ୍ରଥମ ଦରମା କିପରି ଖର୍ଚ୍ଚ କଲେ ?**

ପ୍ରଥମ ଦରମା ପାଇବା ପରେ ଖୁସିରେ ମୋ ପାଦ ତଳେ ଲାଗି ନ ଥିଲା । ଅଫିସ ଛୁଟି ପରେ ଘରକୁ ଯାଇ ସିଧା ବାପାଙ୍କ ହାତରେ ଦରମାତକ ଧରାଇ ଦେଇ ପ୍ରଣାମ କଲି । ସନ୍ଧ୍ୟାରେ ବାପାଙ୍କ ସହ ଆମେ ଚାରି ଭାଇ ଭଉଣୀ ମିଶି ବଜାରକୁ ଗଲୁ । ସେହି ଟଙ୍କାରେ ସମସ୍ତଙ୍କ ପାଇଁ ନୂଆ ଡ୍ରେସ କିଣା ଯାଇଥିଲା ।

**ଅବସର ସମୟ କିପରି କାଟନ୍ତି ?**

ଅବସର ସମୟ ତ ଖୁବ୍ କମ୍ ମିଳିଥାଏ । ରବିବାରରେ କାମ କରିବାକୁ ପଡେ । ଯେଉଁ ରବିବାରରେ କୌଣସି କାର୍ଯ୍ୟକ୍ରମ ନ ଥାଏ ପରିବାର ସଦସ୍ୟଙ୍କ ସହ ସମୟ କାଟେ । ଅଧିକ ସମୟ ମିଳିଲେ ସମ୍ବଲପୁରର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରେ ।

**କେଉଁ ରଙ୍ଗ ପ୍ରତି ଆପଣଙ୍କ ଦୁର୍ବଳତା ରହିଛି ।**

ପିଙ୍କ୍ ରଙ୍ଗ ପ୍ରତି ମୋର ଦୁର୍ବଳତା ରହିଛି । ସେହି ରଙ୍ଗର ପୋଷାକ ପିନ୍ଧିବାକୁ ଭଲ ପାଇଥାଏ । ଏବେ ବି ସମ୍ବଲପୁରୀ ଡ୍ରେସରେ ପିଙ୍କ୍ ଖୋଜୁଛି ।

**ଚଳଚ୍ଚିତ୍ର ଦେଖିବାକୁ ଭଲ ପାଆନ୍ତି ?**

ଓଡ଼ିଆ ଓ ହିନ୍ଦୀ ସିନେମା ସମୟ ପାଇଲେ ଦେଖେ । ପ୍ରତିଦିନ ସକାଳୁ ଭିକାରୀ ବଳଙ୍କ ଭଜନ ଶୁଣେ । ସନ୍ଧ୍ୟାରେ ଲତା ମଙ୍ଗେସକରଙ୍କ ଗୀତ ଶୁଣିବାକୁ ଭଲପାଏ ।

**ଆପଣ ଈଶ୍ୱର ବିଶ୍ୱାସ, କି ?**

ଭଗବାନଙ୍କ ଉପରେ ଅଗାଧ ବିଶ୍ୱାସ ରହିଛି । ପ୍ରଭୁ ଶ୍ରୀ ଜଗନ୍ନାଥ ଓ ସମଲେଇଙ୍କୁ ପୂଜାର୍ଚ୍ଚନା କରିଥାଏ ।

**ସ୍ୱାମୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ ?**

ପ୍ରତି କାମକୁ ସେ ଗୁରୁତ୍ୱ ଦେଇଥାନ୍ତି । କାମ ପ୍ରତି ଅବହେଳା କରନ୍ତି ନାହିଁ । ସ୍ୱାମୀ ସ୍ୱପ୍ନଜତ୍ ପଟ୍ଟନାୟକଙ୍କ ଏହି ଗୁଣ ମୋତେ ପ୍ରେରଣା ଦେଇଥାଏ ।

**ଆଗକୁ କ'ଣ କରିବେ ବୋଲି ଲକ୍ଷ୍ୟ ରହିଛି ?**

ପୂର୍ବ ବର୍ଷ ଅପେକ୍ଷା ଧୀରେ ଧୀରେ ଶିଶୁ ନିର୍ଯାତନା କମୁଛି । ଏହା ଯେପରି ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ଯିବ ସେଥିପାଇଁ କାମ କରିବାକୁ ସ୍ଥିର କରିଛି ।

**କିଛି ଅଭୁଲା ସ୍ମୃତି ?**

ମା'ବାପାଙ୍କୁ ହରାଇବା ପରେ ମନରେ ଅନେକ ଦୁଃଖ ଓ କୋହ ଥିଲା । ୨୦୧୩ରେ ଡିସିପିଓ ଭାବେ ଯୋଗଦେଲି । ପ୍ରଥମେ ସମ୍ବଲପୁର ଛଚାନପାଲିସ୍ଥିତ ରୁକ୍ମିଣୀ ଲାଠ ବାଳ ନିକେତନ ବୁଲିବାକୁ ଯାଇଥିଲି । ସେଠାରେ ସେହି ପିଲାମାନଙ୍କ ମୁହଁରେ ମୋର ମାଆଙ୍କ ଚେହେରା ଅନୁଭବ କରିଥିଲି । ମା' ବାପାଙ୍କ ସ୍ନେହ ନ ପାଇ କେମିତି ସେମାନେ ଚଳୁଛନ୍ତି ସେ କଥା ମୋର ମନକୁ ବାରମ୍ବାର ଆନ୍ଦୋଳିତ କରିଥିଲା । ସେଦିନଟି ମୋ ପାଇଁ ଅଭୁଲା ସ୍ମୃତି ହୋଇ ରହିଛି ।

ରିପୋର୍ଟ: ବି. ଶଙ୍କର

# କଟକରେ ଭାଇଚାରା ସବୁବେଳେ ମିଳିବ

## ମୋ ଅନୁଭୂତି

କଟକ ସହ ସମ୍ପର୍କ ଯୋଡ଼ିବା ଲୋକେ ଖୁବ୍ କମ୍। ହେଲେ ଯିଏ ସମ୍ପର୍କ ଯୋଡ଼ିଛି ସେ ଏହାର ଅସଲି ମଜା ପାଇଛି। ଏହି ସହର ଓ ସହରବାସୀଙ୍କୁ ଭୁଲିବାର ପ୍ରଶ୍ନ ଉଠେନି। ଏ ମାଟିର ବାସ୍ନାରେ ଭରି ରହିଥିବା ଭାଇଚାରାକୁ ନିଭେଇବା ପାଇଁ କଟକିଆମାନେ ସବୁବେଳେ ତତ୍ପର। ଏ କଥା କହିଛନ୍ତି ଓଲିଉଡ୍‌ର ଆଗଧାଡ଼ିର କଳାକାର କୁନା ତ୍ରିପାଠୀ।

ପିଲାଦିନରୁ ଆଜି ଯାଏ କଟକିଆ ଭାବେ କଟକରେ ଅନେକ ଅନୁଭୂତି ରହିଛି। ଆଉ ସବୁ ଯାକ ଅନୁଭୂତି ନିଆରା। କିଛି ବର୍ଷ ତଳେ ଏକ ବିଳମ୍ବିତ ରାତିରେ ଭୁବନେଶ୍ୱରର ଜଣେ ବନ୍ଧୁଙ୍କ ଫୋନ୍ କଲ୍ ଆସିଲା। ଫୋନ୍ ସେ ପାଖରୁ ବନ୍ଧୁଜଣଙ୍କ ଅସ୍ତବ୍ୟସ୍ତ ହୋଇ ପଡୁଥିବା ଭଳି ଲାଗୁଥିଲେ। ଖବର ପାଇଲି ଯେ, ଜଣେ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇ ଏସ୍‌ସିବି ମେଡ଼ିକାଲକୁ ଆସୁଛନ୍ତି। ତାଙ୍କ ଖବର ପାଇ ମୁଁ ଆଉ ମୋର ଜଣେ ବନ୍ଧୁ ମେଡ଼ିକାଲରେ ପହଞ୍ଚିଲୁ। ଆମ୍ବୁଲାନ୍ସ ତାଙ୍କୁ ଆଣି ମେଡ଼ିକାଲରେ ପହଞ୍ଚାଇଥିଲା। ସେ ପହଞ୍ଚିବା ପୂର୍ବରୁ ଆମେ ସବୁ ବନ୍ଦୋବସ୍ତ କରି ସାରିଥାଉ। କିଭଳି ଭଲ ଚିକିତ୍ସା ପାଇବେ ସେଥିପାଇଁ ଡାକ୍ତରଙ୍କ ଠାରୁ ଆରମ୍ଭ କରି ମେଡ଼ିକାଲ କର୍ମଚାରୀଙ୍କ ସହ କଥା ହୋଇ ସାରିଥିଲୁ। ଆହତ ଯୁବକଜଣଙ୍କୁ ଭେଟିଲା ବେଳେ ତାଙ୍କୁ ଏକ ହାଫ ପ୍ୟାଣ୍ଟ ଆଉ କିଛି ଟଙ୍କା ଦେଇଥିଲୁ। ମେଡ଼ିକାଲରେ କିଛି ଦିନ ଚିକିତ୍ସା ହେବା ପରେ ଯୁବକ ଜଣଙ୍କ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଯାଇଥିଲେ। ଇତି ମଧ୍ୟରେ ତାଙ୍କ ସହ ନିୟମିତ ଯୋଗାଯୋଗ ରଖିଥିଲୁ। ଯେଉଁଦିନ ଡିସ୍‌ଚାର୍ଜ ହେଲେ ସେଦିନ ତାଙ୍କୁ ଭେଟିବା ବେଳେ ସେ କାନ୍ଦିକାନ୍ଦି ମୋତେ କୁଣ୍ଢାଇ ପକାଇଥିଲେ। ସମ୍ପର୍କର ଲୋକ ନହୋଇ ବି ଏଭଳି ସାହାଯ୍ୟକୁ କେବେ ଭୁଲି ପାରିବିନି ବୋଲି କହିଥିଲେ। ଅଧିକ କିଛି ନକହି ଉକ୍ତ ଯୁବକଜଣଙ୍କୁ ମୋର ଗୋଟିଏ ପଦ କଥା ଥିଲା ଯେ, କଟକରେ କିଛି ମିଳୁ କି ନମିଳୁ ସାରାଜୀବନ ଏଠାରେ ତୁମକୁ ଭାଇଚାରା ମିଳିବ।


କୁନା ତ୍ରିପାଠୀ

ରିପୋର୍ଟ–କୁମାରଶ୍ରୀ ସାହୁ

## ଖାଦ୍ୟରୁଚି

# ଚିକେନ୍ କାଲି ମିର୍ଚି

ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ରୁଚିକୁ ଦୃଷ୍ଟିରେ ରଖି ପୁରୀ ସହରର ପ୍ରାୟ ବଡ଼ ବଡ଼ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଅନେକ ଦେଶୀ, ବିଦେଶୀ ଖାଦ୍ୟର ମଜା ବି ନେଉଛନ୍ତି ଗ୍ରାହକ। ସି'ବିଚ୍ ରୋଡ୍‌ସ୍ଥିତ ପୁରୀ ହୋଟେଲରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ପରଷା ଯାଉଛି। ତେବେ ଏଠାରେ ଏକ ଚାହିଦାଯୁକ୍ତ ଡିଶ୍ ହେଉଛି ଚିକେନ୍ କାଲି ମିର୍ଚି। ଏହି ଇଣ୍ଡିଆନ୍ ଡିଶ୍‌ର ଗୋଟିଏ ପ୍ଲେଟ୍ ଦାମ୍ ରହିଛି ୨୮୦ ଟଙ୍କା। ଚିକେନ୍ କାଲି ମିର୍ଚିର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ଶେଫ୍ ରଶ୍ମିରଞ୍ଜନ ବିଶ୍ୱାଳ ଯାହା କୁହନ୍ତି...



### ଆବଶ୍ୟକ ସାମଗ୍ରୀ

- ଚିକେନ୍: ୨୦୦ ଗ୍ରାମ୍
- କଟା ପିଆଜ: ୫୦ ଗ୍ରାମ୍
- ଅଦା ରସୁଣ ପେଷ୍ଟ: ୨୦ ଗ୍ରାମ୍
- ଟମାଟୋ ସସ୍: ୫୦ ଗ୍ରାମ୍
- କାଜୁବଟା: ୨୫ ଗ୍ରାମ୍
- ରିଫାଇନ୍ ତେଲ: ୫୦ ଗ୍ରାମ
- ଦହି: ୨୫ ଗ୍ରାମ୍
- କ୍ଷୀର: ୫୦ ଗ୍ରାମ୍
- ଗରମ ମସଲା: ୧୦ ଗ୍ରାମ୍
- ଲଙ୍କାଗୁଣ୍ଡ: ୧୦ ଗ୍ରାମ୍
- ହଳଦୀଗୁଣ୍ଡ: ୫ ଗ୍ରାମ୍
- ଶୁଖିଲା ଲଙ୍କା: ୨ଟା
- ମେଥିପତ୍ର: ୧୦ ଗ୍ରାମ୍
- ଗୋଟା ଗୋଲମରିଚ: ୧୦ ଗ୍ରାମ୍
- ଗୋଲମରିଚ ଗୁଣ୍ଡ: ୧୦ ଗ୍ରାମ୍
- ଅମୁଲ କ୍ରିମ୍: ୧୦ ଗ୍ରାମ୍
- ଚିକେନ ମସଲା: ୫ ଗ୍ରାମ୍
- ଭୃର୍ସୁଙ୍ଗପତ୍ର: ୫ ଗ୍ରାମ୍
- କଞ୍ଚାଲଙ୍କା: ୨ଟା
- ଧନିଆପତ୍ର: ୫ ଗ୍ରାମ୍
- ସ୍ୱାଦ ଅନୁସାରେ ଲୁଣ ଓ ଚିନି


ଶେଫ୍ ରଶ୍ମିରଞ୍ଜନ ବିଶ୍ୱାଳ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଛୋଟ ଛୋଟ କରି କାଟି ଭଲଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା ରସୁଣ ପେଷ୍ଟ ଅଧା, ଲୁଣ ଓ ହଳଦୀ ମିଶାଇ କିଛି ସମୟ ଗୋଳାନ୍ତୁ। ନିଆଁରେ ପ୍ୟାନ୍ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ ଶୁଖିଲା ଲଙ୍କା, ଭୃର୍ସୁଙ୍ଗପତ୍ର ଓ କିଛି ସମୟ ପରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ସାମାନ୍ୟ ବ୍ରାଉନ କଲର୍ ହେବା ପରେ ସେଥିର ଗୋଟା ଗୋଲମରିଚ ଏବଂ ବଳକା ଅଦା ରସୁଣ ପେଷ୍ଟ ପକାନ୍ତୁ। ଏହା ଧୀରେ ଧୀରେ ବ୍ରାଉନ କଲର୍ ହୋଇଯିବ। ଏଥିରେ କାଜୁବଟା ପକାଇ କଷନ୍ତୁ। ପରେ ଟମାଟୋ ଜୁସ୍, ଲୁଣ, ହଳଦୀ, ଲଙ୍କାଗୁଣ୍ଡ, ମେଥିପତ୍ର, ଚିକେନ୍ ମସଲା, ଦହି ପକାଇ ଭଲ ଭାବେ ଗୋଳାନ୍ତୁ। କିଛି ସମୟ ପରେ ଗ୍ରେଭି ପ୍ରସ୍ତୁତ ହୋଇଯାଏ। ଅନ୍ୟ ଏକ ପ୍ୟାନ୍‌ରେ ତେଲ ପକାଇ ପୂର୍ବରୁ ଗୋଳାଇ ରଖିଥିବା ଚିକେନ୍ ଫ୍ରାଏ କରନ୍ତୁ। ଏପଟେ ଗ୍ରେଭିରେ କ୍ଷୀର ଦେବା ପରେ ଫ୍ରାଏ୍ ଚିକେନ୍ ପକାନ୍ତୁ। ୧୦ ମିନିଟ୍ ଫୁଟିବା ପରେ ସେଥିରେ ଗୋଲମରିଚ ଗୁଣ୍ଡ, ଗରମ ମସଲା ଓ ଅମୁଲ କ୍ରିମ୍ ଦେଇ ଓହ୍ଲାଇ ଦେବେ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ୍ କାଲି ମିର୍ଚି। ପ୍ଲେଟ୍‌ରେ କାଢି ଧନିଆପତ୍ର ଏବଂ କଞ୍ଚାଲଙ୍କା ଦେଇ ସଜାଇ ଗରମ ଗରମ ନାନ୍ ଏବଂ ରୁଟି ସହିତ ପରଷି ଦିଅନ୍ତୁ।

ରିପୋର୍ଟ: ହେମନ୍ତ ନାୟକ ଫଟୋ: ଅନିଲ ସାହୁ

# ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ

smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସୁଜୟ


ଜିତୁ


ଅର୍ଣ୍ଣବ


ତଥାଗତ


ରତିକାନ୍ତ


ସୁନୀଲ



❝ ଯେତେବେଳେ ଜଣେ ଖେଳାଳି ପ୍ରଦର୍ଶନ ଖରାପ କରୁଛି, ସେତେବେଳେ ସମାଲୋଚନା କରିବା ଉଚିତ୍ ।

–ଆଝାର ଅଲୀ, ପାକିସ୍ତାନ ଟେଷ୍ଟ ଅଧିନାୟକ



❝ ତିନୋଟି ଯାକ ଫର୍ମାଟ୍‌ରେ ଗ୍ଲେନ ମ୍ୟାକ୍ସୱେଲ ଜଣେ ପ୍ରମୁଖ ଖେଳାଳି । ଖୁବ୍ ଶୀଘ୍ର ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ।

–ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ ସୀମିତ ଓଭର ଅଧିନାୟକ

## ସଂକ୍ଷେପରେ

### କାତାର ଟି୨୦ ଲିଗ୍‌ର ତଦନ୍ତ କରିବ ଆଇସିସି

ଦୁବାଇ,୧୮।୧୨(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କାତାର ଟି୨୦ ଲିଗ୍‌ରେ ଫିକ୍ସିଂ ହୋଇଥିବା ସନ୍ଦେହରେ ତଦନ୍ତ କରୁଛି। ୧୨ ମାସ ପୂର୍ବେ ଆୟୋଜକଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ଭିତ୍ତିକରି ଇଭେଣ୍ଟକୁ ଆଇସିସି ସ୍ୱୀକୃତି ପ୍ରଦାନ କରିଥିଲା। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଫ୍ରାଞ୍ଚାଇଜ ମାଲିକ ଓ ଆୟୋଜକଙ୍କ ମଧ୍ୟରେ କିଛି ପରିବର୍ତ୍ତନ କରାଯାଇଥିଲା। ଏଥିଯୋଗୁ ଆଇସିସିର ସନ୍ଦେହ ସୃଷ୍ଟି ହୋଇଥିଲା ଓ ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରୁ ବହୁ ବ୍ୟକ୍ତିଙ୍କ ନାମ ସାମ୍ନାକୁ ଆସିଛି, ଯେଉଁମାନେ ଫିକ୍ସିଂ ପାଇଁ ପ୍ରସ୍ତୁତ ରହିଛନ୍ତି। ଆଇସିସିର ଆଣ୍ଟି କରପଶନ ବିଭାଗ (ଏସିୟୁ) ଆୟୋଜକଙ୍କ ସହ ମିଳିତ ଭାବେ ଲିଗ୍ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କାତାର କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ କାତାର ଟି୨୦ ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣ ଗତବର୍ଷ ଡିସେମ୍ବର ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ ଦଳ ୨୪ ଅନ୍ତର୍ଜାତୀୟ ଖେଳାଳି, ୧୨ ଆଇସିସି ଆସୋସିଏଶଟ ଖେଳାଳି ଓ ଘରୋଇ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ସୁଇଫ୍ଟ ଗାଲପର୍ସକୁ ୪ ଉଇକେଟରେ ହରାଇ ଫାଲକନ ହଣ୍ଟର୍ସ ଚାମ୍ପିୟନ ହୋଇଥିଲା। ଭାରତ ପାଇଁ ଦୁଇଟି ଦିନିକିଆ ଖେଳାଳି ମନପ୍ରୀତ ଗୋନି ଏକମାତ୍ର ଭାରତୀୟ ଭାବେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାକିସ୍ତାନର କମରାନ ଆକମଲ, ମହମ୍ମଦ ହାଫିଜ, ଶୋହେଲ ତାନବୀର ଓ ଦକ୍ଷିଣ ଆଫ୍ରିକାର ହାସିମ ଆମଲାଙ୍କ ଭଳି ଖେଳାଳିଙ୍କୁ ଲିଗ୍‌ରେ ଦେଖିବାକୁ ମିଳିଥିଲା।

### ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର ବାସିଲଙ୍କ ପରଲୋକ



ଫ୍ଲୋରିଡା, ୧୮।୧୨- ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର୍ ବାସିଲ ବାଉଚରଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ ମଙ୍ଗଳବାର ଏହା ସ୍ପଷ୍ଟ କରାଯାଇଛି। ୧୯୫୮ରେ ୪୪ଟି ଟେଷ୍ଟରେ ୱେଷ୍ଟଇଣ୍ଡିଜ ପକ୍ଷରୁ ପଦାର୍ପଣ କରିଛନ୍ତି। ଯେଉଁଥିରେ ସେ ୪୩. ୧୧ ଆଭରେଜରେ ୩୧୦୪ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୭ ଶତକ ଓ ୧୬ ଅର୍ଦ୍ଧଶତକ ସାମିଲ ରହିଛି। ଇଂଲଣ୍ଡ ବିପକ୍ଷରେ ୧୯୬୩ରେ ଲର୍ଡ୍ସରେ ୧୩୩ ରନ ଓ ୧୯୬୬ରେ ନଟିଂହାମ୍‌ଠାରେ ୨୦୯* ରନର ଇନିଂସ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବ୍ୟାଟିଂ କୁହାଯାଏ। ଭାରତ ମାଟିରେ ବାଉଚର ୬୯.୪୨ ଆଭରେଜରେ ୪୮୬ ରନର ସଂଗ୍ରହ କରିଛନ୍ତି। କଲକତା (ବର୍ତ୍ତମାନ କୋଲକାତା) ଓ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ)ରେ ସେ ଗୋଟିଏ ଲେଖାଏ ଶତକ ମଧ ହାସଲ କରିଥିଲେ। ବାଉଚର ମଧ ସାମୟିକ ଲେଗ୍-ସ୍ପିନ ବୋଲିଂ କରି ଟେଷ୍ଟରେ ୫ ଉଇକେଟ୍ ହାସଲ କରିଛନ୍ତି। ୧୯୭୦ରେ ସେ ୱିଜଡେନ କ୍ରିକେଟର୍ ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ।

# ଦ୍ୱିତୀୟ ଦିନିକିଆ: ଭାରତର ବୃହତ୍ ବିଜୟ

ବିଶାଖାପାଟଣା,୧୮।୧୨ (ପି.ଟି.)

ପ୍ରଥମ ଦିନିକିଆର ପରାଜୟ ପରେ ଘରୋଇ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛି। ବ୍ୟାଟିଂ ଓ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରି ଭାରତ ସ୍ଥାନୀୟ ୱାଇଏସ୍‌ଆର କ୍ରିକେଟ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜକୁ ୧୦୭ ରନ୍‌ରେ ପରାସ୍ତ କରିଛି। ଏଥିସହିତ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ୧–୧ ସମାନ ସ୍ତରରେ ପହଞ୍ଚିଛି। ଶତକ ହାସଲ କରିଥିବା ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ ଦ୍ୱିଶତକୀୟ ଭାଗୀଦାରି ସ୍ଥାପନ କରି ଭାରତକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ବୋଲିଂରେ ରିଷ୍ଟ ସ୍ପିନର କୁଲଦୀପ ଯାଦବ ହ୍ୟାଟ୍ରିକ ଉଇକେଟ ନେଇ ୱେଷ୍ଟଇଣ୍ଡିଜର ବିପର୍ଯ୍ୟୟ ଘଟାଇଥିଲେ ଓ ଭାରତର ବିଜୟକୁ ସହଜ କରାଇଥିଲେ। ଟସ୍ ଜିତି ୱେଷ୍ଟଇଣ୍ଡିଜ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୩୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୪୩.୩ ଓଭରରେ ୨୮୦ ରନ୍ କରି ଅଲ୍‌ଆଉଟ ହେବା ସହ ପରାସ୍ତ ହୋଇଥିଲା। ରୋହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୩୮୮ ରନ୍‌ର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛାକରି ୱେଷ୍ଟଇଣ୍ଡିଜ ଭଲ ଆରମ୍ଭ କରିଥିଲା। ଏଭିନ ଲୁଇସ୍ ଓ ସାଇ ହୋପ୍ ପ୍ରଥମ ଉଇକେଟରେ ୬୧ ରନ୍ ସଂଗ୍ରହ କରିଥିଲେ। ଲୁଇସ୍ ୩୦ ରନ୍ କରି ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଶ୍ରେୟାସ ଆୟାରଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ୍ ହୋଇଥିଲେ। ଏହାପରେ ସିମରନ ହେଟମେର ୪ ରନ୍ କରିଥିବା ବେଳେ ରବୀନ୍ଦ୍ର ଜାଡେଜା ଓ ଆୟାରଙ୍କ ମିଳିତ ପ୍ରୟାସରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ସେହିପରି ରୋଷ୍ଟନ ଚେଜ୍ ୪ ରନ୍ କରିଥିବା ବେଳେ ଜାଡେଜାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ପାଳି ପଡ଼ିଥିଲା ନିକୋଲାସ ପୁରନଙ୍କର। ସେ ୪୭ ବଲ୍‌ରୁ ୬ ଚୌକା ଓ ୬ ଛକା ମାରି ୭୫ ରନ୍ କରି ଭାରତୀୟ ଶିବିରରେ ନୈରାଶ୍ୟ ଖେଳାଇଥିଲେ। ତେବେ ସେ ମହମ୍ମଦ ସାମିଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇ ଲଙ୍ଗ୍ ଅଫ୍‌ରେ କୁଲଦୀପ ଯାଦବଙ୍କୁ କ୍ୟାଚ୍ ଦେଇଥିଲେ। ଅଧିନାୟକ କିରନ ପୋଲାର୍ଡ ଖାତା ଖୋଲିବା ପୂର୍ବରୁ ସାମିଙ୍କ ବଲ୍‌ରେ ଉଇକେଟକିପର ପନ୍ତଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ୱେଷ୍ଟଇଣ୍ଡିଜ କ୍ରମାଗତ ୩ଟି ଉଇକେଟ ହରାଇଥିଲା। କୁଲଦୀପ ୩୩ ଓଭରରେ ହୋପ୍, ଜାସନ ହୋଲ୍ଡର ଓ ଅଲଜାରି ଜୋଶେଫଙ୍କୁ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ବଲ୍‌ରେ ଆଉଟ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ହୋପ ୮୫ ବଲ୍‌ରୁ ୭ ଚୌକା ଓ ୩ ଛକା ସହ ୭୮ ରନ୍ କରିଥିବା ବେଳେ କୁଲଦୀପଙ୍କ ବଲ୍‌ରେ ଡିପ୍ ମିଡ୍ ଉଇକେଟରେ କୋହଲିଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଜାସନ ହୋଲ୍ଡର ୧୧ ରନ୍ କରିଥିବା ବେଳେ କୁଲଦୀପଙ୍କ ବଲ୍‌ରେ ପନ୍ତଙ୍କ ଦ୍ୱାରା ଷ୍ଟମ୍ପ୍ ଆଉଟ ହୋଇଥିଲେ। ସେହିପରି ଅଲଜାରି ଜୋଶେଫ୍ ବିନା ସ୍କୋରରେ କୁଲଦୀପଙ୍କ ବଲ୍‌ରେ ସ୍ଲିପ୍‌ରେ କେଦାର ଯାଦବଙ୍କୁ କ୍ୟାଚ୍ ଦେଇଥିଲେ। ୨୧ ରନ୍ କରିଥିବା ବେଳେ ଖାରି ପିଏର ମିଡ୍ ଉଇକେଟରେ କୋହଲିଙ୍କୁ କ୍ୟାଚ୍ ଦେଇ ଜାଡେଜାଙ୍କ ଶିକାର ହୋଇଥିଲେ। ଶେଷରେ ୪୨ ବଲ୍‌ରୁ ୪ ଚୌକା, ୩ ଛକା ସହ କିମୋ ପଲ ୪୬ ରନ୍ କରି ସାମିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ସାମି ଓ କୁଲଦୀପ ୩ଟି ଲେଖାଏ, ଜାଡେଜା ୨ ଓ ଠାକୁର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ମ୍ୟାଚ୍‌ର ତ୍ରୁଟି ନ ଦୋହରାଇ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ ପଡିଆର ଚାରିଆଡକୁ ଶଟ୍‌ମାନ ଖେଳି ଘରୋଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଦୁଇଜଣ ଶତକ ହାସଲ କରି ପ୍ରଥମ ଉଇକେଟରେ ୨୨୭ ରନ୍‌ର ଭାଗୀଦାରି ସ୍ଥାପନ କରିଥିଲେ। ୧୦୪ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ରାହୁଲ ୧୦୨ ରନ୍‌ର ଶତକୀୟ ପାଳି ଖେଳିଥିଲେ। ଅଲଜାରି ଜୋଶେଫଙ୍କ ବଲ୍‌କୁ ଖେଳିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍ କଡ଼ରେ ବାଜିଥିଲା ଓ ଥାର୍ଡ ମ୍ୟାନ୍‌ରେ ରୋଷ୍ଟନ ଚେଜ୍‌ଙ୍କ ହାତରେ ଧରାପଡ଼ି ସେ ପ୍ରଥମେ ଆଉଟ ହୋଇଥିଲେ। ଏଥିସହ ରାହୁଲ ଦିନିକିଆରେ ତୃତୀୟ ଶତକ ଅର୍ଜନ କରିଛନ୍ତି। ଏହାପରେ ଅଧିନାୟକ କୋହଲି ବ୍ୟାଟିଂ କରିବାକୁ ଆସି ପ୍ରଥମ ବଲ୍‌ରେ ଆଉଟ ହୋଇଥିଲେ। ଖାତା ଖୋଲିବା ପୂର୍ବରୁ କିରନ ପୋଲାର୍ଡଙ୍କ ଅଫ୍‌ଷ୍ଟମ୍ପ ବାହାରର ଶର୍ଟ ବଲ ଖେଳିବାକୁ ଯାଇ ସେ ଶର୍ଟ ମିଡ୍‌ଉଇକେଟରେ ଚେଜ୍‌ଙ୍କୁ ଏକ ସହଜ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିବା ରୋହିତ ଦ୍ୱିଶତକ ଆଡ଼କୁ ଅଗ୍ରସର ହେଉଥିବା ବେଳେ କଟ୍ ବିହାଇଣ୍ଡ ହୋଇଥିଲେ। ୧୩୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ଓ ୫ ଛକା ସହ ୧୫୯ ରନ୍ କରିଥିବା ବେଳେ ସେ ଶେଲଡନ କଟ୍ରେଲଙ୍କ ବଲ୍‌ରେ ଉଇକେଟକିପର ସାଇ ହୋପ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ଏଥିସହିତ ରୋହିତ କ୍ୟାରିୟର ୨୮ତମ ଦିନିକିଆ ଶତକ ହାସଲ କରିଛନ୍ତି। ଏହାପରେ ଦୁଇ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଶ୍ରେୟାସ ଆୟାର ଛକା ଚୌକା ବୃଷ୍ଟିକରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଦୁହେଁ ୮ଟି ଛକା ମାରିଥିଲେ। ଚତୁର୍ଥ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ମାତ୍ର ୨୫ ବଲ୍‌ରୁ ଦ୍ରୁତ ୭୩ ରନ୍ ସଂଗ୍ରହ କରିଥିଲେ। ପନ୍ତ ୧୬ଟି ବଲ୍ ଖେଳି ୩ ଚୌକା ଓ ୪ ଛକା ସହ ୩୯ ରନ୍ କରି କିମୋ ପଲଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇଥିଲେ। ସୁଇପର କଭରରୁ ଦୌଡ଼ିଆସି ନିକୋଲାସ ପୁରନ ପନ୍ତଙ୍କ କ୍ୟାଚ୍ ନେଇଥିଲେ। ଏହାପରେ ୩୨ଟି ବଲରୁ ୩ ଚୌକା ଓ ୪ ଛକା ସହ ୫୩ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ଆୟାର କଟ୍ରେଲଙ୍କ ବଲରେ ପୁଲ ଶଟ୍ ଖେଳିବାକୁ ଯାଇ ଉଇକେଟକିପର ହୋପ୍‌ଙ୍କୁ କ୍ୟାଚ୍ ଦେଇଥିଲେ। କେଦାର ଯାଦବ ୩ ଚୌକା ସହ ୧୦ ବଲ୍‌ରୁ ୧୬ ଓ ରବୀନ୍ଦ୍ର ଜାଡେଜା ବିନା ସ୍କୋରରେ ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ବୋଲରମାନେ ପ୍ରଭାବହୀନ ମନେହେଉଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜର କଟ୍ରେଲ ୨, ପଲ, ଜୋଶେଫ ଓ ପୋଲାର୍ଡ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୮୭/୫ (ରୋହିତ– ୧୫୯, ରାହୁଲ– ୧୦୨, ଆୟାର– ୫୩, ପନ୍ତ– ୩୯, କେଦାର– ୧୬*, କଟ୍ରେଲ– ୨/୮୩, ପଲ– ୧/୫୭, ଜୋଶେଫ– ୧/ ୬୮, ପୋଲାର୍ଡ– ୧/୨୦)।

ୱେଷ୍ଟଇଣ୍ଡିଜ ୪୩.୩ ଓଭରରେ ୨୮୦ ଅଲଆଉଟ (ହୋପ୍– ୭୮, ପୁରନ– ୭୫, କିମୋ ପଲ– ୪୬, ଲୁଇସ୍– ୩୦, ପିଏର– ୨୧, ସାମି– ୩/୩୯, କୁଲଦୀପ– ୩/୫୨, ଜାଡେଜା– ୨/୭୪, ଠାକୁର– ୧/୫୫)।



ହ୍ୟାଟ୍ରିକ ହାସଲ ପରେ କୁଲଦୀପଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ଦିନିକିଆରେ ଭାରତର ହ୍ୟାଟ୍ରିକ

- ଚେତନ ଶର୍ମା: ବନାମ ନ୍ୟୁଜିଲାଣ୍ଡ, ନାଗପୁର, ୧୯୮୭
- କପିଳ ଦେବ: ବନାମ ଶ୍ରୀଲଙ୍କା, କୋଲକାତା, ୧୯୯୧
- କୁଲଦୀପ ଯାଦବ: ବନାମ ଅଷ୍ଟ୍ରେଲିଆ, କୋଲକାତା, ୨୦୧୭
- ମହମ୍ମଦ ସାମି: ବନାମ ଆଫଗାନିସ୍ତାନ, ସାଉଥମ୍ପଶନ, ୨୦୧୯
- କୁଲଦୀପ ଯାଦବ: ବନାମ ୱେଷ୍ଟଇଣ୍ଡିଜ, ବିଶାଖାପାଟଣା, ୨୦୧୯

### ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା

- ୭୭: ରୋହିତ ଶର୍ମା(୨୦୧୯)
- ୭୪: ରୋହିତ ଶର୍ମା(୨୦୧୮)
- ୬୫: ରୋହିତ ଶର୍ମା(୨୦୧୭)
- ୬୩: ଏବି ଡିଭିଲର୍ସ(୨୦୧୫)
- ୬୦: ଇଅନ ମୋର୍ଗାନ(୨୦୧୯)

### ଦିନିକିଆରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ସର୍ବାଧିକ ସ୍କୋର

- ୪୧୮/୫, ଇନ୍ଦୋର, ୨୦୧୧
- ୩୮୭/୫, ଭାଇଜାଗ୍, ୨୦୧୯
- ୩୭୭/୫, ମୁମ୍ବାଇ, ୨୦୧୮

### ଦିନିକିଆରେ ଏକାଧିକ ହ୍ୟାଟ୍ରିକ

- ୩: ଲସିଥ ମାଲିଙ୍ଗା।
- ୨: ୱାସିମ ଆକ୍ରମ
- ୨: ସାକଲେନ ମୁସ୍ତାକ
- ୨: ଚାମିଣ୍ଡା ଭାସ
- ୨: ଟ୍ରେଣ୍ଟ ବୋଲ୍ଟ
- ୨: କୁଲଦୀପ ଯାଦବ

## ମୁକ୍ତିଙ୍କ କ୍ଲିନିକ୍‌ରେ ସର୍ଦ୍ଦାର, ଧରମବୀର

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି)

କେବଳ ଓଡ଼ିଶାର ନୁହେଁ, ଭାରତର ଅନ୍ୟତମ ପ୍ରତିଷ୍ଠିତ ଫିଜିଓ ଡ. ମୁକ୍ତି ପ୍ରସାଦ ଦାଶଙ୍କ ପାଇଁ ବୁଧବାର ସନ୍ଧ୍ୟା ଆଣିଥିଲା ସ୍ମରଣୀୟ ମୁହୂର୍ତ୍ତ। ସହିଦ ନଗରସ୍ଥିତ ତାଙ୍କ ଗ୍ଲୋବାଲ ଫିଜିଓ ସେଲ୍‌ରେ ପହଞ୍ଚିଥିଲେ ଭାରତୀୟ ହକି ଦଳର ଦୁଇ ତାରକା ଖେଳାଳି ସର୍ଦ୍ଦାର ସିଂ ଓ ଧରମବୀର ସିଂ। ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପୋଲିସ ହକି ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଉଭୟ ଖେଳାଳି ଓଡ଼ିଶା ଭୁବନେଶ୍ୱର ଆସିଛନ୍ତି। ସର୍ଦ୍ଦାର ହରିୟାଣା ଓ ଧରମବୀର ପଞ୍ଜାବ ପୋଲିସ ପକ୍ଷରୁ ଟୁର୍ଣ୍ଣାମେଣ୍ଟରେ ପ୍ରତିନିଧିତ୍ୱ କରୁଛନ୍ତି। ଆହତ ଜନିତ ସମସ୍ୟାର କିଛି ପରାମର୍ଶ ନେବାପାଇଁ ଏବଂ ବ୍ୟକ୍ତିଗତ ସାକ୍ଷାତପାଇଁ ଉଭୟ ଖେଳାଳି ମୁକ୍ତିଙ୍କ କ୍ଲିନିକ୍‌ରେ ପହଞ୍ଚିଥିବା ଜଣାଯାଇଛି। ଏହା ମୁକ୍ତିଙ୍କୁ ବେଶ୍ ଉଲ୍ଲସିତ କରିଥିଲା। ସେତେବେଳେ କ୍ଲିନିକ୍‌ରେ ଉପସ୍ଥିତ ଥିବା ଓଡ଼ିଶାର ଅନ୍ତର୍ଜାତୀୟ ମହିଳା କ୍ରିକେଟର ରଶନାରା ପରବିନ ଓ ଚିକିତ୍ସାଧିନଥିବା ଅନ୍ୟ ବ୍ୟକ୍ତିମାନେ ଏହି ଦୁଇ ତାରକା ଖେଳାଳିଙ୍କ ଉପସ୍ଥିତିରେ ନିଆରା ଅନୁଭୂତି ଲାଭ କରିଥିଲେ। ଏହି ଅବସରରେ ମୁକ୍ତିଙ୍କ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନେ ସର୍ଦ୍ଦାର ଓ ଧରମବୀରଙ୍କ ସହ ଫଟୋ ଉଠାଇବାର ସୁଯୋଗକୁ ହାତଛଡ଼ା କରି ନ ଥିଲେ। ମୁକ୍ତିପ୍ରସାଦ ଭାରତୀୟ ଜୁନିୟର ହକି ଦଳର ଫିଜିଓ ଥିବାବେଳେ ଧରମବୀର ଖେଳୁଥିଲେ। ତେଣୁ ଅତୀତର ସ୍ମୃତି ଧରମବୀରଙ୍କୁ ମୁକ୍ତିଙ୍କ କ୍ଲିନିକ୍ ପର୍ଯ୍ୟନ୍ତ ଟାଣି ଆଣିଥିଲା। "କିମ୍ବଦନ୍ତୀ ହକି ଖେଳାଳି ସର୍ଦ୍ଦାର ଆହତ ଜନିତ ସମସ୍ୟା ସମ୍ପର୍କିତ କେତେକ ପରାମର୍ଶ ନେବାକୁ ମୋ ନିକଟକୁ ଆସିଥିଲେ। ଧରମବୀର କିନ୍ତୁ କେବଳ ସାକ୍ଷାତ ପାଇଁ କ୍ଲିନିକ୍‌ରେ ପହଞ୍ଚିଥିଲେ। ରଶନାରା ସେହି ସମୟରେ କ୍ଲିନିକ୍‌ରେ ଥିଲେ। ତେଣୁ ଏକାବେଳେ ୩ ଜଣଯାକ ଅନ୍ତର୍ଜାତୀୟ ଖେଳାଳିଙ୍କ ଉପସ୍ଥିତି ମୋତେ ବେଶ୍ ଉତ୍ସାହିତ କରିଥିଲା। ମୁଁ ଦୁଇ ହକି ତାରକାଙ୍କୁ ଭୁବନେଶ୍ୱରକୁ ସ୍ୱାଗତ କରିଥିଲି। ସେମାନଙ୍କ ଉପସ୍ଥିତି ମୋ ପାଇଁ ଅନନ୍ୟ ଅନୁଭୂତି ଥିଲା" ବୋଲି ମୁକ୍ତି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ରୋଶନାରା ପରବିନ, ସର୍ଦ୍ଦାର ସିଂ, ଡ. ମୁକ୍ତି ପ୍ରସାଦ ଦାଶ ଓ ଧରମବୀର ସିଂ

## ଦ୍ୱିତୀୟ ହ୍ୟାଟ୍ରିକ ନେବାରେ କୁଲଦୀପ ପ୍ରଥମ ଭାରତୀୟ

ବିଶାଖାପାଟଣା,୧୮।୧୨ (ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ହ୍ୟାଟ୍ରିକ ଉଇକେଟ ହାସଲ କରିଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ଦୁଇଟି ହ୍ୟାଟ୍ରିକ ଅର୍ଜନ କରି ଇତିହାସ ସୃଷ୍ଟି କରିଛନ୍ତି। ୩୩ତମ ଓଭରର ଚତୁର୍ଥ, ପଞ୍ଚମ ଓ ଷଷ୍ଠ ବଲ୍‌ରେ ସେ ଯଥାକ୍ରମେ ସାଇ ହୋପ୍, ଜାସନ ହୋଲ୍ଡର ଓ ଅଲଜାରି ଜୋଶେଫଙ୍କୁ ଆଉଟ କରି ଏହି ସଫଳତା ପାଇଛନ୍ତି। ଏହା ପୂର୍ବରୁ ସେ ୨୦୧୭ରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ମ୍ୟାଚ୍‌ରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହି କ୍ରମରେ ସେ ପାକିସ୍ତାନର ୱାସିମ୍ ଆକ୍ରମ, ସାକଲେନ ମୁସ୍ତାକ, ଶ୍ରୀଲଙ୍କାର ଚାମୁଣ୍ଡା ଭାସ, ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟଙ୍କ ସମକକ୍ଷ ହୋଇଛନ୍ତି। ଏମାନେ ପୂର୍ବରୁ ଦୁଇଟି ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ତେବେ ଲସିଥ ମାଲିଙ୍ଗା ସର୍ବାଧିକ ୩ଟି ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଭାରତୀୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ପଞ୍ଚମ ହ୍ୟାଟ୍ରିକ ସାବ୍ୟସ୍ତ ହୋଇଛି। ପୂର୍ବରୁ ଚେତନ ଶର୍ମା, କପିଳ ଦେବ, କୁଲଦୀପ, ମହମ୍ମଦ ସାମି ହ୍ୟାଟ୍ରିକ ନେଇଥିଲେ। ଏଥିସହିତ ଚଳିତବର୍ଷ ୪ ଜଣ ଭାରତୀୟ ବୋଲର ୩ଟି ଫର୍ମାଟ୍‌ରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ମହମ୍ମଦ ସାମି, ଯଶ୍‌ପ୍ରୀତ ବୁମ୍‌ରା, ଦୀପକ ଚହର ଚଳିତବର୍ଷ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୨୦୧୯ ପୂର୍ବରୁ ଭାରତୀୟ ବୋଲରମାନେ ୫ ହ୍ୟାଟ୍ରିକ ନେଇଥିଲେ ଓ ଏହି ବର୍ଷ ୪ଟି ହ୍ୟାଟ୍ରିକ ନେଇଛନ୍ତି।

## ଫୋକସ୍‌ରେ ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ ତାରକା

କୋଲକାତା, ୧୮।୧୨ (ପି.ଟି.)

ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ କ୍ରିକେଟ୍ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ତ୍ରୟୋଦଶ ସଂସ୍କରଣର ଖେଳାଳି ନିଲାମ ପ୍ରକ୍ରିୟା ଗୁରୁବାର କୋଲକାତାରେ ଅନୁଷ୍ଠିତ ହେବ। ପ୍ରଥମଥର ଲାଗି ଏହି ହାଇପ୍ରୋଫାଇଲ ଲିଗ୍‌ର ଖେଳାଳି ନିଲାମ ବେଙ୍ଗାଲୁରୁ ବାହାରେ ଅନୁଷ୍ଠିତ ହେବାକୁ ଯାଉଛି। କ୍ରିକେଟ୍‌ର ସବୁଠାରୁ ଛୋଟିଆ ଫର୍ମାଟ୍ ଟି୨୦ରେ ୱେଷ୍ଟଇଣ୍ଡିଜ ଓ ଅଷ୍ଟ୍ରେଲିଆ ଖେଳାଳିଙ୍କ ପ୍ରଦର୍ଶନ ସର୍ବଦା ଆଖିଦୃଶିଆ ରହିଥାଏ। ତେଣୁ ଗୁରୁବାର ନିଲାମରେ ଏହି ୨ଟି ଦେଶର ଖେଳାଳିଙ୍କ ଉପରେ ସବୁ ଫ୍ରାଞ୍ଚାଇଜଙ୍କ ନଜର ରହିବ। କିନ୍ତୁ କିଛି ଅଳ୍ପ ପରିଚିତ ଘରୋଇ ଖେଳାଳି ମଧ ବହୁମୂଲ୍ୟରେ ନିଲାମ ପ୍ରକ୍ରିୟାରେ କ୍ରୟ ହୋଇ ଚର୍ଚ୍ଚାରେ ରହିବେ ବୋଲି ଆଶା କରାଯାଉଛି। ଆଇସିସି ଟି୨୦ ବିଶ୍ୱକପ୍ ମଧ ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଥିବାରୁ ଖେଳାଳି ନିଲାମର ଗୁରୁତ୍ୱ ମଧ ବଢ଼ିଯାଇଛି। ନିଲାମ ପାଇଁ ୮ଟି ଫ୍ରାଞ୍ଚାଇଜ ମୋଟ୍ ୭୩ ଖେଳାଳିଙ୍କୁ କ୍ରୟ କରିବେ। କିନ୍ତୁ ଚୂଡ଼ାନ୍ତ ତାଲିକାରେ ମୋଟ୍ ୩୩୨ ଖେଳାଳି ନିଲାମରେ ସେମାନଙ୍କ ଭାଗ୍ୟ ପରୀକ୍ଷା ଲକ୍ଷ୍ୟରେ ରହିଛନ୍ତି।

**ନିଲାମରେ ନୁର୍ ସର୍ବକନିଷ୍ଠ ଖେଳାଳି–** ଚଳିତ ବର୍ଷ ଆଇପିଏଲ୍ ନିଲାମ ପ୍ରକ୍ରିୟାରେ ଆଫଗାନିସ୍ତାନର ନୁର୍ ଅହମ୍ମଦ ସର୍ବକନିଷ୍ଠ ଖେଳାଳି ଭାବେ ତାଲିକାରେ ସ୍ଥାନ ପାଇଛନ୍ତି। ନୁର୍‌ଙ୍କୁ ବର୍ତ୍ତମାନ ୧୪ ବର୍ଷ ୩୫୦ ଦିନ (ବୁଧବାର ସୁଦ୍ଧା)। ଏହି ବାମହାତୀ ଚାଇନାମ୍ୟାନ ବୋଲରଙ୍କ ମୂଳ ନିଲାମ ମୂଲ୍ୟ ୩୦ ଲକ୍ଷ ଟଙ୍କା ରହିଛି। ଭାରତ ବିପକ୍ଷ ଗତ ୧୯ ବର୍ଷରୁ କମ୍ ସିରିଜରେ ସେ ୯ଟି ଉଇକେଟ୍ ନେଇଥିଲେ। ନିଲାମରେ ଏହି ଯୁବ ରିଷ୍ଟ ସ୍ପିନର ବିଭିନ୍ନ ଫ୍ରାଞ୍ଚାଇଜ୍‌ଙ୍କ ଡିମାଣ୍ଡ ଖେଳାଳି ରହିବେ ବୋଲି ଆକଳନ କରାଯାଉଛି। ପୂର୍ବରୁ ଆଫଗାନିସ୍ତାନ ପକ୍ଷରୁ ରଶିଦ୍ ଖାଁ ଓ ମହମ୍ମଦ ନବି ଆଇପିଏଲ୍ ଖେଳିସାରିଛନ୍ତି।

**ନିଲାମରେ ଓଡ଼ିଶାରୁ ଶୁଭ୍ରାଂଶୁ–** ଚଳିତ ବର୍ଷ ଆଇପିଏଲ୍ ନିଲାମ ପ୍ରକ୍ରିୟାରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଶୁଭ୍ରାଂଶୁ ସେନାପତି ଚୂଡ଼ାନ୍ତ ତାଲିକାରେ ରହିଛନ୍ତି। ଶୁଭ୍ରାଂଶୁ ବର୍ତ୍ତମାନ ଓଡ଼ିଶା ଦଳର ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି। ଗତ ସୀମିତ ଓଭର ଘରୋଇ କ୍ରିକେଟ୍ ପ୍ରତିଯୋଗିତାରେ ଏହି ଯୁବ ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା।

### ଆଇପିଏଲ୍ ନିଲାମ ଆଜି

- ସ୍ଥାନ- କୋଲକାତା
- ଆରମ୍ଭ- ଅପରାହ୍ନ ୨:୩୦ରୁ
- ସିଧା ପ୍ରସାରଣ- ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ




## ଓଡ଼ିଶା ଇନିଂସ ଅଗ୍ରଣୀ

କଟକ ଅଫିସ,୧୮।୧୨

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା–ସର୍ଭିସେସ ରଣଜୀ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ବୁଧବାର ଶେଷ ହୋଇଛି। ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ଓଡ଼ିଶା ଦଳ ୬ ଉଇକେଟ ବିନିମୟରେ ୨୮୦ରନ ସଂଗ୍ରହ କରିବା ସହ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ସର୍ଭିସେସ୍ ପ୍ରଥମ ଇନିଂସରେ ସମସ୍ତ ଉଇକେଟ ହରାଇ ୨୭୧ରନ କରିଥିଲା। ଓଡ଼ିଶା ପକ୍ଷରୁ ଦେବାଶିଷ ସାମନ୍ତରାୟ ୯୬ରନରେ ଅପରାଜିତ ଅଛନ୍ତି।

ସର୍ଭିସେସ୍ ପ୍ରଥମ ଇନିଂସରେ ୨୭୧ରନରେ ଅଲଆଉଟ ହେବା ପରେ ଓଡ଼ିଶା ମଙ୍ଗଳବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ବିନା ଉଇକେଟରେ ୪୩ରନ କରିଥିଲା। ଓପନର ଅନୁରାଗ ଷଡ଼ଙ୍ଗୀ ୩୩ରନରେ ଓ ଶାନ୍ତନୁ ମିଶ୍ର ୧୦ରନରେ ଅପରାଜିତ ଥିଲେ। ୫୧ରନରେ ଓଡ଼ିଶା ପ୍ରଥମ ଉଇକେଟ ହରାଇଥିଲା। ଓପନର ଅନୁରାଗ ବ୍ୟକ୍ତିଗତ ୪ରନ ଯୋଡ଼ିବା ପରେ ୩୭ରନରେ ସାଦବ ନଜାରଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ ଶାନ୍ତନୁ ୩୬ରନରେ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ୮୬ରନରେ ଓଡ଼ିଶା ୩ଟି ଉଇକେଟ ହରାଇଥିଲା। ପରେ ୪ର୍ଥ ଉଇକେଟ ଭାଗୀଦାରିରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ୧୧୩ରନ ସଂଗ୍ରହ କରିଥିଲା। ଦେବାଶିଷ ଓ ବିପ୍ଳବ ସାମନ୍ତରାୟ ଏହି ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ୧୩୨ବଲରୁ ୯ଟି ଚୌକା ଓ ଗୋଟିଏ ଛକା ବଳରେ ୭୩ରନ କରିଥିବା ବେଳେ ବିପ୍ଳବ ଦିୱେଶ ପଠାନିଆଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ବିପ୍ଳବଙ୍କର ଏହା ୧୯ତମ ଅର୍ଦ୍ଧଶତକୀୟ ଇନିଂସ ଥିଲା। ବ୍ୟାଟିଂ କ୍ରମ ୬ନଂରେ ଆସିଥିବା ଅଭିଶେକ ରାଉତ ୧ରନ କରିଥିବା ବେଳେ ପଠାନିଆଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଉଇକେଟ କିପର ସୁଜିତ ଲେଙ୍କା ୨୭ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳି ନଜାରଙ୍କ ବଲରେ କ୍ୟାଚ୍ ଆଉଟ ହୋଇଛନ୍ତି। ଦେବବ୍ରତ ପ୍ରଧାନ ୮ରନରେ ଓ ଦେବାଶିଷ ୯୬ରନରେ ଅପରାଜିତ ଅଛନ୍ତି। ୨୩୪ବଲ ଖେଳିଥିବା ଦେବାଶିଷ ୧୩ଟି ଚୌକା ସହାୟତାରେ ଉକ୍ତ ରନ ସଂଗ୍ରହ କରିଛନ୍ତି। ସର୍ଭିସେସ୍ ପକ୍ଷରୁ ପଠାନିଆ, ନଜାର ଓ ସଚ୍ଚିଦାନନ୍ଦ ପାଣ୍ଡେଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି।

ରଣଜୀ ଟ୍ରଫି



୯୬ ରନ୍‌ରେ ଅପରାଜିତ ଥିବା ଦେବାଶିଷ ସାମନ୍ତରାୟ



ସର୍ବିଆର ପାରାସିନଠାରେ ଅନୁଷ୍ଠିତ ଓର୍ବିସ-୩ ଟୁର୍ନାମେଣ୍ଟରେ କ୍ୟାରିୟରର ଦ୍ୱିତୀୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ କରି ବୁଧବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଚେସ ପ୍ରତିଭା ସାଇନା ସାଲୋନିକା। ଭୁବନେଶ୍ୱର ବିମାନ ବନ୍ଦରରେ ସାଇନାଙ୍କୁ କ୍ରୀଡ଼ାପ୍ରେମୀ, ଶୁଭେଚ୍ଛୁ ଓ ପରିବାର ପକ୍ଷରୁ ସ୍ୱାଗତ କରାଯାଇଥିଲା।

“ ଟୋକିଓ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟରେ ଏମ୍‌ସି ମେରୀକମ୍‌ଙ୍କ ବିପକ୍ଷ ମୁକାବିଲାରେ ନିରପେକ୍ଷତା ନେଇ ସନ୍ଦେହ ରହିଛି।
–ନିଖାତ୍ ଜରିନ, ଭାରତୀୟ ମହିଳା ବକ୍ସର



“ ଥାଇଲାଣ୍ଡ ବିପକ୍ଷ ବିଜୟ ଆମ ଦଳର ଖେଳାଳିଙ୍କ ଆତ୍ମବିଶ୍ୱାସ ବଢ଼ାଇବାରେ ବହୁତ ଗୁରୁତ୍ୱପୂର୍ଣ୍ଣ ରହିଥିଲା।
–ଥୋମାସ ଡେନରବେ, ଜୁନିୟର ଭାରତୀୟ ମହିଳା ଫୁଟ୍‌ବଲ କୋଚ୍



# ଆଜି ପହଞ୍ଚିବେ ଦଳ, କାଉଣ୍ଟରରେ ଟିକେଟ୍ ବିକ୍ରି

କଟକ ଅଫିସ,୧୮।୧୨

ଆସନ୍ତା ରବିବାର ଦିନ ବାରବାଟୀରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ୩ୟ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ଉଭୟ ଦଳ ଗୁରୁବାର ମଧ୍ୟାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ। ଗୁରୁବାର ଦିନ ୧୨.୧୦ରୁ ୧.୧୦ ମଧ୍ୟରେ ଉଭୟ ଦଳ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଭୁବନେଶ୍ୱରର ଏକ ତାରକା ହୋଟେଲକୁ ନିଆଯିବ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଉଭୟ ଦଳକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ପରେ ଉଭୟ ଦଳ ପର୍ଯ୍ୟାୟକ୍ରମେ ଶୁକ୍ରବାର ଓ ଶନିବାର ଅଭ୍ୟାସ ପାଇଁ ବାରବାଟୀ ଷ୍ଟାଡିୟମ ଆସିବେ। ଅନ୍ୟପକ୍ଷରେ ଗୁରୁବାରଠାରୁ ଦୁଇ ଦିନ ଧରି ଉକ୍ତ ମ୍ୟାଚ୍ ନିମନ୍ତେ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହେବ।

**ବାରବାଟୀ ଦିନିକିଆ ଆଉ ୩ ଦିନ**

## ପୋଲିସ୍‌ର ମକ୍‌ଡ୍ରିଲ୍

ଉଭୟ ଦଳର ଖେଳାଳି କିପରି ସୁରକ୍ଷିତ ଭାବେ ଷ୍ଟାଡିୟମ ପହଞ୍ଚିବେ ସେ ନେଇ ବୁଧବାର କମିଶନରେଟ୍ ପୋଲିସ ପକ୍ଷରୁ ମକଡ୍ରିଲ କରାଯାଇଥିଲା। କଡା ସୁରକ୍ଷା ବଳରେ ଉଭୟ ଦଳର ବସ୍ ଅପରାହ୍ନ ୪ଟା ୪୫ରେ ଭୁବନେଶ୍ୱରରୁ ବାହାରିଥିଲା। ପରେ ଭୁବନେଶ୍ୱର-କଟକ ଜାତୀୟ ରାଜପଥ ଦେଇ ଶିଖରପୁରରେ ପହଞ୍ଚିବା ପରେ ସେଠାରୁ ଷ୍ଟାଡିୟମ ଅଭିମୁଖେ ଯାଇଥିଲା। ଷ୍ଟାଡିୟମ ନିକଟରେ ପହଞ୍ଚିବା ପୂର୍ବରୁ ପୋଲିସ ପକ୍ଷରୁ ଏହି ରାସ୍ତାରୁ ଟ୍ରାଫିକ ବ୍ୟବସ୍ଥା ଉଚ୍ଛେଦ କରାଯାଇଥିଲା। ବସ୍ ଷ୍ଟାଡିୟମ ନିକଟରେ ପହଞ୍ଚିବା ପରେ ସେଣ୍ଟଜାଭିୟର୍ସ ସ୍କୁଲ ଗେଟ ଦେଇ ପାର୍କିଂ ସ୍ଥଳ ପର୍ଯ୍ୟନ୍ତ ନିଆଯାଇଥିଲା। ପୋଲିସ ବଳୟ ଭିତରେ ପ୍ରଥମେ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ବସ୍ ରହିଥିଲା। ତା ପଛକୁ ପୋଲିସ ସୁରକ୍ଷା ସହିତ ଆସିଥିଲା ଟିମ ଇଣ୍ଡିଆର ବସ୍।

## କାଉଣ୍ଟରରେ ୧୦,୦୩୯ ଟିକେଟ୍

ଦର୍ଶକମାନଙ୍କ ନିମନ୍ତେ କାଉଣ୍ଟରରେ ମୋଟ୍ ୧୦,୦୩୯ଟି ଟିକେଟ ବିକ୍ରି ପାଇଁ ରଖାଯାଇଛି। ଏହା ମଧ୍ୟରେ ଗ୍ୟାଲେରି ନଂ-୧ର ୩୪୯୮ଟି ଟିକେଟ, ଗ୍ୟାଲେରି ନଂ-୨ର ୪୭୭ଟି ଟିକେଟ, ଗ୍ୟାଲେରି ନଂ-୩ର ୩୭୩୬ଟି ଟିକେଟ, ଗ୍ୟାଲେରି ନଂ-୪ର ୯୮୨ଟି ଟିକେଟ୍, ଗ୍ୟାଲେରି ନଂ-୬ର ୧୫ଟି ଟିକେଟ୍, ସ୍ପେସାଲ ଏନକ୍ଲୋଜରର ୧୧୮୦ଟି ଟିକେଟ୍, ନ୍ୟୁ ପ୍ୟାଭିଲିୟନର ୮୬ଟି ଟିକେଟ ଓ କର୍ପୋରେଟ ବକ୍ସର ୬୫ଟି ଟିକେଟ ରହିଛି। ମୋଟ ୧୨ଟି କାଉଣ୍ଟର ଦର୍ଶକମାନଙ୍କ ନିମନ୍ତେ ଖୋଲାଯିବ। ସମସ୍ତ ଗ୍ୟାଲେରି ଟିକେଟ କାଉଣ୍ଟର ୧ରୁ ୧୦ ମଧ୍ୟରେ ବିକ୍ରି କରାଯିବ। କାଉଣ୍ଟର ନଂ-୧୧ ଓ ୧୨ରେ ସ୍ପେସାଲ ଏନକ୍ଲୋଜର, ନ୍ୟୁ ପ୍ୟାଭିଲିୟନ ଓ କର୍ପୋରେଟ ବକ୍ସର ଟିକେଟ ମିଳିବ।




ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ବାରବାଟୀ ଷ୍ଟାଡିୟମରେ ଖେଳାଳିଙ୍କ ହୋର୍ଡିଂ ଲଗାଯାଇଛି।



କମିଶନରେଟ ପୋଲିସ ପକ୍ଷରୁ ମକ୍ ଡ୍ରିଲ।



କଡ଼ା ସୁରକ୍ଷା ବ୍ୟବସ୍ଥା।

## କାଲିସ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ପରାମର୍ଶଦାତା

ଜୋହାନ୍ସବର୍ଗ,୧୮।୧୨(ପି.ଟି.)

କିମ୍ବଦନ୍ତୀ ଅଲରାଉଣ୍ଡର ଜ୍ୟାକ କାଲିସଙ୍କୁ ବୁଧବାର ଦକ୍ଷିଣ ଆଫ୍ରିକା ଦଳର ବ୍ୟାଟିଂ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ସେ ବୁଧବାରଠାରୁ ଦଳୀୟ କ୍ୟାମ୍ପରେ ଯୋଗଦେବେ ବୋଲି କ୍ରିକେଟ ଦକ୍ଷିଣ ଆଫ୍ରିକା ସିଏସ୍‌ଏ ପକ୍ଷରୁ କୁହାଯାଇଛି। କାଲିସ ମୋଟ ୫୨୯ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଅନ୍ତର୍ଜାତୀୟ ସ୍ତରରେ ୨୫,୫୩୪ ରନ୍ ଓ ୫୭୭ ଉଇକେଟ ତାଙ୍କ ନାମରେ ରହିଛି। ୧୬୬ ଟେଷ୍ଟ ସହ ୩୨୮ ଦିନିକିଆ ଓ ୨୫ ଟି୨୦ ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୧୪ରେ ସନ୍ନ୍ୟାସ ନେଇଥିବା ୪୪ ବର୍ଷୀୟ କାଲିସ ୬୨ ଶତକ କରିଥିଲେ। ସେ ଦ୍ୱିତୀୟ ପୂର୍ବତନ ଖେଳାଳି ଭାବେ ଜାତୀୟ ଦଳର କୋଚିଂ ଷ୍ଟାଫରେ ସାମିଲ ହୋଇଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ ଉଇକେଟ କିପର ମାର୍କ ବାଉଚର ମୁଖ୍ୟ କୋଚ୍ ପଦରେ ଅଛନ୍ତି। କାଲିସ ପୂର୍ବରୁ କୋଲକାତା ନାଇଟ ରାଇଡର୍ସ ମୁଖ୍ୟ କୋଚ୍ ପଦରେ ଥିଲେ।

## ନେଟ୍ସକୁ ଫେରିଲେ ବୋଲ୍ଟ

ମେଲବୋର୍ନ,୧୮।୧୨: ନ୍ୟୁଜିଲାଣ୍ଡ ପେସ ବିଭାଗର କର୍ଣ୍ଣଧାର ଟ୍ରେଣ୍ଟ ବୋଲ୍ଟ ବୁଧବାର ନେଟ୍ସକୁ ଫେରିଛନ୍ତି। ଏଥିଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ତଥା ବକ୍ସିଂ ଡେ ଟେଷ୍ଟରେ ସେ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ଆହତ ସମସ୍ୟା କାରଣରୁ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରୁ ବୋଲ୍ଟ ବାଦ୍ ପଡ଼ିଥିଲେ। ଏହି ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ପଡ଼ୋଶୀ ନ୍ୟୁଜିଲାଣ୍ଡକୁ ୨୯୬ ରନ୍‌ରେ ହରାଇ ଦେଇଥିଲା। ବାମହାତୀ ପେସର ଏମ୍‌ସିଜିଠାରେ ନେଟ୍ସରେ ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ। ମୁଖ୍ୟତଃ ଓପନର ଜିତ ରାବଲ ଓ ରିଜର୍ଭ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ ବ୍ଲୁଣ୍ଡେଲ ବୋଲ୍ଟଙ୍କୁ ଖେଳିଥିଲେ।

## ସଙ୍ଗକାରା ଏମ୍‌ସିସିର ଅଧିନାୟକ

ଲଣ୍ଡନ, ୧୮।୧୨ (ପି.ଟି.)

କ୍ରିକେଟ୍ ନିୟମର ପ୍ରଣେତା ମେରିଲବୋନ କ୍ରିକେଟ୍ କ୍ଲବ (ଏମ୍‌ସିସି) ଆସନ୍ତା ଫେବୃୟାରୀରେ ପାକିସ୍ତାନ ଗସ୍ତରେ ଯାଇ ସେଠାରେ କେତୋଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏଥିଲାଗି ପୂର୍ବତନ ମହାନ ଶ୍ରୀଲଙ୍କା କ୍ରିକେଟର୍ କୁମାର ସଙ୍ଗକାରାଙ୍କୁ ଏମ୍‌ସିସି ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସଙ୍ଗକାରା ମଧ୍ୟ ବର୍ତ୍ତମାନ ଏମ୍‌ସିସିର ସଭାପତି ପଦରେ ଦାୟିତ୍ୱ ତୁଲାଉଛନ୍ତି। ‘ଆସନ୍ତା ଫେବୃୟାରୀରେ କ୍ଲବ ଲାହୋରକୁ ଏକ ଟିମ୍ ପଠାଇବ। ସେଠାରେ କେତୋଟି ମ୍ୟାଚ୍ ଖେଳାଯିବ’ ବୋଲି ଏମ୍‌ସିସି ପକ୍ଷରୁ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଏମ୍‌ସିସିର ସମସ୍ତ ମ୍ୟାଚ୍ ଲାହୋରସ୍ଥିତ ଏଟସନ କଲେଜ ଗ୍ରାଉଣ୍ଡରେ ଖେଳାଯିବ। ଏଠାରେ ପ୍ରକାଶଯୋଗ୍ୟ, ୨୦୦୯ରେ ଶ୍ରୀଲଙ୍କା ଖେଳାଳିଙ୍କ ବସ୍ ଉପରକୁ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଟେଷ୍ଟ ଖେଳୁଥିବା ଦେଶ ପାକିସ୍ତାନ ଗସ୍ତ କରିବାକୁ ରାଜି ହୋଇ ନ ଥିଲେ। ତେବେ ବର୍ତ୍ତମାନ ଶ୍ରୀଲଙ୍କା ଦଳ ପାକିସ୍ତାନ ଗସ୍ତରେ ଯାଇ ସେଠାରେ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛି। ଫଳରେ ୧୦ ବର୍ଷର ବ୍ୟବଧାନ ପରେ ପାକିସ୍ତାନ ମାଟିକୁ ଟେଷ୍ଟ କ୍ରିକେଟ୍ ଫେରିଛି।

## ଟୋକିଓ ଅଲିମ୍ପିକ୍ସ: ଟିକେଟ ଚାହିଦା ଆକାଶଛୁଆଁ

ଟୋକିଓ,୧୮।୧୨(ଏପି)

ଟୋକିଓରେ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସ ଟିକେଟର ଚାହିଦା ଆକାଶଛୁଆଁ ହୋଇଛି। ଖାସ୍ କରି ଜାପାନରେ ଟିକେଟକୁ ନେଇ ଚାହିଦାରେ ଆଶାତୀତ ହୋଇଛି। ଗତ ଲଟେରିରେ ଜାପାନ ଅଧିବାସୀଙ୍କ ପାଇଁ ୨୩ ମିଲିୟନ ଟିକେଟ ବ୍ୟବସ୍ଥା ଲାଗି ଅନୁରୋଧ କାରାଯାଇଛି। ତେବେ କେବଳ ଗୋଟିଏ ମିଲିୟନ ଟିକେଟ ମିଳିପାରିବ ବୋଲି କୁହାଯାଇଛି। ଅର୍ଥାତ ପ୍ରାୟ ସମସ୍ତଙ୍କୁ ଖାଲି ହାତରେ ଯିବାକୁ ପଡିବ ବୋଲି ଆୟୋଜକ ତରଫରୁ କୁହଯାଇଛି। ଏହି ଅଲିମ୍ପିକ୍ସର ଲୋକପ୍ରିୟତା ଆଶାତୀତ ବୃଦ୍ଧି ପାଇଛି। ପୂର୍ବରୁ ଜାପାନ କ୍ରୀଡ଼ାପ୍ରେମୀଙ୍କ ପାଇଁ ଗତ ଲଟେରିଗୁଡିକରେ ୩.୫୭ ମିଲିୟନ ଟିକେଟ ଦିଆଯାଇଛି। ତେବେ ପ୍ରଥମଥର ଏହାର ୨୦ ଗୁଣା ଅଧିକ ଅର୍ଥାତ୍ ୬୦ ମିଲିୟନ ଟିକେଟ ପାଇଁ ଅନୁରୋଧ କରାଯାଇଥିଲା।

ଏବେ ଆସନ୍ତାବର୍ଷ ପ୍ରାରମ୍ଭରେ ଜାପାନରେ ଟିକେଟ ପ୍ରଦାନ କରାଯିବ। ଜାପାନ ଓ ଅଣ ଜାପାନ ଲୋକଙ୍କ ପାଇଁ ଫାଷ୍ଟ କମ୍ ଫାଷ୍ଟ ବେସିସ୍‌ରେ ଏହି ଟିକେଟ ମିଳିପାରିବ। ମୋଟାମୋଟି ଉପରେ ସବୁ ଇଭେଣ୍ଟ ପାଇଁ ୭.୮ ମିଲିୟନ ଟିକେଟ ମିଳିବାର ବ୍ୟବସ୍ଥା କରାଯାଇଛି। ଅତିକମ୍ ୭୦ ପ୍ରତିଶତ ଟିକେଟ ଜାପାନ ଲୋକଙ୍କୁ ମିଳିବ। କେବଳ ସେତିକି ନୁହଁ ପ୍ରାୟୋଜକ, ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ, ନ୍ୟାଶନାଲ ଅଲିମ୍ପିକ କମିଟି ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିଗୁଡିକ ପାଇଁ ମଧ୍ୟ ଟିକେଟର ବ୍ୟବସ୍ଥା କରାଯାଇଛି। ଜାପାନ ବାହାରେ ମଧ୍ୟ କେତେ ମିଲିୟନ ଟିକେଟ ବିକ୍ରି ହୋଇଛି। ଅଫିସିଆଲ ଅଲିମ୍ପିକ ଟିକେଟ ରିସେଲରମାନେ ଏହି ଟିକେଟ ବିକ୍ରି କରିଛନ୍ତି।

ଜୁଲାଇ ୨୪ରେ ଆୟୋଜନ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ଟିକେଟଗୁଡିରେ ଦାମ ବେଶ୍ ଅଧିକ ରହିଛି। ଗୋଟିଏ ଟିକେଟର ମୂଲ୍ୟ ୩ ଲକ୍ଷ ୟେନ ବା ୨, ୭୦୦ ଆମେରିକୀୟ ଡଲାର ରହିଛି। ସେହିପରି ଉଦ୍‌ଯାପନୀ ଉତ୍ସବର ଟିକେଟ ମୂଲ୍ୟ ୨୨୦,୦୦୦ ୟେନ ବା ୨,୦୦୦ ଡଲାର ରହିଛି। ଟିକେଟ କଳାବଜାରକୁ ରୋକିବା ପାଇଁ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିରେ ଦୋଷୀ ସାବ୍ୟସ୍ତ ହେଲେ ଜଣେ ବ୍ୟକ୍ତିଙ୍କୁ ୯,୧୦୦ ଡଲାର ଜରିମାନା ସହ ଏକ ବର୍ଷ ଜେଲ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଅଲିମ୍ପିକ ଆୟୋଜନ କରିବାରେ ଜାପାନ ରେକର୍ଡ ୨୫ ବିଲିୟନ ଆମେରିକୀୟ ଡଲାର ବ୍ୟୟ କରିବ। ଟିକେଟ ବିକ୍ରିରେ ୮୦୦ ମିଲିୟନ ଡଲାର ଅର୍ଥ ଉପାର୍ଜନ କରିବାକୁ ଲକ୍ଷ୍ୟ ରଖାଯାଇଛି। ପାରା ଅଲିମ୍ପିକ୍ସ ପାଇଁ ମଧ୍ୟ ଟିକେଟର ଚାହିଦା ବେଶ୍ ଅଧିକ ରହିଛି। ଏଥିପାଇଁ ୨.୩ ମିଲିୟନ ଟିକେଟ ବିକ୍ରି କରାଯିବ। ୨୫ ତାରିଖରେ ପାରା ଅଲିମ୍ପିକ୍ସ ଆରମ୍ଭ ପୂର୍ବରୁ ଏହି ଟିକେଟ ବିକ୍ରି ହୋଇଯିବ ବୋଲି ଆୟୋଜକ କହିଛନ୍ତି।

### ଏସିଆନ ଟିମ୍ ସ୍କ୍ୱାଶ ଚାମ୍ପିୟନଶିପ୍

## ପାଲମେର ଭାରତ କୋଚ୍

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ଆସନ୍ତାବର୍ଷ କୁଆଲାଲମ୍ପୁରରେ ଆୟୋଜନ ହେବାକୁଥିବା ଏସିଆନ ଟିମ୍ ଚାମ୍ପିୟନଶିପ୍‌ରେ ବିଶ୍ୱର ପୂର୍ବତନ ୧ ନମ୍ବର ଖେଳାଳି ଅଷ୍ଟ୍ରେଲିଆର ଡେଭିଡ ପାଲମେର ଭାରତୀୟ ଦଳର କୋଚ୍ ନିଯୁକ୍ତ ହେବା ନିଶ୍ଚିତ ହୋଇଛି। ଫୁଲ ଟାଇମ କୋଚ୍ ବଦଳରେ କେବଳ ଗୋଟିଏ ଇଭେଣ୍ଟ ପାଇଁ ତାଙ୍କୁ କୋଚ୍ ନିଯୁକ୍ତ କରିବାକୁ ସ୍କ୍ୱାଶ ର୍‍ୟାକେଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଆରଏଫ୍‌ଆଇ) ନିଷ୍ପତ୍ତି ନେଇଛି। ଏହି ଇଭେଣ୍ଟ ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ପାଲମେର ମଧ୍ୟ ଦାୟିତ୍ୱ ନେବାକୁ ରାଜି ହୋଇଛନ୍ତି। ତେବେ ଏଥିପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମୋଦନ ଆବଶ୍ୟକ ବୋଲି ଏସ୍‌ଆରଏଫ୍‌ଆଇ ସମ୍ପାଦକ ସାଇରସ ପୋଞ୍ଚା କହିଛନ୍ତି। ୪୩ ବର୍ଷୀୟ ପାଲମେର ୨୦୧୧ରେ ଅବସର ନେଇଥିଲେ ଓ ଏହାପରେ ସେ ଆମେରିକାର ଓର୍ଲାଣ୍ଡୋରେ ଡେଭିଡ ପାଲମେର ସ୍କ୍ୱାଶ ଏକାଡେମୀ ସ୍ଥାପନ କରି ସେଠାରେ କୋଚ୍ ଦାୟିତ୍ୱରେ ରହିଥିଲେ। ଏବେ ସେ ନ୍ୟୁୟର୍କର କର୍ନେଲ ୟୁନିଭର୍ସିଟିରେ ପୁରୁଷ ଓ ମହିଳା ଦଳକୁ ପ୍ରଶିକ୍ଷଣ ଦେଉଛନ୍ତି। ଭାରତୀୟ ସ୍କ୍ୱାଶ ଖେଳାଳି ସୌରଭ ଘୋଷାଲ ଓ ଜୋସ୍ନା ଚିନାପ୍ପା ତାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିଲେ।

### ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ

## ବିଜୟ ପଥକୁ ଫେରିଲେ ଓଡ଼ିଶା ଖେଳାଳି

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମ ଏବଂ ସହିଦ ନଗରସ୍ଥିତ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ପ୍ରଥମ ଦିବସର ନୈରାଶ୍ୟପରେ ଦ୍ୱିତୀୟ ଦିବସରେ ଓଡ଼ିଶା ଖେଳାଳିମାନେ ଆକର୍ଷଣୀୟ ପ୍ରଦର୍ଶନ ପରେ ବିଜୟ ପଥକୁ ଫେରିଛନ୍ତି। ୧୭ ବର୍ଷରୁ କମ ସିଙ୍ଗଲ୍ସରେ ୭ମ ସିଡ୍ ଆୟୁଷ ପଟ୍ଟନାୟକ ୨୧-୧୨, ୧୨-୨୧, ୨୩-୨୧ରେ ରାଜସ୍ଥାନର ହିମାଂଶୁ ଖତାନାଙ୍କୁ ପରାସ୍ତ କରିଛନ୍ତି। ସେହିପରି ଆୟୁଷ ଦାଶ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଉତ୍ତରାଖଣ୍ଡର ଚୟନିତ ଜୋଶୀଙ୍କୁ ୨୧-୧୨, ୧୩-୨୧,୨୧-୧୩ରେ ହରାଇ ଦେଇଛନ୍ତି।

ଓଡ଼ିଶାର ଟାଇଟଲ ଆଶାୟୀ ଶ୍ୱେତପର୍ଣ୍ଣା ପଣ୍ଡା ଆୟୋଜକଙ୍କ ପାଇଁ ଅଧିକ ଖୁସି ଆଣିଦେଇଛନ୍ତି। କର୍ଣ୍ଣାଟକର ସାତ୍ୱିକ ରେଡ୍ଡୀଙ୍କୁ ସାଥିକରି ଖେଳୁଥିବା ଶ୍ୱେତପର୍ଣ୍ଣା ୧୫ ବର୍ଷରୁ କମ ମକ୍ସଡ୍ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଶୀର୍ଷ ସିଡ ପ୍ରାପ୍ତ ଶ୍ୱେତାପର୍ଣ୍ଣା ଏବଂ ସାତ୍ୱିକ ଯୋଡ଼ି ହରିୟାଣାର ଇଶାନ ରୋହିଲା ଏବଂ ଚିତୱନ ଖତ୍ରୀଙ୍କୁ ୨୧-୧୩, ୨୧-୧୦ ବ୍ୟବଧାନରେ ହରାଇ ପ୍ରି କ୍ୱାଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଶୀର୍ଷ ସିଡ୍ ରାଘବ (୧୫ବର୍ଷରୁ କମ୍ ବାଳକ), ପ୍ରଣଭ ରାଓ ଗନ୍ଧମ(୧୭ବର୍ଷରୁ କମ୍ ବାଳକ) ଏବଂ ତାରା ଶାହ(୧୫ବର୍ଷରୁ କମ ବାଳିକା) ନିଜର ସିଙ୍ଗଲ୍ସ ମ୍ୟାଚରେ ସହଜ ବିଜୟ ସହିତ ଅଭିଯାନ ଆରମ୍ଭ କରିଛନ୍ତି। ହରିୟାଣାର ରାଘବ ସିକ୍କିମର ଟୋପଜାଙ୍ଗ୍ ଲେପ୍ଚାଙ୍କୁ ୨୧-୧୮,୨୧-୭ରେ, ତେଲଙ୍ଗାନାର ଗନ୍ଧମ ହରିୟାଣାର ପଙ୍କଜଙ୍କୁ ୨୧-୮,୨୧-୯ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୫ ବର୍ଷରୁ କମ ବାଳିକା ସିଙ୍ଗଲ୍ସରେ ମହାରାଷ୍ଟ୍ରର ତାରା ୨୧-୧୯, ୨୧-୮ରେ ପ୍ରତୀକ୍ଷା ଯୋଶୀଙ୍କୁ ପରାସ୍ତ କରିଛନ୍ତି। ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ୨ଟି ବିପର୍ଯ୍ୟୟ ଦେଖିବାକୁ ମିଳିଛି। ରାଜସ୍ଥାନର ଭୁବନ ସିଂ ୧୫ତମ ସିଡ୍ ପଞ୍ଜାବର ଆର୍କର୍ଷିତ ଶର୍ମାଙ୍କୁ ୨୧-୧୩, ୨୧-୧୧ ଏବଂ ହରିୟାଣାର ସନ୍ନି ନେହରା ୧୬ତମ ସିଡ୍ ଉତ୍ତରାଖଣ୍ଡର ସୌର୍ଯ୍ୟ ପନ୍ତଙ୍କୁ ୨୧-୧୯, ୧୭-୨୧, ୨୧-୧୫ ପଏଣ୍ଟରେ ପରାସ୍ତ କରିଛନ୍ତି।



ଜଣେ ପ୍ରତିଯୋଗୀ ଶଟ୍ ଖେଳୁଛନ୍ତି।


# ମନେ ପଡ଼ନ୍ତି

**୭ମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ନୀଳିମା ଜେନା
ଆବିର୍ଭାବ: ୦୪।୦୨।୧୯୬୯
ସ୍ୱର୍ଗାରୋହଣ: ୦୪।୦୧।୨୦୧୩
ଆମମାନଙ୍କ ପ୍ରତି ତୁମର ସ୍ନେହ ତଥା ଅବଦାନ ଆମେ କେବେବି ଭୁଲି ପାରିବୁ ନାହିଁ।
ତୁମର ସ୍ୱାମୀ: ମାନଗୋବିନ୍ଦ ଓ ପୁଅ: ବାପ୍‌ଲୁ
ଧ-୧୫୬୮୯

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ କସ୍ତୁରୀ ଚରଣ ସ୍ୱାଇଁ
ଭିରଙ୍ଗ, ଏରସମା, ଜଗତ୍‌ସିଂହପୁର
ଆବିର୍ଭାବ: ୨୧।୦୪।୧୯୪୦
ତିରୋଧାନ: ୧୦।୧୨।୨୦୧୯
ସେ ଜଣେ ସମାଜସେବୀ ଏବଂ ଉନ୍ନତିମୂଳକ କାର୍ଯ୍ୟରେ ନିୟୋଜିତ ଥିଲେ। ଲକ୍ଷ୍ମୀନୃସିଂହ ସଂସ୍କୃତ ମହାବିଦ୍ୟାଳୟ, ଖଡ଼ଗପୁର, ତିର୍ତ୍ତୋଲରେ ଶିକ୍ଷକତା କରୁଥିଲେ। ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର ସିନେଟ୍ ମେମ୍ବର ଥିଲେ। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୋଠି, ଜଗତ୍‌ସିଂହପୁର ଏବଂ ଭିରଙ୍ଗ ବିଦ୍ୟାଳୟର ପ୍ରତିଷ୍ଠାତା ମଧ୍ୟ ଥିଲେ। ଆପଣମାନେ ଆମର ଭିରଙ୍ଗ ସ୍ଥିତ ବାସଭବନରେ ଶୁଦ୍ଧିକ୍ରିୟାରେ ଯୋଗଦାନ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ହେବେ।
ଶୋକସନ୍ତପ୍ତ:
ବିଭୂତି ଭୂଷଣ ସ୍ୱାଇଁ, ଶାରଦା ପ୍ରସନ୍ନ ସ୍ୱାଇଁ, ବନୋଦିନୀ ସ୍ୱାଇଁ, ମିନାସିନି ଲେଙ୍କା, ସୁଧୀର ଲେଙ୍କା, ନାତୁଣୀ, ଭଣଜା ଓ ପରିବାରବର୍ଗ।
ଧ-୧୫୬୫୭

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ରାଜକିଶୋର ଶତପଥି
(ବରିଷ୍ଠ ଠିକାଦାର)
ପତୁକା ଶାସନ, ପାଳସିଆ, ବାଲେଶ୍ୱର
ଆବିର୍ଭାବ: ୨୬।୦୫।୧୯୬୭
ତିରୋଧାନ: ୦୯।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୫୬୯୬

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ପଦ୍ମାରାଣୀ ପତି
ସ୍ୱାମୀ– ବିଷ୍ଣୁଚରଣ ପତି
ଗ୍ରାମ: କାକରୁଦ୍ରପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୫୪
ତିରୋଧାନ: ୦୮।୧୨।୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ଦିଅର, ଯା’, ନାତି, ନାତୁଣୀ ଏବଂ ପତି ପରିବାରବର୍ଗ।
ଧ-୧୫୬୯୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଆବିର୍ଭାବ: ୨୮।୦୫।୧୯୬୮
ତିରୋଧାନ: ୧୭।୧୨।୨୦୧୯
ମୋର ସହଧର୍ମିଣୀ ଆଲେଚନା ପାଇକରାୟଙ୍କ ଗତ ୧୭ ତାରିଖ ଦିନ ଅକାଳ ମୃତ୍ୟୁ ହୋଇ ଯାଇଛି। ତାଙ୍କର ମୃତ୍ୟୁରେ ମୋର ସପରିବାର, ବନ୍ଧୁବର୍ଗ, ନରିଶୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମ୍ରିୟମାଣ ହୋଇ ପଡିଛନ୍ତି। ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ଆମେ ପ୍ରାର୍ଥନା କରୁଅଛୁ।
ଉପେନ୍ଦ୍ରନାଥ ପାଇକରାୟ, ଗ୍ରାମ– ବାରାସିଲ, ପୋଷ୍ଟ– ପାଟସୁନ୍ଦରପୁର, ବ୍ଲକ– କଣ୍ଟାପଡା, ଜିଲ୍ଲା– କଟକ
ଧ-୧୫୬୯୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଡିସେମ୍ବର ୧୯/୨୦୧୯ Sambalpur, Thursday, December 19 / 2019

■ବରପାଲି ହତ୍ୟା ଘଟଣାର ପର୍ଦ୍ଦାଫାଶ, ଅଭିଯୁକ୍ତ ଗିରଫ

# କଥା କଟାକାଟିରୁ ସାଙ୍ଗଙ୍କୁ ହତ୍ୟା


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି ।


ଜବତ୍ ବାଇକ୍, ସ୍କୁଟି ।


ଜବତ୍ ମୋବାଇଲ, ଲୁହା ପାଇପ୍, ପର୍ସ ।

ବରଗଡ଼ ଅଫିସ,୧୮।୧୨

ବରଗଡ଼ ଜିଲା ବରପାଲି ଜଗନ୍ନାଥ ନଗରରେ ଗତ ୧୩ତାରିଖ ବିଳମ୍ବିତ ରାତ୍ରିରେ ସଂଘଟିତ ପ୍ରଶାନ୍ତ ପରଧିଆ(୧୯) ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଚୋରି ଘଟଣାକୁ ନେଇ ଦୁଇ ସାଙ୍ଗ ମଧ୍ୟରେ ବଚସାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ପୋଲିସ ହତ୍ୟା ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ବରଗଡ଼ ପୌର ପରିଷଦ ୱାର୍ଡ଼ ନଂ–୨ ବାସିନ୍ଦା ରାହୁଲ ଓରଫ କଇରୁ ବେହେରା(୧୯) । ତାଙ୍କୁ ଜେରା ପରେ ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ପାଇପ୍ ସମେତ ଗୋଟିଏ ସ୍କୁଟି(ନଂ.ଓଡ଼ି୧୭ ୦୨୯୮), ଏକ ବାଇକ୍(ନଂ.ଓଡି୧୭୮୫୫୩), ୨ଟି ମୋବାଇଲ ଫୋନ, ମନି ପର୍ସ ଆଦି ଜବତ୍ କରିଛି। ଗିରଫ ଯୁବକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ।

■ପ୍ରେମିକାଙ୍କୁ ଦେଇଥିଲେ ଚୋରି ମୋବାଇଲ

■ମୋବାଇଲ, ବାଇକ୍ ଓ ମାରଣାସ୍ତ୍ର ଜବତ

ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ କହିଛନ୍ତି, ମୃତ ପ୍ରଶାନ୍ତ ଓ ଅଭିଯୁକ୍ତ ରାହୁଲ ଗୋଟିଏ ସାହିର ଏବଂ ଦୁଇ ସାଙ୍ଗ । ଗତ ୧୨ତାରିଖରେ ଉଭୟେ ଟ୍ରେନ ଯୋଗେ ବଲାଙ୍ଗୀର ଯାଇଥିଲେ। ପରେ ସେମାନେ ଏକ ଲଜ୍‌ରେ ରହିଥିଲେ। ତେବେ ୧୩ତାରିଖ ଭୋଜନ ପରେ ଅଭିଯୁକ୍ତ ରାହୁଲ ପ୍ରଶାନ୍ତଙ୍କୁ ନ ଜଣାଇ ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ବରଗଡ଼ ଆସିଥିଲେ। ବରଗଡ଼ ପହଞ୍ଚିବା ପରେ ସେ ଚାଲି ଆସିଥିବା ନେଇ ପ୍ରଶାନ୍ତଙ୍କୁ ଖବର ଦେଇଥିଲେ । ପରେ ପ୍ରଶାନ୍ତ ତାଙ୍କ ଅନ୍ୟଜଣେ ସାଙ୍ଗ ପରାଧୀନଙ୍କ ସହିତ ଟ୍ରେନ ଯୋଗେ ବରଗଡ଼ ଆସୁଥିଲେ । ହେଲେ ସେମାନେ ବରପାଲି ରେଳ ଷ୍ଟେଶନରେ ଓହ୍ଲାଇ ପଡିଥିଲେ। ପରେ ପ୍ରଶାନ୍ତ ଫୋନ କରି ରାହୁଲଙ୍କୁ ବରପାଲି ଆସି ନେବାକୁ କହିଥିଲେ। ରାହୁଲ ତାଙ୍କ ଅନ୍ୟଜଣେ ସାଙ୍ଗ ରିକୁଙ୍କ ସହିତ ପ୍ରଶାନ୍ତଙ୍କ ସ୍କୁଟି ଧରି ବରପାଲି ଆସିଥିଲେ। ପରେ ସେମାନେ ବରପାଲି ନିକଟ ଯୋଗିମୁଣ୍ଡା ନିକଟରେ ଭେଟ ହୋଇଥିଲେ। ସେଠାରୁ ପରାଧୀନ, ରିକୁ ଟ୍ରେନ ଯୋଗେ ବରଗଡ଼ ଫେରିଆସି ଥିବାବେଳେ ପ୍ରଶାନ୍ତ ଏବଂ ରାହୁଲ ସ୍କୁଟି ରଖି ରହିଥିଲେ।

ହେଲେ ଚୋରି କରିଥିବା ବାଇକ୍ ଏବଂ ମୋବାଇଲ ଫୋନକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ତାଙ୍କ ମଉସା ଘର ବରପାଲି ଜଗନ୍ନାଥ ନଗରରେ ଅଛି ଏବଂ ସେଠାକୁ ଯାଇ ସେ ଟଙ୍କା ଆଣି ଦେବା ପାଇଁ ରାହୁଲ ପ୍ରଶାନ୍ତଙ୍କୁ କହିଥିଲେ । ପରେ ଉଭୟେ ସେଠାକୁ ଟଙ୍କା ଆଣିବା ପାଇଁ ଯାଇଥିଲେ। କିନ୍ତୁ ରାହୁଲ ତାଙ୍କ ମଉସାଙ୍କ ଘର ଠିକଣା ପାଇପାରି ନ ଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରଶାନ୍ତ ସ୍କୁଟିରୁ ଏକ ଲୁହା ପାଇପ୍ ବାହାର କରି ରାହୁଲଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ । ହେଲେ ରାହୁଲ ଲୁହା ପାଇପ୍ ଛଡ଼ାଇ ପାଲଟା ପ୍ରଶାନ୍ତଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା ବୋଲି ଅଭିଯୁକ୍ତ ରାହୁଲ ବୟାନ ଦେଇଥିବା ଏସ୍‌ପି କହିଛନ୍ତି ।

ହତ୍ୟାକାଣ୍ଡ ଭିଆଇ ରାହୁଲ ମୃତ ପ୍ରଶାନ୍ତଙ୍କ ସ୍କୁଟି ଧରି ବରଗଡ଼ ଖସି ଆସିଥିଲେ। ୧୪ତାରିଖ ସକାଳେ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ଚିହ୍ନଟ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା ବୋଲି ଏସ୍‌ପି ସାହୁ କହିଥିଲେ। ତେବେ ଚୋରି କରିଥିବା ବାଇକ୍ ଘଟଣା ପ୍ରଘଟ କରିବା ଏବଂ ତାଙ୍କ ପ୍ରେମିକାଙ୍କୁ ଦେଇଥିବା ଚୋରି ମୋବାଇଲ ଫୋନ ଫେରାଇ ଆଣିବା ଘଟଣା କଥା ଉଠାଇବାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ସେଥିରୁ ହତ୍ୟାକାଣ୍ଡର ସୂତ୍ରପାତ ହୋଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ଖବରଦାତା ସମ୍ମିଳନୀରେ ବରପାଲି ଥାନା ଆଇଆଇସି ରୋଜାଲିନ ପଟେଲ ଉପସ୍ଥିତ ଥିଲେ।

■ମିଚାଶୋଲା ପ୍ରାଥମିକ ବିଦ୍ୟାଳୟ

## ୩୦ ମିନିଟ ପୂର୍ବରୁ ସ୍କୁଲ ଛୁଟି


ଅଧଘଣ୍ଟା ପୂର୍ବରୁ ସ୍କୁଲ ଛୁଟି ହେବା ପରେ ଛାତ୍ରୀଛାତ୍ରମାନେ ଘରକୁ ଯାଉଛନ୍ତି।

ଜୁନାଗଡ,୧୮।୧୨(ଡି.ଏନ.ଏ.)

ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇଛନ୍ତି । ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଆଣିବା ପାଇଁ ବିଭିନ୍ନ ଯୋଜନା ଚାଲିଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା ପାଇ ଆଗକୁ ବଢ଼ିପାରିବେ ଓ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ତେବେ କେତେଜଣ ଦାୟିତ୍ୱହୀନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ଏହି ଯୋଜନା ଏବେ ବାଟବଣା ହେବାରେ ଲାଗିଛି। ଫଳରେ ଦିନକୁ ଦିନ ଶିକ୍ଷା ହାର କମିବାରେ ଲାଗିଛି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମିଚାଶୋଲା ପ୍ରାଥମିକ ବିଦ୍ୟାଳୟରେ। ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏ ସ୍କୁଲ ଖୋଲିବାର ନିୟମ ରହିଥିବା ବେଳେ ବୁଧବାର ସାଢେ ୩ଟାରେ ଏହି ସ୍କୁଲ ଛୁଟି ହୋଇ ଯାଉଥିବା ଦେଖିବାକୁ ମିଳିଥିଲା। ଫଳରେ ଛାତ୍ରୀଛାତ୍ରମାନେ ଅଧଘଣ୍ଟା ପୂର୍ବରୁ ଘରକୁ ଫେରିଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ମନୋରଞ୍ଜନ ପାଢୀଙ୍କୁ ପଚାରିବାରୁ ଅତିହାଲୁକା ଭାବେ ସ୍କୁଲରେ ରଙ୍ଗ ଦିଆଯାଉଛି ସେଥିପାଇଁ ଛୁଟି କରି ଦିଆଯାଇଛି ବୋଲି କହିଥିଲେ। ଯଦିଓ ଏହି ସମୟରେ ଗୋଟିଏ ଶ୍ରେଣୀ କକ୍ଷରେ ରଙ୍ଗ ଦିଆଯାଉଥିଲା ତଥାପି ଅନ୍ୟକକ୍ଷରେ ଛାତ୍ରୀଛାତ୍ରଙ୍କୁ ବସାଯାଇ ପାଠପଢା ଯାଇ ପାରିଥାନ୍ତା। ଏଠାରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ତାହା ନ କରି ଅଧଘଣ୍ଟା ପୂର୍ବରୁ ସ୍କୁଲ ଛୁଟି କରିଦେବା ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି ।

ଏହି ବିଦ୍ୟାଳୟରେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ଯାଏଁ ୪୧ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କୁ ପାଠ ପଢ଼ାଇବା ପାଇଁ ଜଣେ ପ୍ରଧାନଶିକ୍ଷକ ଓ ୩ଜଣ ସହକାରୀ ଶିକ୍ଷୟିତ୍ରୀ ରହିଛନ୍ତି। ତେବେ ନିୟମ ଅନୁସାରେ ୩୦ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷୟିତ୍ରୀଶିକ୍ଷକ ରହିବା କଥା। ହେଲେ ଉକ୍ତ ସ୍କୁଲରେ ୨ଜଣ ପରିବର୍ତ୍ତେ ୪ଜଣ ଶିକ୍ଷୟିତ୍ରୀ/ଶିକ୍ଷକ ରହିବା ଜୁନାଗଡ ବ୍ଲକ ଶିକ୍ଷା ବିଭାଗର ଆଶୀର୍ବାଦ ବୋଲି ପ୍ରମାଣିତ ହୋଇଛି। ଫଳରେ ସରକାରଙ୍କ ଶିକ୍ଷା ନୀତି ଏଠାରେ ପ୍ରହସନ ପାଲଟିଛି । ଏ ନେଇ ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## କେଶବ ରାଓ ଏମ୍‌ସିଏଲ୍ ନୂତନ କାର୍ମିକ ନିର୍ଦ୍ଦେଶକ

ସମ୍ବଲପୁର, ୧୮।୧୨ (ବ୍ୟୁରୋ)


କେଶବ ରାଓ ।

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ନୂତନ କାର୍ମିକ ନିର୍ଦ୍ଦେଶକ ଭାବେ କେଶବ ରାଓ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ବୁର୍ଲାସ୍ଥିତ ଏମ୍‌ସିଏଲ୍‌ର ମୁଖ୍ୟାଳୟ (ଜାଗୃତି ବିହାର)ଠାରେ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ କାର୍ମିକ ନିର୍ଦ୍ଦେଶକ ରାଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ତେବେ ଏହା ପୂର୍ବରୁ ସେ ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରିଛନ୍ତି। ବମ୍ବେ ଆଇଆଇଟିରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ବିଟେକ ପରେ ସେ ଆଇଆଇଏମ୍ ଅହମ୍ମଦାବାଦରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ଏଚ୍‌ଆର୍ ଭିଜିଲାନ୍ସ ସହ ଟେଲିକମ୍ ଇଣ୍ଡଷ୍ଟ୍ରିଜ ପ୍ରୋଜେକ୍ଟ ଏକଜିକ୍ୟୁଟିଭ ପ୍ଲାନିଂ ଓ ଅପରେଶନରେ ତାଙ୍କର ୨୬ ବର୍ଷର ଅଭିଜ୍ଞତା ରହିଛି । ସେହିପରି ସେ ପଓନ ହଂସ ଲିମିଟେଡରେ ମୁଖ୍ୟ ସତର୍କତା ଅଧିକାରୀ ଥିଲେ। ୨୦୧୦ରୁ ୨୦୧୫ ମସିହା ପର୍ଯ୍ୟନ୍ତ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର ନିର୍ଦ୍ଦେଶକ ରହିଛନ୍ତି। ସିଭିଲ ଆଭିଏସନ ମନ୍ତ୍ରଣାଳୟ ଅଧୀନ ୪ଟି ବିଭିନ୍ନ ସଂସ୍ଥାରେ ମୁଖ୍ୟ ସତର୍କତା ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏଣୁ ଅଭିଜ୍ଞତାସମ୍ପନ୍ନ ରାଓଙ୍କ ନେତୃତ୍ୱରେ ମହାନଦୀ କୋଇଲା କମ୍ପାନୀ ଆଗକୁ ଆହୁରି ଅଧିକରୁ ଅଧିକ ସଫଳତା ହାସଲ କରିବ ବୋଲି ଏମ୍‌ସିଏଲ୍ ପରିବାର ଆଶା ରଖିଛି।

## ସଡ଼କ ଦୁର୍ଘଟଣାରେ ୨ବାଇକ ଆରୋହୀ ମୃତ

ମୁରିବାହାଲ, ୧୮।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଜୁଆଡିପାଲି ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଏକ ବାଇକରେ ଥିବା ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଜଣଙ୍କର ଓ ଅନ୍ୟ ଜଣଙ୍କର ମୁରିବାହାଲ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ହେଲେ ମୁରିବାହାଲ ବ୍ଲକ ବାରବନ୍ଧାର ମୂଳ ବାସୀନ୍ଦା ତଥା କଳାହାଣ୍ଡି ଜିଲା କେଗାଁ ଥାନା ବାବେରମୁଣ୍ଡାରେ ଘର ଜ୍ୱାଇଁ ହୋଇ ରହିଥିବା ବବରୁ ଭୋଇ(୨୫) ଏବଂ ତାଙ୍କ ଶଳା ଡୋଳାମଣି ମାଝୀ(୨୨)। କୌଣସି ଏକ କାମରେ ଉଭୟେ ବାବେରମୁଣ୍ଡାରୁ ବାଇକ ନଂ. ଓଆର ୮ଏଫ ୬୩୯୯ରେ ବାରବନ୍ଧାକୁ ଏକ ଆସୁଥିବା ବେଳେ ଜୁଆଡିପାଲି ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ବବରୁଙ୍କ ମୃତ୍ୟୁ ଘଟିଥିବାବେଳେ ଡୋଳାମଣୀ ଗୁରୁତର ହୋଇଥିଲେ। ମୁରିବାହାଲ ଥାନା ପୋଲିସ ମୃତଦେହକୁ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ଧକ୍କା ଦେଇଥିବା ଗାଡି ସମ୍ପର୍କରେ ଅନୁସନ୍ଧାନ କରାଯାଉଛି ବୋଲି ଆଇଆଇସି ତାରା ଜସ୍ମିନ ଗୁଡିଆ କହିଛନ୍ତି।




■ନାବାଳିକା ବଳାତ୍କାର ମାମଲା

## ଗିରଫ ହେଲେ ସେନା ଯବାନ

ଲହୁଣୀପଡା, ୧୮।୧୨ (ଡି.ଏନ୍.ଏ.)


ଗିରଫ ସେନା କର୍ମଚାରୀ।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଟୁଗା ଗଦାପାଲି ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ବୁଧବାର ପୋଲିସ ସେନାବାହିନୀର ଜଣେ ଯବାନଙ୍କୁ ଗିରଫ କରିଛି। ସେ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ମୁସିନ୍ତା ଗ୍ରାମର ବୀରେନ୍ଦ୍ର ସାମାଦ। ସେ ଜଣେ ସେନା ଯବାନ ଭାବେ ଜମ୍ମୁ କଶ୍ମୀରରେ କାର୍ଯ୍ୟରତ ଥିଲେ। ୨୦୧୭ରେ ଛୁଟିରେ ଆସିଥିବା ବେଳେ ଗ୍ରାମର ଏକ ବିବାହ ଉତ୍ସବରେ ନାବାଳିକାଙ୍କ ସହିତ ଚିହ୍ନାପରିଚୟ ହୋଇଥିଲା। ନାବାଳିକା ମାଉସୀ ଘରକୁ ଯାଇ ସେହି ବିବାହ ଉତ୍ସବକୁ ଯାଇଥିଲେ। ପରେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ଗର୍ଭଧାରଣ ବିଷୟରେ ନାବାଳିକା ଜଣାଇବାରୁ ଯବାନ ଜଣକ ମିଛ ବାହାନା କରି ଗର୍ଭପାତ କରାଇଥିଲେ। ପରେ ଧରାଛୁଆଁ ଦେଉ ନ ଥିଲେ। ଏକଥା କାହାରି ଆଗରେ କହିଲେ ଜୀବନରେ ମାରିଦେବାର ଧମକ ମଧ୍ୟ ଦେଉଥିଲେ। ଏନେଇ ନାବାଳିକା ଗତ ଅକ୍ଟୋବର ୧୭ରେ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲହୁଣୀପଡା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଦୁଇ ମାସ ପରେ ଯବାନ ବୀରେନ୍ଦ୍ର ସାମାଦଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



"କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



■ ପାଇକମାଲ ମଣ୍ଡିରେ ଧାନ କିଣା ଆରମ୍ଭରୁ ଅବ୍ୟବସ୍ଥା

# ଧାନକିଣାରେ ବିଳମ୍ବ: ଚାଷୀ ଅସନ୍ତୋଷ

**ପାଇକମାଲ,୧୮।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଲ ମଣ୍ଡିରେ ଧାନ କିଣା ଆରମ୍ଭରୁ ଅବ୍ୟବସ୍ଥା ଦେଖାଦେଇଛି। ମଣ୍ଡି ନଭେମ୍ବର ୧୨ତାରିଖରେ ଶୁଭାରମ୍ଭ ହୋଇଥିଲା। ହେଲେ କୌଣସି କାରଣକୁ ନେଇ ୨୮ତାରିଖରୁ ଧାନ କିଣା ହୋଇଥିଲା। ବର୍ତ୍ତମାନ ବ୍ଲକର ବିଭିନ୍ନ ସ୍ଥାନରେ ୧୨ଟି ମଣ୍ଡି ଖୋଲାହୋଇ ଧାନ କିଣା ହେଉଛି। ହେଲେ ବିଭିନ୍ନ ସମସ୍ୟା ଯୋଗୁ ଧାନ କିଣା ସୂଚାରୁ ଭାବେ ହୋଇପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଟୋକନ ବ୍ୟବସ୍ଥା ଚାଷୀଙ୍କ ମୁଖ୍ୟ ସମସ୍ୟା ହୋଇଛି। ଏଭଳିସ୍ଥିତିରେ ମଣ୍ଡିକୁ ଆସୁ ଥିବା ଚାଷୀଙ୍କ ଧାନ କିଣା ନ ହୋଇ ପଡିରହୁଛି। ବୁଧବାର



ପାଇକମାଲ ମଣ୍ଡିକୁ ବୁଧବାର ଚାଷୀମାନେ ଟ୍ରାକ୍ଟର ଯୋଗେ ଧାନ ଆଣିଛନ୍ତି।

ପାଇକମାଲ ବ୍ଲକ ପାଖରୁ ହାଇସ୍କୁଲ ପର୍ଯ୍ୟନ୍ତ ପ୍ରାୟ ୧ କି.ମି. ଦୂର ରାସ୍ତାର ଉଭୟ ପାର୍ଶ୍ୱରେ ଧାନ ବୋଝେଇ ଟ୍ରକ ଏବଂ ଟ୍ରାକ୍ଟର ଛାଡି ହୋଇରହିଥିଲା। ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବୁଧବାର ପାଇକମାଲ ମଣ୍ଡିକୁ ୨୫୦୦୦ ବସ୍ତା ଧାନ ବସ୍ତା ମଣ୍ଡିକୁ ଆସିଥିଲା। ହେଲେ ଆବଶ୍ୟକ ଆନୁସଙ୍ଗୀକ ବ୍ୟବସ୍ଥା ନ ଥିବାରୁ ଏତେ ପରିମାଣର ଧାନ ରଖିବା ପାଇଁ ମଣ୍ଡିରେ ଜାଗା ହୋଇ ନ ଥିଲା। ଏନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ସୁଧା ପାଇକମାଲ ମଣ୍ଡିରୁ ୩୯୬ ଜ ଚାଷୀଙ୍କ ୨୦ ହଜାର ୮ ଶହ ୯ କୁଇଣ୍ଟାଲ ଧାନ କିଣା ହୋଇଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି। ସେହିପରି ଝିଟିକି ମଣ୍ଡିରୁ ୧୬୪ଜଣ ଚାଷୀଙ୍କ ୧୦ ହଜାର ୧୪୦ କୁଇଣ୍ଟଲ, ଜାମସେଠ ମଣ୍ଡିରେ ୧୯୩ଜଣ ଚାଷୀଙ୍କ ୯ହଜାର ୨୦୫ କୁଇଣ୍ଟାଲ, ଛିନ୍ଦେଇକେଲା ଧାନ ମଣ୍ଡିରୁ ୧୮୧ଜଣ ଚାଷୀଙ୍କ ୧୧ହଜାର ୧୮କୁଇଣ୍ଟାଲ, ମାଣ୍ଡୋସିଲି ମଣ୍ଡିରୁ ୩୦୭ ଜଣ ଚାଷୀଙ୍କ ୨୨ହଜାର ୨୩୯ କୁଇଣ୍ଟାଲ, ବରତୁଣ୍ଡା ମଣ୍ଡିରୁ ୮୨ଜଣ ଚାଷୀଙ୍କ ୪ ହଜାର ୮୭୦ କୁଇଣ୍ଟାଲ, ଲଖମରା ମଣ୍ଡିରୁ ୩୬୭ଜଣ ଚାଷୀଙ୍କ ୨୨ହଜାର ୨୨୮ କୁଇଣ୍ଟାଲ, ବାଦିକଟାରେ ୧୩୦ଜଣ ଚାଷୀଙ୍କ ୮ହଜାର ୪୩୫ କୁଇଣ୍ଟାଲ, ବୁକ୍ରାମୁଣ୍ଡା ୫୬ଜଣ ଚାଷୀଙ୍କ ୩ହଜାର ୩୯୩ କୁଇଣ୍ଟାଲ ଏବଂ ପଲସଦା ମଣ୍ଡିରୁ ୧୪୫ଜଣ ଚାଷୀଙ୍କ ୭ହଜାର ୮୦୦ କୁଇଣ୍ଟାଲ ଧାନ କିଣା ହୋଇଛି। ହେଲେ ବର୍ତ୍ତମାନ ସୁଦ୍ଧା ବ୍ଲକର ବିଭିନ୍ନ ମଣ୍ଡିରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଧାନ ବସ୍ତା ବାହାରେ ଖୋଲା ଆକାଶ ତଳେ ପଡି ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ଚାଷୀଙ୍କୁ ଟୋକନ ଦେଇ ଧାନ କିଣିବାକୁ ଚାଷୀ ନେତା ଯୁଧିଷ୍ଠିର ସାହୁ ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଲେମ୍ବୁ ଲୁଣ**
**ଦାଣ୍ଡରେ ଦେଖ ଚାତର ପଣ**
**ସଭାରେ ବଖାଣେ ତିନି ତିଉଣ ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ ବାହାରେ କିନ୍ତୁ ଚାତୁରୀ କାହିଁରେ କେତେ। ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ପରନ୍ତୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜର ପ୍ରୌଢ଼ି ପ୍ରକାଶ କରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡ଼ମ୍ବର ଶୋଭା ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ଛ' ଟଙ୍କା**
**ଦାନା ନ' ଟଙ୍କା ।**

ଜିନିଷର ଦାନା ତୁଳନାରେ ତାକୁ ନେଇ ଆଣି ଥୋଇବା, ଚଳେଇବା ଦାମ୍ ଅଧିକା। ମୂଳ ବସ୍ତୁର ମୂଲ୍ୟଠାରୁ ତା'ର ରକ୍ଷଣାବେକ୍ଷଣା ଖର୍ଚ୍ଚ ବଳିଯିବା ବା ଢେର୍ ଅଧିକା ହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଧାନ ଚୋରି ଗାଡ଼ି ଧରିଲେ ଗ୍ରାମବାସୀ







ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିବା ଧାନଚୋରିରେ ବ୍ୟବହୃତ ଗାଡ଼ି।

**ବରଗଡ଼ ଅଫିସ୍,୧୮।୧୨**

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଜଣେ ଚାଷୀଙ୍କୁ ମାଡ଼ ମାରି ଏକ କୋଠରିରେ ଭର୍ତ୍ତି କରି ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଖଳାରେ ରଖାଯାଇଥିବା ଧାନକୁ ଏକ ପିକ୍ଅପ୍ ଭ୍ୟାନ ଗାଡ଼ିରେ ଚୋରି କରି ନେଉଥିବାବେଳେ ଗ୍ରାମବାସୀ ଗାଡ଼ିକୁ ଧରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର ମନୋଜ ବାରିକ ନିଜ ଖଳାରେ ଅମଳ ହୋଇ ରହିଥିବା ୧୦୦ ପକେଟ୍ରୁ ଉର୍ଦ୍ଧ୍ୱ ଧାନ ବସ୍ତାକୁ ମଙ୍ଗଳବାର ରାତ୍ରିରେ ଜଗି ରହିଥିଲେ। ହେଲେ କେତେଜଣ ଦୁର୍ବୃତ୍ତ ଏକ ପିକ୍ଅପ୍ ଭ୍ୟାନ(ନଂ–ଓଡ଼ି୧୭ଡି ୧୪୧୦)ରେ ଖଳାକୁ ଆସିଥିଲେ। ପରେ ମନୋଜଙ୍କୁ ମାଡ଼ ମାରି ଏକ ଆବଦ୍ଧ କୋଠରୀରେ ଭର୍ତ୍ତି କରି ଦେଇଥିଲେ। ପରେ ଦୁର୍ବୃତ୍ତମାନେ ପିକଅପ୍ ଭ୍ୟାନରେ ୩୨ପକେଟ୍ ଧାନ ବୋଝେଇ କରି ଖସି ପଳାଉଥିଲେ। ମନୋଜ ଏ ନେଇ ଗ୍ରାମବାସୀଙ୍କୁ ଫୋନରେ ଜଣାଇବାରୁ ଲୋକେ ଗାଡ଼ିକୁ ପିଛା କରିଥିଲେ। ପରେ ବରପଦର ନାଲା ପାଖରେ ଦୁର୍ବୃତ୍ତମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସକୁ ଖବର ଦିଆଯାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହେଲେ ପୋଲିସ କାହାରିକୁ ଧରିପାରି ନ ଥିବା ଜଣାପଡିଛି।

■ ଚୋରି ର୍ୟାକେଟ ଠାବ

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଗିରଫ

**ବିଜେପୁର,୧୮।୧୨(ଡି.ଏନ୍.ଏ.)**

ବରଗଡ଼ ଜିଲା ବିଜେପୁର ପୋଲିସ ବୁଧବାର ଏକ ଚୋରି ର୍ୟାକେଟ ଠାବ କରିବା ସହ ଚୋର ଦଳକୁ ଧରିବାରେ ସଫଳ ହୋଇଛି। ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ଜଣଙ୍କୁ ପୋଲିସ ଗିରଫ କରି ବୁଧବାର ସୋହେଲା କୋର୍ଟ ଚାଲାଣ କରିଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ପୋଲିସ ଜେଲ ହାଜତକୁ ପଠାଇ ଦେଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋହେଲା ଥାନା ଅନ୍ତର୍ଗତ ବନାବିରା ଗ୍ରାମର ମୁଖ୍ୟ ଅଭିଯୁକ୍ତ ଗିରିଶ ଜଗଦଲା(୩୭), ରାଜା ରଣା(୨୧), ଆଶିଷ ଭୁଏ(୨୨), ସତ୍ୟବାନ ମେହେର(୨୨) ଓ ଶୁସାନ୍ତ ମେହେର(୩୦)। ପୋଲିସ ସୂଚନା ମୁତାବକ, କଲେଜ ଛକରୁ ସୋହେଲା ରାସ୍ତାରେ ଥିବା କେଶବ ଭାରତ ଗ୍ୟାସ ସେଣ୍ଟରରୁ ୨ ମାସ ତଳେ ଏକ ମୋବାଇଲ ଫୋନ, କମ୍ପ୍ୟୁଟର, ପ୍ରିଣ୍ଟର, ୟୁପିଏସ୍ ଚୋରି ହୋଇଥିଲା।



ଉଦ୍ଧାର ହୋଇଥିବା ଚୋରି ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

ଏନେଇ ସେଣ୍ଟର ମାଲିକ ହଳପାଣି ମାଝି ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜିଲା ଆରକ୍ଷୀ ଅଧିକ୍ଷକ ପଦ୍ମିନୀ ସାହୁଙ୍କ ନିର୍ଦ୍ଦେଶରେ ଚୋର ଦଳକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଥିଲା। ଥାନା ଆଇଆଇସି ରାଜେନ୍ଦ୍ର କୁମାର ସିଆଳଙ୍କ ନେତୃତ୍ୱରେ ଏଏସ୍ଆଇ ନିରଞ୍ଜନ ପଧାନ, କନଷ୍ଟେବଲ ଅନୀତା ଗଡ଼ତିଆ, ସୁଲୋଚନା ମାଝି, ଗୋପବନ୍ଧୁ ସାହୁ, ସୁବ୍ରତ ହାରୋ ପ୍ରମୁଖ ଉକ୍ତ ସ୍କ୍ୱାର୍ଡରେ ସାମିଲ ହୋଇଥିଲେ। ପରେ ପୋଲିସ ଚୋରି ହୋଇଥିବା ମୋବାଇଲ ଫୋନକୁ ଟ୍ରାକିଂ କରି ମୁଖ୍ୟ ଅଭିଯୁକ୍ତ ଗିରିଶ ଜଗଦଲାଙ୍କୁ ବନାବିରାରୁ ଉଠାଇ ଆଣିଥିଲା । ମୁଖ୍ୟ ଅଭିଯୁକ୍ତଙ୍କୁ ଥାନାରେ ଜେରା ବେଳେ ତାଙ୍କର ଅନ୍ୟ ସହଯୋଗୀ ତଥା ବିଭିନ୍ନ ସ୍ଥାନରୁ ଚୋରି କରିଥିବା ସାମଗ୍ରୀକୁ ଉଦ୍ଧାର କରିବାରେ ପୋଲିସ ସକ୍ଷମ ହୋଇଥିଲା । ଏପରିକି ପୋଲିସ ଭାରତ ଗ୍ୟାସରୁ ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଅନୁମାନ କରୁଛି। ଅପରପକ୍ଷେ ଚୋରି ସାମଗ୍ରୀ କ୍ରୟ କରିଥିବା ଲୋକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରିବା ସହ ଅଧିକ ତଦନ୍ତ ଚଳାଇଛି।



# ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ

**ବରଗଡ଼ ଅଫିସ୍,୧୮।୧୨**

ବରଗଡ଼ ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କିରଥିଲେ। ବିଦ୍ୟାଳୟରେ ଏକ ଛାତ୍ରୀନିବାସ ନିର୍ମାଣ ପାଇଁ ସେ ଉଦ୍ୟମ କରିବେ ବୋଲି ପ୍ରତଶ୍ରୁତି ଦେଇଥିଲେ। ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦ ମୁଖ୍ୟବକ୍ତା ଏବଂ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ପୂର୍ବତନ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ, ସ୍କୁଲ ପରିଚାଳନା ସମିତି ସଭାପତି ଅଶୋକ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଡଃ ସଙ୍ଗୀତା ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦଳପତି ବିବରଣୀ ପାଠ କରିଥିବା ବେଳେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିବେକାନନ୍ଦ ଅଦାବର, ମିନତୀ ଷଡ଼ଙ୍ଗୀ, କମଳା ଦାଶ, ରୁବି ଭୋଇ, ସୌମ୍ୟାରାଣୀ ଷଡ଼ଙ୍ଗୀ, ଅମୀୟ କୁମାର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ସଙ୍ଗୀତା ରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

FINANCE FINANCE

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨0,000, ଭଡ଼ା 60,000 + କୋର୍ଟ ଏଗ୍ରିମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY ASTROLOGY

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବନ୍ଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍ , ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151
9520334141

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ । ଦରମା - 20,000/ +୨୦ ବର୍ଷର ଏଗ୍ରିମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

DHARITRI Career appointment Every Wednesday and Saturday

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1944ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସୈଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ଘରୁ ସୁନା ଅଳଙ୍କାର ଚୋରି ଘଟଣା: ୫ ଗିରଫ

**ପଦ୍ମପୁର, ୧୮।୧୨ (ଡି.ଏନ.ଏ.):** ଘରୁ ସୁନା ଅଳଙ୍କାର ସହ ଟଙ୍କା ଚୋରି ଅଭିଯୋଗରେ ବରଗଡ଼ ଜିଲା ବୋଡେନ ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ନିର୍ମଳ ଚନ୍ଦ୍ର ବାରିକ, ଚନ୍ଦନ କୁମାର ବାରିକ, ସୋନୁ ପ୍ରଧାନ, ସୁନୀଲ ସାହୁ। ପୋଲିସ ଚୋରି ସାମଗ୍ରୀ କିଣିଥିବା ଅନ୍ୟଜଣେ ଜଣେ ଯୁବକଙ୍କୁ ମଧ ଗିରଫ କରିଛି। ମିଳିଥିବା ସୂଚନା ମୁତାବକ, ପଦ୍ମପୁର ଉପଖଣ୍ଡ ଦର୍ଲିଗୁଡ଼ା ଗ୍ରାମରେ ସେପ୍ଟେମ୍ବର ୨୧ତାରିଖ ସକାଳେ ଲେକୁ ସାହୁଙ୍କ ପରିବାର ଲୋକେ କାମ କରିବାକୁ ବିଲକୁ ଯାଇଥିଲେ। ଏହାରି ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ଘର ତାଲା ଭାଙ୍ଗି ପଶିଥିଲେ। ଏପରି କି ବାକ୍ସରେ ଥିବା ଏକ ସୁନା ହାର, କାନଫୁଲ ସହ ୨୦ ଗ୍ରାମ ଓଜନର ଅଳଙ୍କାର ଏବଂ ନଗଦ ୩ ହଜାର ୮ଶହ ଟଙ୍କା, ୨ଟି ମୋବାଇଲ ଫୋନ ଚୋରି କରି ନେଇଥିଲେ। ଏନେଇ ଲେକୁ ବୋଡେନ ଥାନା ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୭୩/୧୯) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ବି. ଭଗତଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ଏମ୍‌ଡି ପଣ୍ଡାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ତଦନ୍ତ କରିଥିଲେ। ତଦନ୍ତ ବେଳେ ପୋଲିସ ୪ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା ବେଳେ ସେମାନେ ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରିଥିବା ସ୍ୱୀକାର କରିଥିଲେ। ଏପରି କି ଚୋରି ସାମଗ୍ରୀ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ସୂଚନା ଦେଇଥିଲେ। ପରେ ପୋଲିସ ଚୋରି ସାମଗ୍ରୀ ଜବତ କରିଥିଲା। ଚଢାଉରେ ହାବିଲଦାର ବି. ଦାଶ, କନେଷ୍ଟବଲ ଯୁଗଳ, ନରେଶ ଓ ଦିଲୀପ ସାମିଲ ଥିଲେ।

### ବିଭିନ୍ନ ଦାବିରେ ଯୁବକଙ୍କ ପଦଯାତ୍ରା

**ବରଗଡ଼ ଅଫିସ୍,୧୮।୧୨:** ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ସହିତ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ପଦଯାତ୍ରାରେ ବାହାରିଥିବା ଜଗତସିଂପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଭଗବାସ ସିଣ୍ଡୋଲ ଗ୍ରାମର ସତ୍ୟବ୍ରତ ଦାସ ବୁଧବାର ବରଗଡ଼ ପହଞ୍ଚିଛନ୍ତି। ବରଗଡ଼ ବ୍ଲକ ଅଫିସ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗତ ୧୦ତାରିଖରୁ ସେ ଯାଜପୁର ଜିଲା ବଡ଼ଚଣା ବ୍ଲକରୁ ପଦଯାତ୍ରାରେ ବାହାରିଛନ୍ତି ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା, ମହାନଦୀ ଜଳ ସମସ୍ୟାର ସମାଧାନ, ପୋଲାଭରମ ପ୍ରକଳ୍ପ ବନ୍ଦ ଆଦି ଦାବି ହିଁ ତାଙ୍କ ପଦଯାତ୍ରାର ଉଦ୍ଦେଶ୍ୟ ରହିଥିବା ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୧୩ଟି ବ୍ଲକକୁ ପଦଯାତ୍ରାରେ ଆସି ପ୍ରାୟ ୩୨୦୦ କି.ମି ସେ ଅତିକ୍ରମ କରି ସାରିଥିବା ସତ୍ୟବ୍ରତ ପ୍ରକାଶ କରିଛନ୍ତି। ବରଗଡ଼ ପହଞ୍ଚିବା ପରେ ସେ ବ୍ଲକ ଅଫିସରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତାଙ୍କ ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଅଜନା ରୋଗ୍‌ରେ ପୀଡ଼ିତ ସଞ୍ଜୀବ

## ଭଗବାନ ଭରସାରେ ଗରିବ୍ ମା'ବାପ୍

- ଚିକିତ୍ସା ଲାଗି ଟଁକା ଅଭାବ
- ସରକାରୀ ସୁବିଧା ଅପହଁଚ୍

**କାମଟିକ୍ରା, ୧୮।୧୨ (ଡି.ଏନ୍.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍ ଖଲିଆପାଲି ଗାଁର ନିରଞ୍ଜନ ପାଣ୍ଡେ ଆର ଚନ୍ଦ୍ରକାନ୍ତିକଁର ବଡ଼ ପୁଓ ସଞ୍ଜୀବ ପାଣ୍ଡେ(୨୧)। ସେ ଅନେକ ବଛର ହେଲା କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ଗରିବ୍ ମା'ବାପ୍ ଯାହା ପାରଲେ ଚିକିଛା କରି ସରବ୍‌ସୁଆଁତ ହେଇଛନ୍। ଏହେଦେ ଟଁକା ପଏସା ଅଭାବୁ ମା'ବାପ୍ ପୁଓର ଉଚ ଚିକିଛା କରେଇ ନାଇଁପାରି କରି ଭଗବାନ ଭରସାରେ ରହିଛନ୍। ସୂଚନା ଅନ୍‌ସାରେ ସଞ୍ଜୀବ ୮ମ ଶ୍ରେଣୀରେ ପଢ଼ଲାବେଲେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ୍‌ଲେ। ରୋଗ୍ ପରଭାବରେ ସେ ଚାଲବୁଲ କରି ନାଇଁପାରଲେ। ମା'ବାପ୍ ତାହାକୁ ପହେଲା ଅତାବିରା ଆର ପଛେ ବୁର୍ଲା ବଡ଼ ଡାକ୍‌ତରଖାନାକେ ନେଇ ଚିକିଛା କରାଲେ। ହେଲେ କିଛି ଲାଭ୍ ନାଇଁ ହେଲା। ଦିନୁ ଦିନ୍‌କେ ରୋଗ୍ ବଢ଼ତେଲ ଗଲା। ଏନ୍‌ତାଥି ସଞ୍ଜୀବ



ସଞ୍ଜୀବ ଖଟେ ପଡ଼ିରହିଛନ୍, ପାସେ ତାକର ବାପା ବସିଛନ୍।

ଆଏଜ୍‌କେ ୩ ବଛର ହେଲା ମୂଲୁ ଚାଲବୁଲ କରି ନାଇଁପାରବାର, ଖଟେ ପଡ଼ି ରହିଛନ୍। କଥାବାରତା ବି କରି ନାଇଁପାରବାର। ଖଟେ ଗଧାମଖା, ଖିଆପିଆ, ଝାଡ଼ାଝପଟ କରୁଛନ୍। ମା' ଚନ୍ଦ୍ରକାନ୍ତି ପୁଓର ସବୁ ସେବାଯତନ କରୁଛନ୍। ଇଆଡ଼େ ସଞ୍ଜୀବର ବାପା ନିରଞ୍ଜନ ସଖାଲ ପାଏଲେ ଦୁଖ୍‌ସୁଖ କଲେ ଯାଇ ଘରର ଚୁଲି ଜଳୁଛେ। ଏନ୍‌ତା ଅଭାବିଆ ପରିସ୍ଥିତିରେ ଗରିବ୍ ମା'ବାପ୍ ପୁଓର ଉଚ ଚିକିଛା କରେଇ ନାଇଁ ପାରିକରି ଦୁଖେ ଭାଂଗି ପଡ଼ିଛନ୍। ସରକାରୀ ସାହାଯ୍ ହିସାବେ ସଞ୍ଜୀବକେ ମାସିକ ୫ କେ.ଜି. ଚାଉଲ ଆର ଭତା ଟଁକା ମିଲୁଛେ। ହେଲେ ଆଏଜ୍‌ତକ ସଞ୍ଜୀବକେ ତିନ୍‌ଚକିଆ ସାଇକେଲ କି ଆବାସ ଯୋଜନାରେ ତାକର ପରିବାରକେ ଘରଖଁଡ଼େ ନାଇଁ ମିଲିପାରି। ଇଆଡ଼େ ସଞ୍ଜୀବର ବାପା ଗଲା ବଛର ଗୁଟେ ଦେଉଲରେ ରଂଗ ଦେଲାବେଲେ ହିଟିପଡଲାରୁ ଗୋଡ଼ ଭାଂଗି ଯାଇଥିଲା। ତାକର ବି ଅପରେଶନ କରି ଗୁଡ଼େ ଲୁହାରଡ୍ ଲଗାହେଇଛେ। ହେଲେ ଟଁକା ପଏସା ଅଭାବୁ ସେ ବି ଗୁଡେ ଲାଗିଥିବାର ଲୁହାରଡ୍ ଖୁଲେଇ ନାଇଁପାରବାର। ଏନ୍‌ତାଥି ଗରିବ୍ ଦମ୍ପତି ଗଣମାଧମ ଜରିଆରେ ମୁଖ୍ୟମନ୍ତ୍ରୀ ଆର ଜିଲା ପରଶାସନକେ ବାପ୍‌ପୁଓର ଚିକିଛା ସାହାଯ୍ ସଂଗେ ପରିବାରକେ ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାକେ ଗୁହାରି କରିଛନ୍।



ପାଇକମାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅବସରରେ ଛାତ୍ରୀଛାତ୍ରମାନେ ଶପଥ ଗ୍ରହଣ କରୁଛନ୍ତି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ପାଇକମାଳ,୧୮।୧୨(ଡି.ଏନ.ଏ.)**

ପାଇକମାଳ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚାରୁ ଚରଣ ମହାନ୍ତି କ୍ରୀଡ଼ା ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସୁଦର୍ଶନ ମହାକୁଡ଼ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାଙ୍କୁ ଉତ୍ସାହିତ କରିଥିଲେ। ଏପରି କି ବିଦ୍ୟାଳୟର ଛାତ୍ର ଦଳ କ୍ରିକେଟ ଖେଳରେ ରାଜ୍ୟସ୍ତରକୁ ଉନ୍ନିତ ହୋଇଥିବାରୁ ମୁଖ୍ୟ ବକ୍ତା ଛାତ୍ରମାନଙ୍କୁ ସ୍ୱାଗତ କରିବା ସହ ଖେଳ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ୨୦ଟି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ହେମ ସାଗର ସାହୁ, କବିତା ବେହେରା, ବିଶ୍ୱନାଥ ସାହୁ, ତ୍ରିଲୋଚନ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୁଦାମ ପାଣ୍ଡେ ଧନ୍ୟଦେଇଥିଲେ।

# ରାଜପଥକୁ ଓହ୍ଲାଇଲେ ଦିବ୍ୟାଙ୍ଗ

**ବରଗଡ଼ ଅଫିସ୍,୧୮।୧୨**

ବରଗଡ଼ ଜିଲା ପେରେଣ୍ଟସ୍ ଆସୋସିଏଶନ ନେତୃତ୍ୱରେ ବୁଧବାର ଜିଲାର ଦିବ୍ୟାଙ୍ଗମାନେ ବିଭିନ୍ନ ଦାବି ନେଇ ସହର ଉପକଣ୍ଠ ହଳଦୀପାଲି ବୀରଛକରେ ୬ନମ୍ବର ଜାତୀୟ ରାଜପଥକୁ ଓହ୍ଲାଇଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହିତ ଜିଲାପାଳ ଅଫିସକୁ ଆସି ଦାବି ଉପରେ ଆଲୋଚନା କରିବାକୁ କହିଥିଲା। ପରେ ଦିବ୍ୟାଙ୍ଗମାନେ ରାଜପଥ ଅବରୋଧରୁ ଓହରି ଜିଲାପାଳଙ୍କ ଅଫିସକୁ ଆସିଥିଲେ। ଜିଲାପାଳ ଅଫିସରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଏସ୍‌ଡ଼ିପିଓ ସୁଧାକର ସାହୁ, ଟାଉନ ଥାନା ଆଇଆଇସି ସଦନନ୍ଦ ପୂଝାରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଦିବ୍ୟାଙ୍ଗଙ୍କ ଦାବିକୁ ବିଚାରକୁ ନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ଟପ୍ପୋ ପ୍ରତିଶ୍ରୁତି ଦେଇଥିଲେ। ସୂଚନା ଅନୁଯାୟୀ, ଦିବ୍ୟାଙ୍ଗମାନଙ୍କୁ ଦିଆଯାଉଥିବା ଭତ୍ତା ୭ଶହ ଟଙ୍କାରୁ ୩ହଜାର ଟଙ୍କାକୁ ବୃଦ୍ଧି, ପଞ୍ଚାୟତରେ ରାଶନ କାର୍ଡ଼ ମାଧ୍ୟମରେ ଦିଆଯାଉଥିବା ୩୫କି.ଗ୍ରା ଚାଉଳ ଦିବ୍ୟାଙ୍ଗଙ୍କୁ ପ୍ରଦାନ, ଜିଲାର ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନରେ ମାଗଣା ଶିକ୍ଷା ପ୍ରଦାନ, ଜିଲା ମୁଖ୍ୟ ଡାକ୍ତରଖାନାରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଦିବ୍ୟାଙ୍ଗଙ୍କ ଏସ୍‌ଏଚ୍‌ଜି ଗୃହ ନିର୍ମାଣ ପାଇଁ ୧୦ଡେସିମିଲ ଜମି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଭଳି ଗୃହ ନିର୍ମାର ଯୋଜନାରେ ଅଗ୍ରାଧିକାର, ରେଲୱେ ପାସ୍, ଅନ୍ଧକବି ଭୀମଭୋଇ ଶିବିରରେ ଦିବ୍ୟାଙ୍ଗଙ୍କୁ ପରିଚୟ ପତ୍ର ପ୍ରଦାନ ଆଦି ଦାବି ନେଇ ପେରେଣ୍ଟସ ଆସୋସିଏଶନ ପକ୍ଷରୁ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଛି। ହେଲେ ଦାବି ପ୍ରତି ଅଣଦେଖା ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଥିଲେ ବୋଲି ଦିବ୍ୟାଙ୍ଗମାନେ କହିଛନ୍ତି। ପେରେଣ୍ଟସ୍ ଆସୋସିଏଶନର ସାନନ୍ଦ ନାଗ, ଅଶୋକ ଭୋଇ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।



ଦିବ୍ୟାଙ୍ଗମାନେ ହଳଦୀପାଲି ବୀରଛକ ନିକଟରେ ରାଜପଥ ଅବରୋଧ କରିଛନ୍ତି।

# ସଂସ୍କୃତ ଶିକ୍ଷକ ସମାବେଶ ପ୍ରସ୍ତୁତି

**ବରଗଡ଼ ଅଫିସ୍,୧୮।୧୨:** ବରଗଡ଼ ଜିଲା ସଂସ୍କୃତ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ପ୍ରତ୍ୟେକ ବ୍ଲକର ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଦସ୍ୟ ଅଗସ୍ତି ପ୍ରଧାନ ବୈଠକରେ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ସନ୍ତୋଷ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଜିଲା ସଂସ୍କୃତ ଶିକ୍ଷକ ସଂଘକୁ ପୁନର୍ଗଠିତ କରିବା ଓ ଆସନ୍ତା ଜାନୁୟାରୀ ମାସରେ ବରଗଡ଼ରେ ଜିଲାସ୍ତରୀୟ ସଂସ୍କୃତ ଶିକ୍ଷକ ସମାବେଶ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ପ୍ରତ୍ୟେକ ବ୍ଲକରୁ ୨ଜଣ ଲେଖାଏଁ ବ୍ଲକ ପ୍ରତିନିଧି ମନୋନୀତ କରାଯାଇଥିଲା। ବରଗଡ଼ ବ୍ଲକରୁ ନିଗମାନନ୍ଦ ମିଶ୍ର, ଗୋପବନ୍ଧୁ ପୁରୋହିତ, ଭଟଲିରୁ ଅଗସ୍ତି ପ୍ରଧାନ, ଘନଶ୍ୟାମ ପଣ୍ଡା, ଅମ୍ବାଭୋନାରୁ ବୃନ୍ଦାବନ ଠେଠୁଆର, ସୁରେନ୍ଦ୍ର ଲୁହା, ସୋହେଲାରୁ ରାଶେଶ୍ୱରୀ ସେଠ, ମହେନ୍ଦ୍ର ବାରିକ, ଗାଇସିଲେଟରୁ ସୁନିଲ ଚନ୍ଦ୍ର ପ୍ରଧାନ, ଲିଙ୍ଗରାଜ ସାହୁ, ପଦ୍ମପୁରରୁ ପଣ୍ଡିତ ଧିରେନ୍ଦ୍ର ଶାସ୍ତ୍ରୀ, ପାଇକମାଲରୁ ଲୋହିତ କୁମାର ଶାହା, ଝାରବନ୍ଧରୁ ସୁଧୀର ସାହୁ, ବିଜେପୁରରୁ ଧୋବା ସାହୁ, ସୁବାସ ଚନ୍ଦ୍ର ଭୋଇ, ବରପାଲିରୁ ଗୋବର୍ଦ୍ଧନ ସାହୁ, ରମେଶ ପଣ୍ଡା, ଭେଡ଼େନରୁ ନିରଞ୍ଜନ ପ୍ରଧାନ, ନବଘନ ସାହୁ, ଅତାବିରାରୁ ଅଶୋକ କୁମାର ସାହୁ ପ୍ରମୁଖଙ୍କୁ ବ୍ଲକସ୍ତରୀୟ ସାଂଗଠନିକ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେହିପରି ଆସନ୍ତା ୩୦ତାରିଖ ବରଗଡ଼ ରାଣାପ୍ରତାପ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଅନ୍ୟ ଏକ ବୈଠକ ହେବ ବୋଲି ଜିଲା ସମ୍ପାଦକ ପୁରୋହିତ ସୂଚନା ଦେଇଛନ୍ତି।

- ବୀରତା ଦିବସ ପ୍ରସ୍ତୁତି

# ଶହୀଦଙ୍କ ସ୍ମୃତିରକ୍ଷାକୁ ଗୁରୁତ୍ୱ



ବୀରତା ଦିବସ ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ବରଗଡ଼ ଅଫିସ୍,୧୮।୧୨**

ବରଗଡ଼ରେ ଆସନ୍ତା ୩୧ତାରିଖ ଜିଲାସ୍ତରୀୟ ବୀରତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଶହୀଦ ମାଧୋ ସିଂ ସ୍ମୃତି କମିଟି ସଦସ୍ୟ ସୁନୀଲ ପୁରୋହିତ ଦେଶ ମାତୃକାର ସ୍ୱାଧୀନତା ପାଇଁ ଏକାଧାରରେ ବଳିଦାନ ଦେଇଥିବା ଶହୀଦ ମାଧୋ ସିଂ ଓ ତାଙ୍କ ୪ ପୁଅଙ୍କ ସମେତ ଝିଅ, ଜ୍ୱାଇଁଙ୍କ ସ୍ମୃତିରକ୍ଷା, ସ୍କୁଲ ପାଠ୍ୟକ୍ରମରେ ସେମାନଙ୍କ ବଳିଦାନ ନେଇ ପାଠ୍ୟକ୍ରମ ସ୍ଥାନିତ କରିବା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ମାଧୋ ସିଂଙ୍କ ନାମରେ ଏକ ଚେୟାର ପ୍ରତିଷ୍ଠା କରାଯିବାକୁ ଦାବି କରିଥିଲେ। ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ସମେତ ସ୍ୱାଧୀନତା ସଂଗ୍ରାମରେ ଜୀବନକୁ ଉତ୍ସର୍ଗ କରିଥିବା ଅଞ୍ଚଳର ସଂଗ୍ରାମୀଙ୍କ ସ୍ମୃତିରକ୍ଷା ତଥା ସେମାନଙ୍କ ଯୁଦ୍ଧ କୌଶଳକୁ ପରବର୍ତ୍ତୀ ପିଢ଼ିକୁ ପ୍ରଦାନ କରିବା ପାଇଁ ଡେବ୍ରିଗଡ଼, ବାରପାହାଡ଼, ପପଙ୍ଗା ପାହାଡ଼, ସିଂଘୋଡ଼ା ଘାଟି ଆଦି ସ୍ଥାନରେ ସ୍ମାରକ ତଥା ଟୁରିଜିମ କରିଡ଼ର ନିର୍ମାଣ ପାଇଁ ଦାବି କରାଯାଇଥିଲା। ଜିଲାପାଳ ଦାବିଗୁଡ଼ିକ ଉପରେ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୩୧ତାରିଖ ବୀରତା ଦିବସ ପାଳନ ପାଇଁ ରୂପରେଖ ସ୍ଥିର କରାଯାଇଥିଲା। ଆସନ୍ତା ୩୦ତାରିଖ ଘେଁସ ଜମିଦାରଙ୍କ ଘରୁ ଅସ୍ତ୍ରଶସ୍ତ୍ର ସହିତ ଏକ ମଶାଲ ଶୋଭାଯାତ୍ରା ଆସି ବରଗଡ଼ ସମଲେଶ୍ୱରୀ ମନ୍ଦିରରେ ଅବସ୍ଥାନ କରିବା ଏବଂ ୩୧ତାରିଖ ଗଣଦୌଡ଼ରେ ସେସବୁକୁ ସ୍ଥାନୀୟ ବୀରଛକକୁ ନେଇ ପୂଜାର୍ଚ୍ଚନା ପାଇଁ ନିଷ୍ପତ୍ତି ହୋଇଥିଲା। ଏକରି କି ବୀରଛକରେ ଜିଲା ପ୍ରଶାସନ ପକ୍ଷରୁ ଶହୀଦ ସଭାର ଆୟୋଜନ ସହିତ ପୂର୍ବରୁ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସେହିପରି ଶହୀଦ ମାଧୋ ସିଂଙ୍କ ପୁଅ ହଟେ ସିଂଙ୍କ ସ୍ମୃତିରକ୍ଷ ପାଇଁ ଏକ ବୈଷୟିକ କମିଟି ଗଠନ ସହିତ ଶହୀଦ୍‌ଙ୍କ ସ୍ମୃତି ସନ୍ଧାନ ପାଇଁ ଜିଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ନିବେଦନ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୁଞ୍ଜ ବିହାରୀ ଭୋଇ, ସୁରେନ୍ଦ୍ର ପଣ୍ଡା, ପ୍ରମୋଦ ଝାଙ୍କର, ଲଲାଟେନ୍ଦୁ ଦାଶ, ଦୀପକ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ନିୟମିତ ନିଯୁକ୍ତି ଦାବି, ଜିଲାପାଳଙ୍କ ଅଫିସ ଆଗରେ ଧାରଣା

**ବରଗଡ଼ ଅଫିସ୍,୧୮।୧୨**

ହାତପମ୍ପ କାରିଗର ଭାବେ ନିୟମିତ ନିଯୁକ୍ତି ପ୍ରଦାନ ଦାବିରେ ବୁଧବାର ବରଗଡ଼ ଜିଲା ସ୍ୱାବଲମ୍ବୀ କାରିଗର ଓ ପମ୍ପ ଅପରେଟର ସଂଘ ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ଧାରଣାରେ ବସିଥିଲେ ମଧ୍ୟ ଆଲୋଚନା ପାଇଁ କୌଣସି ଅଧିକାରୀ ପହଞ୍ଚି ନ ଥିଲେ। ଫଳରେ ଗୁରୁବାର ମଧ୍ୟ ଧାରଣା ଦିଆଯିବ ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି । ପ୍ରକାଶ ଯେ, ରାଜ୍ୟ ସରକାର ୨୦୦୧ରୁ ୨୦୦୩ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକରେ ପର୍ଯ୍ୟାୟକ୍ରମେ ହାତପମ୍ପ କାରିଗର ଭାବେ ତାଲିମ ପ୍ରଦାନ କରି ନିୟୋଜିତ କରିଥିଲେ। କିନ୍ତୁ ନିୟୋଜନ ସମୟରେ ସ୍ୱାବଲମ୍ବୀ କାରିଗରଭାବେ ନିଯୁକ୍ତି ଦେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସମ୍ପୃକ୍ତ କର୍ମଚାରୀଙ୍କୁ କାମରେ ନିୟୋଜିତ କରି ଆସିଛନ୍ତି। ସେମାନଙ୍କୁ ନିୟମିତ କରାଯାଉ ନାହିଁ। ଏଭଳି ସ୍ଥଳେ ଦୀର୍ଘବର୍ଷ କାମ କଲା ସତ୍ତ୍ୱେ ସେମାନଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡୁଥିବା ଅଭିଯୋଗ ହୋଇଛି। ଫଳରେ ହାତପମ୍ପ କାରିଗରଭାବେ ନିୟମିତ ନିଯୁକ୍ତି, ଅଣତାଲିମପ୍ରାପ୍ତ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଅପରେଟରମାନଙ୍କୁ କୁଶଳୀ ଶ୍ରମିକଭାବେ ମାନ୍ୟତା ସହିତ ତଦନୁଯାୟୀ ମଜୁରୀ ପ୍ରଦାନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରୁ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରିଥିବା ସମସ୍ତ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଅପରେଟରଙ୍କୁ ନିଜ ବିଭାଗ ଗ୍ରାମ୍ୟଜଳ ଯୋଗାଣ, ପରିମଳ ବିଭାଗକୁ ଫେରସ୍ତ କରିବା, କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ମାସିକ ଦରମା ପଇଠ କରିବା, ୧୬ରୁ ୧୯ବର୍ଷ କାର୍ଯ୍ୟ କରିବା ସତ୍ତ୍ୱେ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଅପରେଟରମାନଙ୍କୁ ସ୍ୱାସ୍ଥ୍ୟସେବା, ଜିପିଏଫ, ଇପିଏଫ ଏବଂ ଅବସର ପରେ ପେନସନ ଯୋଜନାରେ ସାମିଲ କରାଯିବାକୁ ବାରମ୍ବାର ଦାବି ହେଉଛି। ହେଲେ ଦାବି ପୂରଣ ହୋଇ ନ ଥିବାରୁ ଆନ୍ଦୋଳନ କରାଯାଉଥିବା ସଂଘ ପକ୍ଷରୁ କୁହାଯାଇଛି। ସଂଘର ସଭାପତି ଜୟଦେବ ପାଣିଗ୍ରାହୀ, କାଯର୍ୟକାରୀ ସଭାପତି ଶ୍ରୀବତ୍ସ ଛତର, ସାଧାରଣ ସମ୍ପାଦକ ଈଶ୍ୱର ମେହେର ପ୍ରମୁଖ ଏହାର ନେତୃତ୍ୱ ନେଇଛନ୍ତି।




ନିୟମିତ ନିଯୁକ୍ତି ଦାବିରେ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଛନ୍ତି।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ : କୃତୀ ପ୍ରତିଯୋଗୀ ପୁରସ୍କୃତ

**ଭଟଲି,୧୮।୧୨ଡି.ଏନ.ଏ.)**

ଓଡ଼ିଶା ମାଧ୍ୟମିକ ସଂଘ (ଓଷ୍ଟା)ଭଟଲି ବ୍ଲକ ଶାଖା ପକ୍ଷରୁ ସ୍ଥାନୀୟ ସରକାରୀ ସତୀହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ-୨୦୧୯ ପାଳିତ ହୋଇଯାଇଛି। ଓଷ୍ଟା ଭଟଲି ବ୍ଲକ ସମ୍ପାଦକ ଦେବାନନ୍ଦ ବିଶିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବକୁ ଅର୍ଜୁନ ସାହୁ ଶୁଭାରମ୍ଭ କରିଥିଲେ। ପରେ ଭଟଲି ବ୍ଲକର ସମସ୍ତ ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ତର୍କ, ଗଳ୍ପଲିଖନ, ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତର୍କ ପ୍ରତିଯୋଗିତାରେ ସରକାରୀ ସତୀହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରଞ୍ଜୁଲତା ପଧାନ ପ୍ରଥମ, ଭଟଲି ହାଇସ୍କୁଲର ଛାତ୍ର ନୈମିଶ ପଣ୍ଡା ଦ୍ୱିତୀୟ ଓ ନୂଆଁଗଡ଼ ହାଇସ୍କୁଲର ଛାତ୍ର ହିମାଂଶୁ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସଙ୍ଗୀତରେ ସରକାରୀ ସତୀହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ଥିତିମୟୀ ପଧାନ, ଭଟଲି ହାଇସ୍କୁଲର ଛାତ୍ର ଭବାନୀ ନାଏକ ଦ୍ୱିତୀୟ ଓ କମଗାଁ ହାଇସ୍କୁଲର ଛାତ୍ରୀ ସୁଷମା ମହାନନ୍ଦ ତୃତୀୟ ହୋଇଥିଲେ। ଚିତ୍ରାଙ୍କନରେ ସରକାରୀ ସତୀହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିପ୍‌ସା ବାରିକ ପ୍ରଥମ, କମଗାଁ ହାଇସ୍କୁଲର ଛାତ୍ରୀ ଲବ୍ୟ ଭୁଏ ଦ୍ୱିତୀୟ, ତେଜାଗୋଲା ହାଇସ୍କୁଲର ଛାତ୍ର ସୁଦାମ ଛୁରିଆ ତୃତୀୟ ହୋଇଥିଲେ। ଆବୃତ୍ତିରେ କମଗାଁ ହାଇସ୍କୁଲର ଛାତ୍ରୀ ରତ୍ନପ୍ରଭା ପଧାନ ପ୍ରଥମ, ସରକାରୀ ସତୀହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମମୀତା ସାହୁ ଦ୍ୱିତୀୟ ଓ ତେଜାଗୋଲା ହାଇସ୍କୁଲର ଛାତ୍ରୀ ପୁନମ ସିକା ତୃତୀୟ ହୋଇଥିଲେ। ଗଳ୍ପ ଲିଖନରେ ସରକାରୀ ସତୀହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁମିତା ନାଏକ ପ୍ରଥମ, କମଗାଁ ହାଇସ୍କୁଲର ଛାତ୍ରୀ ରୁପାଲି ଖମାରୀ ଦ୍ୱିତୀୟ ହୋଇଥିବା ବେଳେ ତେଜାଗୋଲା ହାଇସ୍କୁଲର ଛାତ୍ର ଉମାକାନ୍ତ ମେହେର ତୃତୀୟ ହୋଇଥିଲେ। କବିତା ଆବୃତ୍ତିରେ ସୁବ୍ଲାନ ପଧାନ, ଶ୍ରୀତମ ଶତପଥୀ ଓ ସ୍ନେହା ବରିହା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏକକ ଅଭିନୟରେ ଚିନ୍ମୟାନନ୍ଦ ଭୋଇ, ପ୍ରଭାତୀ ଦୀପ ଓ ଚନ୍ଦ୍ରମା ସାହୁ ତଥା ଏକକ ନୃତ୍ୟରେ ସନ୍ତୋଷିନୀ ପଧାନ, ବିକ୍ରମ ମେହେର ଏବଂ ଉର୍ମି ମିର୍ଦ୍ଧା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସ୍ୱସ୍ତିକ ଖମାରୀ, ଜଗନ ସାହୁ ଏବଂ କୁଇଜ ପ୍ରତିଯୋଗିତାରେ ପ୍ରାଚୀ ବାରିକ, ଶମ୍ଭୁ କଲେତ ଓ ହରିଶ ଭୋଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ବିଜୟୀ ଘୋଷିତ ହୋଇଥିଲେ। ଅପରାହ୍ନରେ ଓଷ୍ଟା ଭଟଲି ବ୍ଲକ ସମ୍ପାଦକ ଦେବାନନ୍ଦ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତୀ ଭୋଇ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଅଶୋକ କୁମାର ଡନସନା, ଗିରଧାରୀ ଯୋଷୀ ପ୍ରମୁଖ ମଞ୍ଚାସୀନ ରହି ଶିଶୁ ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରମା ଡନସନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ବିଜୟ, ଅନିମା ବାଗ୍ଦେ, ନିଳାମ୍ବର ପଧାନ, ସୁଶାନ୍ତ କରନ, ଦିବାକର ପଟେଲ ପ୍ରମୁଖ ସହଯୋଗ କରିଥିଲେ।



ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅବସରରେ ଜଣେ ଛାତ୍ରୀ ଏକକ ଅଭିନୟ ପ୍ରଦର୍ଶନ କରୁଛନ୍ତି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ଡାକ୍ତର ଅଭାବ ନେଇ ବୈଠକରେ ଉଦ୍‌ବେଗ

**ତରଭା, ୧୮।୧୨(ଡି.ଏନ.ଏ.):** ତରଭା ଥାନା ସମ୍ମୁଖ ନୀଳକଣ୍ଠେଶ୍ୱର ମନ୍ଦିରରେ ବ୍ଲକ ସାମ୍ବାଦିକ ସଂଘର ଏକ ବୈଠକ ସଂଘର ସଭାପତି ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମାନଭଞ୍ଜନ ମିଶ୍ର ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ହେତୁ ସ୍ୱାସ୍ଥ୍ୟସେବା ବ୍ୟାହତ ହେଉଥିବାରୁ ସଂଘ ତରଫରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏତଦ୍‌ ବ୍ୟତୀତ ଗତ ଅଗଷ୍ଟ ୧୩ ତାରିଖ ତରଭାରେ ଘଟିଯାଇଥିବା ପ୍ରଳୟଙ୍କରୀ ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ, ହାଇସ୍କୁଲର ଖେଳପଡିଆ ଓ ଜେଏମଏଫସି କୋର୍ଟର ପାଚେରି ନିର୍ମାଣ ସକାଶେ ସଂଘ ଦାବି କରିଛି। ଜାନୁୟାରୀ ୩ତାରିଖ କମସରା ରାଣୀଝୁଲା ପାହାଡର ପାଦଦେଶରେ ଜିଲ୍ଲା ସାମ୍ବାଦିକ ସଂଘର ଏକ ସାଂଗଠନିକ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। ବୈଠରେ ସଂଘ ଉପସଭାପତି ରାଜକୁମାର ମାହାଣା, କୋଷାଧ୍ୟକ୍ଷ କପିଳାଶ ସେଠ୍‌, ଅନ୍ତର୍ଯ୍ୟାମୀ ସାହୁ ଓ କଲ୍ୟାଣ ନାଏକ, ଅକ୍ଷୟ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ଭବିଷ୍ୟତ ପିଢିଙ୍କ ପାଇଁ ଜଳ ସୁପରିଚାଳନା ଜରୁରୀ

**ସୋନପୁର,୧୮।୧୨(ନି.ପ୍ର.)**

ଜଳ ଅମୂଲ୍ୟ ସମ୍ପଦ। ଏହାର ସଂରକ୍ଷଣ ପାଇଁ ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ। ବିଶେଷ କରି ଭବିଷ୍ୟତ ପିଢୀଙ୍କ ପାଇଁ ଜଳର ସୁପରିଚାଳନା ଜରୁରି ବୋଲି ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ମତବ୍ୟକ୍ତ କରିଛନ୍ତି। କୃଷକ ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ବୁଧବାର ଆୟୋଜିତ ଉନ୍ନତ ଜଳ ପରିଚାଳନା ଓ କୃଷି ଓ ଜୀବିକାରେ ପଦ୍ଧତିଗତ ଦୃଷ୍ଟିକୋଣ ସମ୍ବନ୍ଧିତ କ୍ଷେତ୍ର କର୍ମଚାରୀମାନଙ୍କ ଜିଲାସ୍ତରୀୟ ତାଲିମ କର୍ମଶାଳାକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଆହୁରି କହିଥିଲେ ଯେ, ନୂତନ ପଦ୍ଧତିରେ ମୋବାଇଲ ଆପ ଦ୍ୱାରା ଚାଷୀ ନିଜର ଚାଷ ଜମି ସମ୍ପର୍କରେ ତଥ୍ୟ ଦେଲେ କୃଷି ବୈଜ୍ଞାନିକ, ଜଳସେଚନ ବିଭାଗର ଅଧିକାରୀ ଓ କୃଷି ଅଧିକାରୀ ବିଚାର ବିମର୍ଶ କରି ଉପଯୁକ୍ତ ପରାମର୍ଶ ଦେବେ। ଏହା ଦ୍ୱାରା ଚାଷୀ ଲାଭାନ୍ୱିତ ହେବା ସହ ଜଳର ସୁପରିଚାଳନା ହୋଇପାରିବ। ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟିର କାର୍ଯ୍ୟକ୍ରମ ପରିଚାଳକ ହୃଷିକେଶ ମହାପାତ୍ର କର୍ମଶାଳାରେ ଯୋଗଦେଇ ଜଳର ସୁପରିଚାଳନା ପାଇଁ ଗୋଷ୍ଠିଗତ ଉଦ୍ୟମର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଭୂତଳ ଜଳର ସଂରକ୍ଷଣ ପାଇଁ ଅପବ୍ୟବହାର ରୋକିବା, ଅଧିକ ସଂଖ୍ୟାରେ ଫାର୍ମ ପଣ୍ଡ, ଜଳ ଅମଳ ପ୍ରକଳ୍ପ ନିର୍ମାଣ ଓ ନାଳ ଦ୍ୱାରା ତଳକୁ ବହି ଯାଉଥିବା ଜଳକୁ ଚେକ୍‌ଡ୍ୟାମ୍‌ ଦ୍ୱାରା ଅଟକାଇବା ଉପରେ ଗୁରୁତ୍ୱ ଦେଇଥିଲେ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ୍‌ ସେନ୍‌ ଯୋଗଦେଇ ଜଳର ସୁପରିଚାଳନା, ଚାଷ କାର୍ଯରେ ଜଳର ଅପବ୍ୟବହାର ରୋକିବା, ସ୍ୱଳ୍ପ ଜଳରେ ଚାଷ ସମ୍ପର୍କରେ ବୁଝାଇଥିଲେ। ଡୁଙ୍ଗୁରିପାଲି ବ୍ଲକ କୃଷି ଜିଲା ଅଧିକାରୀ ବିନୋଦ ଲାକ୍ରା ମଞ୍ଚାସିନ ଥିଲେ। କୃଷି ବିଭାଗର ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ସୁଶ୍ରୀ ସ୍ମିତା ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ତେଲ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଦିଲ୍ଲିପ ପାତ୍ର, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଆଚାର୍ଯ୍ୟ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ନରେନ୍ଦ୍ର କୁମାର ସାହୁ, ଶ୍ରୀନିବାସ ମଲ୍ଲିକ, ଡିପିଡି ଆତ୍ମା ତୁଷାର ରଞ୍ଜନ ମିଶ୍ର ପ୍ରମୁଖ ଜଳର ସୁପରିଚାଳନା, ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। କୃଷି ରସାୟନବିତ୍‌ ସଦାଶିବ ପ୍ରହରାଜ, ପରିସଂଖ୍ୟାନ ଅଧିକାରୀ ସୁନିଲ ଠାକୁର, କେଭିକେର ବୈଜ୍ଞାନିକ ସୁରୋଜିତ ପ୍ରଧାନ, ସୁପ୍ରଭା ସେଠୀ, ଏଫଆଇସି ଓଏଲଏମ ସୋମନାଥ ପୁରୋହିତ, ଐଶର୍ଯ୍ୟା ବରାଳ, ମନୋରମା ବେହେରା ଓ ଅମରେଶ ରାଉତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀ ଓ ଫାଉଣ୍ଡେସନ ଅଫ ଇକୋଲୋଜିକାଲ ସିକ୍ୟୁରିଟିର ମିଳିତ ଆନୁକୂଲ୍ୟରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।



ଜିଲାସ୍ତରୀୟ କର୍ମଶାଳାରେ ଜିଲାପାଳ ମୋନୀଷା ବାନାର୍ଜୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

### ସ୍ନାତକ ପ୍ରମାଣପତ୍ର ପ୍ରଦାନ ସମାରୋହ

**ବିନିକା,୧୮।୧୨(ଡି.ଏନ୍‌.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଭ୍ୟର୍ଥନା ଗୃହରେ ବୁଧବାର ୨୦୧୯ ଶିକ୍ଷାବର୍ଷରେ କୃତିତ୍ୱ ହାସଲ କରିଥିବା ୮୭ ଛାତ୍ରୀଛାତ୍ରଙ୍କୁ ସ୍ନାତକ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅର୍ଥନୀତି ବିଭାଗ ଅଧ୍ୟାପକ ଧିରେନ୍ଦ୍ର କୁମାର ନାୟକ ପରିଚାଳନା କରିଥିଲେୟ। ମୁଖ୍ୟ ଅତିଥି ଭାବେ ଜିଲା ଉଚ୍ଚ ଶିକ୍ଷା ବିଭାଗ ନୋଡାଲ ଅଧିକାରୀ ହରିହର କାନୁନଗୋ ଓ ଯୁକ୍ତଦୁଇ କଲେଜ ଅଧ୍ୟକ୍ଷ ଶିବ ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ନାତକ ପ୍ରମାଣ ପତ୍ର ପ୍ରଦାନ ପୂର୍ବରୁ ଅତିଥିମାନେ ସମାଜର ଉନ୍ନତି ଓ ପ୍ରଗତି କ୍ଷେତ୍ରରେ ଲାଭ କରିଥିବା ଶିକ୍ଷାକୁ ପ୍ରୟୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ଅଧ୍ୟାପକ ଗୋପାଳକୃଷ୍ଣ ଦାଶ, ବିଶ୍ୱନାଥ ମିଶ୍ର, ହରିଶ୍ଚନ୍ଦ୍ର ହୋତା, ମାନସ ମିଶ୍ର, ଭଗବାନ ସାହୁ, ଅଧ୍ୟାପିକା ଦିପ୍ତିରାଣୀ ସ୍ୱାଇଁ, ଦିବ୍ୟଲତା ମହାପାତ୍ର, ମିତାଲୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଶିବିରରେ ଅତିଥି ଓ ବରିଷ୍ଠ ନାଗରିକ ବୃନ୍ଦ।

## ଖଲିଆପାଲିରେ କ୍ଷମତା ଏକ୍ସପ୍ରେସ ଶିବିର

**ସୋନପୁର,୧୮।୧୨(ନି.ପ୍ର.)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୋନପୁର ବ୍ଲକର ଖଲିଆପାଲିରେ କ୍ଷମତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ବ୍ଲକ ଉପାଧ୍ୟକ୍ଷା ମାଧବୀଲତା କୁଅଁର, ଖଲିଆପାଲି ସରପଞ୍ଚ ରଘୁନାଥ ଅଗ୍ରୱାଲ, ସମିତି ସଭ୍ୟା ଅମୃତ ପଟେଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ, କନିଷ୍ଠ ସହାୟକ ଅମରଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୋଟ ୨୯୮ ଜଣ ପଞ୍ଜିକୃତ ହୋଇଥିଲେ। ୨୭ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଓ ଜଣେ ଅସହାୟ ମହିଳା ଏବଂ ୬୦ ଜଣ ବରିଷ୍ଠ ନାଗରିକଙ୍କୁ ସୁବିଧା ସୁଯୋଗ ପ୍ରଦାନ ପାଇଁ ଚିହ୍ନଟ କରା ଯାଇଥିଲା।

## କଠୋର ପରିଶ୍ରମ ଛାତ୍ର ଜୀବନର ମୂଳମନ୍ତ୍ର

**ଅମରପାଲି, ୧୮।୧୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଯୁଧିଷ୍ଠିରପୁର ସରକାରୀ ୟୁପି ସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରୁଦ୍ରାକ୍ଷ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି, ସ୍ଥାନୀୟ ବିଇଓ ଶାନ୍ତନୁ କୁମ୍ଭକାର, ସରପଞ୍ଚ ରୀନା ପୁଟା, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ବେଣୁଧର ପଧାନ ସମ୍ମାନୀତ ଅତିଥି ଏବଂ ଅଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କଠୋର ପରିଶ୍ରମ ଛାତ୍ର ଜୀବନରେ ମୂଳମନ୍ତ୍ର ବୋଲି ପ୍ରକାଶ କରିଥିଲେ। ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସଭା ସଂଯୋଜନା କରିଥିବା ବେଳେ ନୃପଲାଲ ମେହେର ଅତିଥି ପରିଚୟ ପ୍ରଦାନ ଓ ନାରାୟଣ ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।



କେନ୍ଦ୍ର ଉଦ୍‌ଘାଟନ ଅବସରରେ ଅତିଥି ଓ ମହାବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା।

## ଆଇନ ସହାୟକ କେନ୍ଦ୍ର ଉଦ୍‌ଘାଟିତ

**ସୋନପୁର,୧୮।୧୨(ନି.ପ୍ର.)**

ସୋନପୁର ବାଲ ଗଙ୍ଗାଧର ତିଳକ ଆଇନ ମହାବିଦ୍ୟାଳୟରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସହାୟକ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଆଇସେବା ପ୍ରାଧିକରଣ ସମ୍ପାଦିକା ସୀମା ତ୍ରିପାଠୀ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ବ୍ୟୋମକେଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ତ୍ରିପାଠୀ କେନ୍ଦ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଅଟଳ ବିହାରୀ ମହାପାତ୍ର, ସଦସ୍ୟ ପ୍ରଦୀପ ହୋତା, ଅଧ୍ୟାପକ ହେମନ୍ତ ସା, ଓମ ପ୍ରକାଶ ସାହୁ ତଥା ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବିନିକା,୧୮।୧୨(ଡି.ଏନ୍‌.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଅନ୍ତର୍ଗତ ଶ୍ରୀ ଅରବିନ୍ଦ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଅଗସ୍ତି ଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଡଃ ଅମିତ ବିକ୍ରମ ମିଶ୍ର ଯୋଗଦେଇଥିଲେ। କ୍ରୀଡା ପ୍ରତିଯୋଗୀତାର ଦ୍ୱିତୀୟ ଦିବସରେ ସିନିୟର ବର୍ଗରେ ୧୯୦ଜଣ ବିଦ୍ୟାର୍ଥି ୮ଶହ ମିଟର ଦୌଡ, ଥ୍ରୋଇଙ୍ଗ୍‌ ଏବଂ ଉଚ୍ଚ ଡିଆଁ ପ୍ରଭୃତି ଖେଳରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଜୁନିୟର ବର୍ଗରେ ୨୩୦ଜଣ ବିଦ୍ୟାର୍ଥୀ ବିନ୍ଦି ପେଷ୍ଟ ଓ ଅନ୍ଧ ପୁଚୁଲୀ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିଭଳି ବିନିକା ବ୍ଲକ ବାଉଁଶୁଣୀ ଦଧିବାମନ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ୨ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶୀଲ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାକ୍ରମେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଖାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବୀରପାର୍ଥ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଦୌଡ, କବାଡି, ଖୋଖୋ, ଉଚ୍ଚଡିଆଁ, ଲମ୍ବଡିଆଁ ପ୍ରଭୃତି ଖେଳରେ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଭବାନୀ ଶଙ୍କର ଦାଶ ଓ ବାଳିକା ବିଭାଗରେ ରଶ୍ମିତା ସା ଚମ୍ପିୟନ ଘୋଷିତ ହୋଇଥିଲେ।

### ଉଲୁଣ୍ଡା ଧନୁଯାତ୍ରାର ପଞ୍ଚମ ରଜନୀ

## ପୁତନାଙ୍କୁ ଗୋପପୁର ପ୍ରେରଣ

**ଉଲୁଣ୍ଡା ୧୮।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ତ୍ରୟୋଦଶତମ ବିରାଟ ଧନୁଯାତ୍ରା ମହୋତ୍ସବର ବୁଧବାର ଥିଲା ପଞ୍ଚମ ରଜନୀ। ଆୟୋଜକ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଋଷି କୁମାର ପଟେଲଙ୍କ ସଂଯୋଜନା ଏବଂ ସମ୍ପାଦକ ଗୋପାଳ ପଣ୍ଡାଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ କଂସ ଦରବାରରେ ରାଜଅତିଥି ଭାବରେ ଉଲୁଣ୍ଡା ବିଡିଓ ନୀଳାମ୍ବର ମହାନନ୍ଦ ଯୋଗଦେଇଥିଲେ। ମଥୁରା ଅଧିପତି କଂସ ଦରବାରରେ ପହଞ୍ଚିବା ପରେ ପ୍ରଜା ମାନଙ୍କର ବିଭିନ୍ନ ଅଭିଯୋଗ ଶୁଣିବା ସହ ମଥୁରାଗଡର ବିକାଶ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ କରିଥିଲେ। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୀଳାକ୍ରମରେ ଶ୍ରୀକୃଷ୍ଣ ଏବଂ ବଳରାମ ଗୋପପୁରରେ ଗୋପପତୀ ନନ୍ଦ ଏବଂ ଯଶୋଦାଙ୍କ କୋଳରେ ପାଳିତ ହେଉଥିବା ଖବର ଗୁପ୍ତଚର ମୁଖରୁ ଶୁଣି କଂସ ଆତଙ୍କିତ ହୋଇପଡିଛନ୍ତି। ମନ୍ତ୍ରୀ ପାରିଷଦଙ୍କ ସହିତ ମନ୍ତ୍ରଣା କରି ଦେବକୀର ଅଷ୍ଟମଗର୍ଭ ସନ୍ତାନକୁ ଗୋପପୁରରେ ନିଧନ କରିବା ପାଇଁ ପରାମର୍ଶ ମାଗନ୍ତି। କାରଣ କଂସ ଗୋପପୁରେ ପ୍ରବେଶ କଲେ ଗୋମତ ଋଷିଙ୍କ ଅଭିଶାପରେ ମୁର୍ଦ୍ଧନା ଫାଟି ମୃତ୍ୟୁବରଣ କରିବ। ଏଣୁ ମହାମନ୍ତ୍ରୀ ସତ୍ରାଜିତଙ୍କ ପରାମର୍ଶ କ୍ରମେ ବିଷ କନ୍ୟା ପୁତନାଙ୍କୁ ସ୍ମରଣ କରନ୍ତି। ସ୍ତନ ଯୁଗଳରେ ହଳାହଳ ବିଷ ଭରି ଗୋପପୁରରେ ସଦ୍ୟଜାତ ସମସ୍ତ ଶିଶୁଙ୍କୁ ନିଧନ କରିବା ପାଇଁ ପୁତନା ମଥୁରାରୁ ଗୋପକୁ ପ୍ରେରଣ କରେ ମହାରାଜା କଂସ। ସେହିପରି ଗୋପପୁରେ କୃଷ୍ଣ ଓ ବଳରାମଙ୍କ ବାଲ୍ୟଲୀଳାରେ ବିମୋହିତ ହୋଇ ନନ୍ଦ, ଯଶୋଦାଙ୍କ ସମେତ ସମସ୍ତ ଗୋପାଙ୍ଗନା ଆନନ୍ଦ ବିମୋହିତ ହୋଇ ହର୍ଷୋଲ୍ଲାସରେ ନିମଗ୍ନ ରହିଛନ୍ତି।

## ମହାରାଜା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ସୋନପୁର,୧୮।୧୨(ନି.ପ୍ର.)**

ସୋନପୁର ମହାରାଜା ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ସ୍କୁଲ ପ୍ରାଙ୍ଗଣରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଶାରୀରିକ ଶିକ୍ଷା ବିଭାଗର ପ୍ରାକ୍ତନ ଅଧ୍ୟକ୍ଷ ଶରତ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ର ସଂଘର ସଭାପତି ଗୋରେଖନାଥ ସାହୁ, କାର୍ଯ୍ୟକାରୀ ସଭାପତି ନାରାୟଣ ପ୍ରସାଦ ରାୟଗୁରୁ, ସମ୍ପାଦକ ବ୍ୟୋମକେଶ ଦାଶ, ପରିଚାଳନା ସମିତିର ସଭାପତି ତଥା ପ୍ରାକ୍ତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରମାନେ ନିଜର କ୍ରୀଡା ପ୍ରତିଭାକୁ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡା ପ୍ରତିଯୋଗିତା ଗାନ୍ଧୀ ପଡିଆରେ ଅନୁଷ୍ଠିତ ହୋଇଥିଲା।

## ଜିଲା ସ୍କାଉଟ୍‌ ଆଣ୍ଡ ଗାଇଡର ବାର୍ଷିକ କାର୍ଯ୍ୟକାରିଣୀ

**ସୋନପୁର,୧୮।୧୨(ନି.ପ୍ର.)**

ଭାରତ ସ୍କାଉଟ୍‌ସ ଏଣ୍ଡ ଗାଇଡ୍‌ସ ସୁବର୍ଣ୍ଣପୁର ଜିଲା ଶାଖାର କାର୍ଯ୍ୟକାରିଣୀ ଓ ଜିଲା ପରିଷଦ ବୈଠକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭା ଗୃହରେ ବୁଧବାର ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶନ୍ତନୁ କୁମ୍ଭକାର ସଭାରେ ଅଧ୍ୟକ୍ଷତା କରିଥିଲେ। ବାର୍ଷିକ ବିବରଣୀ ପାଠ କରିଥିଲେ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ ପରିଷଦର ସମ୍ପାଦକ ଦୁର୍ଯ୍ୟୋଧନ ରାଉତ। ଜିଲା ଶିକ୍ଷା ଅଧିକାରୀ ତଥା ସ୍କାଉଟ ଗାଇଡ ଜିଲା ମୁଖ୍ୟ କମିଶନର ପୁଷ୍ପା ମିଞ୍ଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ତରଭା ବ୍ଲକ ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର, ବିନିକା ବିଇଓ ଶଶିଭୂଷଣ ସେଠୀ, ଜିଲା ସ୍କାଉଟ କମିଶନର ବୈଦ୍ୟନାଥ କର୍ଣ୍ଣ, ଜିଲା ଗାଇଡ କମିଶନର ମୋନିଷା, ଜିଲା ଅର୍ଗାନାଇଜିଙ୍ଗ କମିଶନର ସ୍କାଉଟ ଦୀନବନ୍ଧୁ ପ୍ରଦାନ, ଗାଇଡ ପଦ୍ମିନୀ ସାହୁ, ଜିଲା ଟ୍ରେନିଂ କମିଶନର ସ୍କାଉଟ୍‌ ନୀଳାଚଳ ମେହେର, ଗାଇଡ ସନ୍ଧ୍ୟାରାଣୀ କ୍ଷେତି, ସ୍କାଉଟ ମାଷ୍ଟର ଅନନ୍ତରାମ ମେଣ୍ଡଲି ଯୋଗ ଦେଇଥିଲେ। ବାର୍ଷିକ କାର୍ଯ୍ୟକାରିଣୀରେ ବିବରଣୀ, ଆୟ ବ୍ୟୟର ହିସାବ, ଜିଲା ସ୍କାଉଟ ଓ ଗାଇଡ କ୍ୟାମ୍ପୋରି ବୀରମହାରାଜପୁର ଉଚ୍ଚ ବିଦ୍ୟାଳୟଠାରେ ଜାନୁୟାରୀ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବା ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାଙ୍କିପାଲିର ସ୍କାଉଟ ମାଷ୍ଟର ସଞ୍ଜିବ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।





ସୁବର୍ଣ୍ଣପୁର ଜିଲା ସ୍କାଉଟ୍‌ ଗାଇଡ୍‌ ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

## ସୁଧୀର ସ୍ମାରକୀ କ୍ରିକେଟ: ସମ୍ବଲପୁର ଚାମ୍ପିୟନ

**ଅମରପାଲି, ୧୮।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାଠାରେ ଚାଲିଥିବା ୬ଷ୍ଠ ସୁଧିର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବୀରମହାରାଜପୁର ବାଘାସକୁ ହରାଇ ଏମଏମସିସି ସମ୍ବଲପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ୧୨-୧୨ ଓ ୬-୬ ଓଭର ବିଶିଷ୍ଟ ଫର୍ମାଟରେ ହୋଇଥିଲା। ବୀରମହାରାଜପୁର ଟସ୍‌ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୧୨ଓଭରରେ ୭ ଉଇକେଟ ହରାଇ ୬୯ ରନ କରିଥିଲା। ଜବାବରେ ସମ୍ବଲପୁର ଦଳ ୯ ଓଭରରେ ୩ ଉଇକେଟ ହରାଇ ୭୦ରନ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଫର୍ମାଟରେ ବୀରମହାରାଜପୁର ନିର୍ଦ୍ଧାରିତ ୬ ଓଭରରେ ୫ଉଇକେଟ ହରାଇ ୫୫ରନ କରିଥିଲା। ଜବାବରେ ସମ୍ବଲପୁର ଦଳ ଜଗତଙ୍କ ୪୨ ରନ ସହାୟତାରେ ୪ ଓଭରରେ ୫୬ ରନ କରିଥିଲା। ଉଭୟ ମ୍ୟାଚରେ ବିଜୟୀ ହୋଇ ସମ୍ବଲପୁର ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଏବଂ ଜିଲାପରିଷଦ ଗାୟତ୍ରୀ ପାଣିଗ୍ରାହୀ, କ୍ରୀଡାବିତ ଧରଣୀଧର ପାଢ଼ୀ, ସପନ କୁମାର ପଧାନ, ରାମପ୍ରସାଦ କର୍ଣ୍ଣ, ରମେଶ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁରର ଜଗତଙ୍କୁ ମ୍ୟାନ ଅଫ୍‌ ଦି ମ୍ୟାଚ, ଆକାଶଙ୍କୁ ମ୍ୟାନ ଅଫ୍‌ ଦି ସିରିଜ ଓ ଶ୍ରେଷ୍ଠ ବେଟ୍ସ୍‌ମ୍ୟାନ, ବୀରମହାରାଜପୁର ସଂଗ୍ରାମଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସମ୍ବଲପୁର ଦଳକୁ ନଗଦ ୧୫ହଜାର ଟଙ୍କା ସହ ଟ୍ରଫି ଓ ରନସ ଅପ୍‌ ବୀରମହାରାଜପୁରକୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ପ୍ରଦୀପ କୁମାର ସାହୁ ଓ ବାପୁନ ପାଢ଼ୀ ପରିଚାଳନା କରିଥିଲେ। ରମାକାନ୍ତ ସ୍କୋରର ଓ ସଚିନ କୁମାର ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ନିର୍ମଳ ମୁଦୁଲି ସଭାପତିତ୍ୱ କରିଥିବା ବେଳେ ଅଚ୍ୟୁତାନନ୍ଦ ସାହୁ ସଭା ପରିଚାଳନା କରିଥିଲେ।





ଅତିଥିଙ୍କ ସହ ଚାମ୍ପିୟନ ସମ୍ବଲପୁର ଦଳର ଖେଳାଳିମାନେ।



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍

## ରାଜ୍ୟସ୍ତରୀୟ ଗଡ଼ଜାତ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଓଡ଼ିଶୀନୃତ୍ୟରେ ଦର୍ଶକ ବିଭୋର

**ବୌଦ୍ଧ,୧୮।୧୨(ସ୍ୱ.ପ୍ର.):**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଗଡ଼ଜାତ ଲୋକମହୋତ୍ସବ ବୁଧବାର ଥିଲା ଚତୁର୍ଥ ଦିବସ। ଜିଲାର କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ବୀରନରସିଂହପୁର ଗଡଜାତ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଲୋକମହୋତ୍ସବକୁ ଆକର୍ଷଣ କରିବା ନେଇ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ ସାଙ୍ଗକୁ ଓଡ଼ିଆ ସିନେ କଳାକାରଙ୍କ ଉପସ୍ଥିତି ମଞ୍ଚର ଶୋଭାକୁ ବୃଦ୍ଧି କରିଛି। ଚତୁର୍ଥ ସନ୍ଧ୍ୟାରେ ଗଡ଼ଜାତ ସାଂସ୍କୃତିକ ପରିଷଦର ସଭାପତି ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଅଭୟ କୁମାର ପାଠକ, ସମ୍ମାନିତ ଅତିଥିଭାବେ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ ଗୁରୁପଦ ପୃଷ୍ଟି, ବୌଦ୍ଧ ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ର, ସିନେ ତାରକା ଅଶ୍ରୁମୋହନ ମହାନ୍ତି, ମହୋତ୍ସବ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବୀରନରସିଂହପୁରଠାରେ ଲୋକମହୋତ୍ସବ ଆୟୋଜନକୁ ନେଇ ଆୟୋଜକଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ମହୋତ୍ସବ ଦ୍ୱାରା କଳାର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସଭା ପରେ ମଞ୍ଚରେ ଦୟାଲ ଏକାଡେମୀ ଭୁବନେଶ୍ୱର, ସୋନପୁର ଉକିଆ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରି ନୃତ୍ୟ, ବଲାଙ୍ଗୀର ଘୁଙ୍ଗୁର କଳାପରିଷଦ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ଶିତୁଆ ରାତିରେ ଦର୍ଶକ ବିଲମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ସାମଗ୍ରୀ କିଣିବା ସହ ସୁସାଦ୍ୟ ଖାଦ୍ୟର ମଜା ନେଇଥିଲେ। ଗୁରୁବାର ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ରହିଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ତୃତୀୟ ରାଜ୍ୟସ୍ତରୀୟ ଗଡ଼ଜାତ ଲୋକମହୋତ୍ସବ ବୁଧବାର ଚତୁର୍ଥ ଦିବସରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଶିବପ୍ରସାଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ : କାଲସାଏପାଲି, ଜରାସିଂହା ବିଜୟୀ

**ବଲାଙ୍ଗୀର ଅଫିସ,୧୮।୧୨:** ବଲାଙ୍ଗୀର ନିକଟସ୍ଥ ଖଲିଆପାଲି ଆମ୍ବେଦକର ଷ୍ଟାଡିୟମଠାରେ ଜଗନ୍ନାଥ ସ୍ପୋର୍ଟିଂ ଓ ସ୍ପୋର୍ଟସ୍ ହଷ୍ଟେଲ ବଲାଙ୍ଗୀର ଆନୁକୂଲ୍ୟରେ ଚାଲିଥିବା କୋଚ୍ ଶିବପ୍ରସାଦ ସ୍ମାରକୀ ଓ ଖଲିଆପାଲି କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜରାସିଂହା ବନାମ ଖଲିଆପାଲି ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଟାଇବ୍ରେକର ଜରିଆରେ ୪-୩ ଗୋଲରେ ଜରାସିଂହା ଦଳ ବିଜୟୀ ହୋଇଥିଲା। ସେହିପରି ଖଲିଆପାଲି କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ କାଲସାଏପାଲି ଦଳ ୧-୦ ଗୋଲରେ କୁରୁଲ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଅତିଥି ଭାବେ ପୁଇଁତଲା ବ୍ଲକ୍ ଶିକ୍ଷା ଅଧିକାରୀ ନେପାଳ ବାଗ, ଫରେଷ୍ଟର ବ୍ୟାସଦେବ ସାହୁ ଓ ବସୁଦେବ ମୁଗ୍ରୀ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ସଙ୍ଗଠକ ହେମନ୍ତ କୁମାର ବେହେରା, ଫୁଟବଲ କୋଚ୍ ପରାଶର ବାଗ, ଆୟୋଜନ କମିଟି ଅଧକ୍ଷ ଅଭିମନ୍ୟୁ ପାଣ୍ଡେ, ଜିଲା ଫୁଟବଲ ସମ୍ପାଦକ ନିସାରକାନ୍ତ ନାଗ, କ୍ରୀଡା ସଂଗଠକ ସୁକଦେବ ସାହୁ, ସୂର୍ଯ୍ୟମଣି ସୁନା, ହେମସାଗର ମହାନନ୍ଦ, ନାରାୟଣ ବିଶ୍ୱାଲ, କହ୍ନେଇ ଗଡତିଆ ଓ କାର୍ତ୍ତିକ ନାଗ ମଞ୍ଚାସୀନ ଥିଲେ। ଖେଳକୁ ସୁଦୟ ବାରିକ, ସଞ୍ଜୀବ ମହାରଣା, ପ୍ରଫୁଲ୍ଲ ବରଗିଡ଼ି ଓ ଦେବାଶିଷ ବାଗ ପରିଚାଳନା କରିଥିଲେ। ଗୁରୁବାର ପ୍ରଥମ ମ୍ୟାଚ୍ ବ୍ଲେକ ଡାଇମଣ୍ଡ ବନାମ ମହୀମୁଣ୍ଡା ଏବଂ ଦ୍ୱିତୀୟ ମ୍ୟାଚ୍ ଇଲେଭେନ ଷ୍ଟାର ବଲାଙ୍ଗୀର ବନାମ ଅମାମୁଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ଅଧକ୍ଷ ଅଭିମନ୍ୟୁ ପାଣ୍ଡେ ସୂଚନା ଦେଇଛନ୍ତି।

### ସିକେ ନାଇଡୁ ଟ୍ରଫି: ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଦଳର ଅଭ୍ୟାସ

**ବଲାଙ୍ଗୀର ଅଫିସ, ୧୮।୧୨:** ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି (୨୩ ବର୍ଷରୁ କମ୍) ପାଇଁ ଉଭୟ ଓଡିଶା ଓ ବିହାର ଦଳ ବଲାଙ୍ଗୀର ପହଞ୍ଚିଛନ୍ତି। ବୁଧବାର ପୂର୍ବାହ୍ନ ୯ଟାରୁ ୧୨ଟା ଓ ଦିନ ୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଓଡିଶା ଦଳ ଗାନ୍ଧୀ ଷ୍ଟାଡିୟମଠାରେ ଅଭ୍ୟାସ କରିଥିଲେ। ଉଭୟ ଓଡିଶା ଓ ବିହାର ଦଳ ଶକ୍ତିଶାଳୀ ହୋଇଥିବାରୁ ଏଠାରେ ଗୁରୁବାର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି। ଏହି ମ୍ୟାଚ ପାଇଁ ରେଫରୀ ରାଜୀବ ସେଠ, ଅମ୍ପାୟାର ସରୁପା ନନ୍ଦ କଅଁର, ଏମ୍ ଅଶ୍ୱିନୀ କୁମାର, ଚତୁର୍ଥ ଅମ୍ପାୟାର ଭାବେ ପୃଥ୍ୱୀରାଜ ମିଶ୍ର ମ୍ୟାଚ ପରିଚାଳନା କରିବେ। ଭିଡିଓ ଏନାଲିଷ୍ଟ ତାପସ କୁମାର ନାଏକ ଓ ରାଜକମଳ ସିଂ, ବିରାଜ ଦାସ ଓ ରଜତ ଦାସ ଅନ୍‌ଲାଇନ୍‌ସ୍କୋରର ଦାୟିତ୍ୱ ତୁଲାଇବେ। ଓଡିଶା ଦଳର ଅଧିନାୟକ ସୌଭାଗ୍ୟ ମିଶ୍ର, ମ୍ୟାନେଜର ସନ୍ତୋଷ ଆନନ୍ଦ ମିଶ୍ର ଓ ବିହାର ଦଳ ଅଧିନାୟକ ସୌରଭ ସିଂ, ମ୍ୟାନେଜର ସୋନୁ କୁମାର ଝା, ଭେନୁ ଇନଚାର୍ଜ ଅରୁଣ ନାଏକ ଗାନ୍ଧୀ ଷ୍ଟାଡିୟମକୁ ଆସି ପଡିଆ ତଦାରଖ ମଧ କରିଥିବା କ୍ରିକେଟ ସମ୍ପାଦକ ଓମପ୍ରକାଶ ଚାନ୍ଦ ସୂଚନା ଦେଇଛନ୍ତି।

# ଚିନିକଳ ପୁନଃ ଚାଲୁ ଦାବିକଲା ଭିଲେଜର୍ସ ଇଣ୍ଡିଆ ପାର୍ଟି

**ଦେଓଗାଁ,୧୮।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ସାଗରପାଲି ନିକଟରେ ବନ୍ଦ ପଡିଥିବା ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଚିନିକଳର ପୁନଃ ଚାଲୁପାଇଁ ଦାବି କରିଛି ଭିଲେଜର୍ସ ଇଣ୍ଡିଆ ପାର୍ଟି। ସଂଗଠନ ପକ୍ଷରୁ ଆସନ୍ତା ୨୩ ତାରିଖରେ ଚିନିକଳ ସମ୍ମୁଖରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଏକ ପ୍ରେସ୍‌ବିବୃତିରେ ପାର୍ଟିର ଅଧକ୍ଷ ଡ.ବିପିନ କୁଶଲିଆ, ଆଦିବାସୀ ଅଧିକାର ମହାସଂଘ ଅଧକ୍ଷ ଦ୍ୱୀଜ ଦଳପତି ସୂଚନା ଦେଇଛନ୍ତି। ସଂଗଠନର ଦାବି ଅନୁସାରେ ଉକ୍ତ ଚିନିକଳ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବଲାଙ୍ଗୀର, ସୁବର୍ଣ୍ଣପୁର ବୌଦ୍ଧ, କଳାହାଣ୍ଡି ଓ ନୂଆପଡା ଜିଲାର ୧୦ହଜାର କର୍ମନିଯୁକ୍ତି, ୭ହଜାରରୁ ଉର୍ଦ୍ଧ୍ୱ ଆଖୁଚାଷୀ ଲାଭବାନ ହେଉଥିଲେ। ଗତ ୭ବର୍ଷ ହେଲା ଏହା ବନ୍ଦ ପଡିବାରୁ ଲୋକେ ହାହୁତାଶ ମଧ୍ୟରେ ଦିନ କାଟୁଛନ୍ତି। ପୁନଃଚାଲୁ ନେଇ ବିଭିନ୍ନ ସମୟରେ ଦଳମତ ନିର୍ବିଶେଷରେ ଦାବି ହୋଇଆସୁଥିବା ବେଳେ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ନଭେମ୍ବର ୧୧ ତାରିଖରେ ପାର୍ଟି ତରଫରୁ ଚିନିକଳ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଏମ ଶତଦଳ ମିଶ୍ରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଅଦ୍ୟାବଧି କୌଣସି ପଦକ୍ଷେପ ଆରମ୍ଭ ହୋଇ ନ ଥିବାରୁ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସଂଗଠନ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

# ଭାଜପା ଜିଲା ସଭାପତି ଚୟନ ବୈଠକ, ଅସନ୍ତୁଷ୍ଟଙ୍କ ପ୍ରତିବାଦ

**ବିନିକା,୧୮।୧୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସହର ଚନ୍ଦ୍ରମା ମିଟିଂ ହଲ୍‌ରେ ଭାଜପା ଜିଲା ସଭାପତି ଚୟନକୁ ନେଇ ଜିଲାସ୍ତରୀୟ ନେତା ଓ କର୍ମୀଙ୍କର ଏକ ବୈଠକର ଅନୁଷ୍ଠିତ ହୋଇଥିଲା। ବୈଠକରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତାରାଣୀ ସିଂଦେଓ, ରାଜ୍ୟ ନିର୍ବାଚନ ସହ ଅଧିକାରୀ ସୁଦିପ୍ତ ରାୟ, ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ମାତ୍ର ଏହି ବୈଠକକୁ ଜିଲା ଭାଜପାର କେତେକ ନେତା ଓ କର୍ମୀ ବିରୋଧ କରିଥିଲେ। ଜିଲା ସଭାପତି ଚୟନକୁ ବିରୋଧ କରି ଦଳୀୟ ନେତା ପ୍ରଶାନ୍ତ ଦଣ୍ଡସେନାଙ୍କ ସହିତ ସୁଧିର ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ସମ୍ବିତ ନେପାକ, ଧର୍ମ ନିରଞ୍ଜନ ପଣ୍ଡା, ସୁରେଶ ମିଶ୍ର, ଜିତୁ ପାଣିଗ୍ରାହୀ, ଶୁଭାକର ପଳିତା ପ୍ରମୁଖ ବହୁ କର୍ମୀ ବିନିକା ସହର କଲେଜ୍ ଛକ୍ ଠାରୁ ଏକ ରାଲିରେ ବାହାରିଥିଲେ। ଜିଲା ଭାଜପାକୁ ସ୍ୱାଧିନ କର ଲିଖିତ ପ୍ଲାକାର୍ଡ ଧରି ସେମାନେ ବୈଠକସ୍ଥଳୀରେ ପହଞ୍ଚି ହଇଗୋଳ କରିଥିଲେ। ଅସନ୍ତୁଷ୍ଟ କର୍ମୀମାନେ କହିଥିଲେ ଯେ, ମନ ମୁତାବକ ପୁରୁଣା କର୍ମୀମାନଙ୍କ ସଦସ୍ୟତା ଚୟନ ନ ହେବା, ଜିଲା ମଣ୍ଡଳ ସଭାପତି ଚୟନ ଠିକ୍ ଭାବରେ ନ ହେବା, ଏଣୁତେଣେ ଲୋକଙ୍କୁ ଆଣି ଦଳରେ ସଦସ୍ୟତା ଦିଆଯାଉଛି। ଏପରି ବିରୋଧ ପରେ ଭାଜପା ନେତୃବୃନ୍ଦଙ୍କ ବୈଠକ ଅଧାରୁ ଚାଲିଯାଇଥିଲେ।

## ଅସାମାଜିକ କାର୍ଯ୍ୟକଳାପ ରୋକିବାକୁ ଜିଲାପାଳଙ୍କୁ ଫେରାଦ

**ଲୋଇସିଂହା,୧୮।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କେଉଁଟପାଲି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ଗ୍ରାମବାସୀ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିକଟରେ ଫେରାଦ ହୋଇଛନ୍ତି। ଗ୍ରାମରେ କେତେକ ବ୍ୟକ୍ତି ବେଆଇନ ଭାବେ ମଦ ବିକ୍ରି ଓ ମାଂସ କଟା ଚଲାଇଛନ୍ତି। ମଦ୍ୟପାନ କରି ଲୋକେ ଗାଁରେ ଅଶାନ୍ତିକର ପରିବେଶ ସୃଷ୍ଟି କରୁଛନ୍ତି। ଏଥିଯୋଗୁ ଗାଁର ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏତଦ୍‌ବ୍ୟତୀତ ଘର ନିର୍ମାଣ କରୁଥିବା କେତେକ ବ୍ୟକ୍ତିମାନେ ଗାଁର ମୁଖ୍ୟ ରାସ୍ତାରେ ବାଲି, ଗେଟି, ଇଟା, ପଥର ଦିନଦିନ ଧରି ପକାଇ ରଖିଛନ୍ତି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କ ନିକଟରେ ଦାବିକରିଛନ୍ତି।

# ବାଲିଦୋହଲିରେ ଲକ୍ଷ୍ମୀପୂଜା ଉଦ୍‌ଯାପିତ



ବାଲିଦୋହଲିରେ ଲକ୍ଷ୍ମୀପୂଜା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜହ୍ନାପଙ୍କ, ୧୮।୧୨ (ଡି.ଏନ.ଏ.):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବାଲିଦୋହଲି ଗ୍ରାମରେ ଏକ ମାସ ଧରି ଚାଲିଥିବା ଲକ୍ଷ୍ମୀପୂଜା ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ସୁନ୍ଦରାକାଣ୍ଡ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାସ ଭାବେ ସ୍ୱପ୍ନାରାଣୀ ଦାସ କାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟାରେ ପ୍ରଫୁଲ୍ଲ ବେହେରାଙ୍କ ନିର୍ଦ୍ଦେଶନାରେ ଲକ୍ଷ୍ମୀପୁରାଣ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ମୀ ନାରାୟଣ ନାଟ୍ୟ ସଂସଦର ସଭାପତି ଭରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୌମିତ୍ରୀ ମିଶ୍ର, ଡ. ହୃଷୀକେଶ ମିଶ୍ର, ଉପସଭାପତି ରବି ପ୍ରଧାନ, ସମ୍ପାଦକ ଅଜିତ କଳତା, ବୀରେନ ମହାକୁଳ ପ୍ରମୁଖ ମଞ୍ଚାସୀନ ଥିଲେ। ରାତିରେ ସମ୍ବଲପୁରୀ ହାସ୍ୟ ଅଭିନେତା ଯୋଗେଶ ଜୋଜୋ ଲୋକଙ୍କୁ ସମ୍ବଲପୁରୀ ହାସ୍ୟ ଅଭିନୟ କରି ହସାଇଥିଲେ। କାର୍ଯ୍ୟକ୍ରମରେ ରମେଶ ମହାକୁଡ, ମକନା, ମକୁନ୍ଦ, ସୁଜିତ, ମଣ୍ଟୁ, ଝରିଆ, ପ୍ରକାଶ ବାରିକ, ଗ୍ରାମବାସୀ ସହଯୋଗ କରିଥିଲେ।

# ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳରେ ଆଲୋଚନାଚକ୍ର

**ବୌଦ୍ଧ,୧୮।୧୨(ସ୍ୱ.ପ୍ର.)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଶିକ୍ଷା ବିଭାଗର ମୁଖ୍ୟ ଡ.ମହେନ୍ଦ୍ର କୁମାର ଦେବତା ଯୋଗଦେଇଥିଲେ। ଛାତ୍ରୀ ମାନ୍ୟତା ପୁରୋହିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଗୀତାଞ୍ଜଳି ମହାପାତ୍ର ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଛାତ୍ରୀ ଅର୍ପିତା ପାତ୍ର, ଛାତ୍ର ଦତ୍ତାତ୍ରୟ ସାହୁ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ଶ୍ୱେତାସୁମନ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଜିଲାସ୍ତରୀୟ କବ୍ ବୁଲ୍‌ବୁଲ୍ କାର୍ଯ୍ୟକ୍ରମ

**ସଇଁତଲା, ୧୮।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ସରକାରୀ ଉଚ୍ଚ ବିଦ୍ୟାଳୟ (ନୂତନ) ପରିସରରେ ଜିଲାସ୍ତରୀୟ କବ୍ ବୁଲବୁଲ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ବିଭାଗ ଓ ଭାରତ ସ୍କାଉଟ, ଗାଇଡ୍ ବଲାଙ୍ଗୀର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାରୁ ଶତାଧିକ କବ୍ ବୁଲବୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଏବିଇଓ ଆର୍ତ୍ତତ୍ରାଣ ରଥ ସଭାପତିତ୍ୱ କରିଥିଲେ। ସଇଁତଲା ସରପଞ୍ଚ ଭୀମସେନ ସ୍ୱାଇଁ ମୁଖ୍ୟ ଅତିଥି, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତି ପ୍ରସାଦ ପରିଡ଼ା, ଡିଓସି କସ୍ତୁରୀ ରଥ, ବ୍ଲକ ସମ୍ପାଦିକା ରଞ୍ଜିତା ମିଶ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଏସଏସଡ଼ି)ର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା, ସଇଁତଲା ନୋଡ଼ାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ନୂତନ)ର ପ୍ରଧାନ ଶିକ୍ଷକ ନଗେନ୍ଦ୍ର ବସ୍ତିଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସଭା କାର୍ଯ୍ୟ ସମାପନ ପରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କବ୍ ବୁଲବୁଲ ଉତ୍ସବର ମହତ୍ୱ ପ୍ରତିପାଦନ କରିବା ସହ ଜିଲାରେ ପ୍ରଥମ ଥର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଇଁତଲା ସ୍କାଉଟ ଓ ଗାଇଡ଼ ହାତକୁ ନେଇ ସଫଳ କରିଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଶେଷରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।


**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ**
ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

**OFFICE OF THE PROJECT ADMINISTRATOR, ITDA, PHULBANI**
ST & SC Development Department
Government of Odisha
Tel: (06842) 254149, Email: itdaphulbani@gmail.com

**QUOTATION CALL NOTICE**

No. 2983 Date: 16.12.2019

**No. CAD-705:-** Sealed tenders are invited from among the intending authorized dealers / firms having GST registration, Income Tax clearance to supply Washing Machine, LED TV, Water Filter, Invertor, Mosquito Net, Tray, Dustbin etc. at School point of SSD Department Schools of specification of item, terms & condition mode of participation can be downloaded in the District website i.e. www.kandhamal.nic.in. The last date of receipt of tender paper in all respect on dtd. at 03.01.2020 at 4.00PM.

The tender papers can be availed in all working days from 10 AM to 4 PM at ITDA office on payment of Rs. 5,000/- (Rupees Five Thousand) only or can be downloaded from the above mentioned website. The bidders downloading the tender paper must attached DD amount Rs. 5,000/- towards tender paper cost in favour of PA, ITDA, Phulbani payable at SBI, Phulbani.

19069/11/0001/1920 *Sd./- Project Administrator, ITDA, Phulbani*



NANDANKANAN

**NANDANKANAN ZOOLOGICAL PARK**

**TENDER NOTICE No. 19 of 2019-20**
**Date: 13.12.2019**

**No.MM-114:-** Deputy Director, Nandankanan Zoological Park invites sealed tender in prescribed form from interested individuals/ firms/ entrepreneurs for **providing Sanitation Service and Outsourcing of Parking facility** to Nandankanan Zoological Park.

The last date of submission of sealed tender: **5.30 PM of 31.12.2019.**

Opening of sealed tender (Technical bid): **11.30 AM of 07.01.2020.**

Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from **16.12.2019.** The downloaded tender papers must be accompanied with a Bank Draft for **Rs. 5900/-** (inclusive of 18% GST) in favour of Deputy Director, Nandankanan Zoological Park payable at Bhubaneswar.

**Sd./- Deputy Director, Nandankanan Zoological Park**
08070/11/0004/1920



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNABEDA**
e-mail : eerw_sunabeda@yahoo.co.in
e-Procurement Notice for Road & Building works
Identification No Online Tender /04/RWD-SBD/2019-20

No. 643-O:

Letter No. 5200 / Date: 11.12.2019 /

01. Name of the work :: Building works of Pottangi, Nandapur and Semiliguda block
02. Total Number of works :: 3 nos Road & 3 nos Building
03. Estimated cost :: From 4.00 to 35.00 lakhs
04. Class of Contractor :: "B", "C" & "D" Class
05. Period of Completion :: 3(Three) & 4(Four) Calendar months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, R.W. Division, Sunabeda | Online Tender/04/ RWD-SBD /2019-20 | 18.12.2019 at 11.00 Hours | 31.12.2019 upto 17.00 Hours |

Further details can be seen from the website www.tendersorissa.gov.in

Executive Engineer, Rural Works Division: Sunabeda.
25059/11/0005/1920



GOVERNMENT OF ODISHA, "e"-PROCUREMENT NOTICE
For Turn key Project
**WORKS DEPARTMENT**
E-mail : ceworldbankprojects@gmail.com
1st corrigendum to Bid Identification No. CE-W.B.P. (O) - 07 /2019 - 20
File No- PIM-MISC- 10 /2008 (Pt.)

No. B-434:-

Following changes are made to the turnkey tender for the work "Construction of H.L. Bridge over Indravati Reservoir on 1st km of Mahulpatna - Kenduguda - Gopinathpur road in the District of Kalahandi under State Plan" vide Bid Identification No. CE-W.B.P. (O) -07 / 2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para – 03 | The Bid documents will be available in the website: https://tendersodisha.gov.in from | **27.12.2019 at 10.00 Hours.** |
| Para – 04 | Bids shall be received only "online" on or before | **24.01.2020 upto 17.00 Hours.** |
| Para – 05 | A pre-bid meeting will be held on | **03.01.2020 at 11.30 Hours** |
| Para – 06 | Bids received on line shall be opened at | **11.30 Hours on 27.01.2020** |

All other terms and conditions remain unchanged.
34003/11/0013/1920 Sd/- Chief Engineer (World Bank Project), Odisha



**GOVT. OF ODISHA, DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. SECIC 03 of 2019-20**

No. 485-A:

1. Name of the Work :- Construction of Rajua Barrage Project (Sanput minor, Sardhapur sub-minor, Badput minor, Badput sub-minor, Nankera sub-minor).
2. Tender Cost :- Rs.1,72,36,032.00
3. Bid Document Cost :- Rs.10,000.00 (online)
4. Bid Security :- Rs.1,72,400.00 (online)
5. Class of Contractor :- "B" Class & "A" Class
6. Period of Completion :- 06 Calendar Months

Other details are as follows

| Procurement Officer | Bid Identification No. | Availability of Tender On-line for bidding | | Date of opening of Technical Bid (Cover-I) |
|---|---|---|---|---|
| | | From | To | |
| Superintending Engineer, Central Irrigation Circle, Bhubaneswar | SECIC KID-01 of 2019-20 | 24.12.2019 10.00 Hrs. | 07.01.2020 17.00 Hrs. | 08.01.2020, 11.00 Hrs. |

1. E-mail ID :- secic_dowr@yahoo.com
Further detail conditions can be seen from the Govt. website www.tendersorissa.gov.in
32160/11/0003/1920 *Superintending Engineer, Central Irrigation Circle*



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
District Headquarters Hospital Campus, Rayagada-765001
Phone No.: 06856-235603, Fax No.: 06856-236631
No. /2019 Rayagada, dated, the /12/2019

**SHORT TENDER CALL NOTICE**

No.E-582 :- Sealed tenders are invited from the reputed manufactures/ distributors / suppliers for supply of Media, Reagents, Chemicals, Lab Consumables of DPHL, Mental Health Drugs and Allied Articles under CDM & PHO, Rayagada for the year 2019-20. Requirement list, terms & conditions (Tender Scheduled Paper) may be downloaded from the District website i.e. www.rayagada.nic.in. The last date of receipt of the tender is 23.12.2019 up to 05.30 P.M. (By Speed Post / Registered Post / Courier Service) and the same will be opened on Dt.24.12.2019 at 11.00 A.M. in the office chamber of Chief District Medical & Public Health Officer, Rayagada. The undersigned reserves the right to accept or reject any or all the tenders without assigning any reason thereof.

Sd./- Dr. Artabandhu Nayak
Chief District Medical & Public Health Officer, Rayagada
10035/11/0016/1920



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନ୍‌ଷ୍ଟାଇନ



## ସଂକ୍ଷେପରେ

### ଶିବ ପ୍ରସାଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ : କାଲସାଏପାଲି, ଜରାସିଂହା ବିଜୟୀ

**ବଲାଙ୍ଗୀର ଅଫିସ,୧୮।୧୨:** ବଲାଙ୍ଗୀର ନିକଟସ୍ଥ ଖଲିଆପାଲି ଆମ୍ବେଦକର ଷ୍ଟାଡିୟମଠାରେ ଜଗନ୍ନାଥ ସ୍ପୋର୍ଟିଂ ଓ ସ୍ପୋର୍ଟସ୍ ହଷ୍ଟେଲ ବଲାଙ୍ଗୀର ଆନୁକୂଲ୍ୟରେ ଚାଲିଥିବା କୋଚ୍ ଶିବପ୍ରସାଦ ସ୍ମାରକୀ ଓ ଖଲିଆପାଲି କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଜରାସିଂହା ବନାମ ଖଲିଆପାଲି ମ୍ୟାଚ୍ ୨-୨ ଗୋଲରେ ଅମୀମାଂସୀତ ରହିଥିଲା। ଟାଇବ୍ରେକର ଜରିଆରେ ୪-୩ ଗୋଲରେ ଜରାସିଂହା ଦଳ ବିଜୟୀ ହୋଇଥିଲା । ସେହିପରି ଖଲିଆପାଲି କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ କାଲସାଏପାଲି ଦଳ ୧-୦ ଗୋଲରେ କୁରୁଲ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା । ଅତିଥି ଭାବେ ପୁଇଁତଲା ବ୍ଲକ୍ ଶିକ୍ଷା ଅଧିକାରୀ ନେପାଳ ବାଗ, ଫରେଷ୍ଟର ବ୍ୟାସଦେବ ସାହୁ ଓ ବସୁଦେବ ମୁଗ୍ରୀ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ସଙ୍ଗଠକ ହେମନ୍ତ କୁମାର ବେହେରା, ଫୁଟବଲ କୋଚ୍ ପରାଶର ବାଗ, ଆୟୋଜନ କମିଟି ଅଧକ୍ଷ ଅଭିମନ୍ୟୁ ପାଣ୍ଡେ, ଜିଲା ଫୁଟବଲ ସମ୍ପାଦକ ନିସାରକାନ୍ତ ନାଗ, କ୍ରୀଡା ସଂଗଠକ ସୁକଦେବ ସାହୁ, ସୂର୍ଯ୍ୟମଣି ସୁନା, ହେମସାଗର ମହାନନ୍ଦ, ନାରାୟଣ ବିଶ୍ୱାଲ, କହ୍ନେଇ ଗଡତିଆ ଓ କାର୍ତ୍ତିକ ନାଗ ମଞ୍ଚାସୀନ ଥିଲେ । ଖେଳକୁ ସୁଦୟ ବାରିକ, ସଞ୍ଜୀବ ମହାରଣା, ପ୍ରଫୁଲ୍ଲ ବଗର୍ତ୍ତି ଓ ଦେବାଶିଷ ବାଗ ପରିଚାଳନା କରିଥିଲେ । ଗୁରୁବାର ପ୍ରଥମ ମ୍ୟାଚ୍ ବ୍ଲେକ ଡାଇମଣ୍ଡ ବନାମ ମହୀମୁଣ୍ଡା ଏବଂ ଦ୍ୱିତୀୟ ମ୍ୟାଚ୍ ଇଲେଭେନ ଷ୍ଟାର ବଲାଙ୍ଗୀର ବନାମ ଅମାମୁଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ଅଧକ୍ଷ ଅଭିମନ୍ୟୁ ପାଣ୍ଡେ ସୂଚନା ଦେଇଛନ୍ତି ।

### ସିକେ ନାଇଡୁ ଟ୍ରଫି: ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଦଳର ଅଭ୍ୟାସ

**ବଲାଙ୍ଗୀର ଅଫିସ, ୧୮।୧୨:** ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି (୨୩ ବର୍ଷରୁ କମ୍) ପାଇଁ ଉଭୟ ଓଡିଶା ଓ ବିହାର ଦଳ ବଲାଙ୍ଗୀର ପହଞ୍ଚିଛନ୍ତି । ବୁଧବାର ପୂର୍ବାହ୍ନ ୯ଟାରୁ ୧୨ଟା ଓ ଦିନ ୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଓଡିଶା ଦଳ ଗାନ୍ଧୀ ଷ୍ଟାଡିୟମଠାରେ ଅଭ୍ୟାସ କରିଥିଲେ । ଉଭୟ ଓଡିଶା ଓ ବିହାର ଦଳ ଶକ୍ତିଶାଳୀ ହୋଇଥିବାରୁ ଏଠାରେ ଗୁରୁବାର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି । ଏହି ମ୍ୟାଚ ପାଇଁ ରେଫରୀ ରାଜୀବ ସେଠ, ଅମ୍ପେୟାର ସରୂପା ନନ୍ଦ କଅଁର, ଏମ୍ ଅଶ୍ୱିନୀ କୁମାର, ଚତୁର୍ଥ ଅମ୍ପାୟାର ଭାବେ ପୃଥ୍ୱୀରାଜ ମିଶ୍ର ମ୍ୟାଚ ପରିଚାଳନା କରିବେ। ଭିଡିଓ ଏନାଲିଷ୍ଟ ତାପସ କୁମାର ନାଏକ ଓ ରାଜକମଲ ସିଂ, ବିରାଜ ଦାସ ଓ ରଜତ ଦାସ ଅନ୍‌ଲାଇନ୍‌ସ୍କୋରର ଦାୟିତ୍ୱ ତୁଲାଇବେ । ଓଡିଶା ଦଳର ଅଧିନାୟକ ସୌଭାଗ୍ୟ ମିଶ୍ର, ମ୍ୟାନେଜର ସନ୍ତୋଷ ଆନନ୍ଦ ମିଶ୍ର ଓ ବିହାର ଦଳ ଅଧିନାୟକ ସୌରଭ ସିଂ, ମ୍ୟାନେଜର ସୋନୁ କୁମାର ଝା, ଭେନୁ ଇନଚାର୍ଜ ଅରୁଣ ନାଏକ ଗାନ୍ଧୀ ଷ୍ଟାଡିୟମକୁ ଆସି ପଡିଆ ତଦାରଖ ମଧ କରିଥିବା କ୍ରିକେଟ ସମ୍ପାଦକ ଓମପ୍ରକାଶ ଚାନ୍ଦ ସୂଚନା ଦେଇଛନ୍ତି ।

ହାଇକୋର୍ଟ ବେଞ୍ଚ, ଲୋୟର ସୁକ୍‌ତେଲ, ବାଇପାସ୍ ରାସ୍ତା ଦାବି

# ସରକାରୀ ଅଫିସ ବନ୍ଦ କଲେ ଆନ୍ଦୋଳନକାରୀ

ବଲାଙ୍ଗୀର ଅଫିସ, ୧୮।୧୨

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃସ୍ଥାପନ, ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଓ ବାଇପାସ୍ ରାସ୍ତା ନିର୍ମାଣ ଦାବି ନେଇ ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ବୁଧବାରଠାରୁ ଦୁଇଦିନିଆ ସରକାରୀ ଅଫିସ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି । ଏହି ଆନ୍ଦୋଳନ ଗୁରୁବାର ମଧ ଜାରି ରହିବ। ଏହି ଆନ୍ଦୋଳନ ଯୋଗୁଁ ବଲାଙ୍ଗୀରରେ ଥିବା ରାଜ୍ୟ ଓ କେନ୍ଦ୍ର ଅଧିନ ସମସ୍ତ ସରକାରୀ ଅଫିସ ବନ୍ଦ ରହିଥିଲା । ଏହି ଆନ୍ଦୋଳନକୁ ବିଭିନ୍ନ ସାମାଜିକ ସଙ୍ଗଠନ ଓ ରାଜନୈତିକ ଦଳ ପକ୍ଷରୁ ସମର୍ଥନ କରିଛନ୍ତି । ସକାଳ ୬ଟାରୁ ଆକ୍ସନ କମିଟିର ବହୁ ସଦସ୍ୟ ଓ ସମର୍ଥକ ବିଭିନ୍ନ ସରକାରୀ ଅଫିସ ଯଥା, ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ, ସିଭିଲ କୋର୍ଟ, ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ । ପରେ ଜିଲାପାଳ ଅଫିସ ସମ୍ମୁଖରେ ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆକ୍ସନ କମିଟି ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା ।

ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସଭ୍ୟ, ଜାତି ସମାଜ, ରାଜନୈତିକ ଦଳ କର୍ମକର୍ତ୍ତା ଓ ବଲାଙ୍ଗୀର ଜିଲା ଓକିଲ ସଂଘ ସଭ୍ୟମାନେ ସାମିଲ ହୋଇଥିଲେ । ବହୁ ବକ୍ତା ବଲାଙ୍ଗୀର ଜିଲାର ନ୍ୟାର୍ଯ୍ୟ ଦାବିପୂରଣ କରିବା ଦିଗରେ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରିଥିଲେ । ତୁରନ୍ତ ଜିଲାର ପ୍ରମୁଖ ଦାବି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃପ୍ରତିଷ୍ଠା କରିବା, ଲୋୟର ସୁକ୍‌ତେଲ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା ଓ ବାଇପାସ୍ ରାସ୍ତା ଶୀଘ୍ର ନିର୍ମାଣ କରିବାକୁ ଦାବି କରିଥିଲେ । ଏହି ଅବସରରେ ଆବାହକ ପାଣିଗ୍ରାହୀ ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଓ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ କୃତଜ୍ଞତା ଜଣାଇଥିଲେ । ଷ୍ଟେଟ୍ ଫାଇନାନ୍ସ କମିଟିରେ ବଲାଙ୍ଗୀର ବାଇପାସ୍ ରାସ୍ତା ସକାଶେ ୧୯୦ କୋଟି ମଞ୍ଜୁର ହୋଇଥିବାରୁ ଏଥିପାଇଁ ରାଜପଥ

### ଗୁରୁବାର ବି ଜାରି ରହିବ ଆନ୍ଦୋଳନ

ବିଭାଗ କେନ୍ଦ୍ରମନ୍ତ୍ରୀ ନିତିନ ଗଡକରି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମପି ସିଂଦେଓଙ୍କୁ କୃତଜ୍ଞତା ଜଣାଇଥିଲେ। ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ଦିଗରେ ବିଧାୟକ ମିଶ୍ର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭେଟି ଦାବି ଉପସ୍ଥାପନ କରିବା ଓ ବଲାଙ୍ଗୀର ସପକ୍ଷରେ ଯୁକ୍ତି ଦର୍ଶାଇ ଥିବାରୁ ତାଙ୍କୁ ମଧ ଧନ୍ୟବାଦ୍ ଜଣାଇଥିଲେ । ଏହି ଆନ୍ଦୋଳନରେ ଓକିଲ ସଂଘ ସମ୍ପାଦକ ଅମନ୍ ନାଗ, ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଆଦିବାସୀ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, କୋଶଲବାଦୀ ନେତା ମନୋରଞ୍ଜନ ସାହ, ଆଡଭୋକେଟ୍ ଗୋପାଳ ହୋତା, ଅଶୋକ ରାଉତ୍, ସରୋଜ ଗୁପ୍ତା, ଭବାନୀ ଶତପଥି ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଅସାମାଜିକ କାର୍ଯ୍ୟକଳାପ ରୋକିବାକୁ ଜିଲାପାଳଙ୍କୁ ଫେରାଦ

ଲୋଇସିଂହା,୧୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କେଉଁଟପାଲି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ଗ୍ରାମବାସୀ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିକଟରେ ଫେରାଦ ହୋଇଛନ୍ତି। ଗ୍ରାମରେ କେତେକ ବ୍ୟକ୍ତି ବେଆଇନ ଭାବେ ମଦ ବିକ୍ରି ଓ ମାଂସ କଟା ଚଳାଇଛନ୍ତି। ମଦ୍ୟପାନ କରି ଲୋକେ ଗାଁରେ ଅଶାନ୍ତିକର ପରିବେଶ ସୃଷ୍ଟି କରୁଛନ୍ତି । ଏଥିଯୋଗୁ ଗାଁର ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏତଦ୍‌ବ୍ୟତୀତ ଘର ନିର୍ମାଣ କରୁଥିବା କେତେକ ବ୍ୟକ୍ତିମାନେ ଗାଁର ମୁଖ୍ୟ ରାସ୍ତାରେ ବାଲି, ଗେଟି, ଇଟା, ପଥର ଦିନଦିନ ଧରି ପକାଇ ରଖିଛନ୍ତି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ପ୍ରକଳ୍ପ ପରିବର୍ତ୍ତନ ନ କରିବାକୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କୁ ଦାବିପତ୍ର

ଲୋଇସିଂହା, ୧୮।୧୨(ଡି.ଏନ.ଏ)

ଲୋଇସିଂହା ବିଧାୟକ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ଅନୁମୋଦିତ ପ୍ରକଳ୍ପ ପରିବର୍ତ୍ତନ ପାଇଁ ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହା ଜଣାପଡିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ କରାଯାଇଛି। ମଙ୍ଗଳବାର ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନଙ୍କୁ ରାଜ୍ୟ ବିଜେଡି ଯୁବ ସମ୍ପାଦକ ନିହାରଞ୍ଜନ ବେହେରା ଭେଟି ପ୍ରକଳ୍ପଗୁଡିକ ବଳବତ୍ତର ରଖିବାକୁ ଲିଖିତ ଭାବେ ଜଣାଇଛନ୍ତି। ବିଧାୟକ ଦେଇଥିବା ପତ୍ର ମୋ ହସ୍ତଗତ ହୋଇନାହିଁ । ପ୍ରକଳ୍ପ ପରିବର୍ତ୍ତନ କରାଯିବ ନାହିଁ ବୋଲି ଅଧକ୍ଷ ଆଶ୍ୱାସନା ଦେଇଛନ୍ତି। ପୂର୍ବତନ ବିଧାୟକ ଯୋଗେନ୍ଦ୍ର ବେହେରା ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକରେ କେତେକ ପ୍ରକଳ୍ପ ସକାଶେ ବିକାଶ ପରିଷଦକୁ ପ୍ରସ୍ତାବ ଦେଇଥିଲେ । ଗତ ଅଗଷ୍ଟ ମାସରେ ତାହା ବିକାଶ ପରିଷଦ ଅଧ୍ୟକ୍ଷଙ୍କଠାରୁ ଅନୁମୋଦନ ଲାଭ କରିଥିଲା । ହେଲେ ବିଧାୟକ ମୁକେଶ ମହାଲିଙ୍ଗ ନିର୍ବାଚିତ ହେବା ପରେ ରାଜନୈତିକ ଆକ୍ରୋଶ ରଖି ପ୍ରକଳ୍ପ ପରିବର୍ତ୍ତନ ପାଇଁ ପତ୍ର ଲେଖିବା ନିନ୍ଦନୀୟ ବୋଲି ନିହାର କହିଛନ୍ତି।


ନିହାର ରଞ୍ଜନ ବେହେରା ବିକାଶ ପରିଷଦ ଅଧକ୍ଷ ସୁବାଷ ଚୌହାନଙ୍କୁ ଦାବିପତ୍ର ଦେଉଛନ୍ତି।

## ଛତୁ ଚାଷ କର୍ମଶାଳା

ବଙ୍ଗୋମୁଣ୍ଡା, ୧୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅଲଣ୍ଡାର ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ରଣାପଡା ଛତୁ ଉତ୍ପାଦନ କେନ୍ଦ୍ରରେ ଛତୁଚାଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଉଦ୍ୟାନ କୃଷି ଅଧିକାରୀ ଶାରଦା ପ୍ରସାଦ, ଉପଖଣ୍ଡ ଉଦ୍ୟାନ କୃଷି ଅଧିକାରୀ ହିମାଂଶୁ ଶେଖର ସାହୁ, ଶିଶୁ ବିକାଶ ପ୍ରକଳ୍ପ କ୍ଷେତ୍ର ପରିଦର୍ଶିକା ରନ୍ତିମଣି ବରାଳ, ମିଶନ ଶକ୍ତି ବ୍ଲକ ସଂଯୋଜକ ଘଣ୍ଟ ଦୀପ, କେନ୍ଦ୍ରୀୟ ଜୀବିକା ମିଶନ ଛତୁଚାଷ ସହାୟତା କରୁଥିବା ସାମାଜିକ ଅନୁଷ୍ଠାନ ପକ୍ଷରୁ ବିଏଲସି ବିଦ୍ୟାଧର ସାହୁ, ବଙ୍ଗୋମୁଣ୍ଡା ଉଦ୍ୟାନ ବିଭାଗ ଅଧିକାରୀ ବିମଳ କୁମାର ନାୟକ ଉପସ୍ଥିତ ଥିଲେ। ଛତୁଚାଷ ଅଧିକରୁ ଅଧିକ କରି ସ୍ୱାବଲମ୍ବୀ ହେବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ର ପରିଦର୍ଶିକା ଜ୍ୟୋସ୍ନାମୟୀ ତାଣ୍ଡି, ଟିକେଶ୍ୱରୀ ସରାଫ, ଦୀପକ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ସଙ୍ଗୀତା ରଣାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି କର୍ମଶାଳାରେ ସମ୍ପାଦିକା କୌଶଲ୍ୟା ଛତ୍ରିଆ, କୋଷାଧ୍ୟକ୍ଷ ଫୁଲମତି ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ ପରିଷଦ ବୈଠକ

## ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କଲେ ବିଧାୟକ

ବଙ୍ଗୋମୁଣ୍ଡା, ୧୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଭାଗୃହରେ କଣ୍ଟାବାଞ୍ଜି ବିଧାନ ସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ପରିଷଦ ବୈଠକ ବୁଧବାର ବିଧାୟକ ସଂନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ପ୍ରକଳ୍ପ ନର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ଟିଟିଲାଗଡ ଉପଜିଲାପାଳ ସୁଧାକର ନାଏକ ଉପସ୍ଥିତ ଥିଲେ। ଗତ ତିନିମାସ ମଧ୍ୟରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଙ୍ଗୋମୁଣ୍ଡା, ମୁରିବାହାଲ ଓ ତୁରେକେଲା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ ବିଧାୟକ। ବୈଠକରେ ମୁରିବାହାଲ ପଞ୍ଚାୟତ ସମିତିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯରେ ଅନିୟମିତତା ହୋଇଥିବା ଏପରିକି କେତେକ ପୁରୁଣା କାର୍ଯ୍ୟ ଦେଖାଇ ନୂଆ ବିଲ୍ ହୋଇଥିବା ନେଇ ବିଡିଓଙ୍କୁ ପ୍ରଶ୍ନ କରିଥିଲେ ବିଧାୟକ। ପୁରୁଣା ନଳକୂପରେ ନୂଆ ସୋଲାର ଲାଇଟ ଲଗାଇ ବିଲ୍ ଉଠା ଯାଉଥିବା ନେଇ ସେ ଅଭିଯୋଗ ଆଣିଥିଲେ। ତିନୋଟି ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳ ଓ ପରିମଳ, ବିଦ୍ୟୁତ୍ ବିଭାଗର କାର୍ଯ୍ୟ ଅଗ୍ରଗତିର ସେ ସମୀକ୍ଷା କରିଥିଲେ। ଏହି ବୈଠକରେ ପଞ୍ଚାୟତିରାଜ, ଜନମଙ୍ଗଳ, ସାମାଜିକ, ପ୍ରଣୀଧନ, କୃଷି, ସମ୍ମନିତ ଶିଶୁ ବିକାଶ, ଖାଦ୍ୟ ସୁରକ୍ଷା, ଅବକାରୀ, ପୋଲିସ, ଉନ୍ନୟନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ବିଡିଓ ଦୀକ୍ଷିଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ସମୀକ୍ଷା ବୈଠକରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ପ୍ରଶାସନିକ ଅଧିକାରୀ ।

## ସମ୍ପନ୍ନ ହେଲା ଦୁଇ ସ୍କୁଲର ବାର୍ଷିକ କ୍ରୀଡ଼ା

ଦେଓଗାଁ,୧୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଚୋରମରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବୁଧବାର ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସୁଶାନ୍ତ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାରସମାଲ ସରପଞ୍ଚ କୁମୁଦିନୀ ବାଗ ଓ ମୁଖ୍ୟବକ୍ତାଭାବେ ସିଆରସିସି ଅରବିନ୍ଦ ପଧାନ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ନାରାୟଣ ବାଗ, ଦିଲୀପ କୁମାର ପଧାନ, ରାଜା କରନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସଦର ବ୍ଲକ କୁଡାସିଂହା ପର୍ଶୁରାମ ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଲିପ କୁମାର ଯୋଷୀଙ୍କ ଅଧକ୍ଷତା ତଥା ଶିକ୍ଷକ ଅଜୟ କୁମାର ଦର୍ଜିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଚାପଧାରୀ ବଗର୍ତ୍ତି, ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସଭାପତି ସୁଶୀଲ କୁମାର ଝାଙ୍କର, ହରେକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବାଳିକା ବିଭାଗରେ ଉପାସିନୀ ହରପାଲ ଓ ବାଳକ ବିଭାଗରେ ଡୋଳାମଣି ପୁଟେଲ ଚାମ୍ପିୟନ ହୋଇଥିଲେ ।



ଚୋରମରାରେ ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ଅବସରରେ ଛାତ୍ରୀଛାତ୍ର, ଅତିଥିବୃନ୍ଦ ।

### ଖଲିଆପାଲିରେ କ୍ଷମତା ଏକ୍ସପ୍ରେସ ଶିବିର

ସୋନପୁର,୧୮।୧୨(ନି.ପ୍ର.)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୋନପୁର ବ୍ଲକର ଖଲିଆପାଲିରେ କ୍ଷମତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ବ୍ଲକ ଉପାଧକ୍ଷା ମାଧବୀଲତା କୁଅଁର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ, କନିଷ୍ଠ ସହାୟକ ଅମରଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଚିନିକଳ ପୁନଃ ଚାଲୁ ଦାବି କଲା ଭିଲେଜର୍ସ ଇଣ୍ଡିଆ ପାର୍ଟି

ଦେଓଗାଁ,୧୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ସାଗରପାଲି ନିକଟରେ ବନ୍ଦ ପଡିଥିବା ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଚିନିକଳର ପୁନଃ ଚାଲୁପାଇଁ ଦାବି କରିଛି ଭିଲେଜର୍ସ ଇଣ୍ଡିଆ ପାର୍ଟି । ସଂଗଠନ ପକ୍ଷରୁ ଆସନ୍ତା ୨୩ ତାରିଖରେ ଚିନିକଳ ସମ୍ମୁଖରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଏକ ପ୍ରେସ୍‌ବିବୃତିରେ ପାର୍ଟିର ଅଧକ୍ଷ ଡ.ବିପିନ କୁଶଲିଆ, ଆଦିବାସୀ ଅଧିକାର ମହାସଂଘ ଅଧକ୍ଷ ଦ୍ୱିଜ ଦଳପତି ସୂଚନା ଦେଇଛନ୍ତି । ସଂଗଠନର ଦାବି ଅନୁସାରେ ଉକ୍ତ ଚିନିକଳ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବଲାଙ୍ଗୀର, ସୁବର୍ଣ୍ଣପୁର ବୌଦ୍ଧ, କଳାହାଣ୍ଡି ଓ ନୂଆପଡା ଜିଲାର ୧୦ହଜାର କର୍ମନିଯୁକ୍ତି, ୭ହଜାରରୁ ଉର୍ଦ୍ଧ୍ୱ ଆଖୁଚାଷୀ ଲାଭବାନ ହେଉଥିଲେ। ଗତ ୭ବର୍ଷ ହେଲା ଏହା ବନ୍ଦ ପଡିବାରୁ ଲୋକେ ହାହୁତାଶ ମଧ୍ୟରେ ଦିନ କାଟୁଛନ୍ତି। ପୁନଃଚାଲୁ ନେଇ ବିଭିନ୍ନ ସମୟରେ ଦଳମତ ନିର୍ବିଶେଷରେ ଦାବି ହୋଇଆସୁଥିବା ବେଳେ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ନଭେମ୍ବର ୧୧ ତାରିଖରେ ପାର୍ଟି ତରଫରୁ ଚିନିକଳ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଏମ ଶତଦଳ ମିଶ୍ରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଅଦ୍ୟାବଧି କୌଣସି ପଦକ୍ଷେପ ଆରମ୍ଭ ହୋଇ ନ ଥିବାରୁ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସଂଗଠନ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

ଅର୍ଜୁଣ୍ଡା ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁମେଳା

## ଅଂଶଗ୍ରହଣ କଲେ ୨୦୦ ଛାତ୍ରୀଛାତ୍ର

ବଲାଙ୍ଗୀର ଅଫିସ/ପୁଇଁତଲା, ୧୮।୧୨ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅର୍ଜୁଣ୍ଡା ହାଇସ୍କୁଲରେ ଓଷ୍ଟା ତରଫରୁ ବ୍ଲକ୍‌ସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଛି। ଓଷ୍ଟା ବ୍ଲକ ଉପସଭାପତି ରଞ୍ଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଇଓ ନେପାଳ ଚନ୍ଦ୍ର ବାଗ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ନାରାୟଣ ମିଶ୍ର ଯୋଗଦେଇଥିଲେ । ଓଷ୍ଟା ପୁଇଁତଲା ବ୍ଲକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମେହେର ଶିଶୁମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଧନୁର୍ଦ୍ଧର ସାହୁ, ସ୍କୁଲ ପରିଚାଳନା ସଭାପତି ରାଜେନ୍ଦ୍ର ବିଜୟ ସାହୁ, ମହନ୍ତ ରାମନାରାୟଣ ପଣ୍ଡା ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୨୬ଟି ଉଚ୍ଚବିଦ୍ୟାଳୟରୁ ୨୦୦ ଜଣ ଛାତ୍ରୀଛାତ୍ରୀ ଯୋଗଦେଇଥିଲେ । ତର୍କ ପ୍ରତିଯୋଗିତାରେ ଅଙ୍କିତା ପଧାନ ପ୍ରଥମ, କଣ୍ଠ ସଙ୍ଗୀତରେ ଦିବ୍ୟକାନ୍ତ କୁମ୍ଭାର ପ୍ରଥମ ଓ ଚିତ୍ରାଙ୍କନରେ ବିବେକ ଛତ୍ରିଆ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କବିତା ଆବୃତ୍ତିରେ ସ୍ନିଗ୍ଧା ଡାଙ୍ଗ ପ୍ରଥମ, ଗଳ୍ପ ଲିଖନରେ ଇତି ମହାକୁର ପ୍ରଥମ ଓ କବିତା ଲିଖନରେ ଅଙ୍କିତ ରଣା ପ୍ରଥମ ହୋଇଥିଲେ । ସେହିପରି ଏକକ ଅଭିନୟରେ ହେମନ୍ତ ବଗର୍ତ୍ତି ପ୍ରଥମ, ଏକକ ନୃତ୍ୟରେ କଳ୍ପନା ମୁନା ପ୍ରଥମ ଓ ସାଧାରଣ ଜ୍ଞାନରେ ଫିରୋଜ ସ୍ୱାଇଁ ପ୍ରଥମ ହୋଇଥିଲେ। କୁଇଜରେ ମୁକେଶ ମହାକୁର ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ । ଅପରାହ୍ଣରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଯୋଗଦେଇଥିଲେ । ଓଷ୍ଟା ବ୍ଲକ ସଭାପତି ଚିତ୍ତରଞ୍ଜନ ପୁରୋହିତ, ପୀତବାସ ନାଏକ, ସମିତି ସଭ୍ୟ ଦଶରଥ କ୍ଷେତୀ ମଞ୍ଚାସୀନ ହୋଇଥିଲେ। ଉଭୟ ଅଧିବେଶନ କାର୍ଯ୍ୟକ୍ରମକୁ ଶିକ୍ଷକ ନାରାରୟଣ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ରଞ୍ଜିତ ମିଶ୍ର ଧନ୍ୟବାଦ ଦେଇଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୨୨ତାରିଖି ବଲାଙ୍ଗୀର ପିପି ଏକାଡେମୀଠାରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ମେଳାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଇତିଶ୍ରୀ ଦାଶ, ଶ୍ରଦ୍ଧାଞ୍ଜଳି ପୃଷ୍ଟି, କବିତା ପୁରୋହିତ, ପ୍ରଦୀପ ରାଉତ, ଅରବିନ୍ଦ ପ୍ରଧାନ, ମିତ୍ରଭାନୁ ପ୍ରଧାନ, କୃଷ୍ଣ ବଘାର, ପ୍ରଦୀପ ରାଉତ, ସୀତାକାନ୍ତ ବାଗ, ସୁଶୀଲ ମହଲା, ଗୌଡିଆ କଲତା, ରବୀନ୍ଦ୍ର ବରାଡ, ସୁରେନ ନାଏକ, ଶ୍ରୀପତି ବାଗ, ଆନନ୍ଦ ପାଣିଗ୍ରାହୀ, ସୁରେଶ କର୍ଣ୍ଣ ତଥା ଗାଇଡ୍ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।


ପୁଇଁତଲା ବ୍ଲକସ୍ତରୀୟ ଶିଶୁ ମେଳାରେ ପୁରସ୍କୃତ ଛାତ୍ରୀଛାତ୍ର ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ପୂର୍ବତନ କଂଗ୍ରେସ ଜିଲା ସଭାପତି ହାଇଦରଙ୍କ ଦେହାନ୍ତ

**ଭବାନୀପାଟଣା,୧୮।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ସହର କଂଗ୍ରେସର ପୂର୍ବତନ ଜିଲା ସଭାପତି ହାଇଦର ଅଲ୍ଲୀ (୭୨)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗତ ୧୭ ତାରିଖ ମଧାହ୍ନରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୨ଟା ୪୫ ମିନିଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ଅଲ୍ଲୀ ୧୦ ବର୍ଷ ଜିଲା କଂଗ୍ରେସ ସଭାପତି ଥିବା ବେଳେ ଅନେକ ବର୍ଷ ଧରି ଜିଲା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିରୋଗରେ ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ରାସ ବିହାରୀ ବେହେରା, ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ବିଧାୟକ କୁମରମଣି ଶବର, ଯୁଗରାମ ବେହେରା, ପୂର୍ବତନ କଂଗ୍ରେସ ଜିଲା ସଭାପତି ଜୟଦେବ ନାଏକ, ନର୍ଲା ବିଧାୟକ ଭୂପିନ୍ଦର ସିଂ, ପର୍ଶୁ ପାଢ଼ୀ, ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା ତଥା ବିଭିନ୍ନ ରାଜନୈତିକ ଦଳର ନେତାମାନେ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବୁଧବାର ସ୍ଥାନୀୟ କୋର୍ଟ ପରିସରରେ ଓକିଲ ସଂଘ ଦ୍ୱାରା ଏକ ଶୋକ ସଭାର ଆୟୋଜନ ହୋଇଥିଲା।

### କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ପଲମ,୧୮।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ କମ୍ପ୍ୟୁଟର କେନ୍ଦ୍ରଠାରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ଜୟଦୁର୍ଗା ସ୍ପୋର୍ଟ୍ସ କ୍ଲବ ସର୍ଗିଗୁଡାର ମିଳିତ ସହଯୋଗରେ ୩ ମାସିଆ କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନର୍ଲା ଥାନା ଭାରପ୍ରାପ୍ତ ଅଧିକାରୀ ରମଣୀ ରଜ ଦଲେଇ, ସମ୍ମାନିତ ଅତିଥି ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଜିଲା ଯୁବ ସଂଯୋଜକ ପ୍ରଶନ୍ନ ମେହେର, ଲେଖାପାଳ ଦ୍ୱିତିଆ ବନଛୋର, ନର୍ଲା ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର ସସ୍ମିତା ହୋତା, ଗ୍ରାମପଞ୍ଚାୟତ ଏକଜ୍ୟୁକେଟିଭ ଅଫିସର ଖିତିଶ ନାଏକ, ନିମସ୍ କମ୍ପ୍ୟୁଟର କେନ୍ଦ୍ର ମୁଖ୍ୟ ରାଜେନ୍ଦ୍ର ପୂଜାରୀ ପ୍ରମୁଖ ଯୋଗଦେଇଥିଲେ। ବ୍ଲକରୁ ୩୦ଜଣ ଶିକ୍ଷାର୍ଥୀ ଯୋଗଦେଇଥିଲେ। ମିଳନ କୁମାର ଭୋଇ, ଉତ୍କଳିକା ସାହୁ, ବ୍ଲକ୍ ବିଜୁ ବାହିନୀ ଯୁବ ସଂଯୋଜକ ହେମସାଗର ସାହୁ ଏବଂ ଅନୁଷ୍ଠାନ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ପାଷ୍ଟିକୁଡି-ଦାଦପୁର-ଦେପୁର ରାସ୍ତା ମରାମତି ଦାବି

# ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ

**ଭବାନୀପାଟଣା,୧୮।୧୨ (ଡି.ଏନ.ଏ.)**

**୩୨ ଜଣଙ୍କୁ ପୋଲିସ ଅଟକ ରଖିଛି**



ଶତାଧିକ ଗ୍ରାମବାସୀ ଦାଦପୁର ଛକରେ ରାସ୍ତାରୋକୋ କରିଛନ୍ତି ।

ଭବାନୀପାଟଣା ସଦର ବ୍ଲକ ପୂର୍ତ୍ତ ବିଭାଗ ଅଧୀନରେ ଥିବା ପାଷ୍ଟିଗୁଡ଼ି-ଦାଦପୁର-ଦେପୁର ରାସ୍ତାର ମରାମତି ଦାବି କରି ବୁଧବାର ଦାଦପୁର ପଞ୍ଚାୟତବାସୀ ଦାଦପୁର ଛକ ନିକଟରେ ରାସ୍ତାରୋକୋ ଆନ୍ଦୋଳନ କରିଛନ୍ତି। ଫଳରେ ଦୁଇ ପାର୍ଶ୍ୱରେ ଶତାଧିକ ଯାନାବାହନ ଅଟକ ରହିବା ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି । ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଭାରୀଯାନଗୁଡ଼ିକ ଦୃତଗତିରେ ଯିବା ଆସିବା କରୁଛି। ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ହେବା ସହ ଧୂଳି ଉଡି ପରିବେଶ ପ୍ରଦୂଶଣ ହେଉଛି। ଲୋକମାନେ ପ୍ରବଳ ଧୂଳି ଯୋଗୁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏପରିକି ଧୂଳି ଯୋଗୁ ନିକଟରେ ଥିବା ବାସଗୃହ, ଚାଷଜମି, ବିଦ୍ୟାଳୟ, ଦୋକାନ ଗୃହଗୁଡ଼ିକ ଧୂଳିରେ ପୋତି ହୋଇପଡୁଛି। ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଦାଦପୁର ପଞ୍ଚାୟତବାସୀ ଉକ୍ତ ରାସ୍ତା ମରାମତି ଓ ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ ପୂର୍ତ୍ତ ବିଭାଗ ଗୁରୁତ୍ୱ ଦେଉନାହାନ୍ତି। ଏହି ରାସ୍ତା ପାଇଁ ଟେଣ୍ଡର ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଉକ୍ତ ରାସ୍ତାର କାମ ଆରମ୍ଭ ହୋଇପାରିଲା ନାହିଁ। ଏହାର ପ୍ରତିବାଦରେ ବୁଧବାର ସକାଳ ୮ଟାରୁ ଦାଦପୁର ପଞ୍ଚାୟତ ଅଧୀନରେ ଥିବା ଗ୍ରାମବାସୀ ଟିକେଲାଲ ସାହୁ, ଭିକାରୀ ଚରଣ ଦାଶ, ଅକ୍ଷୟ କୁମାର ଦାଶ, ରାଧେଶ୍ୟାମ ବାରିକ, ଗୁଣନିଧି ଭୋଇ, ସ୍ଥାନୀୟ ସରପଞ୍ଚ ଶଙ୍କର ହରିଜନ, ସମିତି ସଭ୍ୟ ଦିଲୀପ ହିଆଲ, ସୁରେନ୍ଦ୍ର ବାଗ, ବୁଦ୍ଧରାଜ ସିଂହ, ସରତ୍ ପ୍ରଧାନ, କିଶୋର ପ୍ରଧାନ, ଗୁଡ୍ଡୁ ମିସ୍ତ୍ରୀ ଓ ମଙ୍ଗୁଲୁ ପ୍ରଦାନଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଦାଦପୁର ଛକର ମୁଖ୍ୟ ରାସ୍ତା ଉପରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ରାସ୍ତାରୋକୋ ଆନ୍ଦୋଳନ କରିଛନ୍ତି। ଫଳରେ ରାସ୍ତାର ଦୁଇ ପାଶ୍ୱରେ ଶତାଧିକ ଯାନ ବାହାନ ଅଟକ ରହିବା ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳୁଛି। ରାସ୍ତାରୋକୋ ଯୋଗୁ ୩୨ଜଣଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡ଼ିଛି।

# ଜାରିଙ୍ଗଠାରେ ଜୁନାଗଡ଼ ପ୍ରେସ୍ କ୍ଲବର ବୈଠକ

**ଜୁନାଗଡ,୧୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଜାରିଙ୍ଗ ନିକଟସ୍ଥ ବନଜାରୀ ମନ୍ଦିର ପ୍ରାଙ୍ଗଣରେ ଜୁନାଗଡ ପ୍ରେସ କ୍ଲବ ପକ୍ଷରୁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଗେଶ୍ୱର ଧଙ୍ଗଡାମାଝିଙ୍କ ଅଧକ୍ଷତାରେ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଗରିବ ଲୋକଙ୍କ ସେବାରେ ବ୍ରତୀ ସାଜିଥିବା ଚତୁର୍ଥସ୍ତମ୍ଭ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁ ଏବେ ଅବହେଳିତ ଅବସ୍ଥାରେ ରହିଛି। ବର୍ତ୍ତମାନ ଗଣମାଧମ ପ୍ରତିନିଧିମାନେ ନିଜକୁ ଅସୁରକ୍ଷିତ ମନେ କରୁଛି। ଚତୁର୍ଥ ସ୍ତମ୍ଭ ଯୋଗୁ ବହୁ ଗୁମର ଫିଟୁଥିବା ବେଳେ ଖବରଦାତାମାନେ ଖଳ ପ୍ରକୃତିର ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ତେଣୁ ଗଣମାଧମ ପ୍ରତିନିଧିଙ୍କୁ ସୁରକ୍ଷା ଦେବା, ଖବର ସଂଗ୍ରହ ସମୟରେ ମୃତ୍ୟୁ ହେଲେ ଉକ୍ତ ପରିବାରକୁ ସହାୟତାର ହାତ ବଢାଇବା, ଖବରଦାତାଙ୍କୁ ପେନସନ ଲାଗୁ କରିବା ଆଦି ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୨୦୨୦ ପାଇଁ ଏକ କମିଟି ଗଠନ କରାଯାଇ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ରଜନୀକାନ୍ତ ବୈଠାରୁ, ଉପସଭାପତି ଉତ୍ତମ କୁମାର ଦାଶ, ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବରାଡ, ସହସମ୍ପାଦକ ଦୁଷ୍ମନ୍ତ ନାଏକ, କୋଷାଧକ୍ଷ ରାକେଶ ବେମାଲ ପ୍ରମୁଖ ମନୋନୀତ ହୋଇଥିଲେ।

ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଅନ୍ତରାମ ନାଗ, ଗୌରହରି ବାଗ, ଖଗେଶ୍ୱର ଧଙ୍ଗଡାମାଝି, ସୁନ୍ଦର ମୋହନ ଛତ୍ରିଆ, ଚନ୍ଦ୍ର ଶେଖର ବାଣୁଆ, ସଞ୍ଜୀବ କୁମାର ଦାଶ, ପ୍ରଦୀପ ପଟ୍ଟନାୟକ, ଉପଦେଷ୍ଟା ଭାବେ କୁଞ୍ଜ ପ୍ରସାଦ ସାହୁ, ଆଦିତ୍ୟ ପ୍ରସାଦ ମହାନ୍ତି, ଫିରୋଜ ବାରିକ ପ୍ରମୁଖ ମନୋନୀତ ହୋଇଥିଲେ। ବୈଠକରେ କୁମରମଣି ଦୁର୍ଗା ସଭା ପରିଚାଳନା କରିଥିବାବେଳେ ମନୋଜ ଧଙ୍ଗଡାମାଝି ଧନ୍ୟବାଦ ଦେଇଥିଲେ।

# ଘର ତିଆରି କର, ପୁରସ୍କାର ନିଅ

■ ଘୋଷଣା କଲେ ଲାଞ୍ଜିଗଡ଼ ବିଡିଓ

**ଲାଞ୍ଜିଗଡ଼,୧୮।୧୨ (ଡି.ଏନ.ଏ.)**


ବିଡିଓ ଜିତେନ୍ଦ୍ର କୁମାର ମିଶ୍ର।

ବ୍ଲକରେ ଯୋଗ ଦେବା ପରଠାରୁ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ନେଇ ଲୋକଙ୍କ ନିକଟତର ହେବା ସହିତ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ତୁରନ୍ତ ସହାୟତା ଦେଇ ଚର୍ଚ୍ଚାର ପରିସରକୁ ଆସିଥିବା ଯୁବ ପ୍ରଶାସନିକ ଅଧିକାରୀ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଏବେ ଆଉ ଏକ ଘୋଷଣା କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି । ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂରେଇବାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ନିଜ ପକେଟ୍‌ରୁ ପଚାଶ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା ଭଳି ବିଡିଓ ମିଶ୍ର ସରକାରୀ ଯୋଜନାରେ ପାରଦର୍ଶିତା ତଥା କ୍ରିୟାଶୀଳତା ଆଣିବାକୁ ଯାଇ ନିଜ ଦଶ ଦିନର ଦରମା ଦେବା ସହିତ ପାଞ୍ଚ -ପାଞ୍ଚ ହଜାର ଟଙ୍କାର ଦୁଇଟି ପୁରସ୍କାର ଘୋଷଣା କରିଛନ୍ତି। ଏବେ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମୀଣ ଗୃହ ନିର୍ମାଣକୁ ପ୍ରାଥମିକତା ଦିଆଯାଉଥିବାବେଳେ ଆଗାମୀ ଜାନୁୟାରୀ ଶେଷ ସୁଦ୍ଧା ଏଥିରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟେଗ୍ ଅଫିସରଙ୍କୁ ବିଡିଓ ମିଶ୍ର ନିଜ ଦଶ ଦିନର ଦରମା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତ। ସେହିପରି ଏବେ କାର୍ଯ୍ୟାଦେଶ ପାଇଥିବା ବ୍ଲକର ସମସ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ ଯାହାର ଘର ସବୁଠୁ ସୁନ୍ଦର ଓ ଆକର୍ଷଣୀୟ ହୋଇଥିବ ସେଇ ହିତାଧିକାରୀଙ୍କୁ ପାଞ୍ଚ ହଜାର ଓ ଗ୍ରାମୀଣ ଗୃହ ନିର୍ମାଣରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଗ୍ରାମପଞ୍ଚାୟତକୁ ମଧ ନିଜ ହାତରୁ ପାଞ୍ଚ ହଜାର ଟଙ୍କା ପୁରସ୍କାର ରାଶି ଦେବାକୁ ମିଶ୍ର ଘୋଷଣା କରିଛନ୍ତି । ଏପରି ହେଲେ ବ୍ଲକରେ ଟେଗ୍ ଅଫିସର ଭାବେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀ, ଜିପିଟିଏ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ଓ ଯୋଗାଣ ସହାୟକ ତଥା ଗୃହ ନିର୍ମାଣ କରୁଥିବା ହିତାଧିକାରୀ ଓ ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ଉତ୍ସାହିତ ହେବେ ବୋଲି ସେ କହିଛନ୍ତି। ବିଡିଓଙ୍କ ଘୋଷଣା ପରେ ଅଫିସର, ପଞ୍ଚାୟତ କର୍ତ୍ତୃପକ୍ଷ ଓ ହିତାଧିକାରୀମାନେ ଚଳଚଞ୍ଚଳ ହୋଇ ପଡିଥିବା ଲକ୍ଷ୍ୟ କରାଯାଇଛି ।

## ଆମପାଣି ସାପ୍ତାହିକ ହାଟକୁ ପଞ୍ଚାୟତକୁ ହସ୍ତାନ୍ତର ଦାବି

**କୋକସରା,୧୮।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତଠାରେ ପ୍ରତି ଶନିବାର ବସୁଥିବା ସାପ୍ତାହିକ ହାଟ ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟିଦ୍ୱାରା ପରିଚାଳନା ହେଉଛି। ନିୟନ୍ତ୍ରିତ ବଜାର କମିଟି ବାର୍ଷିକ ମାତ୍ର ୨୮.୫୫ ଟଙ୍କା ପଞ୍ଚାୟତକୁ ଦେଉଥିବା ବେଳେ ଅଞ୍ଚଳରେ ଏହା ଏକ ବଡ ହାଟ । ଏଥିରେ ଶହଶହ ବ୍ୟବସାୟୀ ଆସି ବ୍ୟବସାୟ କରୁଥିବା ବେଳେ ପ୍ରତି ସାପ୍ତାହିକ ହାଟରେ ପଞ୍ଚାୟତ ରାଜସ୍ୱ ଆଦାୟ ଅତିକମରେ ୫ ହଜାର ଟଙ୍କା ହେବା କଥା। ନିୟନ୍ତ୍ରିତ ବଜାର କମିଟି ବାର୍ଷିକ ୨୮.୫୫ ଟଙ୍କା ପଞ୍ଚାୟତକୁ ଦେଉଥିବାରୁ ପଞ୍ଚାୟତର ଆର୍ଥିକ କ୍ଷତି ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚ, ୱାର୍ଡସଭ୍ୟମାନେ ଏବଂ ଆମପାଣି ସରପଞ୍ଚ ଚିକିଚନ୍ଦ୍ର ଧଙ୍ଗଡାମାଝି କୋକସରାରେ ଜିଲାପାଳଙ୍କ ଜଣଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଗ୍ରାମପଞ୍ଚାୟତକୁ ସାପ୍ତାହିକ ବଜାର ହସ୍ତାନ୍ତର ପାଇଁ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ଜାରି ହୋଇଥିବା ସ୍ଥଳେ ନିୟନ୍ତ୍ରିତ ବଜାର କମିଟି ସାପ୍ତାହିକ ବଜାରକୁ ଆଜି ଯାଏଁ ହସ୍ତାନ୍ତର କରି ନାହିଁ। ଏ ନେଇ ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅଇଲ କୁମାର ରାଉତଙ୍କୁ ପଚାରିବାରୁ ଯଦି ଅଭିଯୋଗ ହୋଇଛି। ଆଗକୁ ଜିଲାପାଳ କିମ୍ବା ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦେଲେ ସାପ୍ତାହିକ ବଜାରକୁ ପଞ୍ଚାୟତକୁ ହସ୍ତାନ୍ତର କରିହେବ ବୋଲି କହିଛନ୍ତି ।

■ ଦ୍ୱାଦଶତମ ଜନଜାତି ସାଂସ୍କୃତିକ ଯୁବ ବିନିମୟ କାର୍ଯ୍ୟକ୍ରମ

# କଳାହାଣ୍ଡିର ୩୦ ଜଣିଆ ଯୁବଦଳଙ୍କ ଜୟପୁର ଯାତ୍ରା

**ଭବାନୀପାଟଣା,୧୮।୧୨ (ଡି.ଏନ.ଏ.)**

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଓ ଯୁବ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ଓ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡିର ମିଳିତ ଉଦ୍ୟମକ୍ରମେ ରାଜସ୍ଥାନର ଜୟପୁରଠାରେ ହେବାକୁ ଥିବା ୧୨ତମ ଜନଜାତି ସାଂସ୍କୃତିକ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଭବାନୀପାଟଣାଠାରୁ ଏକ ୩୦ ଜଣିଆ ଦଳ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଯୁବ ଦଳରେ ୧୩ ଯୁବତୀ ଓ ୧୭ ଯୁବକ ସାମିଲ ହୋଇଛନ୍ତି। ସେମାନଙ୍କ ନେତୃତ୍ୱ ନେବା ପାଇଁ ୬୪ ବାଟାଲିୟନ୍‌ର ଅନ୍ୟତମ ଅଧିକାରୀ ଦିଲୀପ ସିଂ, ଭବାନୀପାଟଣାର ସନ୍ତୋଷ କୁମାର ସାହୁ ଓ ନେହେରୁ ଯୁବ ସଂଘ କଳାହାଣ୍ଡି ଦ୍ୱାରା ମନୋନୀତ ମାଧୁରିଲତା ମାଝି ମଧ ଯାତ୍ରା କରିଛନ୍ତି । ଜିଲାର କଳା, ସଂସ୍କୃତି, ଲୋକକଳାର ପ୍ରଦର୍ଶନ ସହିତ ସେ ରାଜ୍ୟର ପ୍ରାକୃତିକ ବିଭବ ଏମାନେ ପରିଦର୍ଶନ କରିବେ ଏବଂ ଆମ ରାଜ୍ୟର ଲୋକ କଳା ପ୍ରଦର୍ଶନ କରିବେ । ଗତ ମଙ୍ଗଳବାର ସନ୍ଧ୍ୟାରେ ଭବାନୀପାଟଣାସ୍ଥିତ ୬୪ ବାଟାଲିୟନ୍ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ ପକ୍ଷରୁ ସେକେଣ୍ଡଇନ୍ କମାଣ୍ଡାଣ୍ଟ ଶିଭମ୍ କୁମାର ଓ କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ପ୍ରସନ୍ନ ମେହେର ପ୍ରମୁଖ ଏହି ଯୁବଦଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଶିଭମ୍ କୁମାର ଏହି ଦଳର ସମସ୍ତଙ୍କୁ ଯୁବ ବିନିମୟ କାର୍ଯ୍ୟ ସମ୍ପର୍କ ଉଦ୍ଦେଶ୍ୟ ଓ ଯାତ୍ରାକାଳୀନ ସୁରକ୍ଷା ସମ୍ପର୍କରେ ବିଭିନ୍ନ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡିର ଲେଖାପାଳ ଦ୍ୱିତୀୟା ବନ୍‌ଛୋର, ୬୪ ବାଟାଲିୟନ୍‌ର ଅନ୍ୟାନ୍ୟ କର୍ମକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ଶିଭମ କୁମାର ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିବା ସହ ଯୁବ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଏହି ୧୨ତମ ଜନଜାତି ଯୁବ ବିନିମୟ ଶିବିରରେ ଦେଶର ୭ଟି ରାଜ୍ୟ ଯୁବତୀଯୁବକମାନଙ୍କୁ ଯୋଗଦେବେ ବୋଲି ଜଣାପଡିଛି। ବୁଧବାର ଭୋରରୁ ଏହି ଦଳ କେସିଙ୍ଗା ଷ୍ଟେଶନରୁ ସମ୍ବଲପୁର ଯାଇ ସେଠାରୁ ସିଧାସଳଖ ଜୟପୁରଠାରେ ପହଞ୍ଚିଲେ ବୋଲି କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ମେହେର ପ୍ରକାଶ କରିଛନ୍ତି।



ଦ୍ୱାଦଶତମ ଜନଜାତି ସାଂସ୍କୃତିକ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ଯୁବତୀଯୁବକମାନେ ।

# ଆମ ପୋଲିସ ଜନସମ୍ପର୍କ ସଚେତନତା କାର୍ଯ୍ୟକ୍ରମ

**ଲାଞ୍ଜିଗଡ,୧୮।୧୨ (ଡି.ଏନ.ଏ.)**


ଲାଞ୍ଜିଗଡ଼ ପୋଲିସ ପକ୍ଷରୁ ଅନୁଷ୍ଠିତ ଆମ ପୋଲିସ ଜନସମ୍ପର୍କ ସଚେତନତା କାର୍ଯ୍ୟକ୍ରମ ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ପୋଲିସ ପକ୍ଷରୁ ଆମ ପୋଲିସ ଜନସମ୍ପର୍କ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ଥାନା ଆଇଆଇସି ସତ୍ୟ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧକ୍ଷା ତୁଳସି ନାଏକ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସୁଶ୍ରୀ ମଣି ମାଝି, ନିରଞ୍ଜନ ଆଚାର୍ଯ୍ୟ, ଉଦୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଲାଞ୍ଜିଗଡ ପୋଲିସ ପକ୍ଷରୁ ମୋ ସରକାରଙ୍କ ନିୟମ କେମିତି ଲୋକଙ୍କ ପାଖରେ ପହଞ୍ଚି ପାରିବ ଓ ଲୋକେ ଉପକୃତ ହେବେ ସେହି ବିଷୟରେ ଅବଗତ କରାଇଥିଲେ। ଏଥିରେ ପୋଲିସ ଏବଂ ଜନତାଙ୍କ ମଧରେ କିଭଳି ସୁସମ୍ପର୍କ ରହିବ ଓ ଅଞ୍ଚଳରେ ଆଇନଶୃଙ୍ଖଳା ଠିକ୍ ରହିବ ସେ ବିଷୟରେ ଲାଞ୍ଜିଗଡ ଥାନାଧିକାରୀ ଲୋକଙ୍କୁ ବୁଝାଇଥିଲେ। ଆମ ପୋଲିସର ସଚେତନା କାର୍ଯ୍ୟକ୍ରମରେ ଗ୍ରାମର ଜନସାଧାରଣଙ୍କ ଉପସ୍ଥିତରେ ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ଦିନରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଅଜଣା, ଅସାମାଜିକ ବ୍ୟକ୍ତି, ବେଆଇନ ମଦ କାରବାର ଓ ମହୁଆ ବିଷୟରେ, ବଜାରରେ ଓ ଗ୍ରାମରେ ହେଉଥିବା ଚୋରି, ଡକାୟତି, ସଟ୍ଟାଖେଳ, ଜୁଆ ଖେଳ, ଅନ୍ୟ ରାଜ୍ୟକୁ ଝିଅମାନଙ୍କୁ ଚାଲାଣ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏପରିକି ଅନୁସୂଚିତ ଜାତି ଓ ଜନଜାତିଙ୍କ ଏବଂ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା, ଗୁଣିଗାରେଡି ଅନ୍ଧବିଶ୍ୱାସ, ସନ୍ଦିଗ୍ଧ ବ୍ୟକ୍ତି, ଦାଦନ ସମସ୍ୟା, କୌଣସି ବାହାରୁ ଆସି ସାଧାରଣ ଲୋକଙ୍କୁ ଭୁଲାଇ ବାହାର ରାଜ୍ୟକୁ ନ ପାଇଁ ଚେଷ୍ଟା କରିବା, ନାବାଳକ ଓ ନାବାଳିକାମାନଙ୍କୁ ଗୃହକର୍ମରେ ନିୟୋଜିତ କରି ନିର୍ଯ୍ୟାତନା ଦେଉଥିବା ବ୍ୟକ୍ତି ସମ୍ପର୍କରେ ପୋଲିସକୁ ସୂଚନା ଦେବା ଏବଂ କୌଣସି ଅଜଣା ବ୍ୟକ୍ତିଙ୍କ ପାଖରୁ ଫୋନରେ ଏଟିଏମ୍ କିମ୍ବା ବ୍ୟାଙ୍କ୍ ଆକାଉଣ୍ଟ ବନ୍ଦ ହୋଇଯାଇଛି ବୋଲି କଲ୍ କିମ୍ବା ମେସେଜ୍ ଆସିଲେ ଧ୍ୟାନ ଦିଅନ୍ତୁ ନାହି ବୋଲି ପୋଲିସ ଲୋକମାନଙ୍କୁ ବୁଝାଇଥିଲେ। ସେହିପରି ୨୦୧୯ ମୋଟରଯାନ ଆଇନ ବିଷୟରେ ଅବଗତ କଲରାଇବା ସହିତ ମୋଟରସାଇକେଲ ଚାଳକ ମଦ୍ୟପାନ କରି ଗାଡି ଚଳାଇଲେ କୋର୍ଟ ଚାଲାଣ ହେବା ସହିତ ଜରିମାନା ପଡିବ, ଗାଡି ଚଳାଇ ବେଳେ ମୋବାଇଲରେ କଥାବାର୍ତ୍ତା ନ କରିବା, ହେଲମେଟ୍ ବ୍ୟବହାର କରିବା, ରାସ୍ତାର ନିୟମ ମାନି ଗାଡି ଚଳାଇବା ପାଇଁ ଲୋକଙ୍କୁ ସଚେତନା କରାଇଥିଲେ। ଏଥିରେ ଲାଞ୍ଜିଗଡର କାମରାଜ ଦଳବେହେରା, ସୁବାସ ଅଗ୍ରୱାଲ, ତ୍ରିନାଥ ମହାକୁଡ, ସେନାପତି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏସ୍‌ଆଇ ବିପିନ କୁମାର କୁଳଦିପ୍ ପରିଚାଳନା କରିଥିବା ବେଳେ ଏସ୍‌ଆଇ କାଶିନାଥ ପୁଟେଲ ଓ ଥାନା କର୍ମଚାରୀ ସହଯୋଗ କରିଥିଲେ। ଆମ ପୋଲିସ ସଚେତନା କାର୍ଯ୍ୟକ୍ରମ ପ୍ରତ୍ୟେକ ମାସରେ ହେବ ବୋଲି ଆଇଆଇସି ସତ୍ୟ କୁମାର ନନ୍ଦ ପ୍ରକାଶ କରିଛନ୍ତି।

ମଧୁପୁରଠାରେ କ୍ଷମତା ଏକ୍ସପ୍ରେସ୍

# ଚିହ୍ନଟ ହେଲେ ୧୧୨ ରୋଗୀ

**ଲାଞ୍ଜିଗଡ଼,୧୮।୧୨ (ଡି.ଏନ.ଏ.)**

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଭିନ୍ନକ୍ଷମ ଚିହ୍ନଟ ଓ ନିରୁପଣ, ଛାତ୍ରବୃତ୍ତି ସମ୍ବନ୍ଧୀୟ ପରାମର୍ଶ, ଭିନ୍ନକ୍ଷମମାନଙ୍କ ପାଇଁ ସହାୟକ ଉପକରଣ, ବିବାହ ପ୍ରୋତ୍ସାହନ, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ତଥା ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ମାର୍ଗଦର୍ଶନ ଆଦି ବହୁବିଧ କାର୍ଯ୍ୟକ୍ରମ ପାଇଁ କ୍ଷମତା ଏକ୍ସପ୍ରେସ୍ ଆରମ୍ଭ କରାଯାଇଛି । କ୍ଷମତା ଏକ୍ସପ୍ରେସ୍ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ଏହି ବର୍ଗର ଲୋକଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ପରାମର୍ଶ ଓ ସହାୟତା ଯୋଗାଇ ଆସୁଛି । ଏହି କ୍ରମରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମଧୁପୁରଠାରେ ପ୍ରଥମ ଥର ପାଇଁ କ୍ଷମତା ଏକ୍ସପ୍ରେସ୍ ଆସି ପହଞ୍ଚିଛି। ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସେସର ନିର୍ଦ୍ଦେଶକ ପ୍ରଫେସର ସତ୍ୟନାରାୟଣ ମହାପାତ୍ର, ନଳିନୀପ୍ରଭା ମହାନ୍ତି ଓ ଡା. ରାଜେଶ ସାହୁଙ୍କ ନେତୃତ୍ୱରେ ଡା. ଚିତ୍ତରଞ୍ଜନ ମୁଣ୍ଡ, ମାନସିକ ବିଶେଷଜ୍ଞ ଶୁଭସ୍ମିତା ବେଦମାତା, ଫିଜିଓଥେରାପିଷ୍ଟ ଦେବାଶିଷ ବେହେରା, ଅଡିଓଲୋଜିଷ୍ଟ ଜଗଦୀଶ ସାମଲ, ଚକ୍ଷୁ ବିଶେଷଜ୍ଞ ମନୋଜ କୁମାର ରାଉତ, ସାମାଜିକ କର୍ମୀ ସୁଚିତ୍ରା ଜେନା, ପାର୍ବତୀ ସିଂହ, ରାକେଶ ନାୟକ ପ୍ରମୁଖ ଏଥିରେ ସାମିଲ ହୋଇ ଏହି ବର୍ଗର ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ ଓ ପରାମର୍ଶ ସେବା ପ୍ରଦାନ କରିଥିଲେ। ଏଥିରେ ୧୧୨ଜଣଙ୍କୁ ଚିହ୍ନଟ ଓ ପରାମର୍ଶ ପ୍ରଦାନ କରାଯାଇଥିଲା। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସେସ୍ ତଥା କଳାହାଣ୍ଡି ଜିଲା ଓ ଲାଞ୍ଜିଗଡ ବ୍ଲକ ପ୍ରଶାସନର ମିଳିତ ଆୟୋଜନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ. ଫକୀରମୋହନ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଶୁଭାଶିଷ ମହାନ୍ତି, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଅଡିଓଲୋଜିଷ୍ଟ ବାଦଲ କୁମାର ପଟ୍ଟନାୟକ, ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି ପ୍ରମୁଖ ଯୋଗଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜିତ କୁମାର ସାହୁ, ବ୍ଲକ ପିଏ ପୀତବାସ ସାହୁ, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଗ୍ରାମରୋଜଗାର ସେବକ ଧର୍ମରାଜ ବାଗ, ଯୋଗାଣ ସହାୟକ କମଳ ମାଝି, ଅଶୋକ ପରିଡା ଓ ବିନୋଦ ସାହୁଙ୍କ ସମେତ ବିଜୁ ଯୁବବାହିନୀ ସଭାପତି ତୀର୍ଥ ଗହୀର, ସମ୍ପାଦକ ସୁଶୀଲ କୁମାର ବାଗ, ସଦସ୍ୟ ହୃଷୀକେଶ ବଗର୍ତ୍ତି, ଅମିତ ପଧାନ, ଜଳଧର ସାଗର, ଲଳିତ ବାଗ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ମଧୁପୁରଠାରେ ଆୟୋଜିତ କ୍ଷମତା ଏକ୍ସପ୍ରେସ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରୋ



## ସଂକ୍ଷେପରେ

### ସିନାପାଲିରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ସିନାପାଲି,୧୮।୧୨ (ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ଜେଏମ୍ଏଫ୍ସି ମାଜିଷ୍ଟ୍ରେଟ ତଥା ଟିଏଲଏସ୍ସି ଚେୟାରମ୍ୟାନ୍ ସରୋଜିନୀ ସାହୁଙ୍କ ଅଧକ୍ଷତାରେ ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସରକାରୀ ଓକିଲ ଋଷଭ ମେହେର ଓ ଇନ୍ଦ୍ରଦ୍ୟୁମ୍ନ ମାଝି ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ଷ୍ଟେଟ ବ୍ୟାଙ୍କର ୮ ଲକ୍ଷ ଓ ୟୁଜିବି ବ୍ୟାଙ୍କର ୩ ଲକ୍ଷ ୫୬ ହଜାର ୩ ଶହ ଟଙ୍କା ଋଣ ଆଦାୟ ହୋଇଥିବା ବେଳେ ୩ଟି ମକଦ୍ଦମାର ବିଚାର ଶୁଣାଣି ହୋଇଥିଲା। ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର, ଭୀଷ୍ମ ସୁନାନୀ, ସୁବ୍ରତ ମେହେର, ମୀନକେତନ ମାଝି, ବାଣିବଲ୍ଲଭ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ

**ଖଡିଆଳ,୧୮।୧୨(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳସ୍ଥିତ ଅଗ୍ରସେନ ଭବନଠାରେ ଏକ ଦିବସୀୟ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ସାଧୁ ରୁତୁପୂର୍ଣ୍ଣା ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ଏଥିରେ ଖଡିଆଳ ତଥା ଆଖପାଖ ଗ୍ରାମରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଆସି ପ୍ରବଚନରେ ଭାଗ ନେଇଥିଲେ। ଏହି ଅବସରରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ରାମେଶ୍ୱର ଅଗ୍ରୱାଲ, ବ୍ୟବସାୟୀ କେଦାର ସରାଫ, ସଞ୍ଜୟ ସରାଫ, ବିନୋଦ ପାଢ଼ୀ, ବିନୋଦ ଅଗ୍ରୱାଲ, ଜିଲା ସଂଘ ଚାଳକ ପ୍ରସ୍ତମ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରେଣୀ ଅନୁସାରେ ଶିକ୍ଷକ ନିଯୁକ୍ତି ଦାବି କଲେ ଛାତ୍ରୀଛାତ୍ର, ଅଭିଭାବକ

# ସ୍କୁଲ ଗେଟରେ ତାଲା ପକାଇଲେ

**ନୂଆପଡା ଅଫିସ,୧୮।୧୨**

ଜିଲାର ସୀମାନ୍ତ ତଥା ଉପାନ୍ତ ଅଞ୍ଚଳରେ ଥିବା ସଦର ବ୍ଲକ ସାଧୁ ପଣ୍ଡ୍ରିପାଣି ଗାଁ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ କାଗଜ କଲମରେ ୬ଜଣ ଶିକ୍ଷକ ଥିବାବେଳେ ପ୍ରକୃତପକ୍ଷେ କାମ କରୁଛନ୍ତି ୩ଜଣ ଶିକ୍ଷକ। ଏଥିରେ ପୁଣି ଜଣେ ବିଏଡ ଶିକ୍ଷକଙ୍କୁ ଏଠାରୁ ବଦଳି କରାଯାଇଥିବାରୁ ଗ୍ରାମବାସୀ ଏବଂ ଛାତ୍ରୀଛାତ୍ରମାନେ ସ୍କୁଲ ଗେଟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ବୁଧବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ଯାଏଁ ଧାରଣାରେ ବସିଥିଲେ। ଅଧିକାରୀମାନେ ଆସି ନିର୍ଭର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଆଗାମୀ ୭ ଦିନ ମଧ୍ୟରେ ଦାବି ପୂରଣ କରାଯିବ ବୋଲି କୁହାଯାଇଛି । ସାଧୁ ପଣ୍ଡ୍ରିପାଣି ଗାଁରେ ଅର୍ଦ୍ଧାଧିକ ଲୋକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ବସବାସ କରନ୍ତି । ଏଠାରେ ସାକ୍ଷରତା ହାର ବହୁ କମ ରହିଛି। ଏଠାରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ସଂଖ୍ୟା ୧୯୦ଜଣ ଥିବାବେଳେ ୬ଜଣ ଶିକ୍ଷକ ନିଯୁକ୍ତ ରହିଥିଲେ। ତନ୍ମଧ୍ୟରୁ ପୂର୍ବରୁ ସିଆରସିସି ଭାବେ କାର୍ଯ୍ୟରତ ଥିବା ହେମଦାସ ମାଣିକପୁରୀ ଏଠାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ହେଲେ ଗତ ୫ ତାରିଖରେ ତାଙ୍କୁ ଏଠାରୁ ପୁଣି ଥରେ ବଦଳି କରାଯାଇଛି । ଏଭଳି ସ୍ଥିତିରେ ଏଠାରେ ଥିବା ଜଣେ ଶିକ୍ଷୟିତ୍ରୀ କାର୍ଯ୍ୟରେ ଯୋଗଦେବା ଦିନଠାରୁ ବର୍ଷେ ହେଲା ଅନୁପସ୍ଥିତ ରହିଛନ୍ତି । ଅନ୍ୟ ୪ଜଣଙ୍କ ମଧ୍ୟରୁ ପ୍ରଧାନଶିକ୍ଷକ ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ରହିଛନ୍ତି । ମାତ୍ର ୩ଜଣ ଶିକ୍ଷକରେ ବିଦ୍ୟାଳୟ ଚାଲିଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ଶିକ୍ଷା ବିଭାଗକୁ ଜଣାଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନ ଥିବାରୁ ପୂର୍ବତନ ସମିତିସଭ୍ୟ ରାମସିଂ ମାଝି ଅଭିଯୋଗ କରିଛନ୍ତି । ବୁଧବାର ଜଣେ ଶିକ୍ଷକଙ୍କୁ ଏଠାରେ କାର୍ଯ୍ୟରେ ଯୋଗଦେବାକୁ ପଠାଯାଇଥିଲା। ତାଙ୍କୁ ଦେଖିବା ପରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବରୁ ନିୟୋଜିତ ଥିବା ବିଏଡ ଶିକ୍ଷକଙ୍କୁ ଫେରସ୍ତ କରା ନ ଗଲେ ଆନ୍ଦୋଳନ ଜାରି ରଖିବେ ବୋଲି ସ୍କୁଲ ଗେଟରେ ତାଲା ପକାଇ ଦେଇଛନ୍ତି । ପୂର୍ବାହ୍ନ ୧୦ଟାରେ ପିଲାମାନେ ସ୍କୁଲ ଆସିବା ପରେ ସାଙ୍ଗରେ ଅଭିଭାବକମାନେ ଆସି ଗେଟ ସମ୍ମୁଖରେ ଠୁଳ ହୋଇଥିଲେ। ଗେଟରେ ତାଲା ପକାଇ ଦେଇଥିଲେ। ମଧ୍ୟାହ୍ନ ୧୨ଟାବେଳେ ଖବର ପାଇ ସିଆରସିସି ରାଧେଶ୍ୟାମ ଦାସ ସ୍କୁଲରେ ପହଞ୍ଚିଥିଲେ। ତାଙ୍କ ବୁଝାଶୁଝା ପରେ ମଧ୍ୟ ଗ୍ରାମବାସୀ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ । ୧ଟା ୩୦ ମିନିଟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚୈତରାମ ନାଏକଙ୍କ ପହଞ୍ଚିଥିଲେ। ଗ୍ରାମବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଏଥିରୁ ହଟିବେ ବୋଲି କହିଥିଲେ। ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଯାଇଥିଲେ। ଏହା ଉପରେ ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକଙ୍କୁ ଯୋଗାଯୋଗ କରିବାରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ପରାମର୍ଶ ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

**ସପ୍ତାହକ ମଧ୍ୟରେ ଦାବି ପୂରଣ ହେବ**



ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି ।

# ମେଣ୍ଢାଟାଲ ଆଞ୍ଚଳିକ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**କୋମନା,୧୮।୧୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ମେଣ୍ଢାଟାଲରେ ପ୍ରଥମ କରି ଜାନୁୟାରୀ ୧୧ରୁ ଆଞ୍ଚଳିକ ଧନୁଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏଥିରେ ଡେଡେଙ୍ଗା, ସାରସମାଲ, ଡୋଙ୍ଗରପଡା, ତେଲେନପାଲି ମେଣ୍ଢାଟାଲ ଗ୍ରାମବାସୀ ପ୍ରାରମ୍ଭରେ ଗାଁର ଗଉଁତିଆ ବିରଞ୍ଚି ମାଝି ଓ ଦେବାର୍ଚ୍ଚନ ମାଝି ଗ୍ରାମ୍ୟ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ବୁଢାରଜା ଓ ଭଗବାନ ଶିବ ଦେବଙ୍କୁ ସହର ପରିକ୍ରମାରେ ଆଣି ହାଇସ୍କୁଲ ପଡିଆରେ ଆନୁଷ୍ଠାନିକ ଭାବେ ସ୍ଥାପନ କରିଥିଲେ। ଚଳିତବର୍ଷ ଆୟୋଜିତ ଆଞ୍ଚଳିକ ଧନୁଯାତ୍ରା ଅଞ୍ଚଳବାସୀଙ୍କୁ ମନୋରଞ୍ଜନ ଯୋଗାଇବା ପାଇଁ ନାଟ୍ୟ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ, ଉଚ୍ଚକୋଟିର ଅପେରା, ମୀନାବଜାର, ଆକାଶଝୁଲା, ବ୍ରେକଡାନ୍ସ, ଡ୍ରେଗନ ଟ୍ରେନ, ଛୁଆମାନଙ୍କ ପାଇଁ ବିଶେଷ ଆକର୍ଷଣ ବ୍ୟବସ୍ଥା ହେବ ବୋଲି କମିଟି ସଭାପତି ନାରାୟଣ ହଂସ ସୂଚନା ଦେଇଛନ୍ତି। ଧନୁଯାତ୍ରା ପରିଚାଳନା କମିଟି ଉପସଭାପତି ଭାବେ ନକୁଳ ଶବର, ସମ୍ପାଦକ ଦେବରାଜ କନମ୍ପାନ, ସହସମ୍ପାଦକ ତୁଳାରାକ ପୁଞ୍ଜି, କୋଷାଧ୍ୟକ୍ଷ ବୃଷଭ ଶବର ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ଶୁଭ ସ୍ଥାପନ କାର୍ଯ୍ୟକ୍ରମରେ ବିଦ୍ୟାଧର ଶବର, ବରୁଣ ବାଗ, ଚଇତନ ହଂସ, ସୁଖୟାରୁ ସୁନାନୀ, ଧର୍ମୁ କଟା ଓ କଳାକାହ୍ନୁ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରାମବାସୀ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରୁଛନ୍ତି।

# ରାଜସ୍ୱ ମେଳାରେ ୩୭ ଜଣଙ୍କୁ ପଟ୍ଟା ପ୍ରଦାନ

**ବୋଡେନ,୧୮।୧୨(ଡି.ଏନ.ଏ.)**

ଜିଲା ପ୍ରଶାସନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତତ୍ତ୍ୱାବଧାନରେ ବୁଧବାର ବୋଡେନ ତ୍ରିନାଥ ମନ୍ଦିର ପ୍ରାଙ୍ଗଣଠାରେ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ବୋଡେନ ତହସିଲଦାର ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ନୂଆପଡା ଜିଲାପାଳ ମଧୁସ୍ମିତା ସାହୁ ଯୋଗଦେଇ ମୋ ସରକାର ଯୋଜନାରେ ମୋ ତହସିଲ ଉପରେ ଲୋକମାନଙ୍କୁ ବୁଝାଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ତରୁଣସେନ ନାଏକ, ଜିଲା ଇ ପ୍ରଶାସନ ପ୍ରବନ୍ଧକ ବିରେନ୍ଦ୍ର ସିଂହ ଦଣ୍ଡସେନା, ଅତିରିକ୍ତ ତହସିଲଦାର ନବକିଶୋର ସାହୁ, ସରପଞ୍ଚ ନୃପରାଜ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ମୋ ସରକାର କାର୍ଯ୍ୟକ୍ରମ ଯୋଜନାରେ ଲୋକମାନେ କିଭଳି ସୁବିଧାରେ ରାଜସ୍ୱ ସେବା, ରାଜସ୍ୱ ଅନଲାଇନ ବ୍ୟବସ୍ଥା, ରାଜସ୍ୱ ଆଦାୟ, (ଇ ପାଉତି), ରାଜସ୍ୱ ବିବିଧ ପ୍ରମାଣପତ୍ର ପ୍ରଦାନ, ରାଜସ୍ୱ ପଟ୍ଟା ବଣ୍ଟନ, ରାଜସ୍ୱ ଅଭିଯୋଗ ଗ୍ରହଣ ଉପରେ ସ୍ଥାନୀୟ ଲୋକମାନଙ୍କୁ ଧାରଣା ଦେଇଥିଲେ। ଏଥିରେ ୩୭ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଏଥିରେ ସ୍ଥାନୀୟ ତହସିଲ କର୍ମଚାରୀ, ଜନସେବା କେନ୍ଦ୍ର ବିଭାଗ ଓ ସ୍ଥାନୀୟ ଅଞ୍ଚଳ ମହିଳାପୁରୁଷମାନେ ଉପସ୍ଥିତ ଥିଲେ। ଜିଲାପାଳଙ୍କୁ ଘରଡିହ ପଟ୍ଟା ପାଇବା ପାଇଁ ଲୋକମାନେ ଦରଖାସ୍ତ ଦେଇଥିଲେ।

ଜମି ଜଙ୍ଗଲ ସଙ୍ଗଠନର ବୈଠକ

# ଜଙ୍ଗଲ ଜମି ଅଧିକାର ନ ମିଳିଲେ ଆନ୍ଦୋଳନ

**ନୂଆପଡା ଅଫିସ,୧୮।୧୨**

ଜଙ୍ଗଲ ଜମିରେ ଆଜିକୁ ଆବହମାନ କାଳରୁ ଆଦିବାସୀମାନେ ବସତି କରି ରହୁଛନ୍ତି। ସେମାନଙ୍କୁ ସ୍ୱତ୍ୱାଧିକାର ଦେବାକୁ ସରକାର ଜଙ୍ଗଲ ଅଧିକାର ଆଇନ ୨୦୦୬ ଆଣିଲେ। ସେଥିରେ ଗ୍ରାମ୍ୟ କମିଟିକୁ ସବୁ ପ୍ରକାର ଦାୟିତ୍ୱ ନ୍ୟସ୍ତ କରି ଗ୍ରାମ ସଭାକୁ ସବୁ ପ୍ରକାର କ୍ଷମତା ଦେଇଥିଲା। ହେଲେ ସେହିଦିନଠାରୁ ସେସବୁ କେବଳ କାଗଜ କଲମରେ ରହିଯାଇଛି। ଜିଲାର ଅର୍ଦ୍ଧାଧିକ ବନବାସୀ ଆଦିବାସୀଙ୍କୁ ଏହା ମିଳି ପାରୁନାହିଁ। ଏଥିପାଇଁ ସମସ୍ତ ବନବାସୀ ଆଦିବାସୀଙ୍କୁ ଜାଗିବାକୁ ପଡିବ ବୋଲି ମେଳି ବାନ୍ଧିଛନ୍ତି। ସ୍ଥାନୀୟ କାଦୋମେରୀ ଗ୍ରାମପଞ୍ଚାୟତ ବୈଗାଡେରା ଗାଁରେ ଜମି ଜଙ୍ଗଲ ସଙ୍ଗଠନ ପକ୍ଷରୁ ଆୟୋଜିତ ସଭାରେ ବକ୍ତାମାନେ ଯୋଗଦେଇ ଏହା କହିଛନ୍ତି। ବୁଧବାର ଅନୁଷ୍ଠିତ ସଭାରେ ସଙ୍ଗଠନ ସଭାପତି ଥନୁଆର ମାଝି ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ହୋମସିଂ ମାଝି ମୁଖ୍ୟଅତିଥି, ନୂଆପଡା ତହସିଲଦାର ମୋହନ ସାହୁ ବିଶେଷ ଅତିଥି, ସଙ୍ଗଠନ ସମ୍ପାଦକ ମୀନା ସିଂ ମାଝି, ମନିମ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ନୂଆପଡା ବ୍ଲକର ୩୧ଟି ଗ୍ରାମପଞ୍ଚାୟତରୁ ଜଙ୍ଗଲ ଜମିରେ ଘର କରି ରହୁଥିବା ବନବାସୀ ଆଦିବାସୀମାନେ ଯୋଗଦେଇଥିଲେ। ସମସ୍ତେ ତାଙ୍କର ସମସ୍ୟାଗୁଡିକ ଉପରେ ଉପସ୍ଥାପନ କରିଥିଲେ। ଜମି ପଟ୍ଟା ଟିକକ ପାଇଁ ବାର ଦୁଆର ହେଉଛନ୍ତି। ଏଥିଯୋଗୁ କୌଣସି ପ୍ରକାର ସରକାରୀ ଯୋଜନାରୁ ସୁଫଳ ମିଳିପାରୁ ନ ଥିବା କହିଥିଲେ। ଗ୍ରାମ୍ୟ କମିଟିଗୁଡିକରେ ବର୍ଷାଧିକକାଳ ସେମାନଙ୍କ ଆବେଦନ ପଡି ରହିଛି। ହେଲେ ତାକୁ ଗ୍ରାମସଭାଗୁଡିକରେ ଅନୁମୋଦନ ହେଉଥିଲେ ହେଁ କାର୍ଯ୍ୟାନ୍ୱୟନ ହେଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଆଦିବାସୀମାନଙ୍କ ଜଙ୍ଗଲ ଜମି ଉପରେ ବନବିଭାଗ ବଳପୂର୍ବ କୃତିମ ଜଙ୍ଗଲ ସୃଷ୍ଟି କରୁଥିବା ଅଭିଯୋଗ ହୋଇଥିଲା। ଦିନକୁ ଦିନ ସରକାରୀସ୍ତରରେ ବହୁ ଅବହେଳା କରାଯାଉଥିବାରୁ ଅସନ୍ତୋଷ ଆନ୍ଦୋଳନ ପାଇଁ ଦାନା ବାନ୍ଧୁଛି। ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯାଇ ଆନ୍ଦୋଳନ କରାଯିବ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଯୋଗଦେଇଥିବା ତହସିଲଦାର ସାହୁ ସେ ଉପରେ ବିଶେଷ ଧ୍ୟାନ ଦେବେ। ଏହାକୁ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ସକାଶେ ପ୍ରକ୍ରିୟା ଚଳାଇବେ ବୋଲି କହିଥିଲେ। ବୈଠକରେ ବିରଞ୍ଚି ବରିହା ପରିଚାଳନା କରିଥିବାବେଳେ ଜଗମୋହନ ସିଦାର, ମଲ୍ଲିକରାମ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ।



ବୈଠକରେ ତହସିଲଦାର ବକ୍ତବ୍ୟ ରଖୁଛନ୍ତି ।



ସିନାପାଲି ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା କଳାକାର ସଂଘର କର୍ମକର୍ତ୍ତା ।

# ବ୍ଲକସ୍ତରୀୟ କଳାକାର ସଂଘର କର୍ମକର୍ତ୍ତା ଚୟନ ଦାବି

**ସିନାପାଲି,୧୮।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ କଳାକାର ସଂଘର ନୂତନ କର୍ମକର୍ତ୍ତା ଚୟନ ସକାଶେ ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ନୂଆପଡା ଜିଲାପାଳଙ୍କୁ ସଂଘର କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ନିୟମାନୁସାରେ ପ୍ରତ୍ୟେକ ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଭାପତିତ୍ୱରେ କଳାକାର ସଂଘ କମିଟି ଗଠନ କରାଯାଇଥାଏ। ଏହି କମିଟି ଆଞ୍ଚଳିକସ୍ତରରେ ଥିବା ସମସ୍ତ କଳାକାରମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ପ୍ରୋତ୍ସାହନ ତଥା ସୁବିଧା ସୁଯୋଗର ସମନ୍ୱୟ ସ୍ଥାପନ କରିବା ପାଇଁ ଗଠିତ ହୋଇଥାଏ। ଦୁର୍ଭାଗ୍ୟର ବିଷୟ ଯେ ସିନାପାଲି ଅଞ୍ଚଳରେ କୌଣସି କଳାକାର ଉକ୍ତ କମିଟି କିମ୍ବା ସେମାନଙ୍କ ଉଦ୍ଦିଷ୍ଟ କୌଣସି ସରକାରୀ ଯୋଜନା ଉପରେ ଜାଣି ପାରୁନାହାନ୍ତି। ସରକାରଙ୍କ ନିୟମ ମୁତାବକ ପ୍ରତି ୩ ରୁ ୫ ବର୍ଷ ମଧରେ ଉକ୍ତ କମିଟି ପରବର୍ତ୍ତନ ହେବା କଥା। ହେଲେ ସିନାପାଲିଠାରେ ଆଜକୁ ଦୀର୍ଘ ୧୨ ବର୍ଷ ବିତିଯାଇଥିଲେ ହେଁ ନୂତନ କମିଟି ଗଠନ କରାଯାଇନାହିଁ। ଉକ୍ତ କମିଟି ବାବଦରେ କୌଣସି ଔପଚାରିକତା ମଧ ପୂରଣ କରାଯାଉନାହିଁ। ଫଳରେ ଆଞ୍ଚଳିକସ୍ତରରେ ଥିବା କଳାକାରଙ୍କ ମନରେ ଅସନ୍ତୋଷ ଦେଖାଦେଉଛି। ସୂଚନା ଯେ, କେତେଜଣ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ପଦପଦବୀକୁ ହାତମୁଠା କରି ରଖିଥିବା ଅଭିଯୋଗ ହେଉଛି । ଫଳରେ ସରକାରଙ୍କ କଳାକାରମାନଙ୍କ ପାଇଁ ଉଦ୍ଦିଷ୍ଟ କୌଣସି ଯୋଜନା କିମ୍ବା ବାର୍ତ୍ତା ପ୍ରକୃତ କଳାକାରମାନଙ୍କ ପାଖକୁ ପହଞ୍ଚି ପାରୁନାହିଁ। ଉକ୍ତ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ଆଞ୍ଚଳିକସ୍ତରର ସମସ୍ତ କଳାକାର ଆଇନାନୁମୋଦିତ ଭାବେ ନୂତନ ପରିଚାଳନା କମିଟି ଗଠନ କରିବା ପାଇଁ ଜିଲାପାଳଙ୍କୁ ଦାବି କରିଛନ୍ତି । ଏହି ଅବସରରେ କଳାକାର ସଂଘ ସଭାପତି ଶୋଭାରାମ ସା, ବୈକୁଣ୍ଠ ତାଣ୍ଡି, କ୍ଷିରସିନ୍ଧୁ ସା, ଭାବଗ୍ରାହୀ ସାହୁ, ଲିଙ୍ଗଧର ସୁନାନୀ, ନାରାୟଣ ସା, ବୀରବର ସା ପ୍ରମୁଖ ଉପସ୍ଥିତ ଥିଲେ।

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ
ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର
OFFICE OF THE PROJECT ADMINISTRATOR, ITDA, PHULBANI
ST & SC Development Department
Government of Odisha
Tel: (06842) 254149, Email: itdaphulbani@gmail.com

QUOTATION CALL NOTICE

No. 2983 Date: 16.12.2019

**No. CAD-705:-** Sealed tenders are invited from among the intending authorized dealers / firms having GST registration, Income Tax clearance to supply Washing Machine, LED TV, Water Filter, Invertor, Mosquito Net, Tray, Dustbin etc. at School point of SSD Department Schools of specification of item, terms & condition mode of participation can be downloaded in the District website i.e. www.kandhamal.nic.in. The last date of receipt of tender paper in all respect on dtd. at 03.01.2020 at 4.00PM.

The tender papers can be availed in all working days from 10 AM to 4 PM at ITDA office on payment of Rs. 5,000/- (Rupees Five Thousand) only or can be downloaded from the above mentioned website. The bidders downloading the tender paper must attached DD amount Rs. 5,000/- towards tender paper cost in favour of PA, ITDA, Phulbani payable at SBI, Phulbani.

*Sd./- Project Administrator*
*ITDA, Phulbani*
19069/11/0001/1920

GOVERNMENT OF ODISHA, "e"-PROCUREMENT NOTICE
For Turn key Project
WORKS DEPARTMENT
E-mail : ceworldbankprojects@gmail.com
1st corrigendum to Bid Identification No. CE-W.B.P. (O) - 07 /2019 - 20
File No- PIM-MISC- 10 /2008 (Pt.)
No. B-434:-

Following changes are made to the turnkey tender for the work "Construction of H.L. Bridge over Indravati Reservoir on 1st km of Mahulpatna - Kenduguda - Gopinathpur road in the District of Kalahandi under State Plan" vide Bid Identification No. CE-W.B.P. (O) -07 / 2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para – 03 | The Bid documents will be available in the website: https://tendersodisha.gov.in from | 27.12.2019 at 10.00 Hours. |
| Para – 04 | Bids shall be received only "online" on or before | 24.01.2020 upto 17.00 Hours. |
| Para – 05 | A pre-bid meeting will be held on | 03.01.2020 at 11.30 Hours |
| Para – 06 | Bids received on line shall be opened at | 11.30 Hours on 27.01.2020 |

All other terms and conditions remain unchanged.
34003/11/0013/1920 Sd/- Chief Engineer (World Bank Project), Odisha

GOVT. OF ODISHA, DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
CENTRAL IRRIGATION CIRCLE, BHUBANESWAR
'e' Procurement Notice No. SECIC 03 of 2019-20
No. 485-A:

1. Name of the Work :- Construction of Rajua Barrage Project (Sanput minor, Sardhapur sub-minor, Badput minor, Badput sub-minor, Nankera sub-minor).
2. Tender Cost :- Rs.1,72,36,032.00
3. Bid Document Cost :- Rs.10,000.00 (online)
4. Bid Security :- Rs.1,72,400.00 (online)
5. Class of Contractor :- "B" Class & "A" Class
6. Period of Completion :- 06 Calendar Months

Other details are as follows

| Procurement Officer | Bid Identification No. | Availability of Tender On-line for bidding | | Date of opening of Technical Bid (Cover-I) |
|---|---|---|---|---|
| | | From | To | |
| Superintending Engineer, Central Irrigation Circle, Bhubaneswar | SECIC KID-01 of 2019-20 | 24.12.2019 10.00 Hrs. | 07.01.2020 17.00 Hrs. | 08.01.2020, 11.00 Hrs. |

1. E-mail ID :- secic_dowr@yahoo.com
Further detail conditions can be seen from the Govt. website www.tendersorissa.gov.in
32160/11/0003/1920 *Superintending Engineer, Central Irrigation Circle*

NANDANKANAN
NANDANKANAN ZOOLOGICAL PARK
TENDER NOTICE No. 19 of 2019-20
Date: 13.12.2019

**No.MM-114:-** Deputy Director, Nandankanan Zoological Park invites sealed tender in prescribed form from interested individuals/ firms/ entrepreneurs for **providing Sanitation Service and Outsourcing of Parking facility** to Nandankanan Zoological Park.

The last date of submission of sealed tender: **5.30 PM of 31.12.2019.**

Opening of sealed tender (Technical bid): **11.30 AM of 07.01.2020.**

Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from **16.12.2019.** The downloaded tender papers must be accompanied with a Bank Draft for **Rs. 5900/-** (inclusive of 18% GST) in favour of Deputy Director, Nandankanan Zoological Park payable at Bhubaneswar.

**Sd./- Deputy Director**
**08070/11/0004/1920 Nandankanan Zoological Park**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, SUNABEDA
e-mail : eerw_sunabeda@yahoo.co.in
e-Procurement Notice for Road & Building works
Identification No Online Tender /04/RWD-SBD/2019-20
No. 643-O:
Letter No. 5200 / Date: 11.12.2019 /

01. Name of the work :: Building works of Pottangi, Nandapur and Semiliguda block
02. Total Number of works :: 3 nos Road & 3 nos Building
03. Estimated cost :: From 4.00 to 35.00 lakhs
04. Class of Contractor :: "B", "C" & "D" Class
05. Period of Completion :: 3(Three) & 4(Four) Calendar months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, R.W. Division, Sunabeda | Online Tender/04/ RWD-SBD /2019-20 | 18.12.2019 at 11.00 Hours | 31.12.2019 upto 17.00 Hours |

Further details can be seen from the website www.tendersorissa.gov.in

Executive Engineer,
25059/11/0005/1920 Rural Works Division: Sunabeda.

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA
District Headquarters Hospital Campus, Rayagada-765001
Phone No.: 06856-235603, Fax No.: 06856-236631
No.________/2019 Rayagada, dated, the /12/2019

SHORT TENDER CALL NOTICE

No.E-582 :- Sealed tenders are invited from the reputed manufactures/ distributors / suppliers for supply of Media, Reagents, Chemicals, Lab Consumables of DPHL, Mental Health Drugs and Allied Articles under CDM & PHO, Rayagada for the year 2019-20. Requirement list, terms & conditions (Tender Scheduled Paper) may be downloaded from the District website i.e. www.rayagada.nic.in. The last date of receipt of the tender is 23.12.2019 up to 05.30 P.M. (By Speed Post / Registered Post / Courier Service) and the same will be opened on Dt.24.12.2019 at 11.00 A.M. in the office chamber of Chief District Medical & Public Health Officer, Rayagada. The undersigned reserves the right to accept or reject any or all the tenders without assigning any reason thereof.

**Sd./- Dr. Artabandhu Nayak**
**Chief District Medical &**
**10035/11/0016/1920 Public Health Officer, Rayagada**